# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୮/୨୦୨୨ (୧୬ ପୃଷ୍ଠା+ ଛୁଟିଦିନ) | Bhubaneswar, Sunday, September 18/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୨୯୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 294 | ମୂଲ୍ୟ ₹୭/-




## ବ୍ରିଜ୍‌ରୁ ଖସିଲା ବସ୍: ୮ ମୃତ

ଝାଡ଼ଖଣ୍ଡର ହଜାରିବାଗ୍ ଜିଲାରେ ଶନିବାର ସଡ଼କ ଦୁର୍ଘଟଣା ଘଟି ୮ ଜଣଙ୍କ ମୃତ୍ୟୁ ହୋଇଛି। ଗିରିଡିହରୁ ରାଞ୍ଚି ଅଭିମୁଖେ ଯାଉଥିବା ଯାତ୍ରୀବାହୀ ବସ୍ ସିବାନ୍ ନଦୀ ବ୍ରିଜ୍‌ରୁ ତଳକୁ ଖସିପଡ଼ିଥିଲା। ବସ୍‌ରେ ୫୦ ଯାତ୍ରୀ ଥିବାବେଳେ ଦୁର୍ଘଟଣାରେ ଅନେକେ ଆହତ ହୋଇଥିବା ତାତିଝରିଆ ଏସ୍‌ପି ମନୋଜ ରତନ କହିଛନ୍ତି। ଗୁରୁତରଙ୍କୁ ଚିକିତ୍ସା ପାଇଁ ରାଜେନ୍ଦ୍ର ହସ୍ପିଟାଲକୁ ପଠାଯାଇଛି।

### ସଂକ୍ଷେପରେ

## ମହାରାଣୀଙ୍କ ଶେଷକୃତ୍ୟ ପାଇଁ ଲଣ୍ଡନ ଗଲେ ମୁର୍ମୁ



**ନୂଆଦିଲ୍ଲୀ,୧୭।୯:** ବ୍ରିଟେନ ମହାରାଣୀ ଏଲିଜାବେଥ୍ ୨ୟଙ୍କ ଶେଷକୃତ୍ୟରେ ସାମିଲ ହେବା ପାଇଁ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ଲଣ୍ଡନ ଅଭିମୁଖେ ବାହାରିଛନ୍ତି। ଭାରତ ତରଫରୁ ସେ ମହାରାଣୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବେ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ତାଙ୍କ ସ୍ତ୍ରୀ ଜିଲ୍ ବାଇଡେନ୍ ମଧ ଏଥିରେ ଯୋଗ ଦେବେ। ଆସନ୍ତା ୧୯ ତାରିଖରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଅନ୍ୟ ବିଶ୍ୱନେତାମାନେ ସାମିଲ ହେବେ। ତେବେ ଚାଇନା ସହ ତିକ୍ତତା ଯୋଗୁ ହାଉସ୍ ଅଫ୍ କମନ୍ସ ବେଜିଂର ଜଣେ ପ୍ରତିନିଧିଙ୍କୁ ସେଠାକୁ ଆସିବା ପାଇଁ ଅନୁମତି ଦେଇ ନ ଥିବା ଜଣାପଡ଼ିଛି। ରୁଷିଆ, ଆଫଗାନିସ୍ତାନ, ବେଲାରୁଷ, ମ୍ୟାନ୍‌ମାର, ସିରିଆ, ଭେନେଜୁଏଲା ଆଦି ଦେଶରୁ ମଧ କୌଣସି ପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯାଇନାହିଁ।

## ଲିଫ୍ଟରେ ଚାପିହୋଇ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

**ମୁମ୍ବାଇ,୧୭।୯:** ମୁମ୍ବାଇ ମାଲାଡ ଚିଞ୍ଚୋଲି ବୁଣ୍ଡର ଅଞ୍ଚଳରେ ଥିବା ସେଣ୍ଟ ମେରୀ ଇଂଲିଶ ହାଇସ୍କୁଲ୍ ଲିଫ୍ଟ ଡୋର୍‌ରେ ଚାପି ହୋଇ ଜଣେ ୨୬ ବର୍ଷୀୟା ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ଅପରାହ୍ନରେ ଜେନେଲ ଫର୍ନାଣ୍ଡେଜ୍ ଦ୍ୱିତୀୟ ମହଲା ଷ୍ଟାଫ୍ ରୁମ୍‌କୁ ଯିବା ଲାଗି ଷଷ୍ଠ ମହଲାରୁ ଲିଫ୍ଟରେ ଚଢ଼ିଥିଲେ। ସେ ପ୍ରବେଶ କରିବା ସମୟରେ ଲିଫ୍ଟ ଡୋର ତାଙ୍କ ଉପରେ ବନ୍ଦ ହୋଇ ତଳକୁ ଖସିବା ଆରମ୍ଭ କରିଥିଲା। ସ୍କୁଲ୍‌ର କର୍ମଚାରୀମାନେ ତାଙ୍କୁ ଲିଫ୍ଟରୁ ଭିଡ଼ି ବାହାର କରି ଗୁରୁତର ଅବସ୍ଥାରେ ହସ୍ପିଟାଲ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣାଜନିତ ମୃତ୍ୟୁ ମାମଲା ରୁଜୁ କରିବା ସହ ଅନ୍ୟାନ୍ୟ ଦିଗ ସମ୍ପର୍କରେ ମଧ ତଦନ୍ତ ଚଳାଇଛି।

### ଚାଇନାର ଆତଙ୍କବାଦୀ ପ୍ରେମ

## ମିର୍‌ଙ୍କୁ କଳାତାଲିକାଭୁକ୍ତ ପ୍ରସ୍ତାବକୁ ରୋକିଲା

**ନୂଆଦିଲ୍ଲୀ,୧୭।୯:** ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଅନ୍ୟତମ ପରିଚାଳକ ଭାରତର ମୋଷ୍ଟ ୱାଣ୍ଟେଡ୍ ଲଶ୍କର ଆତଙ୍କବାଦୀ ସାଜିଦ ମିର୍‌ଙ୍କୁ କଳା ତାଲିକାଭୁକ୍ତ କରିବା ଲାଗି ଜାତିସଂଘରେ ଭାରତ ଓ ଆମେରିକା ପକ୍ଷରୁ ଅଣାଯାଇଥିବା ପ୍ରସ୍ତାବକୁ ଚାଇନା ଅଟକାଇଛି। ଜାତିସଂଘ ସୁରକ୍ଷା ପରିଷଦର ୧୨୬୭ ଅଲ୍‌କାଏଦା ସାଙ୍କ୍‌ଶନ୍ସ କମିଟିରେ ଗୁରୁବାର ଆମେରିକା ଓ ଭାରତ ଏହି ପ୍ରସ୍ତାବ ଦେଇଥିଲେ। ଏଥିସହିତ ମିର୍‌ଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବା ଓ ଯାତାୟାତ ଉପରେ ନିଷିଦ୍ଧାଦେଶ ଲଗାଇବା ପାଇଁ ପ୍ରସ୍ତାବ ରଖାଯାଇଥିଲା। ତେବେ ବେଜିଂ ବିରୋଧ କରିବାରୁ ପ୍ରସ୍ତାବ ଗୃହୀତ ହୋଇପାରି ନାହିଁ। ମୁମ୍ବାଇ ଆକ୍ରମଣରେ ସମ୍ପୃକ୍ତ ମିର୍‌ଙ୍କୁ ଧରାଇଦେଲେ ୫ ନିୟୁତ ଡଲାର ପୁରସ୍କାର ଦିଆଯିବ ବୋଲି ଆମେରିକା ପୂର୍ବରୁ ଘୋଷଣା କରିଥିଲା। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ପାକିସ୍ତାନର ଆତଙ୍କବାଦ ନିରୋଧୀ ଅଦାଲତ ଗତ ଜୁନ୍‌ରେ ତାଙ୍କୁ ୧୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ।

# ହିଜାବ ନ ପିନ୍ଧିବାରୁ ଜୀବନ ଗଲା

### ହାଜତ ମୃତ୍ୟୁକୁ ନେଇ ଉତ୍ତେଜନା



ଇରାନ ପୋଲିସ ହିଜାବ ଆଇନରେ ଜଣେ ୨୨ ବର୍ଷୀୟା ମହିଳାଙ୍କୁ ଗିରଫ କରିବା ପରେ ସେ କୋମାକୁ ଚାଲିଯାଇଥିଲେ। ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିବା ପରେ ତେହେରାନ୍‌ରେ ଉତ୍ତେଜନା ଦେଖାଦେଇଛି। ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ପାଇଁ ଯେଉଁମାନେ ଦାୟୀ ସେମାନଙ୍କୁ କଠୋର ଦଣ୍ଡ ଦେବା ଲାଗି ତାଙ୍କ ପରିବାର ଏବଂ ସାମାଜିକ କର୍ମୀମାନେ ଦାବି କରିଛନ୍ତି। ଇରାନୀୟ ଆଇନରେ ମହିଳାମାନେ ସର୍ବସାଧାରଣ ସ୍ଥାନରେ ହିଜାବ ପିନ୍ଧିବା ବାଧ୍ୟତାମୂଳକ। ଉକ୍ତ ଆଇନକୁ କାର୍ଯ୍ୟକାରୀ କରୁଥିବା ପୋଲିସ ମଙ୍ଗଳବାର ତେହେରାନରେ ମାହସା ଅମିନି (୨୨) ନାମ୍ନୀ ମହିଳାଙ୍କୁ ଗିରଫ କରିଥିଲା। ଗିରଫ ପରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଇରାନ ସରକାରୀ ଟେଲିଭିଜନ ପକ୍ଷରୁ ଖବର ପ୍ରକାଶ ପାଇଛି। ଅନ୍ୟପକ୍ଷରେ ନୈତିକ ପୋଲିସ୍‌ର ମାଡ଼ରେ ମହିଳାଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ଅଭିଯୋଗ କରିଛି। ମହିଳାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବା ତଭସିର ଚ୍ୟାନେଲ ପକ୍ଷରୁ କୁହାଯାଇଛି। ହାଜତରେ ତାଙ୍କୁ ନିର୍ଯାତନା ଦିଆଯାଇଥିବାରୁ ଏହାର ଆପରାଧିକ ତଦନ୍ତ ଆମ୍‌ନେଷ୍ଟି ଇଣ୍ଟର୍ନ୍ୟାଶନାଲ ଦାବି କରିଛି।

# ସଫୁରା ଜର୍ଗରଙ୍କୁ ଜାମିଆ କ୍ୟାମ୍ପସ୍ ମନା

### ରାଜନୈତିକ ଉଦ୍ଦେଶ୍ୟରେ କ୍ୟାମ୍ପସ୍‌କୁ ବ୍ୟବହାର ଅଭିଯୋଗ



ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ରୀ ତଥା ସାମାଜିକ କର୍ମୀ ସଫୁରା ଜର୍ଗରଙ୍କୁ ଏହାର କ୍ୟାମ୍ପସ୍‌ରେ ପ୍ରବେଶ ଉପରେ ନିଷେଧାଦେଶ ଜାରି ହୋଇଛି। କିଛିଦିନ ପୂର୍ବରୁ ତାଙ୍କର ଏମ୍‌ଫିଲ୍ ନାମଲେଖାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବାତିଲ କରିଦେଇଥିଲେ। ସଫୁରା ରାଜନୈତିକ ମନ୍ଦ ଉଦ୍ଦେଶ୍ୟ ପୂରଣ ପାଇଁ ବିଶ୍ୱବିଦ୍ୟାଳୟ ପ୍ଲାଟ୍‌ଫର୍ମକୁ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ସେ ବିକ୍ଷୋଭ, ଶୋଭାଯାତ୍ରା ଆୟୋଜନ କରୁଥିବାରୁ କ୍ୟାମ୍ପସ୍‌ରେ ପ୍ରବେଶ ବାରଣ କରାଯାଇଥିବା ୟୁନିଭର୍ସିଟି ପକ୍ଷରୁ କୁହାଯାଇଛି। କେତେକ ଅପ୍ରାସଙ୍ଗିକ ଏବଂ ଆପତ୍ତିଜନକ ପ୍ରସଙ୍ଗକୁ ନେଇ ସଫୁରା କ୍ୟାମ୍ପସରେ ବିକ୍ଷୋଭ, ଆନ୍ଦୋଳନର ଆୟୋଜନ କରୁଥିବାରୁ ଶାନ୍ତିପୂର୍ଣ୍ଣ ଶୈକ୍ଷିକ ବାତାବରଣ ପ୍ରଭାବିତ ହେଉଛି। ନିରୀହ ଛାତ୍ରୀଛାତ୍ରଙ୍କୁ ସେ ଉତ୍ତେଜିତ କରାଇବା ସହ ବିଶ୍ୱବିଦ୍ୟାଳୟକୁ ନିଜର ମନ୍ଦ ରାଜନୈତିକ ଉଦ୍ଦେଶ୍ୟ ପୂରଣ ପାଇଁ ବ୍ୟବହାର କରୁଥିବା ୟୁନିଭର୍ସିଟି ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି।

# ଚାରଣ ଭୂମି ହରାଇଛି ଭାରତ

### ଲଦାଖର ପିପି-୧୬ରୁ ହଟିଛନ୍ତି ଯବାନ

- ସଂଘର୍ଷ ସ୍ଥଳରୁ ୩ କି.ମି. ପଛକୁ ହଟିଛି ଚାଇନା
- ସାଟେଲାଇଟ୍ ଚିତ୍ରରୁ ସ୍ପଷ୍ଟ ହେଲା

**ନୂଆଦିଲ୍ଲୀ,୧୭।୯**




ଗୋଗ୍ରା ଅଞ୍ଚଳରୁ ସୈନ୍ୟ ପ୍ରତ୍ୟାହାର ପୂର୍ବରୁ | ସୈନ୍ୟ ପ୍ରତ୍ୟାହାର ପରେ

ପୂର୍ବ ଲଦାଖର ଗୋଗ୍ରା-ହଟ୍ ସ୍ପ୍ରିଙ୍ଗସ୍ ଅଞ୍ଚଳରୁ ଭାରତ ଓ ଚାଇନା ସୈନ୍ୟ ପ୍ରତ୍ୟାହାର ପରେ ଭାରତ ପାଟ୍ରୋଲିଂ ପଏଣ୍ଟ ୧୬ (ପିପି-୧୬)ରୁ ହଟିବା ସହ କେତେକ ଚାରଣ ଭୂମି ହରାଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଚାଇନା ଅକ୍ତିଆର କରି ରଖିଥିବା ୩ କିଲୋମିଟର ଅଞ୍ଚଳରୁ ପଛକୁ ଫେରିଯାଇଥିବା ସାଟେଲାଇଟ୍ ଚିତ୍ରରୁ ସ୍ପଷ୍ଟ ହୋଇଛି। ୨୦୨୦ରେ ଭାରତୀୟ ସୈନ୍ୟ ପାଟ୍ରୋଲିଂ କରୁଥିବା ଏଲ୍‌ଏସି ନିକଟବର୍ତ୍ତୀ ଅଞ୍ଚଳରେ ଚାଇନା ସୈନ୍ୟ ବୃହତ୍ ଘାଟି ନିର୍ମାଣ କରିଥିଲେ। ଏହାକୁ ସେମାନେ ଭାଙ୍ଗିଦେଇଥିବା ଦେଖାଯାଇଛି। ସାଟେଲାଇଟ୍ ଚିତ୍ର ବିଶେଷଜ୍ଞ ମାକ୍ସାର କେବଳ ଚାଇନା ପୋଜିଶନଗୁଡ଼ିକୁ ଦେଖାଇଥିବାବେଳେ ବଫର ଜୋନ୍ ସମ୍ପର୍କିତ ଚିତ୍ର ଦର୍ଶାଇନାହିଁ। ଆତ୍ମବିଶ୍ୱାସ ବୃଦ୍ଧି ପଦକ୍ଷେପ ସ୍ୱରୂପ ଉକ୍ତ ବଫର ଜୋନ୍ ବା ନୋ-ମ୍ୟାନ୍ ଲ୍ୟାଣ୍ଡକୁ ପାଟ୍ରୋଲିଂ ପାଇଁ ଅନୁମତି ଦିଆଯାଇ ନାହିଁ।

ସେନା ପ୍ରତ୍ୟାହାର ପୂର୍ବରୁ ଗତ ଅଗଷ୍ଟ ୧୨ରେ ମିଳିଥିବା ସାଟେଲାଇଟ୍ ଚିତ୍ରକୁ ଦେଖିଲେ ଏଲ୍‌ଏସି ନିକଟବର୍ତ୍ତୀ ଅଞ୍ଚଳ ଯେଉଁଠି ଭାରତୀୟ ସେନା ବିବାଦ ପୂର୍ବରୁ ପାଟ୍ରୋଲିଂ କରୁଥିଲା, ସେଠାରେ ଚାଇନା ସୈନ୍ୟ ବୃହତ୍ ବିଲ୍ଡିଂ ନିର୍ମାଣ କରିଥିବା ଦେଖାଯାଇଛି। ଉକ୍ତ ବିଲ୍ଡିଂ ଚାରିପଟେ ଖାଇ ନିର୍ମାଣ ହୋଇଥିଲା। ତେବେ ସେପ୍ଟେମ୍ବର ୧୫ ସାଟେଲାଇଟ୍ ଚିତ୍ରକୁ ଦେଖିଲେ, ଉକ୍ତ ବିଲ୍ଡିଂ ଓ ଖାଇ ଭାଙ୍ଗିଦିଆଯାଇଥିବା ଦେଖାଯାଇଛି।

ତେବେ ଚାଇନା ସୈନ୍ୟବାହିନୀ ସହ ହୋଇଥିବା ରାଜିନାମା ଅନୁଯାୟୀ ଭାରତୀୟ ସୈନ୍ୟ ନିଜ ଅଞ୍ଚଳରେ ଥିବା କେତେକ ଘାଟି ହଟାଇଥିବା ଲଦାଖର ସ୍ଥାନୀୟ କାଉନସିଲର କହିଛନ୍ତି। ତେବେ ନୂଆଦିଲ୍ଲୀସ୍ଥିତ ସେନା ଅଧିକାରୀମାନେ ଏନେଇ ସ୍ପଷ୍ଟ ସୂଚନା ଦେଇନାହାନ୍ତି। ଲଦାଖର ଚୁଶୁଲ କାଉନସିଲର କୋନ୍‌ଚୋକ ଷ୍ଟାନ୍‌ଜିନଙ୍କ କହିବା ଅନୁଯାୟୀ ଆମ ସୈନ୍ୟ କେବଳ ପାଟ୍ରୋଲ ପଏଣ୍ଟ ୧୫ (ପିପି-୧୫)ରୁ ହଟିନାହାନ୍ତି, ପାଟ୍ରୋଲ ପଏଣ୍ଟ ୧୬(ପିପି-୧୬)ରୁ ମଧ ହଟିଯାଇଛନ୍ତି। ଉକ୍ତ ଅଞ୍ଚଳରେ ଭାରତ ୫୦ ବର୍ଷ ହେଲା ପାଟ୍ରୋଲିଂ କରୁଥିଲା। ଏଲ୍‌ଏସି ନିକଟବର୍ତ୍ତୀ ଚାରଣଭୂମିକୁ ଏବେ ବଫର ଜୋନ୍ କରାଯାଇଛି। ଶୀତଦିନେ ଏହାକୁ ଲଦାଖର ସ୍ଥାନୀୟ ଗୋପାଳକମାନେ ମୁଖ୍ୟ ଚାରଣଭୂମି ଭାବେ ବ୍ୟବହାର କରିଆସୁଥିଲେ। ତେଣୁ ସେନା ପ୍ରତ୍ୟାହାର ଭାରତ ପାଇଁ ଏକ ଧକ୍କା ବୋଲି ଷ୍ଟାନ୍‌ଜିନ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୦ ମେ'ରୁ ପୂର୍ବ ଲଦାଖରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗିବା ସହ ସେହି ବର୍ଷ ଜୁନ୍‌ରେ ରକ୍ତାକ୍ତ ସଂଘର୍ଷ ଘଟି ଉଭୟ ପକ୍ଷରୁ ବହୁ ସୈନ୍ୟ ମୃତାହତ ହୋଇଥିଲେ। ଗତ ଜୁଲାଇ ୧୭ରେ ଉଭୟ ବାହିନୀର ୧୬ତମ କମାଣ୍ଡରସ୍ତରୀୟ ବୈଠକରେ ଗୋଗ୍ରା-ହଟ୍ ସ୍ପ୍ରିଙ୍ଗସ ଅଞ୍ଚଳରୁ ସେନା ପ୍ରତ୍ୟାହାର ଲାଗି ବୁଝାମଣା ହୋଇଥିଲା। ଚୁକ୍ତି ଅନୁଯାୟୀ ବିବାଦୀୟ ଅଞ୍ଚଳରେ ଅସ୍ଥାୟୀ ଭାବେ ନିର୍ମାଣ କରାଯାଇଥିବା ଭିତ୍ତିଭୂମିକୁ ଉଭୟ ପକ୍ଷ ଭାଙ୍ଗିଦେବା ପାଇଁ ନିଷ୍ପତ୍ତି ହୋଇଥିଲା ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଆର୍‌ଏସ୍‌ଏସ୍ ମୁଖ୍ୟଙ୍କ ମନ୍ଦିର ଭ୍ରମଣକୁ ନେଇ ବିବାଦ



ମୋହନ ଭାଗବତ

**ରାୟପୁର,୧୭।୯**

ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ଆମନ୍ତ୍ରଣକ୍ରମେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ନିକଟରେ କୌଶଲ୍ୟା ମନ୍ଦିର ପରିଦର୍ଶନରେ ଯାଇଥିଲେ। ଏହାକୁ ନେଇ ରାଜ୍ୟରେ ଶାସକ କଂଗ୍ରେସ ଏବଂ ମୁଖ୍ୟ ବିରୋଧୀ ଦଳ ଭାଜପା ମଧ୍ୟରେ ବିବାଦ ଦେଖାଦେଇଛି। ଭାଗବତ ଆର୍‌ଏସ୍‌ଏସ୍‌ର ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବାବେଳେ ବଘେଲ ତାଙ୍କୁ ମନ୍ଦିର ଆସିବା ଲାଗି ଆମନ୍ତ୍ରଣ କରିଥିଲେ। ମନ୍ଦିର ଆସିବା ଲାଗି ଭାଗବତ ମୁଖ୍ୟମନ୍ତ୍ରୀଙ୍କ ଆମନ୍ତ୍ରଣକୁ ଅପେକ୍ଷା କରିଥିଲେ ବୋଲି କଂଗ୍ରେସ କହିଛି। ଧର୍ମକୁ ନେଇ ଭାଜପା ଘୃଣିତ ରାଜନୀତି କରୁଛି, କିନ୍ତୁ ଛତିଶଗଡ଼ ସରକାର ସେମାନଙ୍କୁ ଲୋକଙ୍କ ସହ ସମ୍ପର୍କ ରଖିବା ରାଜନୀତି ଦେଖାଇଛି ବୋଲି ରାଜ୍ୟ କଂଗ୍ରେସ ମୁଖପାତ୍ର ସୁଶୀଲ ଆନନ୍ଦ ଶୁକ୍ଳା କହିଛନ୍ତି।

# ଗ୍ୟାସ୍ ଚାହୁଁଥିଲେ କଟକଣା ହଟାଅ

**ମସ୍କୋ,୧୭।୯**

### ୟୁରୋପକୁ କହିଲେ ପୁଟିନ୍



ପ୍ରାକୃତିକ ଗ୍ୟାସ୍ ଲାଗି ରୁଷିଆ ଉପରେ ବହୁମାତ୍ରାରେ ନିର୍ଭରଶୀଳ ୟୁରୋପରେ ଏବେ ଶକ୍ତିସଙ୍କଟ ଦେଖାଦେଇଛି। ଆଗକୁ ଶୀତଋତୁ ଆସୁଥିବାରୁ ୟୁରୋପବାସୀଙ୍କ ପାଇଁ ସମସ୍ୟା ବଢ଼ିବା ଆଶଙ୍କା ରହିଛି। ୟୁକ୍ରେନ୍ ଆକ୍ରମଣ ପାଇଁ ୟୁରୋପୀୟ ସଂଘ (ଇୟୁ) ରୁଷିଆରୁ ଗ୍ୟାସ୍ ଆମଦାନୀ ଉପରେ ସମ୍ପୂର୍ଣ୍ଣ ବ୍ୟାନ୍ ଲଗାଇବାକୁ ଯୋଜନା କରୁଥିବାବେଳେ ପ୍ରମୁଖ ପାଇପ୍‌ଲାଇନ୍ ନର୍ଡ ଷ୍ଟ୍ରିମ୍-୨କୁ ମଧ ବନ୍ଦ କରାଯାଇଛି। ତେବେ ୟୁରୋପରେ ଶକ୍ତିସଙ୍କଟ ପାଇଁ ମସ୍କୋ କିଛି କରିପାରିବ ନାହିଁ ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଛନ୍ତି। ଯଦି ୟୁରୋପ ଗ୍ୟାସ୍ ଚାହୁଁଛି ତେବେ ନର୍ଡ ଷ୍ଟ୍ରିମ୍-୨ ପାଇପ୍‌ଲାଇନ୍ ଉପରେ ଲଗାଇଥିବା କଟକଣା ହଟାଉ ବୋଲି ସେ କହିଛନ୍ତି। ଉଜ୍‌ବେକିସ୍ତାନର ସମରକନ୍ଦରେ ସାଂଘାଇ କୋଅପରେଶନ ଅର୍ଗାନାଇଜେଶନ(ଏସ୍‌ସିଓ) ଶିଖର ସମ୍ମିଳନୀ ପରେ ପୁଟିନ୍ ମିଡିଆରେ ପ୍ରତିକ୍ରିୟା ରଖି କହିଥିଲେ, ୟୁରୋପର 'ଗ୍ରୀନ୍ ଏଜେଣ୍ଡା' ଏହି ସଙ୍କଟ ପାଇଁ ଦାୟୀ। ତେବେ ରୁଷିଆ ଏହି ଅସୁବିଧାକୁ ଦୂର କରିପାରିବ। ଯଦି ଶକ୍ତିସଙ୍କଟ ବାଧୁଛି ତେବେ ବର୍ଷକୁ ୫୫ ବିଲିୟନ କ୍ୟୁବିକ୍ ମିଟର ଗ୍ୟାସ୍ ପରିବହନ କ୍ଷମତା ଥିବା ନର୍ଡ ଷ୍ଟ୍ରିମ୍-୨ ଉପରୁ ୟୁରୋପ କଟକଣା ହଟାଉ। ଏହା ସେତେ ବି କଷ୍ଟକର କାମ ନୁହେଁ। ପ୍ରାୟ ବର୍ଷେ ତଳେ ବାଲ୍‌ଟିକ୍ ସାଗର ଶଯ୍ୟାରେ ନର୍ଡ ଷ୍ଟ୍ରିମ୍-୨ ନିର୍ମିତ ହୋଇଥିଲା। ରୁଷିଆର ୟୁକ୍ରେନ୍ ଆକ୍ରମଣର ଠିକ୍ ପୂର୍ବରୁ ଜର୍ମାନୀ ଏହି ପାଇପ୍‌ଲାଇନ ଯୋଗେ ଗ୍ୟାସ ପରିବହନ ଆଗକୁ ବଢ଼ାଇବା ପଦକ୍ଷେପକୁ ବାତିଲ କରିଥିଲା।



### ନେପାଳରେ ଭୂସ୍ଖଳନ: ୧୭ ମୃତ

**କାଠମାଣ୍ଡୁ,୧୭।୯:** ନେପାଳରେ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରବଳ ବର୍ଷା ଲାଗିରହିବା ଫଳରେ ଭୂସ୍ଖଳନ ଘଟି ୧୭ ଜଣଙ୍କ ଜୀବନ ଯାଇଛି। ଏଥିରେ ୧୧ ଜଣ ଆହତ ହେବା ସହ ୩ ଜଣ ନିଖୋଜ ଅଛନ୍ତି। ଅଛମ୍ ଜିଲାର ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଘଟିଛି। ଭୂସ୍ଖଳନ ସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି ଜଣେ ଅଧିକାରୀ କହିଛନ୍ତି। ବନ୍ୟା ଓ ଭୂସ୍ଖଳନ ଯୋଗୁ ଜିଲାର ବିଭିନ୍ନ ଅଞ୍ଚଳକୁ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି।

# ୭୦ ବର୍ଷ ପରେ ଚିତା ଫେରିଲା



**ଶିଓପୁର,୧୭।୯**



ସାତ ଦଶନ୍ଧି ପରେ ଭାରତରେ ଦେଖିବାକୁ ମିଳିଛି ଚିତା। ପ୍ରାୟ ୮ ହଜାର କିଲୋମିଟର ଯାତ୍ରା କରି ଆଫ୍ରିକୀୟ ଦେଶ ନାମିବ୍ୟାରୁ ସ୍ୱତନ୍ତ୍ର ବିମାନ ଯୋଗେ ୮ ଚିତା ଶନିବାର ମଧ୍ୟପ୍ରଦେଶରେ ପହଞ୍ଚିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଜନ୍ମଦିନ ଅବସରରେ ୩ ଚିତା ବାଘକୁ ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନ ଭିତରକୁ ଛାଡ଼ିଛନ୍ତି। ମୋଦି ଏହାକୁ ଐତିହାସିକ ଦିନ ଆଖ୍ୟା ଦେଇଛନ୍ତି। ବିମାନ ଦ୍ୱାରା ଚିତାଙ୍କ ଆନ୍ତଃମହାଦେଶୀୟ ସ୍ଥାନାନ୍ତର ପ୍ରଥମ। ଭାରତ ଆସିଥିବା ୫ ମାଈ ଓ ୩ ଅଣ୍ଡିରା ଚିତା ପ୍ରଥମେ ଏନ୍‌କ୍ଲୋଜର ଭିତରେ ୩୦ ଦିନ କ୍ୱାରାଣ୍ଟାଇନରେ ରହିବେ। ପରେ ସେମାନଙ୍କୁ ଜଙ୍ଗଲ ମଧ୍ୟକୁ ଛଡ଼ାଯିବ।

ଶିଓପୁର ଜିଲା ସ୍ଥିତ କୁନୋ ନ୍ୟାଶନାଲ ପାର୍କକୁ ଆସିଥିବା ଚିତାଗୁଡ଼ିକର ବୟସ ୩୦ରୁ ୬୬ ମାସ ହେବ। ଶୁକ୍ରବାର ରାତିରେ ନାମିବ୍ୟାରୁ ସ୍ୱତନ୍ତ୍ର ଜମ୍ବୋ ବିମାନ ବି୭୪୭ ସେମାନଙ୍କୁ ଧରି ଭାରତ ବାହାରିଥିଲା। ପ୍ରାୟ ୧୧ ଘଣ୍ଟା ଧରି ଖାଲି ପେଟରେ ଚିତା ବିମାନଯାତ୍ରା କରିଥିଲେ। ପୂର୍ବାହ୍ନ ସାଢ଼େ ୧୧ଟାରେ ପ୍ରଧାନମନ୍ତ୍ରୀ ମୋଦି ଡାଏସ୍‌ରୁ ଲିଭର ଚଳାଇବା ପରେ ପିଞ୍ଜରା ଭିତରେ ଥିବା ଚିତା ଏନ୍‌କ୍ଲୋଜର ମଧ୍ୟକୁ ଡିଆଁ ମାରିଥିଲେ। ଏହି ସମୟରେ ମୋଦି କ୍ୟାମେରାରେ ଫଟୋ ଉଠାଇଥିଲେ। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ, କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ମଧ ଉପସ୍ଥିତ ଥିଲେ। ଏନ୍‌କ୍ଲୋଜରକୁ ପଶିବା ବେଳେ ଚିତାଗୁଡ଼ିକ ନୂଆ ପରିବେଶକୁ କିଛିକ୍ଷଣ ଆଶ୍ଚର୍ଯ୍ୟଜନକ ଭାବେ ଦେଖିଥିଲେ। ହେଲେ ପରେ ଏନ୍‌କ୍ଲୋଜର ମଧ୍ୟରେ ବୁଲିବା ଆରମ୍ଭ କରିଦେଇଥିଲେ। ୨୦୦୯ରେ ଉପା ସରକାର ଅମଳରେ ଚିତା ପ୍ରୋଜେକ୍ଟ ଆରମ୍ଭ ହୋଇଥିଲା।

ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ଏହି 'ଅମୃତ କାଳ'ରେ ଦେଶ ନୂଆ ଶକ୍ତି ଓ ଉତ୍ସାହର ସହ ଚିତାଙ୍କ ସଂଖ୍ୟା ବଢ଼ାଇବା ଯୋଜନା ଆରମ୍ଭ କରିଛି। ଏଥିପାଇଁ ସେ ନାମିବ୍ୟା ସରକାରଙ୍କୁ ଧନ୍ୟବାଦ ଦେଇଥିଲେ। ୧୯୪୭ରେ ଭାରତର ଜଙ୍ଗଲରେ ୩ ଚିତା ଥିଲେ। ହେଲେ ଦୁର୍ଭାଗ୍ୟବଶତଃ ସେମାନଙ୍କୁ ଶିକାର କରାଯାଇଥିଲା ବୋଲି ମୋଦି ପ୍ରକାଶ କରିଥିଲେ। ଭାରତରେ ଚିତାବଂଶର ପୁନରୁଦ୍ଧାର ଦିଗରେ ପୂର୍ବ ସରକାର କୌଣସି ପଦକ୍ଷେପ ନେଇ ନ ଥିଲେ ବୋଲି ମୋଦି କହିଥିଲେ। ଶେଷ ଚିତାର କୋରିଆ ଜିଲା (ଏବେର ଛତିଶଗଡ଼)ରେ ମୃତ୍ୟୁ ଘଟିଥିଲା। ୧୯୫୨ରେ ତାହାକୁ ଦେଶରୁ ବିଲୁପ୍ତ ପ୍ରାଣୀ ଘୋଷଣା କରାଯାଇଥିଲା। ପ୍ରକୃତି ଓ ପରିବେଶ ସୁରକ୍ଷିତ ରହିଲେ ଆମ ଭବିଷ୍ୟତ ସୁରକ୍ଷିତ ରହିପାରିବ। ଅନ୍ତର୍ଜାତୀୟ ଗାଇଡ୍‌ଲାଇନ୍ ଅନୁସାରେ ଚିତାଙ୍କ ସଂଖ୍ୟାବୃଦ୍ଧି ପାଇଁ ଭାରତ ପଦକ୍ଷେପ ନେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

- କୁନୋ ଜାତୀୟ ପାର୍କରେ ଛଡ଼ାଗଲା
- ବିମାନରେ ଚିତାଙ୍କୁ ଅଣାଯିବା ବିଶ୍ୱରେ ପ୍ରଥମ

➥ଚିତାଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ସ୍ୱତନ୍ତ୍ର ବିମାନ ସକାଳ ପ୍ରାୟ ୮ଟାରେ ଗ୍ୱାଲିୟର ବାୟୁସେନା ଘାଟିରେ ଅବତରଣ କରିଥିଲା। ମୋଲଡୋଭା ସ୍ଥିତ ଚିଶିନାଉ ଏୟାରଲାଇନ୍ ଟେରା ଅଭିଆ ଏହାକୁ ଅପରେଟ୍ କରିଥିଲା।

➥ସେଠାରୁ ପ୍ରାୟ ୧୬୫ କିଲୋମିଟର ଦୂର ପାଲପୁର ସ୍ଥିତ କୁନୋ ପାର୍କକୁ ଦୁଇଟି ବାୟୁସେନା ହେଲିକପ୍ଟର ଯୋଗେ ଚିତାଙ୍କୁ ପଠାଯାଇଥିଲା। ଏଥିପାଇଁ ପ୍ରାୟ ୨୭ ମିନିଟ୍ ଲାଗିଥିଲା। ବିମାନ ଯାତ୍ରା ପୂର୍ବରୁ ଚିତାଗୁଡ଼ିକୁ ଟ୍ରାଙ୍କୁଲାଇଜ୍ କରାଯାଇଥିଲା।

➥ବିନ୍ଧ୍ୟାଚଳ ପର୍ବତର ଉତ୍ତର ଭାଗରେ ପ୍ରାୟ ୩୪୪ ବର୍ଗ କିଲୋମିଟର ପରିବ୍ୟାପ୍ତ କୁନୋ ଜାତୀୟ ଉଦ୍ୟାନ ଏବେ ୮ ଚିତାଙ୍କ ନୂଆ ଠିକଣା ପାଲଟିଛି।

➥ଚିତାଗୁଡ଼ିକ ମଧ୍ୟରୁ ଦୁଇଟି ଗୋଟିଏ ଚିତା ବାଘର ଛୁଆ। ଗୋଟିଏ ମାଈ ଚିତା ପୂର୍ବରୁ ଦୁର୍ବଳ ଥିବାବେଳେ ତାହାକୁ ନାମିବ୍ୟାରେ ଯତ୍ନ ନିଆଯାଇ ସୁସ୍ଥସବଳ କରାଯାଇଥିବା କୁହାଯାଇଛି।

➥ସାଟେଲାଇଟ୍ ଜରିଆରେ ଚିତାଙ୍କ ଗତିବିଧି ଜାଣିବା ପାଇଁ ବେକରେ ରେଡିଓକୋଲାର ଲଗାଯାଇଛି। ପ୍ରତ୍ୟେକ ଚିତା ପାଇଁ ସ୍ୱତନ୍ତ୍ର ଭାବେ ଏକ ମନିଟରିଂ ଟିମ୍ ଗଢ଼ାଯାଇଛି।

## ଘଣ୍ଟା ପ୍ରତି ବେଗ ୧୨୦ କି.ମି.

ଚିତା ବାଘ ନିଜ ଗୁଣକୁ ନେଇ ସ୍ୱତନ୍ତ୍ର। ଏହା ଘଣ୍ଟାକୁ ୧୨୦ କି.ମି. ବେଗରେ ଦୌଡ଼ିପାରେ। ଦୌଡ଼ିବାବେଳେ ଚିତା ପ୍ରାୟ ୭ ମିଟର ଉଚ୍ଚତା ପର୍ଯ୍ୟନ୍ତ ଲମ୍ଫ ମାରିପାରିବ। ପୂର୍ଣ୍ଣ ଦକ୍ଷତାରେ ଚିତା ଏକ ମିନିଟ୍ ଯାଏ ଦୌଡ଼ିପାରିବ। ଚିତାର ମୁଣ୍ଡ, କଲରାପତରିଆ ବାଘ, ଜାଗୁଆର ତୁଳନାରେ ଛୋଟ। ମୁଣ୍ଡର ଓଜନ କମ୍ ହେବା ଯୋଗୁ ଚିତା ସହଜରେ ଦ୍ରୁତଗତିରେ ଦୌଡ଼ି ପାରିଥାଏ। ଦୌଡ଼ିବା ସମୟରେ ଚିତା ଶରୀରର ତାପମାତ୍ରା ୨ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିଯାଇଥାଏ। ଏହାକୁ ଅଧିକ ସମୟ ଧରି ଚିତା ସହ୍ୟ କରିପାରି ନ ଥାଏ। ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଦ୍ରୁତଗତିରେ ଦୌଡ଼ିବା ଚିତା ପାଇଁ କଷ୍ଟକର ହୋଇପଡ଼େ। ଏହା ଦୂରବାଟରୁ ସହଜରେ ଶିକାରକୁ ଦେଖିପାରିଥାଏ। ଚିତା ଦୌଡ଼ିବା ବେଳେ ଏହାର ଲାଞ୍ଜ ଶରୀରର ସନ୍ତୁଳନ ବଜାୟ ରଖେ। ଚିତାର ଲାଞ୍ଜ ସାଧାରଣତଃ ୮୦ ସେଣ୍ଟିମିଟର ପର୍ଯ୍ୟନ୍ତ ହୋଇଥାଏ।

ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୮/୨୦୨୨ Bhubaneswar, Sunday, September 18/2022 | ପୃଷ୍ଠା-୧



## ଇନ୍ଦିରାଙ୍କ ଚରିତ୍ରରେ ଫାତିମା

'ସାମ୍ ବାହାଦୁର' ଚଳଚ୍ଚିତ୍ରରେ ବଲିଉଡ୍ ଅଭିନେତ୍ରୀ ଫାତିମା ସନା ଶେଖ୍ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଚରିତ୍ରରେ ଅଭିନୟ କରିବେ ।

୧୦

୧୪

## ସାଇ କିଶୋରଙ୍କ କ୍ୟାରିୟରର ଶ୍ରେଷ୍ଠ ବୋଲିଂ

ତାମିଲନାଡୁ ସ୍ପିନର ଆର. ସାଇ କିଶୋର ଉତ୍ତରାଞ୍ଚଳ ବିପକ୍ଷ ଦୁଲୀପ ଟ୍ରଫି କ୍ରିକେଟ ମ୍ୟାଚରେ କ୍ୟାରିୟର ଶ୍ରେଷ୍ଠ ସହିତ ୭ ଉଇକେଟ ସଫଳତା ହାସଲ କରିଛନ୍ତି।






କଟକସ୍ଥିତ ଜୁଡିସିଆଲ ଏକାଡେମୀ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର, ସୁପ୍ରିମକୋର୍ଟ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ, ସିଜେଆଇ ଉଦୟ ଉମେଶ ଲଳିତ, ସୁପ୍ରିମକୋର୍ଟ ଇ-କମିଟି ଅଧ୍ୟକ୍ଷ ଏମ୍.ଆର୍ ଶାହା, ବିଚାରପତି ଏସ୍. ତାଳପତ୍ର, ଓଡ଼ିଶା ସର୍କଲର ଚିଫ୍ ପୋଷ୍ଟ ମାଷ୍ଟର ଜେନେରାଲ ଶୁଭେନ୍ଦୁ କୁମାର ସ୍ୱାଇଁ ସ୍ୱତନ୍ତ୍ର ପୋଷ୍ଟାଲ କଭର ଉନ୍ମୋଚନ କରୁଛନ୍ତି।

## ୩୦ ଜିଲାରେ ୩୪ କାଗଜବିହୀନ କୋର୍ଟ

### ଦେଶର ବିଚାର ବ୍ୟବସ୍ଥାକୁ ନୂଆ ଦିଶା ଦେଖାଇଛି ଓଡ଼ିଶା ହାଇକୋର୍ଟ: ସିଜେଆଇ

କଟକ ଅଫିସ,୧୭।୯

ବିଚାର ବ୍ୟବସ୍ଥାର ପରିଚାଳନା ପାଇଁ ବୈଷୟିକ ଜ୍ଞାନକୌଶଳ ଅପରିହାର୍ଯ୍ୟ ହୋଇଛି। ମାମଲାର ଦ୍ରୁତ ଫଇସଲା ଦିଗରେ ଏହା ସହାୟକ ହେବ। ଓଡ଼ିଶା ହାଇକୋର୍ଟ (ଇ-ଇନିସିଏଟିଭ) ଅନ୍‌ଲାଇନ୍ ପ୍ରୟାସ ଭାରତୀୟ ବିଚାର ବ୍ୟବସ୍ଥାକୁ ନୂଆ ଦିଶା ଦେଖାଇଛି ବୋଲି ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଉଦୟ ଉମେଶ ଲଳିତ କହିଛନ୍ତି। ଓଡ଼ିଶା ହାଇକୋର୍ଟ ପକ୍ଷରୁ କଟକସ୍ଥିତ ଜୁଡିସିଆଲ ଏକାଡେମୀ ସମ୍ମିଳନୀ କକ୍ଷରେ ଶନିବାର ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଧାନ ବିଚାରପତି ଲଳିତ ଯୋଗଦେଇ ଓଡ଼ିଶାର ୩୦ ଜିଲାର ୩୪ଟି କାଗଜବିହୀନ କୋର୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିସହ ସେ ଭାରତୀୟ ବିଚାର ବ୍ୟବସ୍ଥାରେ ବୈଷୟିକ ଜ୍ଞାନର ବୈପ୍ଳବିକ ପରିବର୍ତ୍ତନ ସମ୍ପର୍କରେ ଆଲୋକପାତ କରିଥିଲେ। ଏବେ ବୈଷୟିକ ଜ୍ଞାନକୌଶଳର ବିକାଶ ଫଳରେ କାଗଜବିହୀନ କୋର୍ଟ ଦ୍ୱାରା କାର୍ଯ୍ୟକ୍ଷେତ୍ରରେ ବହୁ ସକାରାତ୍ମକ ପ୍ରଭାବ ପଡୁଛି। ଓଡ଼ିଶାର ବିଚାର ବିଭାଗୀୟ ଅଧିକାରୀମାନେ ସ୍ୱେଚ୍ଛାକୃତ ଭାବେ କାଗଜବିହୀନ କୋର୍ଟ ନିମନ୍ତେ ଆଗେଇଆସିବା ଖୁସିର କଥା ବୋଲି ପ୍ରଧାନ ବିଚାରପତି କହିଥିଲେ।

ସୁପ୍ରିମକୋର୍ଟ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ ଯୋଗଦେଇ କହିଥିଲେ, ବିଚାର ବ୍ୟବସ୍ଥାରେ ଇ-ପ୍ରୟାସ କରି ଓଡ଼ିଶା ହାଇକୋର୍ଟ ଏକ ଐତିହାସିକ ପଦକ୍ଷେପ ନେଇଛି। ☞ପୃଷ୍ଠା-୨

# ସବୁଜ ମିଶନରେ କେନ୍ଦ୍ର ବାଧକ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ତାପମାତ୍ରା ବୃଦ୍ଧି ସାଙ୍ଗକୁ ସ୍ୱଳ୍ପ ବୃଷ୍ଟିପାତ ଶସ୍ୟ ଉତ୍ପାଦନ ପାଇଁ ମହାବିପତ୍ତି ହୋଇ ଉଭାହେଲାଣି। ପରିବେଶ ପ୍ରଦୂଷଣ ରୋକିବା ଏବଂ ବନ୍ୟଜନ୍ତୁଙ୍କୁ ବଞ୍ଚାଇ ରଖିବା ପାଇଁ ସବୁଜ ବଳୟ ସୃଷ୍ଟି ଅପରିହାର୍ଯ୍ୟ ହୋଇପଡ଼ିଛି। ବର୍ଦ୍ଧିତ ଜନସଂଖ୍ୟା ଯୋଗୁ ବେଳକୁ ବେଳ ଜଙ୍ଗଲ କ୍ଷୟ ହୋଇ ଚାଲିଛି। ଶିଳ୍ପାୟନ ଓ ଭିତ୍ତିଭୂମି ପାଇଁ ବହୁ ହଜାର ହେକ୍ଟର ସବୁଜ ବଳୟ ନଷ୍ଟ ହେଉଛି। ଏହାକୁ ଭରଣା କରିବା ପାଇଁ ନୂତନ ଜଙ୍ଗଲ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଛି। ତେବେ କିଛି ବର୍ଷ ହେବ କେନ୍ଦ୍ର ସରକାରଙ୍କ ଅନୁଦାନ ହ୍ରାସ ରାଜ୍ୟର ସବୁଜ ମିଶନକୁ ଶକ୍ତ ଧକ୍କା ଦେଇଛି। କେନ୍ଦ୍ର ସରକାର ୮ଟି କେନ୍ଦ୍ରୀୟ ଯୋଜନା ସମ୍ପୂର୍ଣ୍ଣ ଉଚ୍ଛେଦ କରି ଦେଇଥିବା ବେଳେ ୨୯ଟି କେନ୍ଦ୍ରୀୟ ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ଦେଉଥିବା ଅନୁଦାନକୁ ପ୍ରାୟ ଅଧା କମାଇ ଦେଇଛନ୍ତି। ଏଥିଯୋଗୁ ରାଜ୍ୟ ଉପରେ ଆର୍ଥିକ ବୋଝ ବଢ଼ି ଚାଲିଛି। ଏଥିରୁ କେନ୍ଦ୍ର ସରକାରଙ୍କ ଜାତୀୟ ବନୀକରଣ ଯୋଜନା ଓ ଗ୍ରୀନ୍ ଇଣ୍ଡିଆ ମିଶନ ବାଦ୍ ପଡ଼ିନାହିଁ। ଏହି ଯୋଜନାରେ କେନ୍ଦ୍ର ସରକାର ୨୦୧୪ ପୂର୍ବରୁ ରାଜ୍ୟ ସରକାରଙ୍କୁ ଶତପ୍ରତିଶତ ଅର୍ଥ ଯୋଗାଇ ଦେଉଥିଲେ। କେନ୍ଦ୍ରରେ ଭାଜପା ପରିଚାଳିତ ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରେ ସବୁଜ ମିଶନ ଆଶା ମଉଳିବାରେ ଲାଗିଛି। ଅନୁଦାନକୁ ୧୦୦ରୁ ୬୦ ପ୍ରତିଶତକୁ ଖସାଇ ଦିଆଯାଇଛି। ଏହି କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ରାଜ୍ୟ ସରକାର ୪୦ ଓ କେନ୍ଦ୍ର ସରକାର ୬୦ ପ୍ରତିଶତ ଅନୁଦାନ ବହନ କରୁଛନ୍ତି। ଅନୁଦାନ ହ୍ରାସ ଯୋଗୁ ଏହି ଯୋଜନା ଏବେ ବାଟବଣା ହୋଇଛି। ତେବେ ଯେତିକି ଅର୍ଥ ଏହି ଯୋଜନାରେ ଯୋଗାଇ ଦେବାକୁ ଅନୁମୋଦନ କରାଯାଉଛି ତାହା ମଧ୍ୟ ମିଳୁ ନାହିଁ। ଗ୍ରୀନ୍ ଇଣ୍ଡିଆ ମିଶନ ଯୋଜନାରେ କେନ୍ଦ୍ରୀୟ ଅନୁଦାନ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି।

- ଗ୍ରୀନ୍ ଇଣ୍ଡିଆ ମିଶନ ଅନୁଦାନ ବନ୍ଦ
- ଜାତୀୟ ବନୀକରଣରେ ମିଳୁନି ଅଧା ଅର୍ଥ

ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଗ୍ରୀନ୍ ଇଣ୍ଡିଆ ମିଶନ ଯୋଜନାରେ କେନ୍ଦ୍ର ସରକାର ୨୦୧୫-୧୬ ଆର୍ଥିକବର୍ଷରେ ୬୦ ପ୍ରତିଶତ ଅଂଶ ହିସାବରେ ୩୦୩.୩୭ କୋଟି ଟଙ୍କା ଦେବାକୁ ମଞ୍ଜୁର କରିଥିବା ବେଳେ ସେଥିରୁ ମିଳିଛି ମାତ୍ର ୧୮୨.୦୨ କୋଟି। ସେହିପରି ୨୦୧୬-୧୭ରେ ୨୪୩.୭୯ କୋଟି ଟଙ୍କାରୁ ୧୪୬.୨୭ କୋଟି, ୨୦୧୭-୧୮ରେ ୨୩୪.୨୬ କୋଟିରୁ ୧୪୦.୫୬ କୋଟି ଏବଂ ୨୦୧୮-୧୯ରେ ଅନୁମୋଦନ କରାଯାଇଥିବା ୧୫୫୨.୧୮ କୋଟିରୁ ରାଜ୍ୟକୁ ମିଳିଛି ମାତ୍ର ୩୩୫ କୋଟି ଟଙ୍କା। ଧୀରେ ଧୀରେ ଏହି ଅନୁଦାନ ବନ୍ଦ ହେବାକୁ ବସିଲାଣି। ୨୦୧୯-୨୦ରେ ମାତ୍ର ୪୯.୫୭ କୋଟି ମିଳିଥିବା ସୂଚନା ମିଳିଛି। ଏହା ପରଠାରୁ ଆଉ କୌଣସି ଅନୁଦାନ ମିଳି ନ ଥିବା ଜଣାପଡ଼ିଛି।

ସେହିପରି ଜାତୀୟ ବନୀକରଣ ଯୋଜନାରେ ମଧ୍ୟ କେନ୍ଦ୍ରୀୟ ଅନୁଦାନ ହ୍ରାସପାଇ ଚାଲିଛି। ୨୦୧୫-୧୬ରେ ରାଜ୍ୟକୁ ଟଙ୍କା ମଞ୍ଜୁର କରାଯାଇଥିବା ୧୭୯୨.୧୬ କୋଟି ଟଙ୍କାରୁ ୯୫୩.୭୪୨ କୋଟି ମିଳିଥିବା ବେଳେ ୨୦୧୮-୧୯ରେ ୧୬୫୮.୮୩ କୋଟି ଟଙ୍କାରୁ ୮୧୪.୯୪ କୋଟି ଟଙ୍କା ମିଳିଛି। ଅର୍ଥାତ କେନ୍ଦ୍ର ସରକାର ମଞ୍ଜୁର କରୁଥିବା ଅନୁଦାନ ରାଶିରୁ ୫୦ ପ୍ରତିଶତରୁ କମ୍ ଅର୍ଥ ମିଳୁଛି। ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଭାରତ ସରକାର କେନ୍ଦ୍ରୀୟ ଅନୁଦାନ ମଞ୍ଜୁର କରିବା ସର୍ତ୍ତାବଳୀ ଜଟିଳ କରିଛନ୍ତି। ସମସ୍ତ କାଗଜପତ୍ର ଦାଖଲ କରିବା ପରେ ମଧ୍ୟ ଅର୍ଥ ମିଳିବାରେ ବିଳମ୍ବ ହେଉଛି। ଗ୍ରୀନ୍ ଇଣ୍ଡିଆ ମିଶନ ବାବଦରେ ଏବେ ଆଉ କିଛି ଅର୍ଥ ମିଳୁନାହିଁ। ଏଥିଯୋଗୁ ଯୋଜନା କାର୍ଯ୍ୟକାରୀ ହୋଇପାରୁ ନାହିଁ। ଫଳରେ ରାଜ୍ୟରେ ସବୁଜ ଅଞ୍ଚଳ ମଧ୍ୟ ବୃଦ୍ଧି ପାଇପାରୁ ନାହିଁ। ତେବେ ରାଜ୍ୟ ସରକାର ନିଜସ୍ୱ ଯୋଜନାରେ ବନୀକରଣ କାର୍ଯ୍ୟ ଜାରି ରଖିଛନ୍ତି। କେନ୍ଦ୍ର ସରକାରଙ୍କ ଏଭଳି ମନୋଭାବ ବନୀକରଣ ପାଇଁ ଅତ୍ୟନ୍ତ ମାରାତ୍ମକ ବୋଲି ପରିବେଶବିତ୍ ମତ ଦେଇଛନ୍ତି।

## ୧୬୦ ଜନଜାତିଙ୍କୁ ମାନ୍ୟତା ଦିଅ

### ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ଅନୁସୂଚିତ ଜନଜାତି ତାଲିକାରେ ରାଜ୍ୟର ୧୬୦ରୁ ଅଧିକ ଜନଜାତିଙ୍କୁ ସାମିଲ କରିବା ପ୍ରସ୍ତାବ ଦୀର୍ଘଦିନ ଧରି କେନ୍ଦ୍ର ନିକଟରେ ପଡ଼ିରହିଛି। ଏ ନେଇ ରାଜ୍ୟ ସରକାର ବାରମ୍ବାର କେନ୍ଦ୍ରକୁ ଅବଗତ କରିଆସୁଛନ୍ତି। ମାତ୍ର ସେଗୁଡ଼ିକୁ ବିଚାରକୁ ନିଆଯାଉନାହିଁ। ଏପରି କି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଏକ ଟାସ୍କଫୋର୍ସ ୨୦୧୪ରେ ରାଜ୍ୟର ୯ ଜନଜାତିଙ୍କୁ ଅଗ୍ରାଧିକାର ଭିତ୍ତିରେ ଅନୁସୂଚିତ ଜନଜାତି ତାଲିକାଭୁକ୍ତ କରିବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ସେହିସବୁ ଜନଜାତିଙ୍କୁ ଏ ପର୍ଯ୍ୟନ୍ତ ତାଲିକାଭୁକ୍ତ କରାଯାଇ ନାହିଁ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିବା ସହ ଶନିବାର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ଚିଠି ଲେଖି ରାଜ୍ୟର ପ୍ରସ୍ତାବ ଉପରେ ବିଚାର କରିବାକୁ ଅନୁରୋଧ କରିଛନ୍ତି। ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ୧୯୭୮ରୁ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ୧୬୦ରୁ ଅଧିକ ଜନଜାତିଙ୍କୁ ☞ପୃଷ୍ଠା-୨

## ଭିସୁଟ୍ ମାଷ୍ଟରପ୍ଲାନ୍‌କୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

- ୨୦୩୦ ସୁଦ୍ଧା ଗବେଷଣା ବିଶ୍ୱବିଦ୍ୟାଳୟରେ ପରିଣତ ହେବ
- ୫ ବର୍ଷରେ ଖର୍ଚ୍ଚ ହେବ ୨୦୦୦ କୋଟି
- ୨୭ ସେଣ୍ଟର ଅଫ୍ ଏକ୍ସଲେନ୍ସ ଗଠନ କରାଯିବ
- ଡିସେମ୍ବର ଶେଷ ସୁଦ୍ଧା ସ୍ମାର୍ଟ କ୍ଲାସ୍‌ରୁମ୍ କାମ ଶେଷ ହେବ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ରସାଏ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି (ଭିସୁଟ୍)ର ଉନ୍ନତୀକରଣ ପାଇଁ ପ୍ରସ୍ତାବିତ ମାଷ୍ଟରପ୍ଲାନକୁ ଅନୁମୋଦନ କରିଛନ୍ତି। ୨୦୨୬ ସୁଦ୍ଧା ଏହି ଅନୁଷ୍ଠାନରେ ୨୪ଟି ଅଣ୍ଡର ଗ୍ରାଜୁଏଟ ବିଭାଗରେ ୧୦ ହଜାରରୁ ଅଧିକ ଛାତ୍ରୀଛାତ୍ର ପାଠ ପଢ଼ିବାର ବ୍ୟବସ୍ଥା କରାଯିବ। ଏଥିପାଇଁ ୩ଟି ପର୍ଯ୍ୟାୟରେ ୨୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଗତମାସ ୨୫ ତାରିଖରେ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବୁର୍ଲା ଗସ୍ତ କରି ଏହାକୁ ଏକ ଉତ୍କର୍ଷ କେନ୍ଦ୍ର ଭାବରେ ବିକଶିତ କରିବା ପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ଏହି ମାଷ୍ଟରପ୍ଲାନ୍ ଅନୁଯାୟୀ ୨୦୩୦ ସୁଦ୍ଧା ଏହାକୁ ଏକ ବହୁମୁଖୀ ଇଞ୍ଜିନିୟରିଂ ଏବଂ ଗବେଷଣା ବିଶ୍ୱବିଦ୍ୟାଳୟ ଭାବରେ ବିକଶିତ କରାଯିବ। ଏହା ଦେଶର ପ୍ରମୁଖ ଇଞ୍ଜିନିୟରିଂ ଅନୁଷ୍ଠାନ ଆଇଆଇଟି ଓ ଏନ୍‌ଆଇଟି ପରି ସଂସ୍ଥାମାନଙ୍କ ସହିତ ସମକକ୍ଷ ହେବ। ଏଥିରେ ସ୍କୁଲ ଅଫ୍ ☞ପୃଷ୍ଠା-୨

## ଗର୍ଭବତୀଙ୍କୁ ଟ୍ରାକ୍ଟର ମଡ଼ାଇ ହତ୍ୟା

### ବାପା ଋଣ ଶୁଝି ନ ପାରିବାରୁ ରିକଭରି ଏଜେଣ୍ଟଙ୍କ ବର୍ବରତା

ହଜାରିବାଗ,୧୭।୯

ଝାଡ଼ଖଣ୍ଡର ହଜାରିବାଗ୍ ଜିଲା ବରିୟାନାଥ ଗ୍ରାମରେ ଋଣ ପରିଶୋଧ କରି ନ ଥିବା ଜଣେ ଭିନ୍ନକ୍ଷମ କୃଷକଙ୍କ ଟ୍ରାକ୍ଟର ଜବତ କରିବାକୁ ଏକ ଘରୋଇ ଫାଇନାନ୍ସ କମ୍ପାନୀର ରିକଭରି ଏଜେଣ୍ଟମାନେ ଆସିଥିଲେ। ଏହାକୁ ବିରୋଧ କରିବାରୁ ସେମାନେ କୃଷକଙ୍କ ଗର୍ଭବତୀ ଝିଅଙ୍କ ଉପରେ ଟ୍ରାକ୍ଟର ମଡ଼ାଇ ହତ୍ୟା କରିଛନ୍ତି। ୨୭ ବର୍ଷୀୟା



ମୃତ ମହିଳା

ମହିଳାଙ୍କ ବାପା ମିଥିଳେଶ ମେହେଟ୍ଟା ମହିନ୍ଦ୍ରା ଫାଇନାନ୍ସ କମ୍ପାନୀରୁ ଋଣ ଆଣି ଟ୍ରାକ୍ଟର କିଣିଥିଲେ। ସେ ଋଣ ପରିଶୋଧ କରି ନ ଥିବାରୁ କମ୍ପାନୀ କର୍ତ୍ତୃପକ୍ଷ ଟ୍ରାକ୍ଟର ନେଇଯିବା ଲାଗି ଗୁରୁବାର ତାଙ୍କ ଘରେ ପହଞ୍ଚିଥିଲେ। ଏହି ସମୟରେ ୩ ମାସର ଗର୍ଭବତୀ ଥିବା କୃଷକଙ୍କ ଝିଅ ଏବଂ ରିକଭରି ଏଜେଣ୍ଟଙ୍କ ମଧ୍ୟରେ ବଚସା ହୋଇଥିଲା। ଅଧିକାରୀମାନେ ଟ୍ରାକ୍ଟର ନେଇଯିବାକୁ ବାହାରିବାରୁ ମହିଳା ଜଣକ ଆଗରେ ଛିଡ଼ା ହୋଇଥିଲେ। କମ୍ପାନୀ ଅଧିକାରୀ ତାଙ୍କ ଉପରେ ଟ୍ରାକ୍ଟର ଚଢ଼ାଇ ଦେଇଥିଲେ। ସଙ୍ଗେ ସଙ୍ଗେ ମହିଳାଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଅଧିକାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥିବା ହଜାରିବାଗ୍ ଏସ୍‌ପି ମନୋଜ ରତନ ଚୋଠେ କହିଛନ୍ତି। ଟ୍ରାକ୍ଟର ଜବତ କରିବାକୁ ଫାଇନାନ୍ସ କମ୍ପାନୀ ଲୋକେ କୃଷକଙ୍କ ଘରକୁ ଯିବା ପୂର୍ବରୁ ସ୍ଥାନୀୟ ପୋଲିସକୁ ଜଣାଇ ନ ଥିଲେ। ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଧିକାରୀମାନଙ୍କୁ ଗିରଫ କରିବା ଲାଗି ଡିଏସ୍‌ପି ରାଜୀବ କୁମାରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ ହୋଇଥିବା ଏସ୍‌ପି କହିଛନ୍ତି।

ଗୁରୁବାର କମ୍ପାନୀ ପକ୍ଷରୁ ମିଥିଳେଶଙ୍କ ଫୋନ୍‌କୁ ଏକ ମେସେଜ୍ ଆସିଥିଲା। ଋଣ ବାବଦକୁ ବକେୟା ଥିବା ୧.୩ ଲକ୍ଷ ଟଙ୍କା ତୁରନ୍ତ ପୈଠ ନ କଲେ ଟ୍ରାକ୍ଟରକୁ ଫେରାଇ ନିଆଯିବ ବୋଲି ଏଥିରେ ତାଗିଦ କରାଯାଇଥିଲା। ଏହାର କିଛି ସମୟ ପରେ ରିକଭରି ଏଜେଣ୍ଟ ଟ୍ରାକ୍ଟର ☞ପୃଷ୍ଠା-୨

## ୨୭ରେ ରତ୍ନଭଣ୍ଡାର ଖୋଲିବା ନିଷ୍ପତ୍ତି

- ଶ୍ରୀମନ୍ଦିର ସ୍ଥିତି ସମୀକ୍ଷା କଲେ ଆମିକସ୍ କ୍ୟୁରି
- ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନି

ପୁରୀ ଅଫିସ,୧୭।୯

ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବାକୁ ଦୀର୍ଘଦିନ ହେଲା ସାଧାରଣରେ ଦାବି ହୋଇଆସୁଛି। କେବେ ରତ୍ନଭଣ୍ଡାର ଖୋଲାଯିବ ଓ ମହାପ୍ରଭୁଙ୍କ ଦୁର୍ମୂଲ୍ୟ ରତ୍ନ ଅଳଙ୍କାର ଗଣତି ସହ ଯାଞ୍ଚ କରାଯିବ ସେ ନେଇ କୋଟି କୋଟି ଜଗନ୍ନାଥପ୍ରେମୀ ଚାହିଁବସିଛନ୍ତି। ଏଭଳି ସ୍ଥିତିରେ ଆଗାମୀ ୨୭ ତାରିଖରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ହେବାକୁ ଥିବା ବୈଠକରେ ଏ ନେଇ ଆଲୋଚନା ହେବ ବୋଲି ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି



ଆଇନଜୀବୀ ନଗେନ୍ଦ୍ର କୁମାର ମହାନ୍ତି ସୂଚନା ଦେଇଛନ୍ତି। ଶନିବାର ଶ୍ରୀମନ୍ଦିର ସୁରକ୍ଷା ଓ ସଂରକ୍ଷଣ ସ୍ଥିତି ଅନୁଧ୍ୟାନ ପାଇଁ ପୁରୀ ଆସିଥିବା ଆମିକସ୍ କ୍ୟୁରି ମହାନ୍ତି ଗଣମାଧ୍ୟମ ପ୍ରତିନିଧିମାନଙ୍କ ☞ପୃଷ୍ଠା-୨




### ଆଜିର ସମ୍ପାଦକୀୟ

ବିଶ୍ୱାସର ଅଭାବ

### ଆଜିର ମନ୍ତବ୍ୟ

"ଦେଶକୁ ୮ ଚିତା ବାଘ ତ ଆସିଗଲେ, ହେଲେ ୮ ବର୍ଷରେ ୧୬ କୋଟି ଚାକିରି କାହିଁକି ଦିଆଯାଇପାରିଲା ନାହିଁ ତାହାର ଜବାବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରଖନ୍ତୁ।

-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ହାତୀ ଆସିଲେ ମେସେଜ ଆସୁଛି

### ବନ ବିଭାଗର ନିଆରା ପ୍ରୟାସ

କେନ୍ଦୁଝର, ୧୭।୯(ସ୍ୱ.ପ୍ର.)

ଧନଜୀବନ ସୁରକ୍ଷା ଲାଗି ଆଖପାଖ ଅଞ୍ଚଳରେ ହାତୀ ଚଳପ୍ରଚଳ କରୁଥିଲେ ବନବିଭାଗ ଦେଉଛି ଆଗୁଆ ମେସେଜ। ହାତୀ ଜଙ୍ଗଲ ଛାଡ଼ି ଜନବସତି ମୁହାଁ ହେଲା ମାତ୍ରେ ମୋବାଇଲକୁ ଆସିଯିବ ଆଗୁଆ ଭଏସ ଓ ଟେକ୍ସଟ ମେସେଜ। ଅନେକ ଅଞ୍ଚଳରେ ମୋବାଇଲ ନେଟୱର୍କ ସମସ୍ୟା ଥିଲେ କିମ୍ବା ବିଦ୍ୟୁତ ସମସ୍ୟା ଯୋଗୁ ମୋବାଇଲ ଚାର୍ଜ ହୋଇ ନ ଥିଲେ ହାତୀ ଚଳପ୍ରଚଳ ଅଞ୍ଚଳରେ ମାଇକ ଯୋଗେ ସଚେତନତା ମଧ୍ୟ କରାଯାଉଛି। କେନ୍ଦୁଝର ଜିଲାରେ ଏଭଳି ନିଆରା ପ୍ରୟାସ ଆରମ୍ଭ କରାଯାଇଛି। ଜିଲାରେ ଶନିବାର ୧୪ଟି ପଲରେ ପାଖାପାଖି



୧୩୭ ହାତୀ ଚଳପ୍ରଚଳ କରୁଛନ୍ତି। ଏହି ପଲ ଉପରେ ହାତୀ ସ୍କ୍ୱାଡ ନଜର ରଖିଥିବା ବେଳେ ମାଇକ ଯୋଗେ ସୂଚନା ଦେବାକୁ ସ୍ୱତନ୍ତ୍ର ଦଳ ପ୍ରସ୍ତୁତ କରାଯାଇଛି। କେନ୍ଦୁଝର ଡିଭିଜନରେ ହାତୀ ଚଳପ୍ରଚଳ ଯୋଗୁ ଗ୍ରାମର ଲୋକଙ୍କ ଫୋନ ନମ୍ବର ନେଇ ଡାଟାବେସ ପ୍ରସ୍ତୁତ ହୋଇଛି। ହାତୀ ଯେଉଁ ଅଞ୍ଚଳମୁହାଁ ହୋଇଥାଏ ସେହି ଅଞ୍ଚଳର ଲୋକଙ୍କୁ ମୋବାଇଲ ମେସେଜ ବା ଭଏସ୍ ମେସେଜ ଦ୍ୱାରା ଆଗୁଆ ସୂଚନା ଦିଆଯାଉଛି। ଫଳରେ ଲୋକମାନେ ଯାତାୟାତ କରନ୍ତି ନାହିଁ କିମ୍ବା ଜଙ୍ଗଲକୁ ଯାଇ ନ ଥାନ୍ତି। ସେହିପରି ଏହି ମେସେଜ ସ୍ଥାନୀୟ ସରପଞ୍ଚ, ଜିଲାପରିଷଦ ସଭ୍ୟା/ସଭ୍ୟ, ବିଧାୟକ, ବିଡିଓ, ତହସିଲଦାରଙ୍କୁ ମଧ୍ୟ ଦିଆଯାଉଛି। ଫଳରେ ସମସ୍ତେ ହାତୀର ଗତିବିଧି ଓ ଚଳପ୍ରଚଳ ବିଷୟରେ ଅବଗତ ହୋଇପାରିବେ। ସମସ୍ତଙ୍କ ସହଯୋଗ ରହିଲେ ଏହାର ସମାଧାନ ହୋଇପାରିବ। ଏ ନେଇ ସମସ୍ତଙ୍କୁ ସୂଚନା ଦେବା ଲାଗି ବ୍ୟବସ୍ଥା କରାଯାଇଛି। ସମସ୍ତେ ଆବଶ୍ୟକ ପଦକ୍ଷେପ ନେଇପାରିବେ ବୋଲି କେନ୍ଦୁଝର ଡିଏଫଓ ଏଚ୍.ଡି. ଧନରାଜ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଗର୍ଭବତୀଙ୍କୁ ଟ୍ରାକ୍ଟର ...

ପ୍ରଥମ ପୃଷ୍ଠାରୁ...

ନେଇଯିବାକୁ ପହଞ୍ଚିଥିବାରୁ ବଚସା ହୋଇଥିଲା। ଶୁକ୍ରବାର ବହୁସଂଖ୍ୟାରେ ଗ୍ରାମବାସୀ ହଜାରିବାଗ୍ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫାଇନାନ୍ସ କମ୍ପାନୀ ମ୍ୟାନେଜର ଏବଂ ରିକଭରି ଏଜେଣ୍ଟଙ୍କୁ ତୁରନ୍ତ ଗିରଫ କରାଯିବାକୁ ସେମାନେ ଦାବି କରିଛନ୍ତି। ଏଥିସହିତ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଯୋଗାଇଦେବାକୁ ବିକ୍ଷୋଭକାରୀମାନେ ଦାବି ଜଣାଇଛନ୍ତି। ରିକଭରି ଏଜେଣ୍ଟ ଟ୍ରାକ୍ଟର ମଡ଼ାଇଦେବା ଘଟଣାରେ ମହିନ୍ଦ୍ରା ଫାଇନାନ୍ସ କମ୍ପାନୀ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି।

ପ୍ରଥମ ପୃଷ୍ଠାରୁ...

## ୨୭ରେ ରତ୍ନଭଣ୍ଡାର ...

ଏ ସଂକ୍ରାନ୍ତ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସୂଚନା ଅନୁଯାୟୀ, ଆଗାମୀ ୨୭ ତାରିଖରେ ପରିଚାଳନା କମିଟି ବୈଠକ ବସିବ। ସେହି ବୈଠକରେ ରତ୍ନଭଣ୍ଡାର ଖୋଲାଯିବା ପ୍ରସଙ୍ଗରେ ଆଲୋଚନା କରାଯିବ। ବୈଠକରେ ଯାହା ନିଷ୍ପତ୍ତି ହେବ ତାହାକୁ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯିବ। ରାଜ୍ୟ ସରକାର ହିଁ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ସୂଚନା ଅନୁଯାୟୀ, ଶନିବାର ଅନୁଷ୍ଠିତ ବୈଠକରେ ରତ୍ନଭଣ୍ଡାର ପ୍ରସଙ୍ଗରେ ଆଲୋଚନା ହୋଇନାହିଁ। ଶ୍ରୀମନ୍ଦିର ଐତିହ୍ୟ କୀର୍ତ୍ତିରାଜି ସୁରକ୍ଷା ଓ ସଂରକ୍ଷଣ ସମେତ ନାଟମଣ୍ଡପ, ଜଗମୋହନ ଓ ରୋଷଘର ଚଟାଣ ମରାମତି ସମ୍ପର୍କରେ ଆଲୋଚନା କରାଯାଇଛି। ଶ୍ରୀମନ୍ଦିର ସୁରକ୍ଷା ଓ ସଂରକ୍ଷଣ ପାଇଁ କ'ଣ ସବୁ କାର୍ଯ୍ୟ କରାଯାଇଛି ଓ କେଉଁ କାମ ବାକି ରହିଛି ସେନେଇ ଅଧିକାରୀମାନଙ୍କୁ ଆମିକସ୍ କ୍ୟୁରି ପଚାରି ବୁଝିଛନ୍ତି। ଯେଉଁ ମରାମତି କାର୍ଯ୍ୟ ପର୍ଯ୍ୟାୟ କ୍ରମେ ଚାଲୁ ରହିବ ସେନେଇ ପ୍ରଥମେ ଆଲୋଚନା ହୋଇଛି। ନାଟମଣ୍ଡପ ମରାମତି ମାର୍ଚ୍ଚ ମଧ୍ୟରେ ଶେଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ନାଟମଣ୍ଡପ ଭିତରପାର୍ଶ୍ୱ, ରୋଷଘର, ଜଗମୋହନ ବାହାର ପାର୍ଶ୍ୱ ମରାମତି କରାଯିବ। ରୋଷଘର ଚଟାଣ ଓ ଜଗମୋହନ ମରାମତି ପାଇଁ ତିନି ମାସ ମଧ୍ୟରେ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇ ପଦକ୍ଷେପ ନିଆଯିବ ବୋଲି କୋର୍ କମିଟି ଅଧ୍ୟକ୍ଷ ଡ. ନାରାୟଣ ଚନ୍ଦ୍ର ପାଲ୍ କହିଛନ୍ତି। ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଏବଂ ଏଏସ୍ଆଇର ଭୁବନେଶ୍ୱର ସର୍କଲ ଅଧୀକ୍ଷକ ଅରୁଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆମିକସ୍ କ୍ୟୁରି ଶ୍ରୀମନ୍ଦିର ଯାଇ ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ରତ୍ନଭଣ୍ଡାର ପ୍ରସଙ୍ଗ ନେଇ ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି, ହାଇକୋର୍ଟ ୨୦୧୮ ମାର୍ଚ୍ଚ ୨୨ରେ ନିର୍ଦ୍ଦେଶ ଦେଇଥିଲେ ଯେ, ଏଏସ୍ଆଇ ମାର୍ଚ୍ଚ ୨୬ ଓ ୨୭ ତାରିଖରେ ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ କରିବେ। ଶ୍ରୀମନ୍ଦିର ପ୍ରଶାସନର ସହଯୋଗ ଅଭାବରୁ ଏଏସ୍ଆଇ ଟିମ୍ ମାର୍ଚ୍ଚ ୨୬ରେ ଭିତରଭଣ୍ଡାର ଖୋଲିପାରିଲା ନାହିଁ। କେବଳ ବାହାର ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ ହେଲା। ଏହାପରେ ୨୭ ତାରିଖରେ ରାଜ୍ୟ ସରକାରଙ୍କ ଅନୁମତି ମିଳିବା ପରେ ଏପ୍ରିଲ୍ ୪ରେ ୧୭ ଜଣିଆ ପ୍ରାଧିକୃତ କମିଟି ଯାଞ୍ଚ କରି ରିପୋର୍ଟ ଦେଲେ। ରତ୍ନଭଣ୍ଡାରର ଦୟନୀୟ ସ୍ଥିତି ଓ ମରାମତି ଆବଶ୍ୟକ ସମ୍ପର୍କରେ ରିପୋର୍ଟରେ ଉଲ୍ଲେଖ ରହିଥିଲା। ଏଏସ୍ଆଇର ଭୁବନେଶ୍ୱର ସର୍କଲ ଅଧୀକ୍ଷକ ଚଳିତ ବର୍ଷ ଅଗଷ୍ଟ ୮ରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଏଏସ୍ଆଇ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କ ଆଇନ ବିଭାଗକୁ ଚିଠି ଲେଖି ହାଇକୋର୍ଟଙ୍କ ଆଦେଶକୁ ପାଳନ ସ୍ୱରୂପ ଭିତର ରତ୍ନଭଣ୍ଡାର ଖୋଲିବା ପାଇଁ କହିଥିଲେ। ଏହାସତ୍ତ୍ୱେ ରତ୍ନଭଣ୍ଡାର ପ୍ରସଙ୍ଗରେ ସମସ୍ତେ ଚୁପ୍ ରହିଛନ୍ତି। ଜଗନ୍ନାଥପ୍ରେମୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ରାଜ୍ୟ ସରକାର ରତ୍ନଭଣ୍ଡାର ଖୋଲନ୍ତୁ ବୋଲି ବରାଳ ଦାବି କରିଛନ୍ତି। ସେହିପରି ରତ୍ନଭଣ୍ଡାର ପ୍ରସଙ୍ଗକୁ ସରକାର କାହିଁକି ଅଣଦେଖା କରୁଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।


# classifieds Everyday
0674-2580101, 2549302




**BRIDE WANTED**

Karan Boy 1992, 5'5", B.Tech Serving Manager Nationalised Bank, Bhubaneswar 'SUNASANSAR'- 9937512659, 8249969649. D-74115

**GROOM WANTED**

Govt. ଚାକିରିଆ, 33 ବୟସ୍କା କରଣ Divorcee ଝିଅଙ୍କୁ anycaste ଘରଜ୍ୱାଇଁ ଆବଶ୍ୟକ। 8093583202. D-1511

39 ବୟସ୍କା Rajput, Central Govt. ଚାକିରିଆ, Divorcee, ଗୋଟିଏ ଶିଶୁକନ୍ୟା ଥିବା ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। 7381366103. D-1512

ଅର୍ପିତା ମହାପାତ୍ର, ବୟସ / ଉଚ୍ଚତା: 42/5'4", ଶିକ୍ଷା: M.Com, ଇନ୍‌ଫୋସିସ୍‌ରେ ଚାକିରି, ଦରମା ମାସିକ- 95,000/- ବିଧବା ମହିଳାଙ୍କ ପାଇଁ ଘରଜ୍ୱାଇଁ, ସମସ୍ତ ବରପାତ୍ର ମାନ୍ୟ, ଜାତି ପ୍ରତିବନ୍ଧକ ନୁହେଁ। ଯୋଗାଯୋଗ- #8093147034, 9178962333. D-1530




**SALE**

Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666. D-73211

ଏବେ ପ୍ଲଟ୍ କିଣିବାଠାରୁ ଅଧିକ ସହଜ କିଛି ଆଉ ନାହିଁ। ଏକ ଲକ୍ଷ ଟଙ୍କାରେ 936/ ଟଙ୍କା ମାସକୁ 15 ବର୍ଷ ପାଇଁ 7.65% ହାରରେ, ଦୁଇ NH ମଝିରେ DP 40% ସବୁମିଶି, sqft.- 850/-. 9040045759. D-74118

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-74109

ORERA Approved 2/3 BHK flat for sale at Jharpada and Hanspal Chhak NH side. Contact: 7978209277. 1538

Bhubaneswar Sum Hospital 6K.M. ଦୂରରେ କଣ୍ଟାବାଡ଼ଠାରେ NH-16A ରୋଡ୍‌ରୁ ୧୦୦ଫୁଟ ଛାଡ଼ି 30' ROAD, ଘରବାରି, ବାଉଣ୍ଡରୀ, ଇଲେକ୍ଟ୍ରି ସହ ପ୍ଲଟ୍ ମିଳୁଛି। 9090963952. D-74101

ଭୁବନେଶ୍ୱର GITA/ Gandhi College/ Cultural University ପାଖରେ 30' road ଥାଇ sqft. 650/- plot କିଣନ୍ତୁ। 9348767829. D-74117

ଭୁବନେଶ୍ୱର ଗଙ୍ଗପଡ଼ା NH5ରୁ ଅଳ୍ପ ଦୂରତାରେ Sqft. 840/-, 725/-, ଗୁଡ଼ିଆପୋଖରୀ ଛକରୁ ଅଳ୍ପ ଦୂରତାରେ 8,70,000/-ରେ ପ୍ଲଟ୍ କିଣି ତୁରନ୍ତ ଗୃହନିର୍ମାଣ କରନ୍ତୁ । 9178762589. D-74113

Bhubaneswar Infosys-2 ପାଖରେ 2000sqft. plot sale 17,00,000/- (65 plot available). 9938016295. D-74116

Bhubaneswar Khorda near 100ft. road available ଘରବାଡ଼ି ଜମି immediate registration, possession book @ 3lacs. 9078263828. D-1520

Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452. D-73967

Duplex upcoming at Sundarpada road, opposite Champati Petrol Pump. BDA & ORERA plotting approval. Contact No.- 9861983455 (Developer). D-1366

Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320. D-74112

Readymade 2/3 BHK flat sale at Acharyavihar. Contact: 7978209277. D-1536

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891. D-1367

Re-sale 3BHK flat-1500sqft. BJB Nagar, near BJB College Arts Block & 3BHK 1250sqft. flat Vivekanandamarg, Nageswartangi, Bhubaneswar. 9348321062, 7008118575. D-73719

ଭୁବନେଶ୍ୱର ଗଙ୍ଗପଡ଼ା NH-5ରୁ 500 mtr ଦୂରରେ BDA yellowzone ଘରବାରି boundary plot ମିଳୁଛି। 7978676652, 7848882166. D-74111

Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455. D-74105

1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891. D-1368




Construct your home @850/-, 1340/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469. D-73297

Do you want to construct buildings on your own plot. Contact: 7008268129, 9439143273. D-71352




One BHK flat for rent shantiapartment ramchandisahi puri mob 7204256982. D-1554

Flat for rent 2BHK Jagannath Apartment behind Maharaja Talkies Acharya Vihar 2Bed Room, Dining. Phone- 7381299922. D-71538




Ashirvaad Saloon and SPA getgood massage for your health tha best therapy. 7077181074. D-73969

Hearbal full body relax massage by trend ledy therapist. 6371676208. D-73644

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Newly open full body massage ladies and gents. 8327740003, 8093860513. D-73968

One hour any therapy by expert therapist @999 only. 9078484455. D-73645

Newly opened full body massage center by expert therapist. 7381172169. D-73643

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73966

Relax, Refresh your body, Mind at Saikrupa Spa with best therapies. 8984068077. D-1543




Housing, Mortgage, Topup and Four Wheeler loan From Nationalised Bank. 8249291173. D-70291

Save on Electricity bills. Forget power interruptions. Install Nexus Brand Solar Panels, inverters. Contact REMS LLP, Satyavihar, Bhubaneswar. 7606862090. 9777065888. D-73640

**AFFIDAVIT**

By virtue of an affidavit sworn before the Executive Magistrate, Rourkela, I Bijayani Nayak, W/o. Hemanta Nayak, R/o. At. Indirapali, PO. Rourkela, Dist. Sundargarh declare that before marriage my name is Kumari Sabita Ray and in Voter ID my name has been mentioned as Sabita Ray. But after marriage I have changed my name to Bijayani Nayak. That all the names stands for same and one person. D-1550

Myself Bidya Sagar Mahato and i want to make you all know that, my daughter name was changed from "Kumari Janavi Mahato" to "Janvi Mahato" through this Court Affidavit. So now the original name of my daughter is Janvi Mahato for all purpose. D-1553





(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୋ ଦୁଃଖ ଦେଖି**
**ଥନ ଥନ ହୁଏ ମୋହର ଆଖି।**

ଯାହାର ହୃଦୟ ଯେତେ କୋମଳ ତା'ର ମନ ଅନ୍ୟ ପାଇଁ ସେତେ ବ୍ୟାକୁଳ। ଏଭଳି ବ୍ୟକ୍ତି ଅନ୍ୟ ଉପରେ ଦୁଃଖ ବିପତ୍ତି ପଡୁଥିବାର ଦେଖିଲେ ତାଙ୍କ ମନରେ କୋହ ସୃଷ୍ଟି ହେବା ସହ ଆଖିରୁ ଲୁହ ବାହାରି ଆସିଥାଏ। ସମଦରଦି ବ୍ୟକ୍ତି ଅନ୍ୟର ଦୁଃଖ କଷ୍ଟକୁ ସହ୍ୟ କରିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତେଲ ଘଡ଼ିକି ହାତେ**
**ପୁଅ ମୁଣ୍ଡକୁ ହାତେ।**

କେଶ ବା ଚୁଟି ନୁଖୁରା ନ ହେବା ଲାଗି ମୁଣ୍ଡରେ ତେଲ ଲଗାଇବାକୁ ପଡିଥାଏ। ତେବେ ତେଲ ସରିଯିବା ଭୟରେ ମୁଣ୍ଡରେ ତେଲ ଲଗାଇବାକୁ ଚାହୁଁ ନ ଥିବା ବ୍ୟକ୍ତି ଜଣକ ଯେ କୃପଣ ହୋଇଥାଏ ସେକଥା କାହାରିକୁ ଅଛପା ରହି ନ ଥାଏ। ଗୋଟିଏ ପଟେ କେଶ ନୁଖୁରା ନ ହୋଇ ଯିବାର ଚିନ୍ତା ତ ଅନ୍ୟ ପଟେ ଅର୍ଥ ଖର୍ଚ୍ଚର ଭୟ। ଏପରି ଅବସ୍ଥା ଉକ୍ତ ବ୍ୟକ୍ତିକୁ ହରଡ଼ଘଣାରେ ପକାଇଦେବା ସ୍ୱାଭାବିକ ହୋଇଥିବା ସ୍ଥଳେ କୃପଣ ବ୍ୟକ୍ତିଙ୍କର ଧନ ପ୍ରତି ରହିଥିବା ଅହେତୁକ ଦୁର୍ବଳତା ଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲିଃ:

## ଭିସୁଟ୍ ମାଷ୍ଟରପ୍ଲାନ୍‌କୁ ...

ପ୍ରଥମ ପୃଷ୍ଠାରୁ...

ଇଞ୍ଜିନିୟରିଂ, ଦକ୍ଷତା ବିକାଶ କେନ୍ଦ୍ର, ସ୍କୁଲ ଅଫ୍ ମେଡିକାଲ ଟେକ୍ନୋଲୋଜି ଓ ସ୍କୁଲ ଅଫ୍ ବେସିକ ସାଇନ୍ସ ପରି ୭ଟି ସ୍କୁଲ ରହିବ। ମାଷ୍ଟରପ୍ଲାନ୍ ଅନୁଯାୟୀ ଏହି ଅନୁଷ୍ଠାନରେ ୧୦,୮୬୪ ଜଣ ଛାତ୍ରୀଛାତ୍ର ପାଠ ପଢ଼ିବା ପାଇଁ ବ୍ୟବସ୍ଥା କରାଯିବ। ବର୍ତ୍ତମାନ ୨,୮୪୯ ଛାତ୍ରୀଛାତ୍ର ବିଭିନ୍ନ କୋର୍ସରେ ପାଠ ପଢୁଛନ୍ତି। ଏଥିରେ ୭ ସ୍କୁଲରେ ୨୪ଟି ଇଞ୍ଜିନିୟରିଂ ପ୍ରୋଗ୍ରାମ, ୧୪ରୁ ଅଧିକ ବିଭାଗ ଓ ୨୭ରୁ ଅଧିକ ଉତ୍କର୍ଷ କେନ୍ଦ୍ର ଗଠନ କରାଯିବ। ପ୍ରତ୍ୟେକ ସ୍କୁଲରେ ଶ୍ରେଣୀ ଗୃହ, ଲାବୋରେଟୋରି, ପ୍ରଫେସରମାନଙ୍କ ଚାମ୍ବର ଓ ଗ୍ୟାଲେରି ରହିବ। ସମସ୍ତ ସ୍କୁଲରେ ଅତ୍ୟାଧୁନିକ ଗବେଷଣା କେନ୍ଦ୍ର ଓ ଲାବରେଟୋରି ସୁବିଧା ଉପଲବ୍ଧ ହେବ। ପ୍ରତ୍ୟେକ ଉତ୍କର୍ଷ କେନ୍ଦ୍ର ସହିତ ଶିଳ୍ପାନୁଷ୍ଠାନର ସହଭାଗିତା କରାଯିବ ଏବଂ ଏଥିରେ ଅତି କମ୍‌ରେ ଜଣେ ପୂର୍ବତନ ଛାତ୍ର ମେଣ୍ଟର ଭାବରେ ଦାୟିତ୍ୱ ଗ୍ରହଣ କରିବେ। ଏହାଦ୍ୱାରା ପ୍ରତ୍ୟେକ ଉତ୍କର୍ଷ କେନ୍ଦ୍ର ଶିଳ୍ପାନୁଷ୍ଠାନମାନଙ୍କ ପାଇଁ ଅତ୍ୟାଧୁନିକ ଗବେଷଣା ଓ ପରାମର୍ଶ କେନ୍ଦ୍ର ଭାବରେ କାର୍ଯ୍ୟ କରିପାରିବ ଏବଂ ଗ୍ରାମ୍ୟ ଓ ସହରାଞ୍ଚଳର ଉନ୍ନତୀକରଣ ପାଇଁ ଏକ ନୋଡାଲ ସେଣ୍ଟର ଭାବରେ ମଧ୍ୟ କାର୍ଯ୍ୟ କରିପାରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ ମାସ ମଧ୍ୟରେ ସମସ୍ତ ସ୍ମାର୍ଟ କ୍ଲାସ୍‌ରୁମ୍ ନିର୍ମାଣ କାମ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହଷ୍ଟେଲ ଓ ଅନ୍ୟାନ୍ୟ ସାଧାରଣ ମରାମତି କାମକୁ ତୁରନ୍ତ ଶେଷ କରାଯିବ ଏବଂ ଅନୁଷ୍ଠାନକୁ ୨୪ ଘଣ୍ଟିଆ ବିଦ୍ୟୁତ୍ ବ୍ୟବସ୍ଥାର ସୁବିଧା କରାଯିବ। ମୁଖ୍ୟମନ୍ତ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ଓ ପ୍ରଫେସରମାନଙ୍କ ସହିତ ଆଲୋଚନା କରିଛନ୍ତି। ସେମାନେ ସମସ୍ତେ ଏହି ରୂପାନ୍ତର କାର୍ଯ୍ୟର ଉଚ୍ଚପ୍ରଶଂସା କରିବା ସହିତ ଏଥିପାଇଁ ପ୍ରତିବଦ୍ଧତା ସହ କାମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆଲୋଚନାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦକ୍ଷତା ବିକାଶ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା ଉପସ୍ଥାପନ କରିଥିଲେ।

### ସମ୍ବଲପୁରରେ ସ୍ୱାଗତ

ସମ୍ବଲପୁର,୧୭।୯(ବ୍ୟୁରୋ)- ଭିସୁଟ୍‌କୁ ୫ ଟି ଯୋଜନାରେ ରୂପାନ୍ତରୀକରଣ କରାଯିବ। ଏହି ଘଟଣା ପ୍ରଚାର ହେବା ପରେ ସମ୍ବଲପୁର ଜିଲା ପୂର୍ବତନ ବିଜେଡି ସଭାପତି ଡ. ପ୍ରମୋଦ ରଥ, ବୁର୍ଲା ବିଜେଡି ସଭାପତି ସିଦ୍ଧାର୍ଥ ଦାଶ ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରି ସମ୍ବଲପୁରବାସୀଙ୍କ ଦାବି ପୂରଣ ହୋଇଛି ବୋଲି କହିଛନ୍ତି।

## ୩୦ ଜିଲାରେ ୩୪ ...

ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ଏହା ଏକ ଉଲ୍ଲେଖନୀୟ ସ୍ମାରକୀ। ସେହିପରି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ସ୍ୱାଗତ ଭାଷଣ ଦେଇ କହିଥିଲେ, କାଗଜବିହୀନ କୋର୍ଟ ସମେତ କୋର୍ଟ ଫି ଇ-ଦେୟ, ଭର୍ଚୁଆଲ ଶୁଣାଣି, ଇ-ଟ୍ରାଫିକ୍ ଚାଲାଣ ଆଦି କାର୍ଯ୍ୟକ୍ଷମ କରିବା ଦିଗରେ ସୁପ୍ରିମକୋର୍ଟ ଇ-କମିଟିର ପ୍ରମୁଖ ମାର୍ଗଦର୍ଶନ ରହିଛି। ଜିଲାସ୍ତରରେ କାଗଜବିହୀନ କୋର୍ଟ ଭାରତୀୟ ବିଚାର ବ୍ୟବସ୍ଥାରେ ଏକ ମାଇଲଖୁଣ୍ଟ ହେବ। ଏଥିପାଇଁ ଓଡ଼ିଶାର ସମସ୍ତ ବିଚାର ବିଭାଗୀୟ ଅଧିକାରୀଙ୍କୁ ଖୁବ୍‌ଶୀଘ୍ର ସ୍କ୍ରିନ୍ ଟଚ୍ ଲାପ୍‌ଟପ୍ ଦିଆଯିବ ବୋଲି ମୁଖ୍ୟ ବିଚାରପତି ଘୋଷଣା କରିଥିଲେ। ସୁପ୍ରିମକୋର୍ଟ ଇ-କମିଟି ଅଧ୍ୟକ୍ଷ ତଥା ବିଚାରପତି ଏମ୍.ଆର୍. ଶାହା ଓଡ଼ିଶା ହାଇକୋର୍ଟ ଦ୍ୱାରା ନିଆଯାଇଥିବା ଏହି କାଗଜବିହୀନ କୋର୍ଟ ବ୍ୟବସ୍ଥା ଅନ୍ୟ ରାଜ୍ୟରେ ଲାଗୁ ହେବ ବୋଲି ଆଶାପ୍ରକାଶ କରିଥିଲେ। ଓଡ଼ିଶା ହାଇକୋର୍ଟ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଣ୍ଡ ଇନ୍‌ଫର୍ମେଶନ ଟେକ୍ନୋଲୋଜି କମିଟିର ଅଧ୍ୟକ୍ଷ ତଥା ବିଚାରପତି ଏସ୍. ତାଳପତ୍ର ଧନ୍ୟବାଦ ଅର୍ପଣ କରି ରାଜ୍ୟ ବିଚାର ବ୍ୟବସ୍ଥାର ଇ-ପ୍ରୟାସ ହାଇକୋର୍ଟ ମୁଖ୍ୟ ବିଚାରପତି ମୁରଲୀଧରଙ୍କ ନେତୃତ୍ୱରେ ସମ୍ଭବ ହୋଇପାରିଛି ବୋଲି କହିଥିଲେ। କାଗଜବିହୀନ କୋର୍ଟ ବ୍ୟବସ୍ଥା ଲାଗୁ ପୂର୍ବରୁ ହାଇକୋର୍ଟର ସମସ୍ତ ବେଞ୍ଚରେ ଏହି ବ୍ୟବସ୍ଥା ପ୍ରଥମେ କାର୍ଯ୍ୟକାରୀ କରାଯାଇଥିବାରୁ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ହାଇକୋର୍ଟର ୭୫ ବର୍ଷ ସ୍ମାରକୀ ସ୍ୱରୂପ ହାଇକୋର୍ଟ ଛବି ଥାଇ ଏକ ସ୍ୱତନ୍ତ୍ର ପୋଷ୍ଟାଲ କଭର ଓ କାନସେଲାସନ୍ କାଚେଟ ଏବଂ ୬ଟି ପୋଷ୍ଟକାର୍ଡ ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସର୍କଲର ଚିଫ୍ ପୋଷ୍ଟ ମାଷ୍ଟର ଜେନେରାଲ ଶୁଭେନ୍ଦୁ କୁମାର ସ୍ୱାଇଁ, ଆଡ୍‌ଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜା, ହାଇକୋର୍ଟ ପାଇଁ ଆସିଷ୍ଟାଣ୍ଟ ସଲିସିଟର ଜେନେରାଲ ଅଫ୍ ଇଣ୍ଡିଆ ପ୍ରସନ୍ନ କୁମାର ପାଢ଼ୀ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଡିଜିପି ସୁନୀଲ ବଂଶଲ, ହାଇକୋର୍ଟର ବିଚାରପତିମାନେ, ଜିଲା ଜଜ, ବିଚାର ବିଭାଗୀୟ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ ହାଇକୋର୍ଟ ବାର୍ ଆସୋସିଏଶନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଶୁଭେଚ୍ଛୁଙ୍କ ପରାମର୍ଶରେ ନୂଆ କାମ ସକାଶେ ମନ ବଳାଇବେ। ଅଶ୍ୱିନୀ ନକ୍ଷତ୍ରର ଦୈହିକ ଦୁର୍ବଳତା ସାଙ୍ଗକୁ ନୈରାଶ୍ୟ ବ୍ୟସ୍ତ ଓ ବିବ୍ରତ କରାଇପାରେ। ସଠିକ୍ ବୁଝାମଣା ମାଧ୍ୟମରେ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି।

**ବୃଷ**
କୃତ୍ତିକା ନକ୍ଷତ୍ର ବିଭିନ୍ନ ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲା ଭଳି ଅନୁଭବ କରିବେ। ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**ମିଥୁନ**
ଆଜି ଆର୍ଦ୍ରା ନକ୍ଷତ୍ର ସଙ୍ଗଠନ, ରାଜନୀତି, ଆନୁଷ୍ଠାନିକ କାମ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବ୍ୟବସାୟୀମାନେ ନୂତନ ବ୍ୟବସାୟ ଯୋଡ଼ିବା ପାଇଁ ଚିନ୍ତା କରିପାରନ୍ତି। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ସଂଯମତାର ଅଭାବ ଓ ଧନହାନି ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ**
କାର୍ଯ୍ୟବ୍ୟସ୍ତତା କାରଣରୁ ଆଜି କୌଣସି ଗୋଟିଏ ସ୍ଥାନରେ ସ୍ଥିର ଭାବରେ ରହିପାରିବେ ନାହିଁ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ନିଜ ପରିସରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂର ହୋଇଯିବ।

**ସିଂହ**
ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ର ଆର୍ଥିକ ଦିଗରୁ ଉପକୃତ ହେବେ, କିନ୍ତୁ ପୂର୍ଣ୍ଣ ଆବଶ୍ୟକତା ଅପୂରଣୀୟ ରହିବ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ସରସ ସୁନ୍ଦର କରିପାରେ। ଆଲୋଚନା ପରିସରରେ ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି, ଏଣୁ ଭାବିଚିନ୍ତି କୁହନ୍ତୁ। ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ କରିବାରେ ସଫଳ ହେବେ।

**କନ୍ୟା**
ହସ୍ତା ନକ୍ଷତ୍ର ସକାଶେ କୌଣସି ଗୁଜବ ମନକୁ ଚହଲାଇ ଦେଇପାରେ। ଆତ୍ମୀୟଙ୍କ ଅସହଯୋଗ, ଅସମ୍ମାନ ପାଇ ଦୁଃଖିତ ହେବେ। କୌଣସି ବନ୍ଧୁଙ୍କୁ ଅର୍ଥ କିମ୍ବା ଅଳଙ୍କାର ଦେବାନେବାକୁ କେନ୍ଦ୍ର କରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି ।

**ତୁଳା**
ଦୈହିକ ଓ ମାନସିକ ସୁସ୍ଥତା ଅଭାବରୁ କୌଣସି କାର୍ଯ୍ୟ ଶୃଙ୍ଖଳିତ ହୋଇପାରିବ ନାହିଁ। ସାମାଜିକ ସ୍ତରରେ ଅନୁଷ୍ଠାନ ପାଇଁ ସତ୍‌ସଙ୍ଗୀଙ୍କ ପ୍ରେରଣା ମିଳିପାରେ। ପିଲାଙ୍କ ଆଚରଣରେ ଅସନ୍ତୋଷ ବ୍ୟକ୍ତ କରିପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ତଥା ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭରୁ ଉପକୃତ ହୋଇପାରନ୍ତି।

**ବିଛା**
ଅନୁରାଧା ନକ୍ଷତ୍ର ଦୀର୍ଘଦିନରୁ ଯାହା ମନରେ ଆଶା ବାନ୍ଧି ବସିଛନ୍ତି ଆଜି ତାହା ଅବଶ୍ୟ ପାଇବେ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଉପକୃତ ହେବେ। ସାହିତ୍ୟ, ସାମ୍ବାଦିକତା, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ, ବ୍ୟବସାୟ ଓ ପରିବହନରେ ଲାଭବାନ୍ ହୋଇପାରନ୍ତି।

**ଧନୁ**
ଆରମ୍ଭ କରିବାକୁ ଯାଉଥିବା ଯୋଜନା କାର୍ଯ୍ୟକାରୀ କରିବାରେ ସମସ୍ୟା ଆସିପାରେ। ପୂର୍ବରୁ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପଡ଼ିବେ। ଉତ୍ତରାଷାଢ଼ା ନକ୍ଷତ୍ର ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପ୍ରିୟଜନ ସହ ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ।

**ମକର**
କର୍ମକ୍ଷେତ୍ରରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସମସ୍ୟା ଆସିପାରେ। ପରିବାର ସକାଶେ ଧାର କରଜ କରି କାମ ତୁଲାଇବାକୁ ବାଧ ହେବେ। ଧନିଷ୍ଠା ନକ୍ଷତ୍ର କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଲେ ମଧ୍ୟ ସମାଧାନ କରିବାରେ ସମର୍ଥ ହୋଇପାରନ୍ତି। ପରିଜନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାର ସାମୟିକ ଆଶ୍ୱସ୍ତି ଅନୁଭବ କରିବେ।

**କୁମ୍ଭ**
କର୍ମକ୍ଷେତ୍ରରେ ଦକ୍ଷତାଭିତ୍ତିକ ପ୍ରତିଷ୍ଠା ଓ ପ୍ରାଧାନ୍ୟତାକୁ ଅନ୍ୟମାନେ ଭିନ୍ନ ଦୃଷ୍ଟିରେ ଦେଖିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ଦୀର୍ଘ ଦିନରୁ ଲାଗି ରହିଥିବା ପୁରାତନ ରୋଗପୀଡ଼ାରୁ ବିଶେଷ କଷ୍ଟ ପାଇବେ। ପ୍ରଶାସନିକ ସଫଳତା ପାଇବା ସାଙ୍ଗକୁ କଚେରି ମାମଲାରେ ବିଜୟଲାଭ କରିବାର ସମ୍ଭାବନା ରହିଛି।

**ମୀନ**
ପାରିବାରିକ ସହମତିରେ ଆଗାମୀକାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ଅର୍ଥ ଆଦାୟରେ ସକ୍ଷମ ହେବେ, ତଥାପି ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବୁଝାମଣାରେ ଉନ୍ନତି ଆଶା ରହିଛି।

## ୧୬୦ ଜନଜାତିଙ୍କୁ ...

ତାଲିକାଭୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ଏହିସବୁ ପ୍ରସ୍ତାବ ଅନୁସୂଚିତ ଜନଜାତି ଉପଦେଷ୍ଟା ପରିଷଦର ଅନୁମୋଦନ ପରେ କେନ୍ଦ୍ରକୁ ପଠାଯାଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ରହୁଥିବା ସେହିସବୁ ଅନୁସୂଚିତ ଜନଜାତି ସମାନ ଜାତିର ହୋଇଥିବା ବେଳେ କେବଳ ଉଚ୍ଚାରଣଗତ ସମସ୍ୟା ଯୋଗୁ ଆଦିବାସୀ ତାଲିକାଭୁକ୍ତ ହୋଇପାରୁ ନାହାନ୍ତି। ଦୀର୍ଘଦିନରୁ ରାଜ୍ୟ ସରକାର ଏହି ଦାବି କରି ଆସୁଥିଲେ ମଧ୍ୟ ଜନଜାତି ଲୋକମାନେ ତାଲିକାଭୁକ୍ତ ହୋଇପାରୁ ନ ଥିବାରୁ ସେମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସୁବିଧାସୁଯୋଗ ମିଳିପାରୁ ନାହିଁ। ସେମାନେ ଅନ୍ୟାୟର ଶିକାର ହେଉଛନ୍ତି। ଦୀର୍ଘଦିନ ଧରି ପଡ଼ି ରହିଥିବା ପ୍ରସ୍ତାବଗୁଡ଼ିକୁ ବିଚାର କରିବା ସହ ସେମାନଙ୍କୁ ସାମ୍ବିଧାନିକ ଅଧିକାର ଦେବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀ ମୁଣ୍ଡାଙ୍କୁ ଅନୁରୋଧ କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୬୭,୮୮,୫୦୭ | ୬୫,୨୯,୭୧୯ | ୫୯,୬୧,୫୪,୦୩୨ |
| ଭାରତ | ୪,୪୫,୨୮,୫୨୪ | ୫,୨୮,୩୦୨ | ୪,୩୯,୫୩,୩୭୪ |
| ଓଡ଼ିଶା | ୧୩,୩୧,୫୮୬ | ୯୧୮୬(+୫୩) | ୧୩,୨୦,୭୧୭ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ସୃଷ୍ଟି ହେଲା ଘୂର୍ଣ୍ଣିବଳୟ: ୨୦ରେ ଲଘୁଚାପ

**ଭୁବନେଶ୍ୱର,୧୭।୯(ବ୍ୟୁରୋ):** ପୂର୍ବ କେନ୍ଦ୍ରୀୟ ଓ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଶନିବାର ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୪୮ଘଣ୍ଟା ମଧ୍ୟରେ ଏହା ଲଘୁଚାପରେ ପରିଣତ ହେବ। ଏହାର ପ୍ରଭାବରେ ରବିବାର ରାତିରୁ ବର୍ଷା ଆରମ୍ଭ ହେବ। ଆସନ୍ତା ୧୯ ତାରିଖରେ କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, ଗଜପତି, ଗଞ୍ଜାମ, କନ୍ଧମାଳ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ୟେଲୋୱାର୍ଣିଂ ଜାରି କରାଯାଇଛି। ୨୦ ତାରିଖରୁ ବର୍ଷାର ପ୍ରଭାବ ବଢ଼ିବା ସହିତ କେତେକ ଜିଲାରେ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ସୋନପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, ଅନୁଗୋଳ, କନ୍ଧମାଳ, ନୟାଗଡ଼, ଢେଙ୍କାନାଳ, କଟକ ଓ ଖୋର୍ଦ୍ଧା ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଏହି ସମୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କୋରାପୁଟ, ରାୟଗଡ଼ା, ବରଗଡ଼, ଝାରସୁଗୁଡ଼ା ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ।




ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ଶନିବାର ଭାରତୀୟ ବାୟୁସେନା ପକ୍ଷରୁ ୯ ହକ୍ ବିମାନ ଦ୍ୱାରା କୌଶଳ ପ୍ରଦର୍ଶନ କରାଯାଉଛି।

# ୨ୟ ପର୍ଯ୍ୟାୟରେ ୩୯,୮୮୪ ଛାତ୍ରୀଛାତ୍ର ମନୋନୀତ

## ଯୁକ୍ତ୩ ମେଧା ତାଲିକା

**ଭୁବନେଶ୍ୱର, ୧୭।୯(ବ୍ୟୁରୋ)**

ରାଜ୍ୟର ଡିଗ୍ରୀ କଲେଜଗୁଡ଼ିକରେ ଯୁକ୍ତ୩ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ଶନିବାର ପ୍ରକାଶ ପାଇଛି। ମୋଟ ୩୯,୮୮୪ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏମାନଙ୍କ ମଧ୍ୟରେ ୨୧,୧୬୫ଜଣ ଛାତ୍ରୀ ଥିବାବେଳେ ୧୮,୭୧୭ ଛାତ୍ର ଏବଂ ୨ କିନ୍ନର ରହିଛନ୍ତି। କଳାରେ ୨୧,୦୪୧ଜଣ ଥିବାବେଳେ ସେଲ୍‌ଫ ଫାଇନାନ୍ସିଂରେ ୫୩୭, ବାଣିଜ୍ୟରେ ୩,୪୦୦, ଶାସ୍ତ୍ରୀରେ ୪୨୩, ଫିଜିକାଲ ସାଇନ୍ସରେ ୭,୭୦୭ ଓ ବାୟୋଲୋଜିକାଲ ସାଇନ୍ସରେ ୬,୭୭୬ ଜଣ ଛାତ୍ରୀଛାତ୍ର ରହିଛନ୍ତି। ଏମାନେ ଆସନ୍ତା ୧୯ ତାରିଖ ଅପରାହ୍ନ ୫ଟାରେ ମଧ୍ୟରେ ନାମ ଲେଖାଇବେ। ୨୦ତାରିଖ ଅପରାହ୍ନ ୨ଟାରେ ସାମ୍ସ ୱେବ୍‌ସାଇଟ୍ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ଇ-ସ୍ପେସ୍‌ରେ ବଳକା ସିଟ୍ ତାଲିକା ପ୍ରକାଶ ପାଇବ। ୨୧ ତାରିଖ ପୂର୍ବାହ୍ନ ୧୧ଟାରୁ ୨୩ ତାରିଖ ରାତି ୧୧ଟା ୪୫ ମଧ୍ୟରେ ଛାତ୍ରୀଛାତ୍ର ସ୍ପଟ୍ ନାମଲେଖା ପାଇଁ ଆବେଦନ କରିବେ। ତେବେ ପୂର୍ବରୁ ଆବେଦନ କରିଥିବା ଛାତ୍ରୀଛାତ୍ରମାନେ କେବଳ ସ୍ପଟ୍ ନାମଲେଖା ପାଇଁ ଆବେଦନ କରିପାରିବେ। ୨୮ ତାରିଖ ଅପରାହ୍ନରେ ଏହି ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ୨୮ ତାରିଖ ୨ଟାରୁ ଅକ୍ଟୋବର ୧ ଅପରାହ୍ନ ୫ଟା ମଧ୍ୟରେ ମନୋନୀତ ଛାତ୍ରୀଛାତ୍ରମାନେ ନାମ ଲେଖାଇବେ।




# ଯୁକ୍ତ୨ ସ୍ପଟ୍ ନାମଲେଖା ଆରମ୍ଭ

**ଭୁବନେଶ୍ୱର, ୧୭।୯(ବ୍ୟୁରୋ):** ରାଜ୍ୟର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଯୁକ୍ତ୨ ସ୍ପଟ୍ ନାମଲେଖା ପାଇଁ ଶନିବାର ପୂର୍ବାହ୍ନ ୧୧ଟାରେ ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଇଛି। ଏଥିସହ ମଧ୍ୟାହ୍ନ ୧୨ଟାରୁ ସ୍ପଟ୍ ନାମଲେଖା ଆରମ୍ଭ ହୋଇଛି। ପ୍ରଥମ ଦିନରେ ୬୮୫ଜଣ ନାମଲେଖାଇଛନ୍ତି। ଏହା ୨୦ ତାରିଖ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିବ। ସୂଚନାଯୋଗ୍ୟ, ରାଜ୍ୟରେ ଥିବା ୨,୦୬୫ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ ପାଇଁ ୫,୦୭,୮୨୨ ସିଟ୍ ରହିଛି। ସେଥିମଧ୍ୟରୁ ଦୁଇଟି ପର୍ଯ୍ୟାୟରେ ୩,୬୫,୨୩୫ ସିଟ୍‌ରେ ନାମଲେଖା ସରିଯାଇଥିବାବେଳେ ଆଉ ୧,୪୩,୨୭୨ଟି ସିଟ୍ ବଳକା ଥିଲା। ଶନିବାର ସ୍ପଟ ନାମଲେଖା ଆରମ୍ଭ ହେବାପରେ ଆଉ ୧,୪୨,୫୮୭ ସିଟ୍ ରହିଛି। କଳାରେ ୪୬,୫୧୨ ସିଟ୍ ଖାଲି ଥିବାବେଳେ, ବିଜ୍ଞାନରେ ୫୯,୩୭୧, ବାଣିଜ୍ୟରେ ୨୩,୨୯୯, ସଂସ୍କୃତରେ ୭,୩୭୩ ଓ ଧନ୍ଦାମୂଳକ ଶିକ୍ଷାରେ ୬,୦୩୨ ସିଟ୍ ଖାଲି ରହିଛି।

# ପୁରୀ ଆକାଶରେ ସୂର୍ଯ୍ୟକିରଣ ଶୋ'

## ପାଗ ଭଲ ରହିଲେ ଆଜି ବି ହେବ

**ପୁରୀ ଅଫିସ, ୧୭।୯**

ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଲୋକଙ୍କ ମନରେ ଦେଶପ୍ରେମ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଶନିବାର ପୁରୀ ବେଳାଭୂମିରେ ବାୟୁସେନା ପକ୍ଷରୁ ସୂର୍ଯ୍ୟକିରଣ ଏୟାର ଶୋ' ଅନୁଷ୍ଠିତ ହୋଇଛି। ପୂର୍ବାହ୍ନ ୧୦ଟା ୨୦ରୁ ୧୧ଟା ପର୍ଯ୍ୟନ୍ତ ବ୍ଲୁ ଫ୍ଲାଗ ବିଚ୍‌ରେ ଅନୁଷ୍ଠିତ ଏହି ଫୁଲ୍‌ଡ୍ରେସ୍ ଏୟାର ଶୋ'ରେ ବାୟୁସେନାର ୯ଟି ହକ୍ (ଯୁଦ୍ଧ) ବିମାନ ଦୁଃସାହସିକ ଓ ରୋମାଞ୍ଚକର କଳା କୌଶଳ ପ୍ରଦର୍ଶନ କରିଛି। ବିମାନଗୁଡ଼ିକ ୫ ଶହରୁ ୧ହଜାର ଫୁଟ୍ ଉଚ୍ଚରେ ଉଡ଼ି ସାହସିକ କଳାକୌଶଳ ପ୍ରଦର୍ଶନ କରିଥିଲେ। ଏହି ଲଢୁଆ ବିମାନଗୁଡ଼ିକର ଗର୍ଜନରେ ପୁରୀ ଆକାଶ କମ୍ପିଉଠିବା ସହ ଲୋକଙ୍କ ମନରେ ଏକ ରୋମାଞ୍ଚକର ଶିହରଣ ସୃଷ୍ଟି କରିଥିଲା। ପୁରୀରେ ପ୍ରଥମ ଥର ପାଇଁ ଆୟୋଜିତ ଏହି ଏୟାର ଶୋ' ଦେଖି ପୁରୀବାସୀ ଏବଂ ପର୍ଯ୍ୟଟକମାନେ ଅଭିଭୂତ ହୋଇପଡ଼ିଥିଲେ।

ଏହି କାର୍ଯ୍ୟକ୍ରମ ପାଇଁ ବାୟୁସେନା ସମେତ ପୁରୀ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ବ୍ଲୁ ଫ୍ଲାଗ୍ ବିଚ୍‌ରେ ହଜାର ହଜାର ଲୋକଙ୍କ ସମେତ ଛାତ୍ରୀଛାତ୍ର, ଏନ୍‌ସିସି କ୍ୟାଡେଟ୍, ସ୍କାଉଟ୍ସ ଓ ଗାଇଡ୍ସ କ୍ୟାଡେଟ୍‌ମାନେ ଜାତୀୟ ପତାକା ଧରି ବିଭିନ୍ନ ସ୍ଲୋଗାନ ଦେବା ସହ ଦେଶାତ୍ମବୋଧ ସଙ୍ଗୀତରେ ଝୁମିଉଠିଥିଲେ। ସୂର୍ଯ୍ୟକିରଣ ଟିମ୍ ତରଫରୁ ଶୋ'ର ଧାରା ବିବରଣୀ ପ୍ରଦାନ କରାଯାଇଥିଲା। ସହରର ବିଭିନ୍ନ ସରକାରୀ କୋଠା ଓ ନିଜ ନିଜ ଘରର ଛାତ ଉପରେ ଲୋକେ ଠିଆହୋଇ ସୂର୍ଯ୍ୟ କିରଣ ଶୋ'କୁ ଉପଭୋଗ କରିବା ସହ ଏହି ସ୍ମରଣୀୟ ଦୃଶ୍ୟକୁ ନିଜ ନିଜ ମୋବାଇଲ ଫୋନରେ କଏଦ କରିବାକୁ ଭୁଲି ନ ଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଦିଲୀପ କୁମାର ମହାପାତ୍ରଙ୍କ ସମେତ ବହୁ ସେବାୟତ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ତେବେ ଯଦି ପାଗ ଭଲ ରୁହେ ପୁରୀବାସୀ ରବିବାର ପୁଣି ଶୋ'କୁ ଉପଭୋଗ କରିପାରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।




# ଷଣ୍ଢକୁ ଧକ୍କା ଦେଇ ଟ୍ରେନ୍ ଲାଇନଚ୍ୟୁତ

## ହାଓଡାରୁ ଭୁବନେଶ୍ୱର ଆସୁଥିଲା ଜନଶତାବ୍ଦୀ ଏକ୍ସପ୍ରେସ୍

**ଭଦ୍ରକ ଅଫିସ, ୧୭।୯**

ଭଦ୍ରକ ଡଗରାସାହି ଲେଭଲକ୍ରସିଂଠାରେ ଶନିବାର ସନ୍ଧ୍ୟାରେ ରେଳଧାରଣାରେ ଯାଉଥିବା ଏକ ଷଣ୍ଢକୁ ଧକ୍କା ଦେଇ ଜନଶତାବ୍ଦୀ ଏକ୍ସପ୍ରେସ୍ ଲାଇନଚ୍ୟୁତ ହୋଇଛି। ଟ୍ରେନ୍‌ରେ ଚାପିହୋଇ ଷଣ୍ଢର ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଯାତ୍ରୀଙ୍କର କୌଣସି କ୍ଷତି ହୋଇନାହିଁ।

ସୂଚନା ଅନୁଯାୟୀ, ଏହି ଟ୍ରେନ୍ ହାଓଡାରୁ ଭୁବନେଶ୍ୱର ଆସୁଥିଲା। ସନ୍ଧ୍ୟା ପ୍ରାୟ ୫ଟା ୪୦ ବେଳେ ଭଦ୍ରକ ଷ୍ଟେଶନଠାରୁ ମାତ୍ର ୨ଶହ ମିଟର ଦୂର ଡଗରାସାହି ଲେଭଲକ୍ରସିଂଠାରେ ଟ୍ରେନ୍‌ଟି ଷଣ୍ଢକୁ ଧକ୍କା ଦେବାରୁ ୨ଟି ଚକ ଲାଇନଚ୍ୟୁତ ହୋଇଯାଇଥିଲା। ଫଳରେ ଉକ୍ତ ଟ୍ରାକ୍‌ରେ ସମସ୍ତ ଟ୍ରେନ୍ ଚଳାଚଳ ବନ୍ଦ ରଖାଯାଇଥିଲା। ଖବରପାଇ ଭଦ୍ରକ ରେଳଷ୍ଟେଶନର ଏଆର୍‌ଟି (ଆକ୍ସିଡେଣ୍ଟ ରିଲିଫ୍ ଟିମ୍) ପହଞ୍ଚି ୭ଟା ୧୦ ବେଳେ ଦୁଇ ଚକକୁ ଟ୍ରାକ୍‌କୁ ଆଣିଥିଲା। ୭ଟା ୪୩ରେ ଟ୍ରେନ୍ ଗଡ଼ିବା ଆରମ୍ଭ କରିଥିଲା। ଭଦ୍ରକ ଷ୍ଟେଶନରେ କିଛି ସମୟ ରହିବା ପରେ ଟ୍ରେନ୍ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବ ବୋଲି ରେଲୱେ ଷ୍ଟେଶନ ସୁପରିଣ୍ଟେଣ୍ଡେଣ୍ଟ ସୁବାସ ସାହୁ କହିଛନ୍ତି।



ଲାଇନଚ୍ୟୁତ ହୋଇଥିବା ଟ୍ରେନ୍‌ର ୨ ଚକା।




# ଆଇଟିରେ ନିବେଶ ପାଇଁ ଆମନ୍ତ୍ରଣ କଲେ ମନ୍ତ୍ରୀ

## ହାଇଦ୍ରାବାଦରେ ଡିଜିଟାଲ ଟ୍ରାନ୍ସଫର୍ମେଶନ କନ୍‌କ୍ଲେଭ୍

**ଭୁବନେଶ୍ୱର, ୧୭।୯(ବ୍ୟୁରୋ)**

ତେଲଙ୍ଗାନା ସରକାରଙ୍କ ପକ୍ଷରୁ ହାଇଦ୍ରାବାଦଠାରେ ଶନିବାର ସପ୍ତମ ଡିଜିଟାଲ ଟ୍ରାନ୍ସଫର୍ମେଶନ କନ୍‌କ୍ଲେଭ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସହ ଆଇଟି କ୍ଷେତ୍ର ସହ ଜଡ଼ିତ ୧୫ ରାଜ୍ୟର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ବେହେରା ଉପସ୍ଥିତ ପ୍ରତିନିଧିଙ୍କୁ ନୂଆ ଆଇଟି ନୀତି ଏବଂ ଆଇଟି ଇକୋସିଷ୍ଟମକୁ ବିକଶିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ମନ୍ତ୍ରୀ କହିଥିଲେ, ଓଡ଼ିଶା ଗତ କିଛିବର୍ଷ ମଧ୍ୟରେ ଆଇଟି କ୍ଷେତ୍ରର ବିକାଶ ପାଇଁ ଅନେକ ଆଖିଦୃଶିଆ ପଦକ୍ଷେପ ନେଇଛି। ରାଜ୍ୟରେ ବହୁ ଆଇଟି କମ୍ପାନୀ ପୁଞ୍ଜି ନିବେଶ କରିଥିବାବେଳେ ଆହୁରି ଅନେକ କମ୍ପାନୀ ଏଥିପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଠାରେ ବହୁ ଦକ୍ଷ ଆଇଟି ବୃତ୍ତିଧାରୀ ରହିଥିବାରୁ ଓଡ଼ିଶାରେ ଏହି କ୍ଷେତ୍ରରେ ନିବେଶ ପାଇଁ ବ୍ୟାପକ ସୁଯୋଗ ରହିଛି ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ମନ୍ତ୍ରୀ ବିଭିନ୍ନ ରାଜ୍ୟରୁ ଆସିଥିବା ଆଇଟି ଅଧିକାରୀ ଓ ପ୍ରତିନିଧିଙ୍କୁ ଭେଟିବା ସହ ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ଆମନ୍ତ୍ରଣ କରିଥିଲେ। ଏଥିପାଇଁ ଓଡ଼ିଶା ସରକାର ସବୁ ପ୍ରକାର ସହଯୋଗ କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ଓଡ଼ିଶାର ଆଇଟି କ୍ଷେତ୍ରକୁ ଅଧିକ ପ୍ରଶସ୍ତ କରିବ ବୋଲି ଆଶା କରାଯାଉଛି।



ବାହାର ଜଗତରେ ଘୂରି ବୁଲୁଥିବା ଉଡନ୍ତା ଶକ୍ତିଗୁଡିକ ହାତରେ ନିଜକୁ ଛାଡି ଦିଅନାହିଁ। କୌଣସି କାମ ପାଇଁ ତରବର ଥିଲେ ମଧ୍ୟ, କିଛି ସମୟ ପଛକୁ ହଟିଯାଅ। ଦେଖି ଆଶ୍ଚର୍ଯ୍ୟ ହେବ ଯେ ତୁମ କାମଟି କେତେ ଶୀଘ୍ର ଓ କେତେ ସାଫଲ୍ୟମଣ୍ଡିତ ହୋଇଛି। —ଶ୍ରୀମା

# ବିଶ୍ୱାସର ଅଭାବ



ଆକାର ପଟେଲ

ଦକ୍ଷିଣ ଏସିଆର ଅନ୍ୟ ଦେଶଗୁଡ଼ିକଠାରୁ ଭାରତ କୌଣସି ବାଟରେ ଭିନ୍ନ ବୋଲି ଆମେ ଭାବୁଛୁ, କିନ୍ତୁ ବାସ୍ତବତା ତାହା ନୁହେଁ। ଗୁରୁତ୍ୱପୂର୍ଣ୍ଣ ସୂଚକାଙ୍କରେ ବାଂଲାଦେଶୀ ଓ ପାକିସ୍ତାନୀଙ୍କଠାରୁ ଭାରତୀୟମାନେ ସେମିତି କିଛି ଅଲଗା ସ୍ଥିତିରେ ଥିବା ଜଣାଯାଆନ୍ତି ନାହିଁ। ଅପେକ୍ଷାକୃତ ସମାନ ଥିବା ମୁଣ୍ଡ ପିଛା ଆୟ ଏହା ସ୍ପଷ୍ଟ କରେ। ୨୦୨୧ରେ ବାଂଲାଦେଶର ମୁଣ୍ଡ ପିଛା ଆୟ ୨୫୦୩ ଡଲାର (ଆମେରିକୀୟ), ଭାରତର ୨୨୭୭ ଡଲାର ଏବଂ ପାକିସ୍ତାନର ୧୫୩୭ ଡଲାର ରହିଛି। ଏବେ ଚାଇନାର ମୁଣ୍ଡ ପିଛା ଆୟ ୧୨୫୫୬ ଡଲାର, ଦକ୍ଷିଣ କୋରିଆର ୩୪୭୫୭ ଡଲାର ଏବଂ ଜାପାନର ୩୯୨୮୫ ଡଲାର ରହିଛି। ଏହିସବୁ ଦେଶ ଆମଠାରୁ ସମ୍ପୂର୍ଣ୍ଣ ଅଲଗା ଗୋଷ୍ଠୀରେ ଥିଲାବେଳେ ଦକ୍ଷିଣ ଏସିଆରେ ଆମେ ତିନୋଟି ଦେଶ ଏକାଠି ଆଉ ଏକ ବର୍ଗରେ ରହିଯାଇଛୁ। ଏବେ ମାନବ ବିକାଶ ସୂଚକାଙ୍କକୁ ବିଚାର କରିବା। ଜାତିସଂଘ ମାନବ ବିକାଶ ସୂଚକାଙ୍କ ମାନବ ବିକାଶର ମୁଖ୍ୟ ଦିଗଗୁଡ଼ିକରେ ହାରାହାରି ସଫଳତାର ସାରାଂଶ ପ୍ରତିପାଦିତ କରେ। ଏହି ଦିଗଗୁଡ଼ିକ ହେଲା, ଏକ ଦୀର୍ଘ ଏବଂ ସୁସ୍ଥ ଜୀବନ, ଉତ୍ତମ ଶିକ୍ଷା ଲାଭର ସ୍ଥିତି ଏବଂ ସଭ୍ୟ ଜୀବନ ସ୍ତର। ସ୍ୱାସ୍ଥ୍ୟ ବିଷୟଟି ଜନ୍ମ ସମୟରେ ଲାଇଫ୍ ଏକ୍ସପେକ୍‌ଟାନ୍ସି ଦ୍ୱାରା ଶିକ୍ଷା ମାନକ ୨୫ କିମ୍ବା ଏହାଠାରୁ ଅଧିକ ବୟସର ବ୍ୟକ୍ତିମାନଙ୍କ ପାଇଁ ହାରାହାରି ସ୍କୁଲ ଶିକ୍ଷା(ସ୍କୁଲିଂ) ଆଧାରରେ ଏବଂ ସ୍କୁଲ୍ ପ୍ରବେଶ ବୟସର ପିଲାମାନଙ୍କ ପାଇଁ ସମ୍ଭାବିତ ଶିକ୍ଷାକୁ ନେଇ ଆକଳନ କରାଯାଏ। ଜୀବନର ମାନକ ମୋଟ ଜାତୀୟ ମୁଣ୍ଡ ପିଛା ଆୟ ଦ୍ୱାରା ମୂଲ୍ୟାଙ୍କନ ହୋଇଥାଏ। ୧୯୯୦ରେ, ବାଂଲାଦେଶ ଲାଇଫ୍ ଏକ୍ସପେକ୍ଟାନ୍ସି ୫୬ ବର୍ଷ ଓ ହାରାହାରି ସ୍କୁଲିଂ ୩.୩ ବର୍ଷ ଥିଲା। ଏହି କ୍ରମରେ ପାକିସ୍ତାନର ୬୦ ବର୍ଷ ଓ ୨.୩ ବର୍ଷ ଥିବାବେଳେ ଭାରତର ରହିଥିଲା ୫୮ ଓ ୨.୮ ବର୍ଷ। ୨୦୨୧ରେ ବାଂଲାଦେଶର ଲାଇଫ୍ ଏକ୍ସପେକ୍ଟାନ୍ସି ୭୨ ବର୍ଷ ଓ ସ୍କୁଲିଂ ୭.୪ ବର୍ଷ ଥିବାବେଳେ ଭାରତର ୬୭ ବର୍ଷ ଓ ୬.୭ ବର୍ଷ ଏବଂ ପାକିସ୍ତାନର ୬୬ ଓ ୪.୫ ବର୍ଷ ରହିଛି। ତୁଳନାତ୍ମକ ଭାବେ ଦେଖିଲେ ନେପାଳରେ ଲାଇଫ୍ ଏକ୍ସପେକ୍ଟାନ୍ସି ୬୮ ବର୍ଷ ଏବଂ ସ୍କୁଲିଂ ୫.୧ ବର୍ଷ ଏବଂ ଶ୍ରୀଲଙ୍କାରେ ଏହା ୭୬ ବର୍ଷ ଓ ୧୦.୮ ବର୍ଷ। ଜନ୍ମ ସମୟରେ ଲାଇଫ୍ ଏକ୍ସପେକ୍ଟାନ୍ସିର ବୈଶ୍ୱିକ ହାରାହାରି ୭୨ ବର୍ଷ ଓ ସ୍କୁଲିଂ ୮.୬ ରହିଛି। ଏଥିରୁ ବୁଝାପଡୁଛି ଯେ, ଶ୍ରୀଲଙ୍କାକୁ ବାଦ୍ ଦେଲେ ସବୁ ଦକ୍ଷିଣ ଏସୀୟ ଦେଶ ବୈଶ୍ୱିକ ହାରାହାରି ନିମ୍ନରେ ରହିଛନ୍ତି। ୧୯୯୦ରେ ଚାଇନାର ଲାଇଫ୍ ଏକ୍ସପେକ୍ଟାନ୍ସିର ୬୮ ବର୍ଷ ଓ ସ୍କୁଲିଂ ୪.୧ ଥିଲାବେଳେ ଏବେ ୭୮ ବର୍ଷ ଓ ସ୍କୁଲିଂ ୭.୬ ବର୍ଷରେ ପହଞ୍ଚିଛି। ମାନବ ବିକାଶ ସୂଚକାଙ୍କ ପାଇଁ ଚାଇନାର ହାରାହାରି ଆୟ ବିଶ୍ୱ ହାରାହାରିକୁ ଟପିଯାଇଛି। ଏହିସବୁ ବିଷୟଗୁଡ଼ିକୁ ଦେଖିଲେ ପାକିସ୍ତାନ ଓ ବାଂଲାଦେଶଠାରୁ ଭାରତ ଭିନ୍ନ ବୋଲି ଜଣାପଡ଼ିବ ନାହିଁ। ସେମାନଙ୍କ ସହ ସମାନ ବୋଲି ଯାହା ଭାବୁଛୁ ତାହା ଠିକ୍ ନୁହେଁ। କେଉଁଥିପାଇଁ ଶୀଘ୍ର ବିକାଶ କରିବାକୁ ସକ୍ଷମ ହୋଇନାହୁଁ ଏବଂ କାହିଁକି ୧୯୪୭ ପରେ ଆମ ଲୋକଙ୍କ ଲାଗି ଉତ୍ତମ ଜୀବନ ଗଢ଼ିପାରିନାହୁଁ ସେ ସମ୍ପର୍କରେ ମନ୍ଥନ କରିବାକୁ ହେବ। ବହୁସମୟରେ ବ୍ୟବସ୍ଥାରେ ସମସ୍ୟା ରହିଛି ବୋଲି ଯାହା କହୁଛୁ ତାହା ଠିକ୍ କି? ଦକ୍ଷିଣ ଏସିଆର ଇତିହାସକୁ ଅନୁଧ୍ୟାନ କଲେ ଜାଣିପାରିବା ଯେ, ୭୫ ବର୍ଷ ମଧ୍ୟରେ ବ୍ୟବସ୍ଥାର ସବୁ ସମ୍ଭାବ୍ୟ ଦିଗକୁ ପରୀକ୍ଷା କରିଥିଲେ ମଧ୍ୟ ଭାରତ ଗରିବ ହୋଇ ରହିଛି ଏବଂ ପାକିସ୍ତାନ ଓ ବାଂଲାଦେଶ ସହ ଗରିବ ଗୋଷ୍ଠୀଭୁକ୍ତ ହୋଇଯାଇଛି।

ଆମେ (ଭାରତ, ବାଂଲାଦେଶ ଓ ପାକିସ୍ତାନ) ସଂସଦୀୟ ଗଣତନ୍ତ୍ର ମଧ୍ୟ ଦେଇ ଗତିକରୁଛୁ ଯାହା ଉପରେ ଅଧିକାଂଶ ସମୟରେ ଗୋଟିଏ ପାର୍ଟିର ପ୍ରାଧାନ୍ୟ ରହିଆସିଛି (କଂଗ୍ରେସ ପରେ ୨୦୧୪ ପରଠାରୁ ଭାଜପା ଅଧୀନରେ ଭାରତ ରହିଛି)। ଆମେ ସାମରିକ ଶାସନ(ପାକିସ୍ତାନ ୧୯୬୦, ୧୯୮୦ ଓ ୨୦୦୦ ଦଶକରେ ଏବଂ ବାଂଲାଦେଶରେ ୧୯୭୦ ଓ ୧୯୮୦ ଦଶକରେ) ଏବଂ ବଂଶବାଦ ଗଣତନ୍ତ୍ର (ଗାନ୍ଧୀ, ଭୁଟ୍ଟୋ, ମୁଜିବ ହାସିନା, ଜିଆ ଖାଲିଦା)କୁ ପରଖିଛୁ। କେନ୍ଦ୍ରୀୟ ଯୋଜନା ମାଧ୍ୟମରେ ଅର୍ଥ ବ୍ୟବସ୍ଥାକୁ ସଞ୍ଚାଳନ କରିବା ଲାଗି ଚେଷ୍ଟା କରିଛୁ। ଆମେ ଆଣବିକ ଅସ୍ତ୍ର ବିକାଶ କରିଛୁ ଓ ପ୍ରତିରକ୍ଷା କ୍ଷେତ୍ରରେ ବିପୁଳ ଅର୍ଥ ବ୍ୟୟ କରୁଛୁ। ପାକିସ୍ତାନ ତା'ସରକାରୀ ବ୍ୟୟର ୧୭% ସେନାକୁ ଦେଉଥିବାବେଳେ ଭାରତ ଓ ବାଂଲାଦେଶ ଦେଉଛନ୍ତି ୯%। ଆମେ ମଜଭୁତ ଓ ଅପରାଜେୟ ହେବା ଲାଗି ଚେଷ୍ଟା କରୁଛୁ। ଆମେ ପାଶ୍ଚାତ୍ୟ ମେଣ୍ଟ (ପାକିସ୍ତାନ ୧୯୬୦ ଦଶକ)ରେ ଯୋଗଦେଇଛୁ ଓ ଗୋଷ୍ଠୀ ନିରପେକ୍ଷ ହୋଇ ରହିଛୁ। ଏସବୁ ପରେ ମଧ୍ୟ ଜାତିସଂଘର ଉପର ସୂଚିତ ସଂଖ୍ୟା ହେଉଛି ଆମ ଶେଷ ପରିଣାମ। ଆମେ ନିଶ୍ଚିତ ଭାବେ କିଛି ହରାଉଛୁ।

ବିଶ୍ୱବ୍ୟାଙ୍କ ସୂତ୍ରରୁ ଜଣାପଡ଼ିଛି ଯେ, ବାଂଲାଦେଶ, ଭାରତ ଓ ପାକିସ୍ତାନ ମଧ୍ୟରେ ଆନ୍ତଃ ଆଞ୍ଚଳିକ ବାଣିଜ୍ୟ ଦକ୍ଷିଣ ଏସିଆର ସାମଗ୍ରିକ ବାଣିଜ୍ୟର ମାତ୍ର ୫%। ତୁଳନାତ୍ମକ ଭାବେ ଦକ୍ଷିଣ ଏସିଆରେ ଆନ୍ତଃ ବାଣିଜ୍ୟ ଏହାଠାରୁ ୫ଗୁଣରୁ ଅଧିକ। ସମସ୍ୟା ହେଉଛି ଏହି ସ୍ଥିତି ଆମେ ନିଜେ ସୃଷ୍ଟି କରିଛୁ। ବିଶ୍ୱ ବ୍ୟାଙ୍କ ସୂତ୍ରରୁ ପ୍ରକାଶ ଯେ, ଏଥିରେ ସୀମାଗତ ସମସ୍ୟା ରହିଛି। ଅର୍ଥାତ୍ ଭାରତରେ ଏକ କମ୍ପାନୀ ପଡ଼ୋଶୀ ଦକ୍ଷିଣ ଏସୀୟ ଦେଶ ପରିବର୍ତ୍ତେ ବ୍ରାଜିଲ ସହ ବାଣିଜ୍ୟ କରିବା ୨୦% ଶସ୍ତା ହେଉଛି ଏବଂ ମୁଖ୍ୟ ସମସ୍ୟା ହେଉଛି, ସାରା ଦକ୍ଷିଣ ଏସିଆରେ ବିଶ୍ୱାସର ଘୋର ଅଭାବ ରହିଛି। କିନ୍ତୁ ଏହାକୁ ଦୂର କରିବା ପାଇଁ ଚେଷ୍ଟା କରିନାହୁଁ। ପରସ୍ପର ପ୍ରତି ଖୋଲା ମନୋଭାବ ପୋଷଣ କରିନାହୁଁ କି ୧୯୪୭ ପୂର୍ବରୁ ଥିବା ଅର୍ଥ ବ୍ୟବସ୍ଥାକୁ ଫେରିପାରିନାହୁଁ। ଏହା କରିପାରିବା ଆମ ପକ୍ଷେ ସମ୍ଭବ। ହେଲେ ଚାଇନା, ଜାପାନ ଏବଂ ଦକ୍ଷିଣ କୋରିଆ ଯାହା କରିଛନ୍ତି ତାହା ଆମେ ଦୋହରାଇପାରିବା କି ନାହିଁ ତାହା ମୁଁ ଜାଣିନାହିଁ। କିନ୍ତୁ ଏତିକି ଜାଣିଛି, ଆମେ ପରସ୍ପର ଉପରେ ଲଗାଇଥିବା କଟକଣା ବା କଠୋରତାକୁ ଦୂର କରି ଏହା ଆମମାନଙ୍କୁ ପୁଣି ଅଗ୍ରଗତି କରିବାକୁ ପ୍ରେରଣା ଦେବ। କଥା ହେଉଛି ଦକ୍ଷିଣ ଏସିଆର ଏହି ତିନୋଟି ଦେଶ ଗଣତନ୍ତ୍ର ହୋଇଥିଲେ ବି ଆମ ମଧ୍ୟରେ ବ୍ୟାପକ ଆଲୋଚନା ହେଉନାହିଁ। ଆମ ସ୍ଥିତି ପ୍ରତି ଆମେ କିପରି ଆଖି ବୁଜିଦେଇଛୁ ତାହା ଏଥିରୁ ସ୍ପଷ୍ଟ ହେଉଛି।

Email:aakar.patel@gmail.com

# କିମାଶ୍ଚର୍ଯ୍ୟମ୍



ସହଦେବ ସାହୁ

ଦଳର ସଦସ୍ୟ ହେଲା ମାନେ ଦଳର ଦୋଷତ୍ରୁଟି ତିଳେମାତ୍ର ବି ପଦାରେ ପକାଇବ ନାହିଁ, ଗୋଟିଏ କଥାରେ କହିଲେ ତମେ, ତୁମର ବିବେକ ଦଳ ପାଖରେ ଅର୍ଥାତ୍ ଦଳର ମୁଖିଆଙ୍କ ପାଖରେ ବନ୍ଧା ପକାଇଲ! ତୁମେ ବୋକା ହୋଇଗଲ। ଯଦି ଦଳ ସମ୍ପର୍କରେ କିଛି ବି କୁହ ତାହା ସୁପ୍ରିମୋଙ୍କ ପ୍ରଶଂସା ସୂଚାଉଥିବ। ଏଥିପାଇଁ ମୁଁ ଓଡ଼ିଶାର ଉଦାହରଣ ଦେବି ନାହିଁ, ପଡ଼ିଶା ପଶ୍ଚିମବଙ୍ଗର ଉଦାହରଣ ଦେବି। ପ୍ରସାରଭାରତୀର ମୁଖ୍ୟ ପ୍ରଶାସନିକ ଅଧିକାରୀ ପଦରୁ ଅବସର ପରେ ଶ୍ରୀ ଜବାହର ସରକାର ତୃଣମୂଳ କଂଗ୍ରେସରେ ମିଶିଲେ। ୨୦୨୧ରେ ଦୀନେଶ ତ୍ରିବେଦୀଙ୍କ ଇସ୍ତଫା ପରେ ତାଙ୍କୁ ରାଜ୍ୟ ସଭା ଏମ୍‌ପି କରାଗଲା। ପାର୍ଥସାରଥୀ ଚାଟାର୍ଜୀ ଓ ଅନୁବ୍ରତ ମଣ୍ଡଳ ଶିକ୍ଷକ ନିଯୁକ୍ତି କେଳେଙ୍କାରୀରେ ଗିରଫ ହେବା ପରେ ସେ କହିଥିଲେ, ଦଳର ଯେଉଁ ଅଂଶ ପଚିଶଢ଼ି ଆସିଲାଣି, ତାକୁ ନିକାଲି ଦଳକୁ ସଫା ନ କଲେ ୨୦୨୪ର ନିର୍ବାଚନ ଲଢ଼ିବା କଷ୍ଟକର ହେବ। ଏପରି ମନ୍ତବ୍ୟ ଉପରେ ମମତା ବାନାର୍ଜୀ କିଛି କହିନାହାନ୍ତି ସିନା ତୃଣମୂଳ କଂଗ୍ରେସର ଆଗଧାଡ଼ିର ନେତା ସୁଗତ ରାୟ ଗତ ଅଗଷ୍ଟ ୩୦ରେ ପ୍ରଥମେ ଉଚ୍ଚସ୍ୱରରେ କହିଲେ 'ଯେଉଁ ଦଳ ତୁମକୁ ଏମ୍‌ପି କଲା ତାକୁ ଅପମାନ କଲାଭଳି କଥା କହିବା ମାନେ ତୁମ ଜିଭ କାଟିଦିଆଯିବା କଥା'– ମୁଲ୍ଲାଙ୍କ ଫତ୍‌ୱା ଜାରି କଲାଭଳି। ସୁଗତଙ୍କ ବଡ଼ ପାଟି ଶୁଣି ତୃଣମୂଳ କଂଗ୍ରେସର ଅନ୍ୟମାନେ 'ଶ୍ରୀ' ନ ଲଗାଇ ଜବାହରଙ୍କୁ ଆହ୍ୱାନ ଦେଇଛନ୍ତି ଯଦି ଦଳ ତୁମକୁ ଭଲ ଲାଗୁନାହିଁ ଦଳ ଆଉ ଏମ୍‌ପି ପଦ ଛାଡ଼ିଦିଅ। ଦଳର ସଂକଟ ସମୟରେ ସ୍ୱାର୍ଥପର ଲୋକକୁ ଦଳ ଚାହେଁ ନାହିଁ ବୋଲି ଏକୁ ଆରେକ ନେତା କହିଲେଣି। ଆଉ ଜଣେ ଟିଏମ୍‌ସି ନେତା କହିଲେ, ତୁମେ ତ ବଡ଼ ସର୍ବଭାରତୀୟ ଚାକିରିରୁ ଅବସର ପାଇଲାକ୍ଷଣି ଏମ୍‌ପି ପଦ ପାଇଁ ଏ ଦଳକୁ ଆସିଲ, ବର୍ତ୍ତମାନ ଯେତେବେଳେ ଦଳରେ ସଂକଟ ଆସିଛି ମୁହଁ ବୁଲାଇଦେଉଛ!

ରୁଡ୍‌ୱାର୍ଡ କିପ୍ଲିଂ ଲେଖିଛନ୍ତି, ଜଙ୍ଗଲର ଆଇନ ହେଉଛି, ଗୋଠର ନେତା (ଆଲ୍ଫା ମେଲ୍ ବା ଫିମେଲ୍)ଙ୍କୁ ନ ମାନିଲେ ହେଟା ଯେତେ ବଳୁଆ ହେଲେ ବି ଗୋଠରୁ ତଡ଼ା ଖାଇବ, ସମସ୍ତେ ଆଲ୍ଫା ହେଟା ପାଇଁ ଓ ତା' ନିର୍ଦ୍ଦେଶରେ ଗୋଠ ପାଇଁ ଖାଦ୍ୟ ଯୋଗାଡ କରିବେ; ଗୋଠ ନିରାପତ୍ତା ପାଇଁ ଗୋଟିଏ ହେଟା ୱାର୍ନିଂ ଦେଲେ (ଭୁକିଲେ) ଅନ୍ୟ ବଳୁଆ ହେଟାମାନେ ବି ଭୁକିବେ। ରାଜନୈତିକ ଦଳଗୁଡ଼ିକରେ ଏପରି 'ଜଙ୍ଗଲ୍ ଲ' ଚାଲେ: ଦଳ–ନେତ୍ରୀ ମମତାଙ୍କୁ ଅନୁଗତ ଜଣାଇବା ପାଇଁ ତୃଣମୂଳ କଂଗ୍ରେସର ସଭ୍ୟମାନେ ନିଜର ଉଚ୍ଚାରଣ ଓ ଆଚରଣ ଠିକ୍ କରିନେଉଛନ୍ତି। ଜଙ୍ଗଲ୍ ଲ ଅନୁଯାୟୀ ଗୋଠ–ସୁପ୍ରିମୋ କାହାରିକୁ ସମକକ୍ଷ ହେବାକୁ ଦେବେ ନାହିଁ, ନିଜର ପିଲାପିଲିଙ୍କ ଭିତରୁ ଜଣକୁ ଗୋଠର ନାୟକ କରିବେ, ତେଣୁ ନେତା ହେବାର ଆଚରଣ ଦେଖାଉଥିବା ଲୋକକୁ ଗୋଠରୁ ତଡ଼ିବାକୁ ପଡ଼ିବ, ଗୋଠଛଡ଼ା ଜନ୍ତୁର ମୃତ୍ୟୁ ଯେପରି ନିଶ୍ଚିତ, ଦଳରୁ ତଡ଼ାଖାଇବା ମାନେ ରାଜନୈତିକ ମୃତ୍ୟୁ ନିଶ୍ଚିତ। 'ଜଙ୍ଗଲ ଲ' ଗ୍ରହଣ କରିଥିବା ଦଳମାନେ କିପରି ଗୋଠବାହାରର ନାଗରିକମାନଙ୍କ ବିକାଶର ଚିନ୍ତା କରିବେ? ଅପରାଧୀର ରାଜନୀତିକରଣ ତ ଦଳର ପ୍ରରୋଚନାରେ ବଢ଼ିବ, ଆଉ 'ମାନବ ସମ୍ବଳ' ବୃଦ୍ଧି କଥାଟା କେବଳ ଶବ୍ଦକୋଷରେ ଦେଖାଯିବ!




୧୯୫୧ ରିପ୍ରେଜେଣ୍ଟେଶନ ଅଫ୍ ଦି 'ପିପୁଲ୍‌ସ' ଆକ୍ଟ ନାଁ ବଦଳେଇ ରିପ୍ରେଜେଣ୍ଟେଶନ ଅଫ୍ 'ଦି ପଲିଟିକାଲ୍ ପାର୍ଟିଜ୍' ଆକ୍ଟ କହିବା କଥା! ଏବେ ଜାଣନ୍ତୁ କାହିଁକି ଟେଲିଭିଜନରେ 'ଲାଇଭ୍ ଶୋ'ରେ ଦଳର ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତି ଦଳ ଓ ଦଳର ସୁପ୍ରିମୋଙ୍କ ପ୍ରଶଂସା କରିବା ପାଇଁ ଯାହା କିଛି ଦରକାର ତାହା ହିଁ କହନ୍ତି। ଅନ୍ୟ ଦଳର ପ୍ରତିନିଧିମାନେ ଯାହା କହନ୍ତି ତହିଁରୁ କିଛି ସତ୍ୟ ମିଳେ। ରିପ୍ରେଜେଣ୍ଟେଶନ୍ ଅଫ୍ ପିପୁଲ୍‌ସ ଆକ୍ଟର ୮ମ ଧାରାରେ ଅଛି କେଉଁ କେଉଁ କାରଣରୁ ଜଣେ ପ୍ରତିନିଧି ପାଇଁ ପ୍ରାର୍ଥୀ ହେବା ଲାଗି ଅଯୋଗ୍ୟ ବିବେଚିତ ହେବେ। କିନ୍ତୁ 'ପ୍ରମାଣିତ ହୋଇନାହିଁ, କେବଳ ସନ୍ଦେହ' ବୋଲି କହି ଦଳଗୁଡ଼ିକ ବାହୁବଳୀ ଓ ଅଭ୍ୟାସଗତ ଅପରାଧୀକୁ ପ୍ରାର୍ଥୀ କରାଉଛନ୍ତି, ପ୍ରାର୍ଥୀର ଜିତିବାର ସମ୍ଭାବନା (ୱିନେବିଲିଟି) ଯାହା କୁହାଯାଏ ତାହା ଦଳର ସୁପ୍ରିମୋଙ୍କ ପ୍ରଚାରିତ ସାଧୁତା ଓ ଜନପ୍ରିୟତା! ତେଣୁ ବିଧାନସଭାରେ ବା ସଂସଦରେ ଆଇନ ତିଆରି କରିବାର କାଣ୍ଡଜ୍ଞାନ ନଥିବା ଲୋକ (ସମାଲୋଚକମାନେ କହନ୍ତି 'କାଠଗଡ଼ା' ବି) ଦଳର ସୁପ୍ରିମୋଙ୍କ ନାଁରେ ଜିତେ, ଅର୍ଥାତ୍ ସେ ଯେପରି ସରକାର ଗଢ଼ିବାକୁ ସଂଖ୍ୟାଧିକ ଆସନ ପାଇବେ: ବ୍ୟକ୍ତିର ଚରିତ୍ର ଉପରେ ନୁହେଁ ସୁପ୍ରିମୋଙ୍କ ପ୍ରଚାରିତ ସାଧୁତା ଓ ସେ ଦେଉଥିବା ଫ୍ରିବି ଉପରେ ଲୋକେ ଭୋଟ ଦେଉଛନ୍ତି – ରାଜ୍ୟର ବିକାଶ କଥା ଚିନ୍ତା କରୁଥିବା ଲୋକେ ପ୍ରାୟ ଭୋଟ ଦେଉନାହାନ୍ତି, ଅର୍ଥାତ୍ ରାଜ୍ୟର ବିକାଶ ବିଷୟରେ ତଥାକଥିତ ବୁଦ୍ଧିଜୀବୀମାନେ ଭୋଟକେନ୍ଦ୍ରକୁ ଯିବାକୁ ବି ଚାହୁଁନାହାନ୍ତି।

ଜାତୀୟ ରାଜନୈତିକ ଦଳ କଥା କହିବା ଅତିଶୟୋକ୍ତି ହେବ, ପ୍ରତି ରାଜ୍ୟରେ ଯେଉଁ ଆଞ୍ଚଳିକ ଦଳ ଗଢ଼ିଉଠିଛନ୍ତି ସେମାନେ ରାଜ୍ୟର ବିକାଶ–ବୃଦ୍ଧି ଉପରେ ଯେତେ ଚିନ୍ତିତ ନୁହନ୍ତି ତା' ଠାରୁ ବେଶି ଚିନ୍ତିତ ଦଳର ନିର୍ବାଚନ ପାଣ୍ଠି ବୃଦ୍ଧି କରିବାରେ। ନିର୍ବାଚନରେ ଜିତିବା ହିଁ ଦଳର ଏକମାତ୍ର ଲକ୍ଷ୍ୟ, ପ୍ରତି ଦଳ ଏକ କର୍ପୋରେଟ୍ ହାଉସ୍ ବା କମ୍ପାନୀ ଭଳି କାମ କରୁଛି, ଯେଉଁଠି ସୁପ୍ରିମୋ ହେଉଛନ୍ତି ମାନେଜିଂ ଡାଇରେକ୍ଟର–କମ୍–ଚେୟାର୍‌ମାନ୍। ଶାସନ କରିବା ଏକ ବିକ୍ରୟଯୋଗ୍ୟ ସାମଗ୍ରୀ। ତହିଁରୁ ଲାଭାଂଶ ହେଉଛି ପର୍ସେଣ୍ଟେଜ୍ କାରବାର – ଯେଉଁ କାମରେ ସହଜରେ ବେଶି ଲାଭ ମିଳିବ ତାହା କରିବା ମ୍ୟାନେଜିଂ ଡାଇରେକ୍ଟରର କାମ। କଣ୍ଟ୍ରାକ୍ଟ (ଠିକା)ରେ କାମ କରିନେବ ତ ଠିକାଦାରମାନଙ୍କଠାରୁ ପର୍ସେଣ୍ଟ ସଂଗ୍ରହ କରିହେବ ଏବଂ ନିଜ ଦଳର କୁହାଳିଆ ବା କୁଜି ନେତାମାନଙ୍କୁ ଲାଭଜନକ କାମ ଯୋଗାଇହେବ! ଲୋକେ ସନ୍ଦେହ କରିବେ ନାହିଁ ଯଦି ନାମୀ କର୍ପୋରେଟ୍ ହାଉସ୍‌ଗୁଡ଼ିକୁ ଠିକା ଦେବା ଏବଂ ତା' ତଳେ ପାର୍ଟି ଲୋକଙ୍କୁ ପେଟି କଣ୍ଟ୍ରାକ୍ଟର କରେଇଦେବା। ଅଫିସରଙ୍କୁ ଅନୁଗତ କରିରଖିବା ଲାଗି ସେମାନଙ୍କ ସମ୍ପର୍କୀୟମାନଙ୍କୁ ବି ଖୋରାକ ଯୋଗାଇବା। ୧୯୮୦ରୁ ୧୯୯୯(୧୯୯୦ରୁ ୧୯୯୫ ଛାଡି) ଶାସକ କଂଗ୍ରେସ ଦଳ ଲେଟର୍ ଅଫ୍ କ୍ରେଡିଟ୍ ପ୍ରଚଳନ କରି ତାହା କଣ୍ଟ୍ରାକ୍ଟରଙ୍କୁ ଦେବାବେଳେ ତା' ଠାରୁ ୧୫% ଦଳ ପାଇଁ ନେଉଥିଲେ। ଏବର ଶାସକ ଦଳ ପାଇଁ ଏ ଏକ ନଜିର। ଲୋକଙ୍କୁ ସେବା ଯୋଗାଇବା ପାଇଁ କର୍ମଚାରୀ ନିଯୁକ୍ତି କଲେ ପାର୍ଟିକୁ କିଛି ମିଳେ ନାହିଁ, ଯଦିଓ ବିଭାଗ ପରିଚାଳନାରେ ଥିବା ମନ୍ତ୍ରୀ ଓ ତାଙ୍କ ଅଧସ୍ତନମାନେ ନିଜେ ମାରିନିଅନ୍ତି। ସଡ଼କ ଓ ପୋଲ ନିର୍ମାଣ ସହ ସ୍କୁଲ, ହସ୍ପିଟାଲ ଓ ମନ୍ଦିରବେଢା ଆଦିରେ କୋଠାବାଡି ନିର୍ମାଣ କାମ ହାତକୁ ନେଲେ ସାଙ୍ଗେ ସାଙ୍ଗେ ପରସେଣ୍ଟେଜ୍ ମିଳିବ: ସେସବୁ ଏବେ ବା ଅତି ବେଶିରେ ୨୦୩୦ ସୁଦ୍ଧା ଭୁଶୁଡି ପଡ଼ିଲେ ବି କ୍ଷତି ନାହିଁ, ସେତେବେଳକୁ ଯିଏ ଶାସନକୁ ଆସିବ ସିଏ ସମ୍ଭାଳିବ।

sahadevas@yahoo.com

# ନଦୀ ମାନବ

ଇତିହାସରୁ ପଢ଼ିଛେ ବିଶ୍ୱଯୁଦ୍ଧ ଓ ମହାମାରୀ ମଣିଷ ଜାତି ପାଇଁ ଆଣିଥିଲା ବଡ଼ ବିପଦ। ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ ଜଗତ ଜୀବନକୁ କଲବଲ କରିଚାଲିଛି। ମନ୍ଥର ଗତିରେ ଯାଉଥିଲେ ହେଁ ମହାବିପତ୍ତି ଆଣିଥିବା ପଦାର୍ଥ ଏବେ ପାଲଟିଛି ପ୍ଲାଷ୍ଟିକ୍। ମାଟି କିମ୍ବା ଜଳରେ ଦ୍ରବୀଭୂତ ହୋଇପାରୁ ନ ଥିବା ଏହି ପଲିଥିନ୍‌ର କୁପରିଣାମ ବିଷୟରେ ଯେତେ ଆଲୋଚନା, କର୍ମଶାଳା ଓ ପଦକ୍ଷେପ ନେବା ଲାଗି ବହୁବିଧ ଯୋଜନା ପ୍ରସ୍ତୁତ କରାଯାଉଥିଲେ ମଧ୍ୟ ସେଭଳି ଅଗ୍ରଗତି ଦେଖାଯାଉ ନାହିଁ। ଏଭଳି ସମୟରେ ପ୍ଲାଷ୍ଟିକ୍ ଦ୍ୱାରା ହେଉଥିବା ପ୍ରଦୂଷଣକୁ ହ୍ରାସ କରିବା ଲାଗି ଯେଉଁମାନେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ସବୁ ଦିଗରୁ ସହଯୋଗ କରାଯିବା ଦରକାର। ଫ୍ରାନ୍ସ ଜନ୍ମିତ ଓ ଇଣ୍ଡୋନେସିଆରେ ବାସ କରୁଥିବା ସାମାଜିକ କର୍ମୀ ତଥା ଫିଲ୍ମ ମେକର୍ ଗାରି ବେଞ୍ଚେଘିବ୍ ଓ ତାଙ୍କ ସଙ୍ଗଠନ ପ୍ଲାଷ୍ଟିକ୍‌ମୁକ୍ତ ପରିବେଶ ଦେଖିବା ସକାଶେ କରୁଥିବା କାର୍ଯ୍ୟ ଏବେ ଅନ୍ତର୍ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରିଛି। ଚଳିତ ମାସ ପ୍ରାରମ୍ଭରେ ଘୋଷିତ ହୋଇଥିବା ରମଣ ମାଗସେସେ ସମ୍ମାନ ତାଲିକାରେ ଗାରି ସ୍ଥାନ ପାଇବା ତାଙ୍କ ବ୍ୟକ୍ତିତ୍ୱକୁ ଆହୁରି ବଳିଷ୍ଠ କରିଛି। ପ୍ଲାଷ୍ଟିକ୍ ପ୍ରଦୂଷଣ ହ୍ରାସ ଦିଗରେ ସେ ଯେଉଁ ନକ୍ସା ଆଙ୍କି ତାହାକୁ କାର୍ଯ୍ୟକାରୀ କରିବା ଲାଗି ଆଗେଇ ଚାଲିଛନ୍ତି, ତାହା ନୂଆ ମାଇଲଖୁଣ୍ଟ ସ୍ଥାପନ କରିପାରିଛି।



ବ୍ୟକ୍ତିତ୍ୱ

ଗାରି ବେଞ୍ଚେଘିବ୍

ଦୃଷ୍ଟାନ୍ତ ସୃଷ୍ଟି କଲା ଭଳି କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବୟସ କମ୍ ହୋଇଥିଲେ ଆଶ୍ଚର୍ଯ୍ୟ ହେବାର ନାହିଁ। କାରଣ ଯେକୌଣସି ବୟସରେ ଜଣେ ନୂତନ ଚିନ୍ତାଧାରାକୁ କାର୍ଯ୍ୟକାରୀ କରି ସଫଳତା ଦେଇପାରିଥାଆନ୍ତି। ଫ୍ରାନ୍ସ ଜନ୍ମିତ ଗାରିଙ୍କୁ ଯେତେବେଳେ ୯ ବର୍ଷ ବୟସ ହୋଇଥିଲା ତାଙ୍କ ପରିବାର ଇଣ୍ଡୋନେସିଆ ଚାଲିଯାଇଥିଲେ। ଏବେ ତାଙ୍କୁ ୨୭ ବର୍ଷ। ଏହି ବ୍ୟବଧାନର ବର୍ଷଗୁଡ଼ିକ ତାଙ୍କ ପାଇଁ ଆହ୍ୱାନପୂର୍ଣ୍ଣ ହୋଇଥିଲା। ପ୍ରକୃତି ପ୍ରତି ଭଲ ପାଇବା ଓ ଦୁଃସାହସିକ କାର୍ଯ୍ୟ ପାଇଁ ଝୁଙ୍କ୍ ଥିବାରୁ ସେ ସର୍ବଦା ତାହାକୁ ହାସଲ କରିବା ଦିଗରେ ଧାଇଁଥାଆନ୍ତି। ଇଣ୍ଡୋନେସିଆର ବାଲିରେ ସେ ଦ୍ରୁତ ସହରୀକରଣକୁ ଦେଖିବାକୁ ପାଇଥିଲେ। ସେହି ପ୍ରଦେଶକୁ ପର୍ଯ୍ୟଟକଙ୍କ ଅସଂଖ୍ୟ ଫୁଟ୍‌ଫଲ୍ ରାଜସ୍ୱ ବଢ଼ାଇବାରେ ସହାୟକ ହୋଇଥିଲେ ମଧ୍ୟ ପରିବେଶକୁ ବିଗାଡ଼ି ଚାଲିଥିବା ଅନୁଭବ କରିଥିଲେ। କୁହାଯାଉଛି ଚାଇନା ପରେ ଇଣ୍ଡୋନେସିଆ ବିଶ୍ୱର ଦ୍ୱିତୀୟ ରାଷ୍ଟ୍ର ଯେଉଁଠାରେ ସାମୁଦ୍ରିକ ପ୍ଲାଷ୍ଟିକ୍ ପ୍ରଦୂଷଣ ବିଭୀଷିକା ସୃଷ୍ଟି କଲାଣି। ଏହି ଦେଶ ପ୍ରତିବର୍ଷ ବିଶ୍ୱ ମହାସାଗର ବକ୍ଷକୁ ୬ ଲକ୍ଷ ଟନ୍ ପ୍ଲାଷ୍ଟିକ୍ ଫୋପାଡ଼ି ଚାଲିଛି। ଗାରି କହନ୍ତି, ପିଲାଦିନେ ସେ ବାଲିର ନିର୍ମଳ ବେଳାଭୂମି ଓ ନାରିକେଳ ଗଛର ପ୍ରାକୃତିକ ଶୋଭାରାଜିକୁ ଉପଭୋଗ କରୁଥିଲେ। କିନ୍ତୁ ତାଙ୍କ ବୟସ ବଢ଼ିବା ସହ ସେ ତଥାକଥିତ ବିକାଶ, ବୃଦ୍ଧି ପାଉଥିବା ଜନସଂଖ୍ୟା ଓ ପର୍ଯ୍ୟଟକଙ୍କ ହାଉଜାଉ ଭିତରେ ବଦଳିଯାଇଥିବା ବାଲିକୁ ଆବିଷ୍କାର କରିବା ପରେ ଭାରାକ୍ରାନ୍ତ ହୋଇପଡ଼ିଲେ। କୋଭିଡ୍ ପୂର୍ବରୁ ସେଠାରେ ୭୦ ଲକ୍ଷ ପର୍ଯ୍ୟଟକଙ୍କ ଉପସ୍ଥିତି ଯୋଗୁ ପ୍ଲାଷ୍ଟିକ୍ ବର୍ଜ୍ୟ ତଦନୁଯାୟୀ ବଢ଼ିଯାଇଥିଲା। ନଦୀଶଯ୍ୟା ଓ ସମୁଦ୍ର କୂଳଠାରୁ ଆରମ୍ଭ କରି ଶସ୍ୟ କ୍ଷେତ୍ର ପ୍ଲାଷ୍ଟିକ୍‌ମୟ ହୋଇଥିବା ସେ ଦେଖିଥିଲେ।

ପ୍ଲାଷ୍ଟିକ୍‌ଶୂନ୍ୟ ପରିବେଶ ସୃଷ୍ଟି ପାଇଁ ଗାରି ୧୪ ବର୍ଷ ବୟସରେ ଅଭିଯାନ ଆରମ୍ଭ କରିଥିଲେ। ନିଜ ସାଥୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କୁ ନେଇ ସେ ପ୍ରତି ସପ୍ତାହରେ ପ୍ଲାଷ୍ଟିକ୍ ସଫେଇରେ ଲାଗିପଡ଼ିଥିଲେ। ଏହା ପରେ ସେ ଏକ ସଙ୍ଗଠନ ଗଢ଼ିଥିଲେ ଓ ତାହାର ନାମ ଦେଇଥିଲେ 'ମେକ୍ ଏ ଚେଞ୍ଜ ୱାର୍ଲଡ'। ତାହାରି ମାଧ୍ୟମରେ ସେ ଜନସଚେତନତା ସୃଷ୍ଟି କରିବା ପରେ ଗଣମାଧ୍ୟମରେ ପ୍ରଚାର କରାଇଥିଲେ। ସକାରାତ୍ମକ ଫଳ ମିଳିବା ପରେ ସେ ଦୃଢ଼ନିଶ୍ଚିତ ହୋଇଥିଲେ ଯେ, ଏହି ସଂଗ୍ରାମରେ ବିଜୟଲାଭ କରିବେ। ସେଥିପାଇଁ ସେ କ୍ୟାମେରାକୁ ପରିବର୍ତ୍ତନର ସାଧନ ଭାବେ ଧରିଥିଲେ। ୨୦୧୩ରେ ନ୍ୟୁୟର୍କ ଯାଇ ସେଠାରେ ବର୍ଷେ ଫିଲ୍ମମେକିଂ ପାଠ ପଢ଼ିଥିଲେ। ପ୍ରୋଜେକ୍ଟ କାର୍ଯ୍ୟ କରିବାକୁ ଯାଇ ମିସିସିପି ନଦୀରେ ସେ ଓ ତାଙ୍କ କିଛି ସହପାଠୀ ଦୁଇ ଜଣ ଇଞ୍ଜିନିୟରଙ୍କ ଦ୍ୱାରା ୮୦୦ ପ୍ଲାଷ୍ଟିକ୍ ବୋତଲକୁ ନେଇ ତିଆରି କରାଯାଇଥିବା ଡଙ୍ଗାରେ ଦୁଇ ମାସ ଜଳଯାତ୍ରା କରିଥିଲେ। ସେସବୁକୁ ମଧ୍ୟ ରେକର୍ଡିଂ କରିଥିଲେ। ଏହି ନଦୀ ଅଭିଯାନର ଅଭିଜ୍ଞତାକୁ ସେ ୨୦୧୭ରେ ଇଣ୍ଡୋନେସିଆର ପଶ୍ଚିମ ଜାଭାର ସିଟାରମ୍ ନଦୀରେ ପ୍ରୟୋଗ କରିଥିଲେ। ଉଲ୍ଲେଖ କରାଯାଇପାରେ ଯେ, ଏହା ଏବେ ବିଶ୍ୱର ସବୁଠାରୁ ଦୂଷିତ ନଦୀରେ ପରିଣତ ହୋଇଯାଇଛି। ସିଟାରମ୍ ନଦୀକୁ ପ୍ଲାଷ୍ଟିକ୍ ବର୍ଜ୍ୟମୁକ୍ତ କରିବା ଲାଗି ଜନହିତରେ ସିରିଜ୍ ଭିଡିଓ ଜାରି କରିଥିଲେ, ଯେଉଁଗୁଡ଼ିକ ବୃତ୍ତଚିତ୍ର ଭାବେ ଜନସାଧାରଣଙ୍କ ନିକଟରେ ପହଞ୍ଚିପାରିଥିଲା। ଗାରିଙ୍କ ପଦକ୍ଷେପକୁ ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ ପ୍ରଶଂସା କରି ୭ ବର୍ଷିଆ ସିଟାରମ୍ ରିଭର ରିହାବିଲିଟେସନ୍ ପ୍ରୋଗ୍ରାମ୍ କରିଥିଲେ। ଗାରିଙ୍କ ଅଭିଯାନ ଅକ୍ଟୋବର ୨୦୨୦ରେ 'ସନ୍‌ଗାଇ ୱାଚ୍' ନାମରେ ଆଉ ଏକ ସଙ୍ଗଠନ ପ୍ରତିଷ୍ଠା କରାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଇଣ୍ଡୋନେସିଆ ଭାଷାରେ ସନ୍‌ଗାଇ ଅର୍ଥ ନଦୀ। ସଙ୍ଗଠନର ଅନ୍ୟତମ ସହ–ପ୍ରତିଷ୍ଠାତା, ସମ୍ପର୍କୀୟ ଓ ଅନ୍ୟାନ୍ୟ ସଙ୍ଗଠନ ମିଶି ଏବେ ଇଣ୍ଡୋନେସିଆରେ ନଦୀ ଓ ସମୁଦ୍ରକୂଳରୁ ପ୍ରାୟ ୨ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସଫା କରିବାରେ ବ୍ୟସ୍ତ। ଗୋଟେ ଆଇଡିଆ ଓ ତାହାକୁ କାର୍ଯ୍ୟକାରୀ କରିବା ଲାଗି ନିଆଯାଉଥିବା ଅଭିନବ ପଦକ୍ଷେପ କିଭଳି ପରିବର୍ତ୍ତନ ଆଣିପାରେ, ଗାରି ତାହାର ନିଖୁଣ ଚିତ୍ରବାହକ ପାଲଟିଯାଇଛନ୍ତି। ୧୭ ସେପ୍ଟେମ୍ବର ଅନ୍ତର୍ଜାତୀୟ ଉପକୂଳ ସଫେଇ ଦିବସ ଅବସରରେ ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ଦେଶର ବିଭିନ୍ନ ଉପକୂଳରେ ସଫେଇ କରାଯାଇଥିବା ଦେଖିବାକୁ ମିଳିଛି। କେବଳ ପ୍ରତୀକାତ୍ମକ ନ ହୋଇ ତାହା ବାସ୍ତବରେ ପରିଣତ ହେଲେ ଗାରିମାନଙ୍କ ସୁନ୍ଦର ପରିବେଶ ଦେଖିବାର ସ୍ୱପ୍ନ ସାକାର ହୁଅନ୍ତା।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଅନେକ ସମୟରେ ତୃଣମୂଳ ସ୍ତରରେ ଜଣଙ୍କ ଅଭିନବ ଉପାୟ ଅନେକଙ୍କ ପାଇଁ ଲାଭଦାୟକ ହୋଇଥାଏ, ଯାହା କରିଛନ୍ତି ମହାରାଷ୍ଟ୍ରର ଜଗନ ପ୍ରହ୍ଲାଦ ବଗଡ଼େ। ସେ ବନ୍ୟଜନ୍ତୁଙ୍କ ପ୍ରାଦୁର୍ଭାବରୁ ଫସଲକୁ ରକ୍ଷା କରିବା ଲାଗି କଣ୍ଟାଜାତୀୟ ଗଛରେ ଜୈବ ବାଡ଼ କରିବା ସହ ଅନ୍ୟମାନଙ୍କୁ ଏଥିଲାଗି ପ୍ରୋତ୍ସାହିତ କରୁଛନ୍ତି। ଏଣୁ ତାଙ୍କୁ ଲୋକେ 'କାକ୍‌ଟସ ମ୍ୟାନ୍' ବୋଲି କହୁଛନ୍ତି। ଏହି ବାଡ଼ ପରିବେଶ ଉପଯୋଗୀ ଏବଂ କମ୍ ଖର୍ଚ୍ଚରେ ହୋଇପାରୁଛି। ଅକୋଲା ଜିଲା ଖପାରୱାଡ଼ି ବୁଜୁକ ଗାଁରେ ୩୦ ଏକର ପରିମିତ ଫାର୍ମରେ ନାଗଫେଣୀ ବଂଶର କଣ୍ଟାଗଛରେ ୧୨ ଫୁଟର ବାଡ଼ କରିଛନ୍ତି। ଏଥିପାଇଁ ତାଙ୍କୁ ୭ ବର୍ଷ ସମୟ ଲାଗିଯାଇଛି। ଏହି ଜୈବ ବାଡ଼କୁ ଜୀବନ୍ତ ବାଡ଼ ମଧ୍ୟ କୁହାଯାଉଛି। ଉକ୍ତ ବାଡ଼ କରିବା ସମୟରେ ଲୋକେ ତାଙ୍କୁ ପାଗଳ ବୋଲି କହୁଥିଲେ। ହେଲେ ତାଙ୍କ ପଦ୍ଧତିକୁ ଏବେ ଶହ ଶହ ଚାଷୀ ଆପଣାଇଛନ୍ତି। କେବଳ ଏତିକି ନୁହେଁ, ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଚାଷୀମାନେ ତାଙ୍କ ଦ୍ୱାରା କରାଯାଇଥିବା ଜୈବ ବାଡ଼କୁ ଦେଖିବାକୁ ଆସୁଛନ୍ତି ଓ ବାଡ଼ ସମ୍ପର୍କରେ ଶିକ୍ଷା ଗ୍ରହଣ କରିବା ସହ ମାଗଣାରେ କାକ୍‌ଟସ କଟିଂ ନେଇଯାଉଛନ୍ତି। ଜୈବ ବାଡ଼ କରି ଚାଷୀମାନେ ତାରବାଡ଼ କରିବାରେ ହେଉଥିବା ଅତ୍ୟଧିକ ବ୍ୟୟରୁ ମୁକ୍ତ ହୋଇପାରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ସେପ୍ଟେମ୍ବର ୧୯୯୭

- ସରକାରୀ ସୈନ୍ୟଙ୍କୁ ପରାସ୍ତ କରି କାମ୍ବୋଡିଆର ଉତ୍ତର–ପୂର୍ବରେ ଥିବା ଦୁର୍ଗମ ଜିଲ୍ଲାକୁ ଖେମରରୁଜ୍ ଗେରିଲା ଗୋଷ୍ଠୀଙ୍କ ଦଖଲ।
- କ୍ୟାସେଟ କିଙ୍ଗ୍ ଗୁଲଶନ କୁମାର ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସଙ୍ଗୀତ ନିର୍ଦ୍ଦେଶକ ନଦୀମ ଲଣ୍ଡନରେ ଗିରଫ।
- ତାମିଲନାଡୁ ରାଜ୍ୟ ସରକାରଙ୍କ ଏକ ବସ୍ ପାମ୍ବାନ ବ୍ରିଜ ଅତିକ୍ରମ କରୁଥିବା ବେଳେ ଭାରସାମ୍ୟ ହରାଇ ସମୁଦ୍ରଗର୍ଭକୁ ଖସି ପଡ଼ିବା ଫଳରେ ୨୫ ଯାତ୍ରୀଙ୍କ ମୃତ୍ୟୁ।

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | | | 2 | |
| | | 4 | | | 5 | | | 7 |
| | 6 | 1 | 7 | | 3 | 8 | | |
| 5 | | | | 9 | | | | |
| | 2 | | | | | | 8 | |
| | | 8 | | | 4 | | 1 | 5 |
| | | | | | | 9 | | |
| 4 | | | | | | | | 1 |
| | | | | | | 6 | 7 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 7 | 3 | 4 | 2 | 5 | 8 | 1 |
| 5 | 4 | 1 | 8 | 9 | 6 | 7 | 3 | 2 |
| 2 | 8 | 3 | 5 | 1 | 7 | 9 | 4 | 6 |
| 4 | 2 | 5 | 6 | 3 | 9 | 8 | 1 | 7 |
| 1 | 9 | 8 | 4 | 7 | 5 | 2 | 6 | 3 |
| 7 | 3 | 6 | 2 | 8 | 1 | 4 | 9 | 5 |
| 8 | 1 | 2 | 7 | 6 | 4 | 3 | 5 | 9 |
| 3 | 5 | 9 | 1 | 2 | 8 | 6 | 7 | 4 |
| 6 | 7 | 4 | 9 | 5 | 3 | 1 | 2 | 8 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନିଶାମୁକ୍ତ କ୍ୟାମ୍ପସ୍ କେବେ

ମହାଶୟ,

ଆଗରୁ ଛାତ୍ରୀଛାତ୍ର ତମାଖୁ ଓ ମଦ୍ୟପାନ ପରି ନିଶା ସହ ଅଭ୍ୟସ୍ତ ହେଉଥିଲେ। ମାତ୍ର ଏବେ ଡ୍ରଗ୍ସ ମୋହରେ ବି ପଡ଼ିଲେଣି। ଏହାଦ୍ୱାରା କ୍ୟାମ୍ପସ୍‌ରେ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଏନେଇ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ସମୀକ୍ଷା ବୈଠକ କରାଯାଇ ବ୍ୟାପକ ଆଲୋଚନା ହେଉଥିଲେ ମଧ୍ୟ କିଛି ସୁଫଳ ମିଳି ପାରିନାହିଁ। ଯେଉଁଥିପାଇଁ କ୍ୟାମ୍ପସ୍‌କୁ ଡ୍ରଗ୍ସ, ତମାଖୁ ଓ ମଦ୍ୟପାନମୁକ୍ତ ସୁନିଶ୍ଚିତ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ଅଧୀନରେ ଥିବା ସରକାରୀ ଓ ଅନୁଦାନପ୍ରାପ୍ତ କଲେଜର କୌଣସି ପ୍ରଫେସର, ଅଧ୍ୟାପକ କିମ୍ବା କର୍ମଚାରୀ ଯଦି ନିଶା ସେବନ କରି କ୍ୟାମ୍ପସ୍‌କୁ ଆସନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଇନ ଅନୁଯାୟୀ କ୍ୟାମ୍ପସ ନିକଟରୁ ତମାଖୁ ଦୋକାନ ହଟାଇବା ଲାଗି ପୋଲିସ ସହାୟତାରେ ଚଢ଼ାଉ କରାଯିବ। କୋଟପା ଆଇନ–୨୦୦୩ ଅନୁଯାୟୀ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ଗାଇଡ୍‌ଲାଇନର ସଂଶୋଧନ ନିୟମକୁ କଡ଼ାକଡ଼ି ଲାଗୁ କରିବାକୁ କୁହାଯାଇଛି। ୧୫ ଦିନ କିମ୍ବା ମାସକୁ ଅତିକମ୍‌ରେ ଥରେ ସଚେତନତା କାର୍ଯ୍ୟକ୍ରମ କରିବେ। ହଷ୍ଟେଲରେ ଏଭଳି କାର୍ଯ୍ୟକ୍ରମ କରିବା ଉପରେ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି। ତେବେ ଏହା ଆରମ୍ଭ ହେବ କେବେ।

– ତ୍ରିନାଥ ଓଝା, ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆଖିମୟ ଦେହ ମମ
ଲାଗେ ମଧୁଲୀଟ ସମ
ସୁଷମାର ମଧୁପାନେ ରମଇଁ
ଅସ୍ଥିର ପାଦ ନାହିଁ ଗମଇ।

(ଶରତ–ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ମହାରାଣୀଙ୍କ କଫିନ୍ ଆଡ଼କୁ ଦୌଡ଼ି ଗିରଫ

ଲଣ୍ଡନ ୱେଷ୍ଟ ମିନିଷ୍ଟର ହଲ୍‌ରେ ବ୍ରିଟେନ ମହାରାଣୀ ଏଲିଜାବେଥ ଦ୍ୱିତୀୟଙ୍କ ଲାଇଙ୍ଗ୍-ଇନ୍-ଷ୍ଟେଟ୍ କାର୍ଯ୍ୟକ୍ରମ ଚାଲିଥିବା ସମୟରେ ଜଣେ ଯୁବକ ମହାରାଣୀଙ୍କ କଫିନ୍ ଆଡକୁ ଦୌଡ଼ି ଆସିଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଛି। ବିବିସି ଚ୍ୟାନେଲରେ ଲାଇଙ୍ଗ୍-ଇନ୍-ଷ୍ଟେଟ୍‌ର ସିଧା ପ୍ରସାରଣ ଚାଲିଥିଲା। ବ୍ରିଟେନ୍ ପବ୍ଲିକ୍ ଆକ୍ଟ ଅନ୍ତର୍ଗତ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯାଇଥିବା ମେଟ୍ରୋପଲିଟାନ ପୋଲିସ କହିଛି। ଏଲିଜାବେଥ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ୱେଷ୍ଟ ମିନିଷ୍ଟର ହଲ୍‌ରେ ହଜାର ସଂଖ୍ୟାରେ ଲୋକ ଏକତ୍ରିତ ହୋଇଥିଲେ।

## ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବିଲ୍ଡିଂରେ ପ୍ରବେଶ ଉଦ୍ୟମ: ଯୁବକ ଗିରଫ



ନୂଆଦିଲ୍ଲୀ,୧୭।୯:ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ବେଆଇନ୍ ଭାବେ ପ୍ରବେଶ ଉଦ୍ୟମ କରୁଥିବା ଯୁବକଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଛି। ଆକାଶ କୁମାର ସିହ୍ନା ନାମକ ଯୁବକ ଗୁରୁବାର ମନ୍ତ୍ରଣାଳୟର ନର୍ଥ ବ୍ଲକ୍‌ରେ ପ୍ରବେଶ ଉଦ୍ୟମ କରୁଥିବା ପୋଲିସ କହିଛି। ଆଇପିସି ଧାରା ଅନ୍ତର୍ଗତ ଯୁବକଙ୍କ ବିରୋଧରେ ପାର୍ଲାମେଣ୍ଟ ଷ୍ଟେଟ୍ ପୋଲିସ ମାମଲା ରୁଜୁ କରିଛି।

# ଆସିଲା ଜାତୀୟ ଲଜିଷ୍ଟିକ୍ସ ନୀତି | ଶସ୍ତା ହେବ ପରିବହନ

**ନୂଆଦିଲ୍ଲୀ,୧୭।୯(ପି.ଟି.)**

ପରିବହନ ସେକ୍ଟର ସମ୍ମୁଖୀନ ହେଉଥିବା ବିଭିନ୍ନ ଚ୍ୟାଲେଞ୍ଜର ମୁକାବିଲା କରିବା ସହ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଜାତୀୟ ଲଜିଷ୍ଟିକ୍ସ ନୀତି ଉନ୍ମୋଚନ କରିଛନ୍ତି। ବର୍ତ୍ତମାନ ଜିଡିପିର ୧୩ରୁ ୧୪ ପ୍ରତିଶତ ଲଜିଷ୍ଟିକ୍ସ ବାବଦରେ ଖର୍ଚ୍ଚ ହେଉଥିବାବେଳେ ଏହାକୁ ଯଥାସମ୍ଭବ ଏକ ଅଙ୍କକୁ ହ୍ରାସ କରିବା ଲକ୍ଷ୍ୟ ରଖାଯାଇଛି। କେବଳ ଖର୍ଚ୍ଚ ହ୍ରାସ ନୁହେଁ, ନୂଆ ନୀତିରେ ଯୋଗାଣ ତ୍ୱରାନ୍ୱିତ ହେବା ସହ ସମୟ ଓ ଅର୍ଥ ସଞ୍ଚୟ ହୋଇପାରିବ। ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ହେଲେ ଲଜିଷ୍ଟିକ୍ସ ଖର୍ଚ୍ଚ କମାଇବା ଜରୁରୀ ବୋଲି ମୋଦି କହିଛନ୍ତି।

ନୂଆ ଲଜିଷ୍ଟିକ୍ସ ନୀତି କାର୍ଯ୍ୟକାରୀ ହେଲେ



ଆଗାମୀ ବର୍ଷରେ ବିଭିନ୍ନ ସାମଗ୍ରୀ ଦର ୭.୫ ପ୍ରତିଶତ ହ୍ରାସ ପାଇପାରିବ ବୋଲି ଜଣେ ସରକାରୀ ଅଧିକାରୀ କହିଛନ୍ତି। ଏଥିରେ ରହିଥିବା ୟୁନିଫାଏଡ୍ ଲଜିଷ୍ଟିକ୍ସ ଇଣ୍ଟରଫେସ୍ ପ୍ଲାଟ୍‌ଫର୍ମ (ୟୁଏଲ୍‌ଆଇପି) ଏବଂ ଇଜ୍ ଅଫ୍ ଲଜିଷ୍ଟିକ୍ସ ସର୍ଭିସେସ୍ (ଇ ଲଗ୍ସ) ରପ୍ତାନିକାରୀ ଏବଂ ଶିଳ୍ପସଂସ୍ଥାଗୁଡ଼ିକର ଲଜିଷ୍ଟିକ୍ ସାମର୍ଥ୍ୟ ବଢ଼ାଇବାରେ ସହାୟକ ହେବ। ଏହାଦ୍ୱାରା ପରିବହନ ସେକ୍ଟରରେ ସମସ୍ତ ଡିଜିଟାଲ ସେବା ଗୋଟିଏ ପୋର୍ଟାଲକୁ ଆସିବ। ଫଳରେ ରପ୍ତାନିକାରୀମାନଙ୍କୁ ଦୀର୍ଘ ଓ କଷ୍ଟକର ପ୍ରକ୍ରିୟାରୁ ମୁକ୍ତି ମିଳିପାରିବ। ସେହିପରି ଶିଳ୍ପସଂସ୍ଥାଗୁଡ଼ିକ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଇ-ଲଗ୍ସ ପୋର୍ଟାଲ ଜରିଆରେ ସିଧାସଳଖ ସରକାରୀ ସଂସ୍ଥାଗୁଡ଼ିକ ସହ ଯୋଗାଯୋଗ କରିପାରିବେ।

ଲଜିଷ୍ଟିକ୍ସ ସେକ୍ଟରକୁ ଶକ୍ତିଶାଳୀ କରିବା ଲାଗି ସରକାର ପ୍ରଯୁକ୍ତିର ବ୍ୟବହାର କରୁଛନ୍ତି। ସୀମା ଶୁଳ୍କ ଏବଂ ଇ-ୱେବିଲ୍ କ୍ଷେତ୍ରରେ ଫେସ୍‌ଲେସ୍ ଆସେସ୍‌ମେଣ୍ଟ ଆରମ୍ଭ ହୋଇଥିବାବେଳେ ଲଜିଷ୍ଟିକ୍ସ କ୍ଷେତ୍ରକୁ ଫାଷ୍ଟାଗ୍ ଅଧିକ ପ୍ରଭାବୀ କରିଛି। ସେହିପରି ସରକାରଙ୍କ ଡ୍ରୋନ୍ ନୀତି ମଧ୍ୟ ଲଜିଷ୍ଟିକ୍ସ କ୍ଷେତ୍ର ପାଇଁ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ପାକ୍ ବନ୍ୟାରେ ଦେଢ଼ କୋଟି ଶିଶୁ ପ୍ରଭାବିତ

**ଇସ୍‌ଲାମାବାଦ, ୧୭।୯**

ଚଳିତ ବର୍ଷ ପାକିସ୍ତାନରେ ହୋଇଥିବା ଭୟଙ୍କର ବନ୍ୟାରେ ଅନ୍ୟୂନ ୧ କୋଟି ୬୦ ହଜାର ଶିଶୁ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୪ ଲକ୍ଷ ଜୀବନ ରକ୍ଷା ପାଇଁ ତ୍ୱରିତ ସହାୟତା ଆବଶ୍ୟକ କରୁଛନ୍ତି ବୋଲି ଜାତିସଂଘର ଶିଶୁଙ୍କ ଲାଗି ଅନ୍ତର୍ଜାତୀୟ ଜରୁରୀ ପାଣ୍ଠି (ୟୁନିସେଫ୍) ପ୍ରତିନିଧି ଅବଦୁଲ୍ଲା ଫଦିଲ୍ କହିଛନ୍ତି। ନିକଟରେ ଫଦିଲ୍ ପାକିସ୍ତାନର ବନ୍ୟା ପ୍ରଭାବିତ ସିନ୍ଧ ପ୍ରଦେଶ ଗସ୍ତ କରିଥିଲେ। ବିପର୍ଯ୍ୟୟରେ ଅତିକମ୍‌ରେ ୫୨୮ ଶିଶୁ ପ୍ରାଣ ହରାଇଥିବା ସେ କହିଛନ୍ତି। ପିଲାମାନେ ଖୋଲାସ୍ଥାନରେ ପରିବାର ସହ ରହୁଛନ୍ତି। ସେମାନଙ୍କ ପାଖରେ ଖାଦ୍ୟପାନୀୟ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧ ନାହିଁ। ବିଶ୍ୱ ସମୁଦାୟ ବଡ଼ ଧରଣର ସହାୟତା ନ ଯୋଗାଇଲେ ବହୁସଂଖ୍ୟାରେ ଶିଶୁ ପ୍ରାଣ ହରାଇପାରନ୍ତି ବୋଲି ସେ ଆଶଙ୍କା ବ୍ୟକ୍ତ କରିଛନ୍ତି।


## ODISHA PUBLIC SERVICE COMMISSION

### ADVERTISEMENT NO.09 OF 2022-23

**Recruitment to the post of Assistant Director of Handicrafts in Class-II (Group-B) of Odisha Handicrafts Service under Handlooms, Textiles & Handicrafts Department.**

WEBSITE - http://opsc.gov.in

**No. D-165:-** Online applications are invited from the prospective candidates through the proforma application to be made available on the Website (https://www.opsc.gov.in). The link for Registration and submission of online application shall be available from **27.09.2022 to 26.10.2022** for recruitment to 03 (Three) nos. of posts of Assistant Director of Handicrafts in Class-II (Group-B) of Odisha Handicrafts Service under Handlooms, Textiles & Handicrafts Department in the pay scale of Rs.44,900/- to Rs.1,42,400/- in Level-10 of the Pay Matrix under ORSP Rules, 2017 with usual Dearness and other Allowances as may be sanctioned by the Government of Odisha from time to time. The posts are temporary but likely to continue.

**2. VACANCY POSITION:** As per requisition filed by the Handlooms, Textiles & Handicrafts Department, Government of Odisha, the vacancy position along with reservation thereof is given below:

| Sl. No. | Category | No. of Vacancies |
|---|---|---|
| 1. | Unreserved | 02 |
| 2. | SEBC | 01 |
| | **Total** | **03** |

**3. DUTIES:** The officer will be looking after promotion and development of Handicraft activities in the State.

**4. AGE:** A candidate must have attained the age of 21 (twenty one) years and must not be above the age of 38 (thirty eight) years of age as on the 1st day of January 2022 i.e. he/she must have been born not earlier than 2nd January, 1984 and not later than 1st January, 2001.

**5. EDUCATIONAL QUALIFICATION:** A candidate must have possessed Graduate Degree in any discipline from a recognised University.

**6. EXAMINATION FEE:** The examination fee for all the categories of candidates has been exempted as per GA & PG Department Notification No.9897/Gen., dt.11.04.2022.

The candidates are advised to visit the Website of the Commission at **http://opsc.gov.in** for detailed information for applying to the above post.

**DATE: 17.09.2022**

**SECRETARY**
**ODISHA PUBLIC SERVICE COMMISSION**
**CUTTACK**

OIPR-12002/11/0161/2223


# କିର୍ଗିଜସ୍ତାନ-ତାଜିକିସ୍ତାନ ସଂଘର୍ଷ

## ୨୪ ନିହତ

**ବିଶ୍‌କେକ୍, ୧୭।୯**

ଆର୍ମେନିଆ ଓ ଆଜରବୈଜାନ ସୀମାରେ ସଦ୍ୟ ରକ୍ତାକ୍ତ ସଂଘର୍ଷ ଯୋଗୁ ୨ ଶହରୁ ଅଧିକ ସୈନ୍ୟ ନିହତ ହୋଇଥିବାବେଳେ ଏବେ ସୋଭିଏଟ୍ ସଂଘରୁ ଅଲଗା ହୋଇଥିବା ଆଉ ଦୁଇ ଦେଶ ମୁହାଁମୁହିଁ ହୋଇଛନ୍ତି। କିର୍ଗିଜସ୍ତାନ ଓ ପଡ଼ୋଶୀ କେନ୍ଦ୍ରୀୟ ଏସୀୟ ଦେଶ ତାଜିକିସ୍ତାନ ସୀମାରେ ଶୁକ୍ରବାର ସଂଘର୍ଷ



ହୋଇଛି। ଏଥିରେ କିର୍ଗିଜିସ୍ତାନର ୨୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୨୧ ଜଣ ଆହତ ହୋଇଥିବା ଏହାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେମାନଙ୍କ ମଧ୍ୟରେ କେତେଜଣ ସୈନ୍ୟ ରହିଛନ୍ତି ତାହା ଜଣାପଡ଼ିନାହିଁ। ୧ ଲକ୍ଷ ୩୬ ହଜାର ଲୋକଙ୍କୁ କିର୍ଗିଜସ୍ତାନ ସୀମା ନିକଟରୁ ସ୍ଥାନାନ୍ତର କରାଯାଇଛି। ଅସ୍ତ୍ରବିରତି ଉଲ୍ଲଘଂନ ପାଇଁ ଦୁଇ ଦେଶ ପରସ୍ପର ଉପରେ ଦୋଷାରୋପ କରିଛନ୍ତି। ବୁଝାମଣା ନିମନ୍ତେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହୋଇଛି।

ସୋଭିଏଟ୍ ସଂଘ ଭାଙ୍ଗିବା ପରେ ସ୍ୱାଧୀନ ହୋଇଥିବା ୧୫ ଦେଶ ମଧ୍ୟରୁ ଅଧିକାଂଶରେ ସୀମା ବିବାଦ ରହିଛି। ନିକଟରେ ସଶସ୍ତ୍ର ଲଢ଼େଇ ହୋଇଥିବା ଆର୍ମେନିଆ ଓ ଆଜରବୈଜାନ ମଧ୍ୟରେ ଯୁଦ୍ଧବିରତି ହେବା ଆଶା କରାଯାଉଥିବାବେଳେ ସୀମା ବିବାଦକୁ କେନ୍ଦ୍ର କରି କିର୍ଗିଜସ୍ତାନ ଏବଂ ତାଜିକିସ୍ତାନ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଯାଇଛି। ଦେଶ ଅଲଗା ହୋଇଥିଲେ ହେଁ ବିଭିନ୍ନ ସ୍ଥାନରେ କୌଣସି ସମ୍ପ୍ରଦାୟର ଲୋକଙ୍କ ବସବାସକୁ ନେଇ ଅନେକ ସମୟରେ ବିବାଦ ଦେଖାଦେଉଛି। ତାଜିକ ପ୍ରଥମେ ଟ୍ୟାଙ୍କ ଏବଂ ସଶସ୍ତ୍ର ସୈନ୍ୟଙ୍କ ବଳରେ କିର୍ଗିଜ୍‌ର ଗ୍ରାମରେ ପ୍ରବେଶ କରିଥିବା କିର୍ଗିଜ୍‌ସ୍ତାନ ଅଭିଯୋଗ କରିଛନ୍ତି। ଏପରିକି ତାଜିକିସ୍ତାନ କିର୍ଗିଜ୍ ସହରରେ ଥିବା ବିମାନବନ୍ଦର ଏବଂ ଆଖପାଖ ଅଞ୍ଚଳକୁ ଟାର୍ଗେଟ କରାଯାଇଛି। ସେହିପରି ତାଜିକିସ୍ତାନ ମଧ୍ୟ ପାଲଟା ଅଭିଯୋଗ ଆଣିଛି। କିର୍ଗିଜସ୍ତାନ ପ୍ରଥମେ ଏକ ଆଉଟପୋଷ୍ଟ ଉପରେ ସେଲ୍‌ମାଡ଼ କରିବା ସହ ଗ୍ରାମଗୁଡ଼ିକୁ ଟାର୍ଗେଟ କରିଥିବା ତାଜିକିସ୍ତାନ କହିଛି।

# ହାଇଦ୍ରାବାଦ ମୁକ୍ତି ଦିବସ: କେସିଆର, ଶାହା ମୁହାଁମୁହିଁ

**ହାଇଦ୍ରାବାଦ,୧୭।୯**

ହାଇଦ୍ରାବାଦ ମୁକ୍ତି ଦିବସ ପାଳନ ଅବସରରେ ଶନିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ପରସ୍ପରକୁ କଡ଼ା ସମାଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ କେସିଆର୍ ଏହାକୁ 'ତେଲଙ୍ଗାନା



କେ. ଚନ୍ଦ୍ରଶେଖର ରାଓ



ଅମିତ୍ ଶାହା

ଜାତୀୟ ସଂହତି ଦିବସ' ଭାବେ ପାଳନ କରିଥିବାବେଳେ ଏହାର ଅଳ୍ପ କିଲୋମିଟର ଦୂରରେ ଶାହା ଏହାକୁ ହାଇଦ୍ରାବାଦ ମୁକ୍ତି ଦିବସ ଭାବେ ପାଳନ କରିଥିଲେ। ଶାହା ବିଭାଜନ ରାଜନୀତି କରିବାକୁ ହାଇଦ୍ରାବାଦ ଆସିଥିବା କେସିଆର୍ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଭୋଟବ୍ୟାଙ୍କ ରାଜନୀତି ପାଇଁ ହାଇଦ୍ରାବାଦ ମୁକ୍ତି ଦିବସ ଆଜି ପର୍ଯ୍ୟନ୍ତ ସରକାରୀ ଭାବେ ପାଳନ ହେଉ ନ ଥିଲା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି।

୧୯୪୮ ସେପ୍ଟେମ୍ବରରେ ନିଜାମ ଶାସନରୁ ମୁକ୍ତ ହୋଇ ହାଇଦ୍ରାବାଦ ଭାରତୀୟ ୟୁନିୟନରେ ସାମିଲ ହୋଇଥିଲା। ସେଥିପାଇଁ ଶନିବାର ହାଇଦ୍ରାବାଦ ମୁକ୍ତି ଦିବସ ପାଳନ କରାଯାଉଛି। ଶୁକ୍ରବାରଠାରୁ ଏହାକୁ ୩ ଦିନିଆ ଉତ୍ସବ ଭାବେ କେସିଆର୍ ପାଳନ କରୁଥିବାବେଳେ ଏଥିପାଇଁ ଆୟୋଜିତ ର୍‍ୟାଲିରେ ଛାତ୍ରୀଛାତ୍ର, ମହିଳା ଓ ଯୁବବର୍ଗ ସାମିଲ ହୋଇଥିଲେ। ନାମପାଲ୍ଲି ପବ୍ଲିକ୍ ଗାର୍ଡେନରେ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସବୁ ଜିଲା ସଦର ମହକୁମାରେ ରାଜ୍ୟର ମନ୍ତ୍ରୀମାନେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟପକ୍ଷରେ ଶାହା ଶନିବାର ଦିନ ତମାମ ହାଇଦ୍ରାବାଦ ମୁକ୍ତି ଦିବସରେ ସାମିଲ ହୋଇ ଦେଶର ପ୍ରଥମ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ହାଇଦ୍ରାବାଦରେ ତ୍ରିରଙ୍ଗା ଉଡ଼ାଇଥିଲେ।

## କିଙ୍ଗ୍ ଚାର୍ଲସ୍‌ଙ୍କୁ କଲମ ଗିଫ୍ଟ କଲେ ଫ୍ୟାନ୍

ଲଣ୍ଡନ, ୧୭।୯: ବ୍ରିଟେନ୍‌ର କାର୍ଡିଫ୍‌ରେ କିଙ୍ଗ୍ ଚାର୍ଲସ୍ ୩ୟଙ୍କୁ ଜଣେ ଫ୍ୟାନ୍ କଲମ ଉପହାର ଦେଇଛନ୍ତି। ପ୍ରଶଂସକଙ୍କ କଲମ ନେବା ସମୟରେ ଚାର୍ଲସ୍ କିଛି ବୁଝିପାରି ନ ଥିଲେ ହେଁ ପରବର୍ତ୍ତୀ ସମୟରେ ସେ କଲମଟିକୁ ସଆଦରେ ଗ୍ରହଣ କରି ହସିଥିଲେ। ନର୍ଦନ୍ ଆୟରଲାଣ୍ଡରେ ଏକ ସିଗ୍‌ନେଚର ସମାରୋହରେ କଲମରୁ କାଳି ନିଗିଡ଼ି ରାଜାଙ୍କ ହାତସାରା ହୋଇଯାଇଥିଲା। ଏହାପରେ ହିଲ୍ସବୋରଫରେ ଜଣେ ଭିଜିଟରଙ୍କ ବହିରେ ହସ୍ତଖତ କରିବା ସମୟରେ କଲମରୁ କାଳି ବାହାରି ଯାଇଥିଲା। ଏଥିରେ ଚାର୍ଲସ୍ ଚିଡ଼ିଯାଇ ହେ, ଗଡବାନ ମୁଁ ଏହାକୁ ଘୃଣା କରେ ବୋଲି କହିଥିଲେ।

## କେଦାରନାଥ ମନ୍ଦିର କାନ୍ଥରେ ସ୍ୱର୍ଣ୍ଣ ଚାଦରକୁ ବିରୋଧ



**ଡେରାଡୁନ୍, ୧୭।୯:** ବିଶ୍ୱ ପ୍ରସିଦ୍ଧ ଶୈବପୀଠ କେଦାରନାଥ ମନ୍ଦିର ଗର୍ଭଗୃହ କାନ୍ଥରେ ଲାଗିବାକୁ ଥିବା ସୁନା ପ୍ରଲେପକୁ ପୂଜକମାନେ ବିରୋଧ କରିଛନ୍ତି। ଏହାଦ୍ୱାରା ମନ୍ଦିର କାନ୍ଥରେ ଥିବା ପାରମ୍ପରିକ କୀର୍ତ୍ତିରାଜି ନଷ୍ଟ ହୋଇଯିବ ବୋଲି ସେମାନେ କହିଛନ୍ତି। ମହାରାଷ୍ଟ୍ରର ଜଣେ ଶିବ ଭକ୍ତ କେଦାରନାଥ ମନ୍ଦିରର ଗର୍ଭଗୃହ କାନ୍ଥରେ ସୁନା ଚାଦର ବିଛାଇବାକୁ ମାନସିକ କରିଥିଲେ। ବ୍ୟକ୍ତି ଜଣକ ବଦ୍ରିନାଥ-କେଦାରନାଥ ମନ୍ଦିର ସମିତିରେ ନିଜ ପ୍ରସ୍ତାବ ରଖିଥିଲେ। ସମିତି କର୍ମକର୍ତ୍ତା ଏଥିରେ ରାଜି ହେବା ପରେ ଏ ନେଇ ରାଜ୍ୟ ସରକାରଙ୍କଠାରୁ ଅନୁମତି ଲୋଡ଼ିଥିଲେ। ରାଜ୍ୟ ସରକାର ଏଥିରେ ରାଜି ହେବା ପରେ ମନ୍ଦିର ସମିତି ସଦସ୍ୟ ଗର୍ଭଗୃହ କାନ୍ଥରେ ସୁନା ଚାଦର ବିଛାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ଏ ନେଇ ବ୍ୟବହାର ହେଉଥିବା ଭାରି ଡ୍ରିଲିଂ ମେଶିନ୍ ଦ୍ୱାରା ମନ୍ଦିରର ପାରମ୍ପରିକ କାରୁକାର୍ଯ୍ୟ ନଷ୍ଟ ହେବା କହି କେତେଜଣ ମନ୍ଦିର ପୂଜକ ପ୍ରତିବାଦ ଆରମ୍ଭ କରିଛନ୍ତି। ଏ ନେଇ ବଦ୍ରିନାଥ-କେଦାରନାଥ ମନ୍ଦିର କମିଟି ସଭାପତି ଅଜେନ୍ଦ୍ର ଅଜୟ କହିଛନ୍ତି ଯେ, ମନ୍ଦିର ଗର୍ଭଗୃହ କାନ୍ଥରେ ଲାଗିଥିବା ରୁପା ଚାଦରକୁ କାଢ଼ି ସେହି ସ୍ଥାନରେ ସୁନା ଚାଦର ଲଗାଯାଉଥିବାବେଳେ ଏଥିରେ ମନ୍ଦିର କାରୁକାର୍ଯ୍ୟ ନଷ୍ଟ ହେଉନାହିଁ। ସମୟ ଅନୁସାରେ ଉନ୍ନତୀକରଣ ସାଙ୍ଗକୁ ମନ୍ଦିର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି।

## 'ପୁଟିନ୍ ନିଜକୁ ଏକଘରକିଆ କରୁଛନ୍ତି'

ୱାଶିଂଟନ୍,୧୭।୯: ଉଜ୍‌ବେକିସ୍ତାନରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ)ର ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଆଲୋଚନା କଲାବେଳେ 'ଏବେ ଯୁଦ୍ଧର ସମୟ ନୁହେଁ' ବୋଲି କହିବା ପରେ ଅନ୍ତର୍ଜାତୀୟ ସ୍ତରରେ ଏହା ଚର୍ଚ୍ଚାର ବିଷୟ ହୋଇଛି। ଏହାକୁ କେନ୍ଦ୍ର କରି ଆମେରିକା ପୁଟିନ୍‌ଙ୍କୁ ଟାର୍ଗେଟ କରିଛି। ୟୁକ୍ରେନ୍ ଆକ୍ରମଣକୁ ନେଇ ପୂର୍ବରୁ ଚାଇନା ଏବଂ ପରେ ଭାରତର ଆଭିମୁଖ୍ୟକୁ ନେଇ ହ୍ୱାଇଟ୍‌ହାଉସ୍‌ରେ ଜାତୀୟ ସୁରକ୍ଷା ପରିଷଦ ପାଇଁ ଷ୍ଟ୍ରାଟେଜିକ୍ କମ୍ୟୁନିକେଶନ କୋଅର୍ଡିନେଟର ଜନ୍ କିର୍ବି ପ୍ରତିକ୍ରିୟା ରଖିଛନ୍ତି। ଜନ୍ କହିଛନ୍ତି, ୟୁକ୍ରେନ୍ ଉପରେ ଆକ୍ରମଣ କରି ପୁଟିନ୍ ନିଜକୁ ଏକଘରକିଆ କରିବାରେ ଲାଗିଛନ୍ତି। ଅନ୍ୟପକ୍ଷରେ ମୋଦି ଅନ୍ତର୍ଜାତୀୟ ମଞ୍ଚରେ ପୁଟିନ୍‌ଙ୍କୁ ଏପରି କହିବାକୁ ଆମେରିକା ମିଡିଆରେ ପ୍ରଶଂସା କରାଯାଇଛି। ୟୁକ୍ରେନ୍ ଯୁଦ୍ଧ ପ୍ରସଙ୍ଗରେ ମୋଦି ପୁଟିନ୍‌ଙ୍କୁ ଭର୍ତ୍ସନା କରିଛନ୍ତି ବୋଲି 'ୱାଶିଂଟନ୍ ପୋଷ୍ଟ'ରେ ରିପୋର୍ଟ ପ୍ରକାଶ ପାଇଛି।


## The Odisha Small Industries Corporation Ltd.

(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1869 OSIC GST No. 21AAACO2101M1Z1

### TENDER CALL NOTICE

**Tender Notice No.4037/RE/OSIC** **Dt.14.09.2022**

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of the work "**Providing services for conducting MSME Connect in the State preferably launching from 10th- 15th October 2022" The detailed of works i.e.** 1) Development of a software application for the entrepreneurs to register themselves by providing required information for the awareness programme. Further, provisions relating to maintenance of list of participants, uploading of remarks/photographs,etc at RIC/DIC and generation of reports for viewing purpose may also be enabled. 2) Development of background & content design for the Advertisement(Bilingual),hoardings,standee,backdrops,banner,invitation letter. 3) Development of background design for brochures, leaflets, etc. to be distributed among the participants and its related printing works. 4) Preparation of captions, logos, quotes to be used while launching of the programme. 5) Preparation of launching video/film (02 minutes) envisaging the theme & purpose of the programme". Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website **www.osicltd.in** only.

Sd/-
**GENERAL MANAGER(O)**

OIPR-14073/11/0090/2223



## OFFICE OF THE SUPERINTENDING ENGINEER RWSS DIVISION, RAIRANGPUR INVITATION FOR BIDS

**E-mail- eerwss_rai@nic.in, eerwss.rai@gmail.com**

**e-PROCUREMENT NOTICE**

IDENTIFICATION No.28 RWSS/RRPUR-2022-23/ Dated 15.09.2022

No.O-1002:- The Superintending Engineer, RWSS Division, Rairangpur on behalf of Governor of Odisha, invites percentage rate bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade / class registered with Central Govt. / Railways.

| | | | |
|---|---|---|---|
| 1 | Nature of work | : | a) Execution of clubbed up of PWS schemes to different villages of Bahalda & Jamda Block under RWS&S Division, Rairangpur in the District of Mayurbhanj. |
| 2 | No. of packages | : | 03 (Three) Nos. |
| 3 | Period of completion | : | 11 (Eleven) months |
| 4 | Cost of tender | : | Rs.10000.00 |
| 5 | Estimated cost | : | Rs.225.40 lakhs to Rs.406.18 lakhs |
| 6 | Class of contractor | : | (As mentioned in Tender Call Notice) |
| 7 | Date and time of availability of bid documents in portal | : | From 10 hours of 22.09.2022 to 17.00 hours of 10.10.2022 |
| 8 | Receipt of bid cost, bid security, documents | : | Online only |
| 9 | Date & time of opening of technical bid | : | Dt.11.10.2022 at 11.00 hours onwards |
| 10 | Other documents | : | (As mentioned in DTCN) |
| 11 | The bidders have to participate in online bidding only. Further details can be seen from the website https://www.tendersodisha.gov.in | | |
| 12 | Any addendum / Corrigendum / Cancellation of tender can also be seen in the said website. | | |

**Sd./- Superintending Engineer, RWSS Division, Rairangpur**

OIPR-25010/11/0029/2223



DSPL-178

**GOVERNMENT OF ODISHA**
**HOME (ELECTIONS) DEPARTMENT**
***

## ଭୋଟରଙ୍କ ଅବଗତି ନିମନ୍ତେ ସୂଚନା

- ଏତଦ୍ୱାରା ଜଣାଇଦିଆଯାଉଅଛି ଯେ ଭାରତ ନିର୍ବାଚନ ଆୟୋଗ ଭୋଟର ପରିଚୟ ପତ୍ରକୁ ଆଧାର ସହିତ ସଂଯୋଗ କରିବା ପାଇଁ ସୁବିଧା କରିଛନ୍ତି । ଏହା ଏକ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତିରେ ସହାୟକ ହେବ ।
- ଅଦ୍ୟ ତାରିଖ **୧୩.୦୯.୨୦୨୨** ସୁଦ୍ଧା ଓଡିଶାର **୩.୨୫ କୋଟି** ଭୋଟରଙ୍କ ମଧ୍ୟରୁ **୨.୨୦ କୋଟି** ଭୋଟର ଭୋଟ ପରିଚୟ ପତ୍ରକୁ ଆଧାର ସହିତ ସଂଯୋଗ କରି ସାରିଛନ୍ତି ।
- ବଳକା ସମସ୍ତ ଭୋଟରଙ୍କୁ ନିବେଦନ କରାଯାଉଅଛି ସେମାନେ ମଧ୍ୟ ନିଜ ଭୋଟ ପରିଚୟ ପତ୍ରକୁ ଆଧାର ସହିତ ସଂଯୋଗ କରନ୍ତୁ ।
- ଏହା ଆପଣ ଘରେ ବସି ମୋବାଇଲ୍ ମାଧ୍ୟମରେ **Google Play Store** ରୁ **Voter Helpline App** ଡାଉନଲୋଡ କରି **Form – 6B** ରେ ଆବେଦନ କରିପାରିବେ କିମ୍ବା **www.nvsp.in portal** ରେ ମଧ୍ୟ **Form – 6B** ପୂରଣ କରି ଆବେଦନ କରିପାରିବେ ।
- କିମ୍ବା ଆପଣଙ୍କ ବୁଥସ୍ତରୀୟ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ Form – 6B ପୂରଣ କରି ଉକ୍ତ ବୁଥସ୍ତରୀୟ ଅଧିକାରୀଙ୍କ ପାଖରେ ଦାଖଲ କରିପାରିବେ, ଯିଏ ଆପଣଙ୍କ ଭୋଟର ପରିଚୟ ପତ୍ରକୁ ଆଧାର ସହିତ ସଂଯୋଗ କରିଦେବେ।
- ***ବୁଥସ୍ତରୀୟ ଅଧିକାରୀ ଆପଣଙ୍କୁ ଯୋଗାଯୋଗ କରିବା ସମୟରେ ତାଙ୍କୁ ସହଯୋଗ କରିବା ନିମନ୍ତେ ବିଶେଷ ଅନୁରୋଧ ।***
- ଅଧିକ ଜାଣିବା ପାଇଁ **ଟୋଲ ଫ୍ରି ନମ୍ବର ୧୯୫୦** କୁ କଲ୍ କରନ୍ତୁ ।

ଗଣତନ୍ତ୍ରର ଏହି ମହାନ୍ କାର୍ଯ୍ୟରେ ସାମିଲ ହେବା ପାଇଁ ଆପଣଙ୍କୁ ଧନ୍ୟବାଦ ।

ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା

OIPR-12113/13/0005/2223

# ଦେବଶିଳ୍ପୀଙ୍କୁ ଆରାଧନା

## ପୁରୀ


ବଡ଼ଦାଣ୍ଡସ୍ଥିତ ବିଶ୍ୱକର୍ମା ଟ୍ୟାକ୍ସି କର୍ମଚାରୀ ସଂଘ।


ପୂର୍ବତଟ ରେଳପଥ ସିନିୟର ସେକ୍ସନ ଇଞ୍ଜିନିୟର (ୱାର୍କ୍ସ) ସଙ୍ଗଠନ।


ପୁରୀ ବସଷ୍ଟାଣ୍ଡସ୍ଥିତ ନୀଳାଚଳ ଅଟୋ ଡ୍ରାଇଭର ଆସୋସିଏସନ।

## ଖୋର୍ଦ୍ଧା


ଖୋର୍ଦ୍ଧା ପୁରୁଣା ବସଷ୍ଟାଣ୍ଡ।


ନୂଆ ବସଷ୍ଟାଣ୍ଡ।


ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ।


ନିରାକାରପୁର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ।

## ଭୁବନେଶ୍ୱର


ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ରେଳଡବା ମରାମତି କାରଖାନାଠାରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା।


ଲିଙ୍ଗରାଜ ମିନି ଟ୍ରକ ମାଲିକ ସଂଘ।


ଜୟଦେବ ବିହାର ବିଶ୍ୱକର୍ମା ମନ୍ଦିର।


ୟୁନିଟ୍-୯ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ।


ଧଉଳି ଚାରୁକଳା ମହାବିଦ୍ୟାଳୟ।

## କଟକ


ସାଲେପୁର ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ।


ଖପୁରିଆସ୍ଥିତ ସରକାରୀ ପ୍ରେସ।


କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ ଜଳ ଯୋଗାଣ ଅନୁଖଣ୍ଡ କାର୍ଯ୍ୟାଳୟ।


ଲିଙ୍କରୋଡସ୍ଥିତ କଟକ ଘରୋଇ ବସ୍ ମାଲିକ ସଂଘ।


'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟଠାରେ ବିଶ୍ୱକର୍ମା ପୂଜା।


ଝାରପଡ଼ା ମହାଦେବନଗର।


ରସୁଲଗଡ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**



- ଧରିତ୍ରୀର 'ଅତୁଟ ବନ୍ଧନ' ରାଖୀ ବାର୍ତ୍ତା ପ୍ରତିଯୋଗିତା ପୁରସ୍କାର ବିତରଣ ଉତ୍ସବ-୨୦୨୨, ଦି ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା, ମାଷ୍ଟରକ୍ୟାଣ୍ଟିନ, ଅପରାହ୍ନ ୧ଟା।
- ଆୟୁଷ୍ମାନ ଫାଉଣ୍ଡେଶନ ପକ୍ଷରୁ ମେଗା ଆୱାରନେସ କ୍ୟାମ୍ପେନ୍, ଖଣ୍ଡଗିରି, ସକାଳ ୭ଟା।
- ବିନତସ୍ୱ ମଲ୍ଲିକ ବାର୍ଷିକ ମେମୋରିଆଲ ଲେକ୍ଚର, ମିରା ପଓ୍ୱର, ପ୍ଲଟ ନଂ. ୩୩୧/୧୯୦୫, ପୂର୍ବାହ୍ନ ୧୦ଟା।
- ମୂର୍ଚ୍ଛନାର ସଙ୍ଗୀତ ପ୍ରତିଯୋଗିତା, ସୂଚନାଭବନ, ପୂର୍ବାହ୍ନ ୧୦ଟା।
- ସୁଧାକର ମହାନ୍ତିଙ୍କ ଗଳ୍ପ ସଂକଳନ ଶେଷ ସନ୍ନ୍ୟାସୀ ଲୋକାର୍ପଣ ଉତ୍ସବ, ଭାରତୀୟ ବିଦ୍ୟା ଭବନ, ପୂର୍ବାହ୍ନ ୧୦ଟା ୩୦।
- ନାରାୟଣ ସାହୁଙ୍କ ସ୍ମୃତିକଥା ଅମଡା ପଥର ଯାତ୍ରୀ ଉନ୍ମୋଚନ, ସ୍ନାତକୋତ୍ତର ପରିଷଦ ପ୍ରେକ୍ଷାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।
- ବୟନିକା ପକ୍ଷରୁ ୧୯ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା-୨୦୨୨, ଏକାମ୍ର ହାଟ ଓ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୧ଟା ୩୦।
- ନିଖିଳ ଓଡିଶା ୬୬୨ ବେସରକାରୀ ଅଧାପକ କର୍ମଚାରୀ ସଂଘ ପକ୍ଷରୁ ରାଲି, ଲୋୟର ପିଏମ୍‌ଜି, ମଧ୍ୟାହ୍ନ ୧୨ଟା ୩୦।
- ବୀଣାପାଣି ନାଟ୍ୟ ସଂସ୍ଥା ପକ୍ଷରୁ ଦେଶ ପ୍ରେମ ଦୀପ ଜାଳ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଲେଖକ ସାମ୍ମୁଖ୍ୟ, ଓଡିଶାର ମାସିକ ସାହିତ୍ୟ ଆସର, ରାଜଧାନୀ କଳା ସଂସଦ ସଭାଗୃହ, ସନ୍ଧ୍ୟା ୬ଟା।

**କଟକ**

- ଅଭିନବ ବିଡ଼ାନାସୀ ୱାକର୍ସ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ବୈଠକ, ସିଡିଏ ସେକ୍ଟର-୭ ପରିବା ମାର୍କେଟ, ସକାଳ ୬ଟା ୩୦।
- ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ପକ୍ଷରୁ ବିଶ୍ୱ ଭ୍ରାତୃତ୍ୱ ଦିବସ, କଲେଜ ଛକ ସରସ୍ୱତୀ ଶିଶୁମନ୍ଦିର ପରିସର, ପୂର୍ବାହ୍ନ ୧୦ଟା।
- ଶବ୍ଦ ସୁରଭି ପତ୍ରିକାର ଉନ୍ମୋଚନ ଉତ୍ସବ, ପ୍ରମିଳା ମଣ୍ଡପ, ମଧୁପାଟଣା, ମଧ୍ୟାହ୍ନ୧୨ଟା ୩୦।
- ବସୁଧୈବ କୁଟୁମ୍ବକମ୍ ମିଶନ ପକ୍ଷରୁ ୭୭ତମ ଅଧିବେଶନ, ଦି ଲିଙ୍କ ଆଇ ଆଣ୍ଡ ରିସର୍ଚ୍ଚ ସେଣ୍ଟର, ଲିଙ୍କରୋଡ, ଅପରାହ୍ନ ୪ଟା ୩୦।
- ସ୍ୱର୍ଗତ ଗଗନ ରାଜ୍ ଓ ଭୀମସେନ ମହାନ୍ତି ସ୍ମାରକୀ ବକ୍ସ ବ୍ରେ ପ୍ରତିଯୋଗିତା-୨୦୨୨, ଝାଞ୍ଜିରୀ ମଙ୍ଗଳା, ସନ୍ଧ୍ୟା ୬ଟା।

**ତିରିଡ଼ିଆ**

- ବିଜୁ ପରିବାର ପକ୍ଷରୁ ଜୀବନ ବିନ୍ଦୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଅଚଳକୋଟ ହାଇସ୍କୁଲ, ପୂର୍ବାହ୍ନ ୯ଟା।





ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଉଦୟ ଉମେଶ ଲଳିତ, ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ସହ ଅନ୍ୟ ଅତିଥିବୃନ୍ଦ।

# 'ଆଇନ ବିଦ୍ୟାର୍ଥୀ ସମାଜର ଆଲୋକବର୍ତ୍ତିକା'

## ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହ

### ୪ଙ୍କୁ ଡକ୍ଟରେଟ୍, ୨୨ ଜଣଙ୍କୁ ସ୍ୱର୍ଣ୍ଣ ପଦକ

କଟକ ଅଫିସ,୧୭।୯

ଆଇନ ପେସା ଲୋକଙ୍କ ଅଧିକାର ଓ ସ୍ୱାଧୀନତା ଅକ୍ଷୁଣ୍ଣ ରଖିବା ସହ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଶିଖାଇଥାଏ। ଆଇନ ସେବା ଏକ ସମ୍ଭ୍ରାନ୍ତ ବୃତ୍ତି ବୋଲି ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଉଦୟ ଉମେଶ ଲଳିତ କହିଛନ୍ତି। କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ଶନିବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଧାନ ବିଚାରପତି ଲଳିତ ଯୋଗଦେଇ କହିଥିଲେ, ସାମ୍ବିଧାନିକ ବିଧିବ୍ୟବସ୍ଥାର ପ୍ରତିଷ୍ଠାତାଙ୍କ ସମେତ ବହୁ ସ୍ୱାଧୀନତା ସଂଗ୍ରାମୀ ଏହି ଆଇନ ପେସାରୁ ଆସିଥିଲେ। ବିଶ୍ୱବିଦ୍ୟାଳୟର ଡିଗ୍ରୀଧାରୀ ବିଦ୍ୟାର୍ଥୀମାନେ ସମାଜର ଆଲୋକବର୍ତ୍ତିକା ସଦୃଶ। ସମାଜ ସେମାନଙ୍କୁ ଦେଖି ଅନୁପ୍ରାଣିତ ହେବ। ଓକିଲାତିକୁ ପେସା କରୁଥିବା ବ୍ୟକ୍ତି ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବା ଦରକାର ବୋଲି ଲଳିତ କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁପ୍ରିମକୋର୍ଟ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ କହିଥିଲେ, ବିଦ୍ୟାର୍ଥୀମାନେ କେବଳ ଆଇନ ଜାଣିଲେ ହେବ ନାହିଁ, ବରଂ ଆଇନ ବିଷୟରେ ଚିନ୍ତା କରିବା ଉଚିତ। ଆଇନ ଆମ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଆଇନ ଛାତ୍ରୀଛାତ୍ରମାନେ ପ୍ରଥମେ ଜଣେ ଭଲ ମଣିଷ ହୁଅନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ। ସୁପ୍ରିମକୋର୍ଟ ବିଚାରପତି ଏମ୍. ଆର୍. ଶାହା ଉତ୍ସବରେ ଅଧକ୍ଷତା କରି କହିଥିଲେ, ଛାତ୍ରୀଛାତ୍ରମାନେ ଜ୍ଞାନ ଆହରଣ କରି ରାଷ୍ଟ୍ର ଗଠନରେ ସାମିଲ ହୁଅନ୍ତୁ। ବିଫଳତାକୁ ସଫଳତାର ଏକ ମାଇଲଖୁଣ୍ଟ ଭାବେ ବିବେଚନା କରିବାକୁ ସେ କହିଥିଲେ। ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କୃତୀ ଛାତ୍ରୀଛାତ୍ରମାନଙ୍କୁ ଡିଗ୍ରୀ ପ୍ରଦାନ କରିବା ସହ ଆଇନ ସେବା କ୍ଷେତ୍ରରେ ସଫଳ ମଣିଷ ହେବାକୁ କହିଥିଲେ। କୁଳପତି ପ୍ରଫେସର ବେଦ କୁମାରୀ ବିବରଣୀ ପାଠ କରିଥିଲେ।



ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

ଏହି ଅବସରରେ ୨୨୧ ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏଥିରେ ନିଧି ଚୌହାନ, ବିଚାରପତି ସଞ୍ଜୀବ ପାଣିଗ୍ରାହୀ, ପଲ୍ଲବ ଦାସ ଓ ରାମକୃଷ୍ଣ ଦାସ(ଅନୁପସ୍ଥିତ)ଙ୍କୁ ଡକ୍ଟରେଟ, ଏଲ୍ଏଲ୍ଏମ୍‌ର ୩୮, ଅଣ୍ଡର ଗ୍ରାଜୁଏଟ୍‌ର ବିଏ ଏଲ୍ଏଲ୍‌ବିର ୧୧୩ ଓ ବିବିଏ ଏଲ୍ଏଲ୍‌ବିର ୫୯ ଜଣଙ୍କୁ ମିଶାଇ ୧୭୨ ଜଣ ଅଛନ୍ତି। ମୋଟ୍ ୨୨ ଜଣଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଯୋଗେଶ ପ୍ରତାପ ସିଂଙ୍କ ସମେତ ହାଇକୋର୍ଟ ବିଚାରପତି, ବରିଷ୍ଠ ଆଇନଜୀବୀ ଓ ବିଚାର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ସସ୍ମିତା



@ ରୋଜାଲିନ୍



@ ଶ୍ରୀକୃଷ୍ଣ



@ ଫିରୋଜୁଦ୍ଦିନ୍



@ ଅଂଶିକା



@ ମଦନ



ରାଜ୍ୟ ସଂଗ୍ରହାଳୟରେ ଶନିବାର ଆରମ୍ଭ ହୋଇଥିବା 'ଗାନ୍ଧିଜୀ ଓ ତିନି ମାଙ୍କଡ଼' ଶୀର୍ଷକ କଣ୍ଢେଇ ପ୍ରଦର୍ଶନୀକୁ ସ୍କୁଲ ପିଲାମାନେ ବୁଲି ଦେଖୁଛନ୍ତି।

# ଗୁରାଣ୍ଡି ଶାବକ ଜନ୍ମ

**ବାରଙ୍ଗ,୧୭।୯(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୩୭ସି ଏନକ୍ଲୋଜରରେ ଥିବା ଗୁରାଣ୍ଡି ଏକ ଶାବକ ଜନ୍ମ ଦେଇଛି। ମା ଓ ଛୁଆ ଉଭୟ ସୁସ୍ଥ ଥିବାବେଳେ ଠିକ୍ ଭାବେ ବିଚରଣ କରୁଥିବା ଦାୟିତ୍ୱରେ ଥିବା କର୍ମଚାରୀ କହିଛନ୍ତି। ଛୁଆ ଜନ୍ମ ପରେ ଗୁରାଣ୍ଡି ନନ୍ଦନକାନନରେ ସଂଖ୍ୟା ବୃଦ୍ଧିପାଇ ୩୦ରେ ପହଞ୍ଚିଛି। ଏମାନେ ମୁଖ୍ୟତ ଜଙ୍ଗଲିଆ ଅଞ୍ଚଳ ବିଶେଷ ଭାବେ ଦକ୍ଷିଣ ଭାରତ ଓ ଶ୍ରୀଲଙ୍କାରେ ଦେଖାଦିଅନ୍ତି। ଶରୀରର ଉଚ୍ଚତା ୨୫ରୁ ୩୦ସେମି। ଘାସ, ପତ୍ର, ଫଳ ଓ ବିଭିନ୍ନ ପ୍ରକାରର ପନିପରିବା ଖାଆନ୍ତି ଓ କ୍ଷୀର ପିଅନ୍ତି। ବର୍ଷାଦିନ ଓ ଶୀତର ଆରମ୍ଭ ଦିନରେ ଏମାନେ ଥରକେ ଗୋଟିଏରୁ ଦୁଇଟି ଛୁଆ ଜନ୍ମ ଦେଇଥାନ୍ତି।

# ଅନ୍ତେବାସୀଙ୍କ ସହ ଜନ୍ମଦିନ ପାଳିଲେ ଅଭିନେତା ଆକାଶ

**ଭୁବନେଶ୍ୱର,୧୭।୯(ବ୍ୟୁରୋ):** 'ମୋ କଲେଜ' ଅଧକ୍ଷ, ଉଡ୍ର ଚାରିଟେବଲ ଟ୍ରଷ୍ଟର ଉପଦେଷ୍ଟା ତଥା ଅଭିନେତା ଆକାଶ ଦାସନାୟକ ବରମୁଣ୍ଡା ସୌଭାଗ୍ୟନଗର(୨)ସ୍ଥିତ ଜେରିଆଟ୍ରିକ୍ ସେଣ୍ଟରରେ ଅନ୍ତେବାସୀଙ୍କ ସହ କେକ୍ କାଟି ୪୧ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରରେ ଭୂମିକା ଚକ୍ଷୁ ଚିକିତ୍ସାଳୟର ଅଭିଜ୍ଞ ଡାକ୍ତରମାନେ ଅନ୍ତେବାସୀଙ୍କ ଚକ୍ଷୁ ପରୀକ୍ଷା କରି ଆବଶ୍ୟକ ଉପକରଣ ଓ ଔଷଧ ଯୋଗାଇ ଦେଇଥିଲେ। ସେଣ୍ଟରର ଅନ୍ତେବାସୀ ଆକାଶଙ୍କୁ ଜନ୍ମଦିନ ଶୁଭେଚ୍ଛା ଓ ଶୁଭକାମନା ଜଣାଇ ଦୀର୍ଘ ଜୀବନ କାମନା କରିଥିଲେ। ଭୂମିକା ଚକ୍ଷୁ ଚିକିତ୍ସାଳୟର ଡାକ୍ତର ଓ ଟ୍ରଷ୍ଟର ସମ୍ପାଦିକା ଶୁଭ୍ରାଜ୍ୟୋତି ଦାସନାୟକ, ଶୁଭଶ୍ରୀ ମଙ୍ଗରାଜ, ବୈଷ୍ଣବ ଚରଣ ଭୋଳ, ଜୟଶ୍ରୀ ଧଳ, ଦେବୀ ପ୍ରସାଦ ମଙ୍ଗରାଜ, ଜୋଷିକା ବୋଷ, ପବନ ପାତ୍ରୋ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ସଂଗ୍ରହାଳୟରେ 'ଗାନ୍ଧିଜୀ ଓ ତିନି ମାଙ୍କଡ଼'

## ୧୫ ଦିନ ଧରି ଚାଲିବ କଣ୍ଢେଇ ପ୍ରଦର୍ଶନୀ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଶନିବାର ରାଜ୍ୟ ସଂଗ୍ରହାଳୟରେ ଆରମ୍ଭ ହୋଇଛି କଣ୍ଢେଇ ପ୍ରଦର୍ଶନୀ। 'ଗାନ୍ଧିଜୀ ଓ ତିନି ମାଙ୍କଡ଼' ଶୀର୍ଷକ ଏହି ପ୍ରଦର୍ଶନୀରେ ୪ହଜାର କଣ୍ଢେଇ ସ୍ଥାନ ପାଇଛି, ଯେଉଁଥିରେ ଭରି ରହିଛି ଅନେକ ସାମାଜିକ ବାର୍ତ୍ତା। ଛୋଟ ବଡ଼ ଭଳିକି ଭଳି କଣ୍ଢେଇ ସହ ବିଭିନ୍ନ ପଶୁ ପକ୍ଷୀ, ଆଦିବାସୀ ମଣିଷ, ପ୍ଲାଷ୍ଟିକ ଖେଳନା, ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି, ଦେବଦେବୀଙ୍କୁ କଣ୍ଢେଇ ବେଶରେ ଦେଖି ଛାତ୍ରୀଛାତ୍ର ଓ ଦର୍ଶକଙ୍କ ମନ ଲାଖି ଯାଉଛି। ସୁରେଶ ବଳବନ୍ତରାୟ ଫାଉଣ୍ଡେଶନ ପକ୍ଷରୁ ଆରମ୍ଭ ହୋଇଥିବା କଣ୍ଢେଇ ପ୍ରଦର୍ଶନୀ ୧୫ ଦିନ ଧରି ଚାଲିବ। ପରବର୍ତ୍ତୀ ସମୟରେ ଏସବୁ କଣ୍ଢେଇକୁ ସଂଗ୍ରହାଳୟରେ ଆରମ୍ଭ ହେବାକୁ ଥିବା କଣ୍ଢେଇ ଗ୍ୟାଲେରିରେ ସ୍ଥାନିତ କରାଯିବ ବୋଲି ସଂଗ୍ରହାଳୟର ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ପ୍ରକାଶ କରିଛନ୍ତି। ଓଡ଼ିଶାର ସଂସ୍କୃତି, ଐତିହ୍ୟ ଓ ପାରମ୍ପରିକ ବିଭବଗୁଡ଼ିକ ଉପରେ ଛାତ୍ରୀଛାତ୍ରଙ୍କୁ ଅଧିକ ସଚେତନ କରିବା ସହିତ ସଂଗ୍ରହାଳୟ ସହ ଯୋଡ଼ିବା ଲାଗି ଏପରି କାର୍ଯ୍ୟକ୍ରମ ବେଶ୍ ସହାୟକ ହେବ ବୋଲି ଡ. ମଲ୍ଲ କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ, ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ସାହିତ୍ୟିକ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ, ଫାଉଣ୍ଡେଶନ ସଭାପତି ଡ. ହରେକୃଷ୍ଣ ପାତ୍ର, ଟ୍ରଷ୍ଟି ପ୍ରଫୁଲ୍ଲ ଚନ୍ଦ୍ର ଧୀର, ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଅଜିତ କୁମାର ଦାସ, ଫାଉଣ୍ଡେଶନ ସଦସ୍ୟ ସୂର୍ଯ୍ୟ ମିଶ୍ର, ଡ. ଦେବାଶିଷ ମହାପାତ୍ର, ପବିତ୍ର ପ୍ରଧାନ, ସୁଧୀର ମଉଡ଼ମଣି ଓ ଅଧ୍ୟାପିକା ଡ. ଅନ୍ୟା ଅନୁରୂପା ପ୍ରମୁଖ ଉପସ୍ଥିତ ଥିଲେ। ଅନିନ୍ଦିତା ଦାସ ଗାନ୍ଧିଜୀଙ୍କ ପ୍ରିୟ ଭଜନ 'ବୈଷ୍ଣବ ଜନ ତୋ' ଗାନ କରିଥିଲେ। ଭାରତୀ ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଶୃଙ୍ଖଳିତ ଭାବେ ଧାଡ଼ିବାନ୍ଧି ପ୍ରଦର୍ଶନୀ ବୁଲି ଦେଖିଥିଲେ।



# ଗଳାକାଟି ପଥରରେ ଛେଚି ବନ୍ଧୁଙ୍କୁ ହତ୍ୟା

- ଅଭିଯୁକ୍ତ ଗିରଫ, ଏକଠି ମଦ ପିଇଥିଲେ
- ପୋଖରୀ ନିକଟରୁ ମୃତଦେହ ଜବତ

ଖୋର୍ଦ୍ଧା ଅଫିସ/ଜଟଣୀ, ୧୭।୯(ଡି.ଏନ୍.ଏ.)

ଜଟଣୀରେ ବୀଭତ୍ସ ହତ୍ୟା। ସାମାନ୍ୟ ବଚସାରୁ ବନ୍ଧୁ ନେଇଗଲା ବନ୍ଧୁର ଜୀବନ। ମଦନିଶାରେ ଏକ ଧାରୁଆ ବ୍ଲେଡ୍‌ରେ ଯୁବକଙ୍କ ଗଳା କାଟି ପଥରରେ ଛେଚି ହତ୍ୟା କରାଯାଇଛି। ମୃତକ ହେଲେ ଜଟଣୀ ଥାନା ଅଧୀନ ଗଜପତି ନଗର ଅଞ୍ଚଳର ଜି. ଈଶ୍ୱର ରାଓ(୩୮)। ଗତ ୩ ଦିନ ଧରି ସେ ନିଖୋଜ ଥିବା ବେଳେ ଶନିବାର ପୋଲିସ ସ୍ଥାନୀୟ ମିଲ୍ ପୋଖରୀ ନିକଟରୁ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ହତ୍ୟାରେ ବ୍ୟବହୃତ ବ୍ଲେଡ୍ ଓ ପଥର ପୋଲିସ ଜବତ କରିଛି। ଏ ନେଇ ଥାନାରେ ଏକ ହତ୍ୟା ମାମଲା (ନଂ.୩୩୬/୨୨)ରୁଜୁ ହୋଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ବକ୍ସିସ ସିଂ ମେହେର(୩୫)ଙ୍କୁ ଗିରଫ କରିବା ସହ ଘଟଣାସ୍ଥଳକୁ ନେଇ ଘଟଣାର ସରଜମିନ ତଦନ୍ତ କରିଛି। ତେବେ ବକ୍ସିସ କାହିଁକି ଈଶ୍ୱରଙ୍କୁ ହତ୍ୟା କଲେ, ତାହାର ତଦନ୍ତ ଜାରି ରହିଛି ବୋଲି ଏସିପି ରଜତ ରାୟ କହିଛନ୍ତି।

ପୋଲିସ ସୂଚନା ମୁତାବକ, ଈଶ୍ୱର ଜଟଣୀ ସୀତାରାମ ଛକରେ ଏକ ସେଲୁନ କରିଥିଲେ। ରାଜସ୍ଥାନରୁ ଆସି ରାମଚନ୍ଦ୍ରପୁର ପୋଷ୍ଟାଲ କଲୋନୀରେ ରହୁଥିବା ବକ୍ସିସ ତାଙ୍କ ସେଲୁନକୁ ଚୁଟି କାଟିବାକୁ ଯାଆନ୍ତି। ଏହି ସମୟରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ବଢ଼ିଥିଲା। ଉଭୟ ମିଳିମିଶି ବୁଲାବୁଲି ମଧ କରୁଥିଲେ। ଗତ ୧୪ ତାରିଖରେ ଉଭୟ ଜଟଣୀ ମିଲ୍ ପୋଖରୀ ପାଖରେ ବସି ମଦ୍ୟପାନ କରୁଥିଲେ। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇ ହାତାହାତି ହୋଇଥିଲେ। ପରେ ବକ୍ସିସ ଏକ ଧାରୁଆ ବ୍ଲେଡ୍‌ରେ ଈଶ୍ୱରଙ୍କ ବେକକୁ କାଟିଦେବା ସହିତ ତାଙ୍କ ମୁଣ୍ଡ ଉପରେ ଏକ ପଥର ଛେଚି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅନ୍ୟପଟେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଈଶ୍ୱର ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି ପରେ ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ବକ୍ସିସ ସୀତାରାମ ଛକରେ ବୁଲୁଥିବା ବେଳେ ପୋଲିସ ତାଙ୍କୁ ସନ୍ଦେହରେ ଧରିଆଣି ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ପଚରାଉଚରା ବେଳେ ସେ ହତ୍ୟାକାଣ୍ଡକୁ ସ୍ୱୀକାର କରିଥିଲେ।



ଅଭିନେତା ଆକାଶ ଦାସନାୟକ ଶନିବାର ବରମୁଣ୍ଡା ସୌଭାଗ୍ୟନଗର(୨)ସ୍ଥିତ ଜେରିଆଟ୍ରିକ୍ ସେଣ୍ଟରରେ ଅନ୍ତେବାସୀଙ୍କ ସହ କେକ୍ କାଟି ୪୧ତମ ଜନ୍ମଦିନ ପାଳନ କରୁଛନ୍ତି।



କଟକ ଦେୱାନ ବଜାର ଷୋଳପୁଅ ମା' ପୂଜା କମିଟି ପକ୍ଷରୁ ଷୋଳପୁଅ ମା' ଘଟ ପାଇଁ ସୁନା ଓ ଚାନ୍ଦି ଅଳଙ୍କାରକୁ ଶନିବାର ସିଏମ୍‌ସି ମେୟର ସୁବାସ ସିଂ ଓ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ ଉଦ୍‌ଘାଟନ କରୁଛନ୍ତି।





ଭୁବନେଶ୍ୱରସ୍ଥିତ ତେରାପନ୍ଥ ଭବନରେ ଶନିବାର ତେରାପନ୍ଥ ଯୁବକ ପରିଷଦ ପକ୍ଷରୁ ଅନୁଷ୍ଠିତ ମେଗା ରକ୍ତଦାନ ଶିବିର।

**ଜିଲା ପରିଷଦ ସଭ୍ୟଙ୍କୁ ମରଣାନ୍ତକ ଆକ୍ରମଣ**

ବୁଗୁଡ଼ା,୧୭।୯(ଡି.ଏନ.ଏ.): ଗଞ୍ଜାମ ଜିଲା ବୁଗୁଡ଼ା ବ୍ଲକ ୪୨ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଗଙ୍ଗାପାଣି ଜେନାଙ୍କୁ ଶନିବାର ଦୁଇ ଅଚିହ୍ନା ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଛନ୍ତି। ବିଜେଡିର ଜିଲା ପରିଷଦ ସଦସ୍ୟ ଗଙ୍ଗାପାଣି ସନ୍ଧ୍ୟାରେ ବୁଗୁଡ଼ା ବ୍ଲକ ଅଫିସରୁ ତାଳସାକର ଯାଉଥିବାବେଳେ ରାତି ପ୍ରାୟ ୮ଟାରେ ବୁରୁଝୋଳା ଛକ ନିକଟରେ ଦୁର୍ବୃତ୍ତମାନେ ଠେଙ୍ଗାରେ ଆକ୍ରମଣ କରି ଫେରାର୍ ହୋଇଯାଇଥିଲେ। ଗଙ୍ଗାଧରଙ୍କ ଚିତ୍କାର ଶୁଣି କେତେଜଣ ଲୋକ ପହଞ୍ଚି ତାଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଆଣିଥିଲେ। ପରେ ବ୍ରହ୍ମପୁର ବଡ଼ ଡାକ୍ତର ଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପୋଲିସ ମେଡିକାଲରେ ପହଞ୍ଚିବା ସହ ଘଟଣାର ତଦନ୍ତ ଚଳାଇଛି।

# ମିଛ କହି ଅଡୁଆରେ ପୋଲିସ

**ବଲାଙ୍ଗୀର ଅଫିସ, ୧୭।୯**

କଣ୍ଟାବାଞ୍ଜି ସହରର ଅନ୍ନପୂର୍ଣ୍ଣା ଲଜ୍‌ରେ ଗୁରୁବାର ପୋଲିସ ଚଢ଼ାଉ କରି ୫୮ ଲକ୍ଷ ଟଙ୍କା ଜବତ ସହ ୭ ଜଣ ରାଜ୍ୟ ବାହାର ବ୍ୟକ୍ତିଙ୍କୁ ଗିରଫ କରିବା ଘଟଣା ବଲାଙ୍ଗୀର ପୋଲିସକୁ ପ୍ରଶଂସା ଆଣିଦେବା ପରିବର୍ତ୍ତେ ଅଡୁଆରେ ପକାଇଛି। ଏହି ଘଟଣାରେ ପୋଲିସ ମିଛ କହିଥିବା ଚର୍ଚ୍ଚା ହେବା ପରେ ଏସ୍‌ପି ନୀତିନ କୁଶଲକର ତଦନ୍ତ କରିବାକୁ ଆଡିଶନାଲ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ଏବେ ଜିଲାରେ ହଇଚଇ ସୃଷ୍ଟି କରିଛି।

ଗୁରୁବାର ରାତିରେ କଣ୍ଟାବାଞ୍ଜି ଥାନା ପୋଲିସ ଟିମ୍ ଅନ୍ନପୂର୍ଣ୍ଣା ଲଜ୍‌ରେ ଚଢ଼ାଉ କରିଥିଲା। ସେଠାରେ ଜୁଆଖେଳ ଚାଲିଥିବା ଏବଂ ଘଟଣାସ୍ଥଳରୁ ୫୮ ଲକ୍ଷ ୫୬ ହଜାର ଟଙ୍କା ଜବତ ସହ ୭ ଜଣଙ୍କୁ ଗିରଫ କରାଯାଇଥିବା କଣ୍ଟାବାଞ୍ଜି ଏସ୍‌ଡିପିଓ ହୃଷୀକେଶ ମେହେର ଶୁକ୍ରବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ନୂଆଁଖାଇ ପରେ କଣ୍ଟାବାଞ୍ଜି ଅଞ୍ଚଳରେ ସାଧାରଣତଃ ଦାଦନ ଋତୁ ଆରମ୍ଭ ହୋଇଯାଏ। ରାଜ୍ୟ ବାହାରର ଇଟାଭାଟି ମାଲିକ ଶ୍ରମିକ ନେବା ପାଇଁ ଏଠାକୁ ଆସିଥାନ୍ତି। ତେବେ ଗିରଫ ଦର୍ଶାଯାଇଥିବା ୭ ବ୍ୟକ୍ତି ରାଜ୍ୟ ବାହାରର ବୋଲି ଜଣାପଡ଼ିବା ପରେ ସନ୍ଦେହ ଘନୀଭୂତ ହୋଇଥିଲା। ଲଜ୍‌ରେ ଜୁଆ ଖେଳୁଥିବାବେଳେ ସେମାନଙ୍କଠାରୁ ୪ ପ୍ୟାକେଟ୍ ତାସ୍, ୫୮ ଲକ୍ଷ ଟଙ୍କା ଏବଂ ୭ଟି ମୋବାଇଲ ଫୋନ୍ ଜବତ ହୋଇଥିବା ଏସ୍‌ଡିପିଓ ମେହେର କହିଥିଲେ। ପୋଲିସର ଏଭଳି ବୟାନ ଜୁଆଖେଳର ରୂପ ଦେଇ ଇଟାଭାଟି ମାଲିକଙ୍କୁ ଖସାଇବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ଚର୍ଚ୍ଚାର ବିଷୟ ହୋଇଥିଲା। ଏହାସହିତ ଢେର୍ ଅଧିକ ଟଙ୍କା ଜବତ କରିଥିବା ସତ୍ତ୍ୱେ ପୋଲିସ ମାତ୍ର ୫୮ ଲକ୍ଷ ଦର୍ଶାଇଥିବା ପ୍ରଚାର ହୋଇଥିଲା। ଏହାପରେ ଏସ୍‌ପି ନୀତିନ କୁଶଲକର ଘଟଣାର ତଦନ୍ତ କରିବାକୁ ବଲାଙ୍ଗୀର ଆଡିଶନାଲ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜବତ ଟଙ୍କା ପୁଣିଥରେ ଗଣିବାରୁ ତାହା ୫୮ ଲକ୍ଷ ପରିବର୍ତ୍ତେ ଢେର୍ ଅଧିକ ବୋଲି ଚର୍ଚ୍ଚା ହୋଇଥିଲା। ଏନେଇ ଏସ୍‌ପି କୁଶଲକରଙ୍କୁ ପଚାରିବାରୁ ପୂର୍ବରୁ ଯେତିକି ଟଙ୍କା ଜବତ ହୋଇଛି ବୋଲି କୁହାଯାଉଥିଲା ସେଥିରେ କିଛି ବ୍ୟତିକ୍ରମ ରହିଥିବା କହିଥିଲେ। କେତେ ଅଧିକ ଟଙ୍କା ଜବତ ହୋଇଛି ତାହା ସ୍ପଷ୍ଟ କରି ନ ଥିଲେ ମଧ୍ୟ ଦର୍ଶାଯାଇଥିବା ୫୮ ଲକ୍ଷରୁ ଅଧିକ ଦିଗକୁ ଇଙ୍ଗିତ କରିଥିଲେ। ପ୍ରକୃତରେ ଉକ୍ତ ଲଜ୍‌ରେ ସେଦିନ ରାତିରେ ଅଭିଯୁକ୍ତମାନେ ଜୁଆ ଖେଳୁଥିଲେ ନା ଦାଦନ ଚାଲାଣ ପାଇଁ ଆସିଥିଲେ ସେନେଇ ତଦନ୍ତ କରାଯିବ ବୋଲି କହିଛନ୍ତି। ଆଡିଶନାଲ ଏସ୍‌ପିଙ୍କ ତଦନ୍ତ ରିପୋର୍ଟ ଆସିବା ପରେ ଘଟଣା ସ୍ପଷ୍ଟ ହେବ ଏବଂ ଆଇନ ଅନୁଯାୟୀ ସମ୍ପୃକ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁଶଲକର କହିଛନ୍ତି। ଏହି ଘଟଣା ଏବେ ବଲାଙ୍ଗୀର ପୋଲିସ ବିଭାଗ ଛବିକୁ ଖରାପ କରିବା ସହ ସନ୍ଦେହଘେରକୁ ଟାଣିନେଇଛି।

**ଲଜ୍‌ରୁ ୫୮ ଲକ୍ଷ ଜବତ ଘଟଣା**

- ଜବତ ଟଙ୍କା କମ୍ ଦର୍ଶାଇବା ନେଇ ହଇଚଇ
- ଏସ୍‌ପି ଦେଲେ ତଦନ୍ତ ନିର୍ଦ୍ଦେଶ
- ଜୁଆଖେଳ ନା ଦାଦନ ଚାଲାଣ ସେନେଇ ହେବ ତଦନ୍ତ

## ଆତ୍ମସମର୍ପଣ କଲେ ୭ଶହ ମାଓବାଦୀ, ମିଲିସିଆ



ଆତ୍ମସମର୍ପଣ କରିଥିବା ମାଓବାଦୀ ସମର୍ଥକଙ୍କୁ ଅଧିକାରୀମାନେ ବସ୍ତ୍ର ବଣ୍ଟନ କରୁଛନ୍ତି।

**ମାଲକାନଗିରି,୧୭।୯(ଡି.ଏନ୍.ଏ.)**

- ସେମାନଙ୍କ ମଧ୍ୟରେ ଅଛନ୍ତି ଆନ୍ଧ୍ରର ୧୩ ମାଓବାଦୀ
- ବିକାଶମୂଳକ କାର୍ଯ୍ୟରେ ପୋଲିସ, ପ୍ରଶାସନକୁ ସହଯାଗ କରିବୁ

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ମୁଦୁଲିପଡା ଥାନା ଅନ୍ତର୍ଗତ ଅଣ୍ଡ୍ରାହାଲ ବିଏସ୍‌ଏଫ୍ କ୍ୟାମ୍ପ ପରିସରରେ ଶନିବାର ୭ଶହ ମହିଳାପୁରୁଷ ମାଓବାଦୀ, ମିଲିସିଆ ଓ ମାଓବାଦୀ ସମର୍ଥକ ଆତ୍ମସମର୍ପଣ କରିଛନ୍ତି। ସେମାନେ ଆଉ ମାଓବାଦୀଙ୍କୁ ସମର୍ଥନ କରିବେ ନାହିଁ। ନିଜ ଅଞ୍ଚଳର ବିକାଶ ପାଇଁ ପୋଲିସ ଓ ପ୍ରଶାସନକୁ ସହଯୋଗ କରିବେ ବୋଲି କହିଛନ୍ତି। ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ଆନ୍ଧ୍ର ପ୍ରଦେଶ ଆଲ୍ଲୁରି ସୀତାରାମାରାଜୁ ଜିଲା ମୁଞ୍ଚିଙ୍ଗପୁଟ ଥାନା ରଙ୍ଗବେଲ୍ ପଞ୍ଚାୟତର ପଡାଲପୁଟ, କୁସୁମପୁଟ, ମଟମପୁଟ, ଯୋଡିଗୁମ୍ମା ଗ୍ରାମର ୧୩ ମାଓବାଦୀ ରହିଛନ୍ତି। ଅନ୍ୟମାନେ ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଅଣ୍ଡ୍ରାହାଲ ପଞ୍ଚାୟତର ଭେଜାଗୁଡା, ବିଶୋଇଗୁଡା, ଖାଲଗୁଡା, ପାତ୍ରପୁଟ ଅଞ୍ଚଳର ମାଓବାଦୀ ମିଲେସିଆ ଓ ସମର୍ଥକ ଥିବା ଜଣାପଡିଛି।

ମାଲକାନଗିରି ଜିଲାରେ ବିଏସ୍‌ଏଫ୍ କ୍ୟାମ୍ପ ପ୍ରତିଷ୍ଠା ପରେ ଜିଲାରେ ମାଓବାଦୀଙ୍କ ପ୍ରାଦୁର୍ଭାବ କମିବାରେ ଲାଗିଛି। ଲୋକେ ଲାଲବାହିନୀର ହାତ ଛାଡି ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ସାମିଲ ହେଉଛନ୍ତି। ସୁରକ୍ଷାବାହିନୀର କୋମ୍ବିଂ ଅପରେଶନ ଯୋଗୁ ସମର୍ଥକମାନେ ମାଓବାଦୀଙ୍କୁ ସମର୍ଥନ ଦେବାକୁ ପଛଘୁଞ୍ଚା ଦେଉଛନ୍ତି। ଇତି ମଧ୍ୟରେ ଗତ ଜୁନ୍ ମାସରେ ୫୦ ଜଣ ମାଓବାଦୀ ସମର୍ଥକ ଦକ୍ଷିଣାଞ୍ଚଳ ଡିଆଇଜିଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ବେଳେ ସେହି ମାସରେ ପୁଣି ୩୪୭ ଜଣ ମାଓବାଦୀ ସମର୍ଥକ ଆତ୍ମସମର୍ପଣ କରିଥିଲେ। ସେହିପରି ଜୁଲାଇରେ ୫୫୦ ମାଓବାଦୀ ସମର୍ଥକ ଜାନବାଇ ବିଏସ୍‌ଏଫ୍ କ୍ୟାମ୍ପରେ ଆତ୍ମସମର୍ପଣ କରିଥିଲେ। ଶନିବାର ୭ଶହ ଜଣ ଆତ୍ମସମର୍ପଣ କରିବା ମାଓବାଦୀ ସଙ୍ଗଠନକୁ ବଡ ଧକ୍କା ଦେଇଛି। ଏହି ଅବସରରେ ପୋଲିସ ଓ ବିଏସ୍‌ଏଫ୍ ପକ୍ଷରୁ ଗ୍ରାମବାସୀଙ୍କୁ ଶାଢ଼ି, ଧୋତି, ଗାମୁଛା, କ୍ରୀଡା ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି ସମୟରେ ଶତାଧିକ ମହିଳା ପୁରୁଷ ମାଓବାଦୀ ସମର୍ଥକ ମାଓବାଦୀଙ୍କ କୁଶ ପଉଳିକା ଦାହ କରିଥିଲେ। ମାଓବାଦୀ ମୁର୍ଦ୍ଦାବାଦ, ଆମ ସରକାର ଜିନ୍ଦାବାଦ ଧ୍ୱନିରେ ବଣ୍ଡାଘାଟି ମୁଖରିତ ହୋଇଥିଲା। କାର୍ଯ୍ୟକ୍ରମରେ ଦକ୍ଷିଣାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ, ବିଏସ୍‌ଏଫ୍ ଡିଆଇଜି ମଦନ ଲାଲ, ମାଲକାନଗିରି ଏସ୍‌ପି ନୀତୀଶ୍ ୱାଧ୍ୱାନୀଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବଜ୍ରପାତରେ ୨ ମୃତ, ୪ ଗୁରୁତର

**ବାରିପଦା ଅଫିସ/ଠାକୁରମୁଣ୍ଡା, ୧୭।୯(ଡି.ଏନ.ଏ.):** ମୟୂରଭଞ୍ଜ ଜିଲାରେ ଶନିବାର ପୃଥକ୍ ସ୍ଥାନରେ ବଜ୍ରପାତ ହୋଇ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ବାରିପଦା ଲକ୍ଷ୍ମୀପୋଷିସ୍ଥିତ ରଜାବସା ଫୁଟ୍‌ବଲ ପଡ଼ିଆରେ ଅପରାହ୍ନରେ ମ୍ୟାଚ୍ ଚାଲିଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ ମ୍ୟାଚ୍ ଦେଖୁଥିବା ୪ ଯୁବକ ଗୁରୁତର ହୋଇଥିଲେ। ସେମାନଙ୍କୁ ପିଆର୍‌ଏମ୍ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ଶାଳବଣି ଅଞ୍ଚଳର ଅଶୋକ ମୁର୍ମୁ(୩୦)। ଟାଉନ ଥାନା ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅନ୍ୟ ୩ ଗୁରୁତର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ପରିଚୟ ମିଳିପାରି ନ ଥିବା ବେଳେ ସ୍ଥାନୀୟ ଅଞ୍ଚଳର ହୋଇଥିବା ଜଣାପଡ଼ିଛି। ସେହିପରି ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ପଞ୍ଚାୟତର ଦ୍ୱାରଶୁଣୀ ଗ୍ରାମରେ ଅପରାହ୍ନ ପ୍ରାୟ ୩ଟା ବେଳେ ବଜ୍ରପାତରେ ମଟାଇ ହେମ୍ବ୍ରମଙ୍କ ପୁଅ ବୁଡାନ(୯)ଙ୍କ ମୃତ୍ୟୁ ଘଟିଛି। ଗ୍ରାମର ଜୁମାଲ ହେମ୍ବ୍ରମଙ୍କ ଝିଅ ରଶ୍ମିତା (୪) ଗୁରୁତର ହୋଇଛନ୍ତି। ଦୁଇଜଣ ବୁଡାନଙ୍କ ଘର ବାରଣ୍ଡାରେ ଖେଳୁଥିବା ସମୟରେ ବଜ୍ରପାତ ଘଟିଥିଲା। ପରିବାର ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ବୁଡାନଙ୍କୁ ମୃତ ଘୋଷଣା କରିଥିଲେ। ମହୁଲଡ଼ିହା ଥାନା ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ରିପୋର୍ଟ କହିଲା, ଜବତ ମେଡିସିନ ନକଲି

**କଟକ ଅଫିସ,୧୭।୯**

**ନକଲି ମେଡିସିନ କାରବାର ମାମଲା**

- ୧୨ ଲକ୍ଷ ଟଙ୍କା ସହ ୨ ଆକାଉଣ୍ଟ ଅଚଳ
- ଜେଲ୍ ଫେରିଲେ ୨ ଅଭିଯୁକ୍ତ

କଟକରୁ ଜବତ ହୋଇଥିବା ମେଡିସିନ ନକଲି ବୋଲି ସ୍ପଷ୍ଟ ହୋଇଛି। ଉକ୍ତ ମେଡିସିନ ପରୀକ୍ଷା ପାଇଁ ଲାବୋରେଟୋରୀକୁ ପଠାଯାଇଥିଲା। ଶନିବାର ପରୀକ୍ଷା ରିପୋର୍ଟ ପୋଲିସର ହସ୍ତଗତ ହୋଇଛି। ଉଚ୍ଚ ରକ୍ତଚାପ ଔଷଧ ଟେଲ୍‌ମା-୪୦ ନକଲି ବୋଲି କଟକ ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ଉକ୍ତ ରିପୋର୍ଟ ଆଧାରରେ ପୋଲିସ ରାଜ୍ୟ ବାହାରକୁ ଯାଇ ମେଡିସିନ ଯୋଗାଣକାରୀଙ୍କୁ ଧରିବା ନିଶ୍ଚିତ। ଏଥିସହ ଅର୍ଥନୈତିକ କାରବାର ଦିଗକୁ ଖୋଳତାଡ଼ କରାଯାଇ ୨ ଅଭିଯୁକ୍ତଙ୍କର ମୋଟ୍ ୧୨ ଲକ୍ଷ ଟଙ୍କା ଥିବା ଦୁଇଟି ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଦିଆଯାଇଥିବା ଡିସିପି କହିଛନ୍ତି।

ପୋଲିସ ସୂତ୍ରରୁ ପ୍ରକାଶ, ନକଲି ମେଡିସିନ୍ କାରବାର ମାମଲାରେ ଜାଉଁଳିଆପଟିସ୍ଥିତ ପୂଜା ଏଣ୍ଟରପ୍ରାଇଜର୍ସର ସଞ୍ଜୟ ଜଲାନ ଓ ମାଣିକଘୋଷ ବଜାର ଭି. ଆର୍. ଡ୍ରଗ ଏଜେନ୍ସିର ରାହୁଲ କୁମାର କ୍ୟାଲଙ୍କୁ ପୁରୀଘାଟ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ସେମାନଙ୍କୁ ୨ ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରି ଶନିବାର ଜେଲ୍ ହାଜତକୁ ପଠାଇ ଦେଇଛି। ଅଭିଯୁକ୍ତଦ୍ୱୟଙ୍କୁ ଜେରାବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୋଲିସକୁ ମିଳିଛି। ଯେଉଁମାନେ ନକଲି ମେଡିସିନ କାରବାରରେ ସଂଶ୍ଳିଷ୍ଟ ଅଛନ୍ତି ସେମାନଙ୍କର ଏକ ତାଲିକା ପ୍ରସ୍ତୁତ ହୋଇଛି। କେତେ ପରିମାଣର ନକଲି ମେଡିସିନ କାହାକୁ ବିକ୍ରି ହୋଇଛି ସେ ସମ୍ପର୍କିତ ତଥ୍ୟ ପୋଲିସ ହସ୍ତଗତ କରିଛି। ଖୁବ୍‌ଶୀଘ୍ର ପୋଲିସର ଏକ ଟିମ୍ ବିହାରର ଗୟାକୁ ଯାଇ ନକଲି ମେଡିସିନ ଯୋଗାଣକାରୀଙ୍କ ସମ୍ପର୍କରେ ତଥ୍ୟ ହାସଲ କରିବ।

ସୂଚନାଯୋଗ୍ୟ, ରକ୍ତଚାପର ଚିକିତ୍ସା ପାଇଁ ନକଲି ମେଡିସିନ ଟେଲ୍‌ମା-୪୦ ଓ ଟେଲ୍‌ମା-ଏଏମ୍ ବିକ୍ରି କରୁଥିବା ନେଇ ପୂଜା ଏଣ୍ଟରପ୍ରାଇଜର୍ସ ଓ ଭି. ଆର୍. ଡ୍ରଗ୍ସ ଏଜେନ୍ସି ନାମରେ ପୁରୀଘାଟ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ମେଡିସିନ ଗୋଦାମରେ ଚଢ଼ାଉ କରିଥିଲା। ତଦନ୍ତ ପରେ ନକଲି ମେଡିସିନ ଗୟା ଓ ବେଙ୍ଗାଲୁରୁରୁ ଅଣାଯାଉଥିବା ଜଣାପଡିଥିଲା। ଏ ସମ୍ପର୍କରେ ଡ୍ରଗ୍ସ ଆଣ୍ଡ୍ କସ୍‌ମେଟିକ୍ସ ଆକ୍ଟରେ କଟକ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ୨ ଷ୍ଟକିଷ୍ଟଙ୍କ ନାମରେ ଦୁଇଟି ମାମଲା ଓ ପୁରୀଘାଟ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ବିଭାଗ ପକ୍ଷରୁ ଉକ୍ତ ମେଡିସିନ ଦ୍ୱୟର ବିକ୍ରି ନିଷେଧ କରାଯିବା ସହ ୨ ଅଭିଯୁକ୍ତ ଷ୍ଟକିଷ୍ଟଙ୍କ ଡ୍ରଗ୍ସ ଲାଇସେନ୍ସ ବାତିଲ କରାଯାଇଥିଲା।

## ଝାରସୁଗୁଡ଼ା ଦୁର୍ଘଟଣା: ମୃତ୍ୟୁସଂଖ୍ୟା ୮ ହେଲା

**ଝାରସୁଗୁଡ଼ା ଅଫିସ,୧୭।୯**

ଝାରସୁଗୁଡ଼ା ବାଇପାସ୍ ରାସ୍ତାର ପାୱାର ହାଉସ୍ ନିକଟରେ ଶୁକ୍ରବାର ଭୂଷଣ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ବସ୍ ଝାରସୁଗୁଡା ଆସୁଥିବାବେଳେ ଏକ କୋଇଲା ବୋଝେଇ ହାଇୱା ଧକ୍କା ଦେଇଥିଲା। ଫଳରେ ବସ୍‌ରେ ଥିବା ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ମଧ୍ୟରୁ ୨୮ଜଣ ଆହତ ହୋଇଥିଲେ। ସେମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ଝାରସୁଗୁଡା ମୁଖ୍ୟ ଚିକିତ୍ସାଳୟରେ ୪ଜଣ ଓ ରାତିରେ ବୁର୍ଲା ବଡ ମେଡିକାଲରେ ୩ଜଣଙ୍କ ମୃତ୍ୟୁ ହୋଇଥିଲା। ପୁଣି ଶନିବାର ଆଉଜଣଙ୍କ ମୃତ୍ୟୁ ହୋଇଛି। ଥିବା ପୋଲିସ ସୂତ୍ରରୁ ଜଣାପଡିଛି। ମୃତକମାନେ ହେଲେ ବିହାରର ପଙ୍କଜ କୁମାର ଝା, ମଧ୍ୟପ୍ରଦେଶର ରାଜେନ୍ଦ୍ର ପ୍ରସାଦ ଦ୍ୱିବେଦୀ, ଝାଡଖଣ୍ଡର ପ୍ରୀତିପାଲ ସିଂହ, ଉତ୍ତରପ୍ରଦେଶର ଶେର୍ ବାହାଦୁର ଯାଦବ, ବିହାରର ରାଜେଶ ସିଂହ, ସମ୍ବଲପୁର ଭୂଷଣ ଟାଉନ୍‌ଶିପ୍‌ର ଧନ କୁମାର ରଏ, ଝାରସୁଗୁଡା ବିଦ୍ୟାନଗରର ସୂରଜ ଠାକୁର, ବିହାରର ବିକାଶ କୁମାର। ଏ ସମ୍ପର୍କରେ ଏସ୍‌ଡିପିଓ ନିର୍ମଳ ମହାପାତ୍ର ସୂଚନା ଦେଇଛନ୍ତି। ଏ ନେଇ ଝାରସୁଗୁଡା ସଦର ଥାନାରେ ଏକ ମାମଲା (ନଂ୨୦୭/୨୨) ରୁଜୁ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରି ମୃତକଙ୍କ ପରିବାରଙ୍କୁ ସମବେଦନା ଜଣାଇ ଆହତ କର୍ମଚାରୀଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ମହାପ୍ରଭୁଙ୍କୁ ଦର୍ଶନକଲେ ପ୍ରଧାନ ବିଚାରପତି

**ପୁରୀ ଅଫିସ,୧୭।୯**



ମହାପ୍ରଭୁଙ୍କୁ ଦର୍ଶନ କରିସାରି ସିଜେଆଇ ଉଦୟ ଉମେଶ ଲଳିତ ସସ୍ତ୍ରୀକ ଫେରୁଛନ୍ତି।

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଉଦୟ ଉମେଶ ଲଳିତ ସସ୍ତ୍ରୀକ ଶନିବାର ଅପରାହ୍ନରେ ପୁରୀ ଶ୍ରୀମନ୍ଦିରରେ ଦାରୁଦିଅଁଙ୍କୁ ଦର୍ଶନ କରିଛନ୍ତି। ସିଜେଆଇ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଏବଂ ସେବାୟତମାନଙ୍କ ପକ୍ଷରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଖଣ୍ଡୁଆ ପାଟ ପ୍ରଦାନ ପୂର୍ବକ ତାଙ୍କୁ ସ୍ୱାଗତ କରାଯାଇଥିଲା। ସିଜେଆଇ ସସ୍ତ୍ରୀକ ବାଇଶିପାହାଚ ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରି ଭିତରକାଠ ନିକଟରେ ରତ୍ନସିଂହାସନାରୂଢ଼ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ କରିଥିଲେ। ଏହାପରେ ସେ ମା' ବିମଳା, ମା' ମହାଲକ୍ଷ୍ମୀ, ବଟ ଗଣେଶ ଏବଂ ଭିତରବେଢ଼ାରେ ଥିବା ଅନ୍ୟ ଦେବଦେବୀଙ୍କୁ ଦର୍ଶନ କରିବା ସହ ଶ୍ରୀମନ୍ଦିର ପରିସରରେ କିଛି ସମୟ ଅତିବାହିତ କରିଥିଲେ। ପରେ ବାଇଶିପାହାଚ ଦେଇ ପ୍ରସ୍ଥାନ କରିଥିଲେ। ସେ ଜଗତର ମଙ୍ଗଳ କାମନା କରି ମହାପ୍ରଭୁଙ୍କଠାରୁ ଆଶୀର୍ବାଦ ଲୋଡ଼ିଥିଲେ। ଏହି ଅବସରରେ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ଜେନା ଉପସ୍ଥିତ ଥିଲେ।

## ବଣ୍ଡା, ଦିଦାୟୀ ଜନଜାତି ପ୍ରତିନିଧିଙ୍କ ସହ ରାଜ୍ୟପାଳଙ୍କ ଭାବ ବିନିମୟ

**ଭୁବନେଶ୍ୱର, ୧୭।୯(ବ୍ୟୁରୋ)**



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଆମନ୍ତ୍ରଣକ୍ରମେ ମାଲକାନଗିରି ଜିଲାର ବଣ୍ଡା ଓ ଦିଦାୟୀ ଅନୁସୂଚିତ ଜନଜାତିର ପ୍ରତିନିଧିମାନେ ରାଜଭବନ ପରିଭ୍ରମଣରେ ଆସିଥିଲେ। ସେମାନେ ପହଞ୍ଚିବା ପରେ ରାଜଭବନରେ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ରାଜ୍ୟପାଳ ସେମାନଙ୍କ ସହ ଭାବ ବିନିମୟ କରିବା ସହ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରିଥିଲେ। ବଣ୍ଡା ଓ ଦିଦାୟୀ ଅନୁସୂଚିତ ଜନଜାତିର ପ୍ରତିନିଧିମାନେ ସେମାନଙ୍କ ବିଭିନ୍ନ ଅଭାବ, ଅସୁବିଧା, ଆଶା ଓ ଆକାଂକ୍ଷା ସମ୍ପର୍କରେ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟପାଳ ମଧ୍ୟ ସେମାନଙ୍କ ସୁଖ ଦୁଃଖ ପଚାରି ବୁଝିଥିଲେ। ଏହି ଅବସରରେ ରାଜ୍ୟପାଳ କହିଲେ, ଆଦିବାସୀମାନେ ହେଉଛନ୍ତି ଆଦିମାତାଙ୍କ ପ୍ରଥମ ସନ୍ତାନ। ସେମାନଙ୍କ ବିକାଶ ଆମର କାମ୍ୟ। ସରକାର ଅନେକ ବିକାଶମୂଳକ କାର୍ଯ୍ୟ କରୁଛନ୍ତି। ଏହାର ସୁଫଳ ସମସ୍ତଙ୍କ ପାଖରେ ପହଞ୍ଚିବା ଦରକାର। ସମସ୍ୟା ସମାଧାନ ଦିଗରେ ସେ ବ୍ୟକ୍ତିଗତ ଭାବରେ ପ୍ରୟାସ କରିବେ ବୋଲି ରାଜ୍ୟପାଳ ସେମାନଙ୍କୁ କହିଥିଲେ। ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ ଉପସ୍ଥିତ ଥିବାବେଳେ ଲୋକସମ୍ପର୍କ ଅଧିକାରୀ ରକ୍ଷକ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନୌସେନାରେ ଚାକିରି ଦେବା ନାଁରେ ଠକେଇ: ୪ ଗିରଫ

**ପାରଳାଖେମୁଣ୍ଡି, ୧୭।୯(ଡି.ଏନ୍.ଏ.)**

ନୌସେନାରେ ଚାକିରି ଦେବା ନାଁରେ ଠକେଇ କରିବା ଅଭିଯୋଗରେ ଗଜପତି ଜିଲା ପାରଳାଖେମୁଣ୍ଡି ପୋଲିସ ଶନିବାର ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରାୟଗଡ଼ା ଜିଲା ଗୁଣୁପୁରୁ ଅଞ୍ଚଳ ଜଗନ୍ନାଥପୁର ଗ୍ରାମର ରାଗୁଲୁ ବିନୋଦ କୁମାର, ବାଡାପୁ ରାକେଶ, କେ ଶ୍ରୀକାନ୍ତ, କେ ସୁଶାନ୍ତ। ଅଭିଯୁକ୍ତମାନଙ୍କଠାରୁ ନକଲି ନୌସେନା ପୋଷାକ, କ୍ୟାପ୍, ୬ ମୋବାଇଲ ଫୋନ, ବ୍ୟାଙ୍କ ପାସବୁକ, ନକଲି ନିଯୁକ୍ତି ପତ୍ର, ନକଲି ଆଧାର କାର୍ଡ ଆଦି ପୋଲିସ ଜବତ କରିଛି।

ପ୍ରକାଶ ଯେ, ଅଭିଯୁକ୍ତମାନେ ଦୀର୍ଘ ଦିନ ହେଲା ସ୍ଥାନୀୟ ଅଞ୍ଚଳର ରାମନଗରରେ ଏକ ଘର ଭଡ଼ା ନେଇ ରହୁଥିଲେ। ନୌସେନା ପୋଷାକ ପିନ୍ଧି ନିଜକୁ ଅଫିସର ବୋଲି ପରିଚୟ ଦେଉଥିଲେ। ପରେ ଅଞ୍ଚଳର ଯୁବତୀ ଯୁବକମାନଙ୍କୁ ନୌସେନାରେ ଚାକିରି କରାଇଦେବାକୁ କହି ଲକ୍ଷାଧିକ ଟଙ୍କା ଠକି ନେଇଥିଲେ। ଏପରିକି କେତେଜଣ ଯୁବକଙ୍କୁ ନୌସେନା ପୋଷାକ ଓ ନିଯୁକ୍ତିପତ୍ର ମଧ୍ୟ ପ୍ରଦାନ କରିଥିଲେ। ଏହା ନକଲି ବୋଲି ଜଣାପଡ଼ିବା ପରେ ଠକାମିର ଶିକାର ହୋଇଥିବା ଯୁବକ ଆଶିଷ କୁମାର ପ୍ରଧାନ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏତଲାକୁ ଭିତ୍ତି କରି ନଂ. ୧୪୫/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଘଟଣାପରଠାରୁ ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ। ଶନିବାର ପୋଲିସ ବିଶାଖାପାଟଣାଠାରୁ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ଜଣଙ୍କୁ ଗିରଫ କରିଥିଲା। ତେବେ ଅଧିକ ତଦନ୍ତ କରାଗଲେ ଅଭିଯୁକ୍ତଙ୍କ ସହ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ଜଣାପଡ଼ିବ ବୋଲି ଏକ ଖବରଦାତା ସମ୍ମିଳନୀରେ ଗଜପତି ଜିଲା ଆରକ୍ଷୀ ଅଧୀକ୍ଷକ ଜୟରାମ ଶତପଥୀ କହିଛନ୍ତି।

## ଅନୁଗୋଳରେ ସାଇବର ଠକେଇ ଲୋଭ ଦେଖାଇ ନେଇଗଲେ ୧୧ ଲକ୍ଷ

**ଅନୁଗୋଳ ଅଫିସ, ୧୭।୯:** ଅନ୍‌ଲାଇନରେ ଚାକିରି ଖୋଜୁଥିବା ଅନୁଗୋଳ ଉପକଣ୍ଠର ଜଣେ କଲେଜ ଛାତ୍ରୀଙ୍କୁ ଲୋଭ ଦେଖାଇ ୧୧ ଲକ୍ଷରୁ ଅଧିକ ଟଙ୍କା ସାଇବର ଠକମାନେ ଠକି ନେଇଛନ୍ତି। ତାଙ୍କ ଆକାଉଣ୍ଟରେ ଆଉ ମାତ୍ର ୬୨ ପଇସା ଅଛି। ଏ ନେଇ ସାଇବର ଥାନାରେ ଲିଖିତ ଅଭିଯୋଗ ପରେ ନଂ. ୨୬/୨୨ରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ପୋଲିସ କହିଛି, ଛାତ୍ରୀ ଜଣକ ଅନ୍‌ଲାଇନ୍‌ରେ ଚାକିରି ଖୋଜିବା ବେଳେ ସାଇବର ଠକଙ୍କ ହାବୁଡ଼ରେ ପଡ଼ିଥିଲେ। ଅନ୍‌ଲାଇନ୍‌ରେ ଅଧିକ ଟଙ୍କା ରୋଜଗାର କରିହେବ ବୋଲି ଠକ ଛାତ୍ରୀଙ୍କୁ ଲୋଭ ଦେଖାଇଥିଲେ। ଏପରି କି ଛାତ୍ରୀଜଣଙ୍କୁ ପ୍ରଥମ ୫ଟି ଟ୍ରାଞ୍ଜାକଶନ୍‌ରେ କିଛି ଟଙ୍କା ମଧ୍ୟ ଦେଇଥିଲେ। ଅଧିକ ରୋଜଗାର ଆଶାରେ ଛାତ୍ରୀ ୬୮ ଥରରେ ୩ଟି ଆକାଉଣ୍ଟରୁ ୧୧ ଲକ୍ଷରୁ ଅଧିକ ଟଙ୍କା ଠକଙ୍କ ଆକାଉଣ୍ଟକୁ ପଠାଇଥିଲେ। ଟଙ୍କା ଫେରି ନ ପାଇବାରୁ ଛାତ୍ରୀ ଠକଙ୍କ ହାବୁଡ଼ରେ ପଡ଼ିଥିବା ଜାଣିବାକୁ ପାଇଥିଲେ। ପରେ ପରିବାର ଲୋକଙ୍କୁ ଏହା ଜଣାଇବା ସହ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ।

## ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଜଏଣ୍ଟ ଟାସ୍କ ଫୋର୍ସ ଗଠିତ

**ଭୁବନେଶ୍ୱର, ୧୭।୯(ବ୍ୟୁରୋ)**



**ନିଯୁକ୍ତ ହେଲେ ୨ ଏସିଏଫ୍, ୩ ରେଞ୍ଜର**

ରାଜ୍ୟରେ ହାତୀ ତଥା ବନ୍ୟପ୍ରାଣୀ ସୁରକ୍ଷା ପାଇଁ ସରକାର ଜଏଣ୍ଟ ଟାସ୍କ ଫୋର୍ସ(ଜେଟିଏଫ୍) ଗଠନ କରିଛନ୍ତି। ଏଥିପାଇଁ ଶନିବାର ୫ଜଣ ବନ ଅଧିକାରୀଙ୍କୁ ବଦଳି କରାଯାଇ ଜେଟିଏଫ୍‌ରେ ନିଯୁକ୍ତ କରାଯାଇଛି। ସେମାନେ ହେଲେ ପିସିସିଏଫ୍ କାର୍ଯ୍ୟାଳୟର ଏସିଏଫ୍ ରାମପଦ ଅରବିନ୍ଦ ମିଶ୍ର ଓ ନଗର ବନଖଣ୍ଡର ଏସିଏଫ୍ ସାଧନା ବେହେରା ଏବଂ ଭୁବନେଶ୍ୱର ସର୍କଲ ଆର୍‌ସିସିଏଫ୍ କାର୍ଯ୍ୟାଳୟର ରେଞ୍ଜର ଭାଗ୍ୟଲକ୍ଷ୍ମୀ ବାରିକ୍, ଶୁଭଶ୍ରୀ ଦାସ ଓ ରେଢ଼ାଖୋଲ(କେନ୍ଦୁପତ୍ର) ବନଖଣ୍ଡ ବାହାଲପଦର ବନାଞ୍ଚଳର ଜୟନ୍ତ କୁମାର ଦାସ। ଏ ନେଇ ଶନିବାର ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ ହାତୀ ମୃତ୍ୟୁକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ନଂ.୧୪୭୦୬) ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାରଙ୍କ ପକ୍ଷରୁ ୫ବର୍ଷର ହାତୀ ମୃତ୍ୟୁ ତଥ୍ୟ ଦାଖଲ କରାଯାଇଥିଲା, ଯେଉଁଥିରେ ଅନେକ ହାତୀ ମୃତ୍ୟୁ ଘଟଣା ସମ୍ପର୍କରେ ତଥ୍ୟ ନ ଥିଲା। ଏହାକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହ ପିସିସିଏଫ୍ ଓ ପୋଲିସ ଡିଜିଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ସେମାନେ ହାଜର ହୋଇଥିଲେ। ହାତୀ ଓ ବନ୍ୟପ୍ରାଣୀ ମୃତ୍ୟୁ ରୋକିବାକୁ ସରକାର ଜଏଣ୍ଟ ଟାସ୍କ ଫୋର୍ସ ଗଠନ କରାଯିବ ବୋଲି ରାଜ୍ୟ ସରକାର ସତ୍ୟପାଠ ଦାଖଲ କରିଥିଲେ। ଗତ ୧୩ ତାରିଖରେ ଜେଟିଏଫ୍ ଗଠନ ନେଇ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏହି ଅନୁସାରେ ଜେଟିଏଫ୍‌ରେ ପିସିସିଏଫ୍(ବନ୍ୟପ୍ରାଣୀ) ଅଧକ୍ଷ ଥିବାବେଳେ ଜଣେ ଡିଏଫ୍‌ଓ, ୨ଜଣ ଏସିଏଫ୍, ୩ଜଣ ରେଞ୍ଜର, ଜଣେ ଏସ୍‌ପି କିମ୍ବା ଅତିରିକ୍ତ ଏସ୍‌ପି, ଦୁଇଜଣ ଇନ୍ସପେକ୍ଟର, ୩ଜଣ ସବ୍ ଇନ୍ସପେକ୍ଟର ସଦସ୍ୟ ଭାବେ ରହିବେ। ବନ୍ୟପ୍ରାଣୀ ବିଶେଷଜ୍ଞ ଭାବେ ଏସିଆନ ନେଚର କଞ୍ଜରଭେଶନ ଫାଉଣ୍ଡେଶନର ପ୍ରଫେସର ରମଣ ସୁକୁମାର, ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟର ଜିତାଶତ୍ରୁ ମହାନ୍ତି ଓ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅଧୀନରେ ଥିବା ପ୍ରୋଜେକ୍ଟ ଏଲିଫ୍ୟାଣ୍ଟର ଏଲିଫାଣ୍ଟ ସେଲ୍‌ର ନ୍ୟାଶନାଲ କୋର୍ଡିନେଟର ଡ. ପ୍ରଜ୍ଞା ପଣ୍ଡାଙ୍କ ସମେତ ଦୁଇଜଣ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ରଖାଯାଇଛି। ଏବେ ଦୁଇଜଣ ଏସିଏଫ୍ ଓ ୩ଜଣ ରେଞ୍ଜରଙ୍କୁ ନିଯୁକ୍ତ କରାଯାଇଥିବାବେଳେ ଅନ୍ୟମାନଙ୍କୁ ମଧ୍ୟ ଖୁବ୍‌ଶୀଘ୍ର ନିଯୁକ୍ତ କରାଯିବ ବୋଲି ଜଣାପଡ଼ିଛି।

## ପ୍ରଶ୍ନ ଉଠାଇଲେ ବନ୍ୟାପ୍ରାଣୀ ବିଶେଷଜ୍ଞ

ଜେଟିଏଫ୍‌ରେ ମନୋନୀତ ସଦସ୍ୟଙ୍କୁ ନେଇ ପ୍ରଶ୍ନ ଉଠାଇଛନ୍ତି ବନ୍ୟପ୍ରାଣୀ ବିଶେଷଜ୍ଞ। ବନ୍ୟପ୍ରାଣୀ ଅପରାଧ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି, ରମଣ ସୁକୁମାର ଏବଂ ଜିତାଶତ୍ରୁ ମହାନ୍ତି ଉଭୟ ଓଡ଼ିଶା ବନ ବିଭାଗର ଠିକାଦାର। ସେମାନେ ବି ବିଭାଗରୁ ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟ ପାଇଁ ଟଙ୍କା ନେଇଥାନ୍ତି। ହାତୀ ବିଷୟରେ ସେମାନଙ୍କ ଜ୍ଞାନକୁ କେହି ପ୍ରଶ୍ନ କରୁନାହାନ୍ତି, କିନ୍ତୁ ହାତୀ ଶୀକାର କିମ୍ବା ବନ୍ୟପ୍ରାଣୀ ଅପରାଧ ରୋକିବାରେ ତାଙ୍କର ଭୂମିକା ନାହିଁ। ତେଣୁ ବନ ବିଭାଗର ଅବହେଳା ଓ କୁକର୍ମକୁ ଯେ ସେମାନେ ପଦାରେ ପକାଇବେ ତାହା ସନ୍ଦେହ ସୃଷ୍ଟି କରୁଛି। ସେହିପରି ଯେଉଁ ଦୁଇଜଣ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ଏଥିରେ ସାମିଲ କରାଯାଇଛି, ସେମାନଙ୍କର ବନ୍ୟପ୍ରାଣୀ ଅପରାଧ ଦମନ ବା ଶିକାରୀଙ୍କୁ ଧରିବାରେ ସେପରି କିଛି କାର୍ଯ୍ୟ କରିଥିବାର ନଜିର ନାହିଁ। ଅନ୍ୟପକ୍ଷରେ ବନ୍ୟପ୍ରାଣୀ ଶୀକାର ବା ଅପରାଧ ରୋକିବାରେ ଯଥେଷ୍ଟ ଅବଦାନ ଅଧିକାରୀ, ବିଶେଷଜ୍ଞ ଓ ବ୍ୟକ୍ତିବିଶେଷଙ୍କୁ ବନ ବିଭାଗ ଜାଣିଶୁଣି ଟିମ୍‌ରୁ ବାଦ୍ ଦେଇଛି। ସେହିଭଳି ଭାରତ ସରକାରଙ୍କ ଅଧୀନରେ କାର୍ଯ୍ୟରତ ପ୍ରଜ୍ଞା ପଣ୍ଡାଙ୍କର ଏପରି ଅପରାଧ ରୋକିବାରେ ରେକର୍ଡ ନାହିଁ। ଏହାବ୍ୟତୀତ ସରକାରୀ ଅଧିକାରୀଙ୍କ ବ୍ୟତୀତ ନିରପେକ୍ଷ ବ୍ୟକ୍ତିଙ୍କୁ କମିଟିରେ ନ ନେଇ ହାଇକୋର୍ଟଙ୍କୁ ଭୂଆଁ ବୁଲାଇବାକୁ ଏହା ବନ ବିଭାଗର ଏକ ଅପଚେଷ୍ଟା ବୋଲି ବିଶ୍ୱଜିତ ଅଭିଯୋଗ କରିଛନ୍ତି।




୧୭ ସେପ୍ଟେମ୍ବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନକୁ କଂଗ୍ରେସ ଜାତୀୟ ବେରୋଜଗାର ଦିବସ ଭାବେ ପାଳନ କରୁଛି । ଏହି ଅବସରରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ଶନିବାର ଯୁବ କଂଗ୍ରେସ ପକ୍ଷରୁ ଅଭିନବ ଉପାୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ତେଜସ୍ୱୀଙ୍କ ଅଡୁଆ ବଢୁଛି

## ଜାମିନ ଖାରଜ ପାଇଁ ସିବିଆଇର ଆବେଦନ

ପାଟନା, ୧୭।୯

ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ସମସ୍ୟା ବଢିବାରେ ଲାଗିଛି । ଆଇଆର୍‌ସିଟିସି ସ୍କାମ ମାମଲାରେ ସିବିଆଇ ତାଙ୍କ ବିରୋଧରେ ରାଉସ ଆଭେନ୍ୟୁ କୋର୍ଟରେ ଆବେଦନ କରିଥିଲା । ଏହି ମାମଲାରେ ତାଙ୍କୁ ଦିଆଯାଇଥିବା ଜାମିନ ଖାରଜ କରିବାକୁ ସିବିଆଇ ଏବେ ଆବେଦନ କରିଛି । ଏହା ଉପରେ ରାଉଜ ଆଭେନ୍ୟୁ କୋର୍ଟ ମଧ୍ୟ ତେଜସ୍ୱୀ ଯାଦବଙ୍କୁ ନୋଟିସ ଜାରି କରିଛନ୍ତି । ୨୦୧୮ରେ ଆଇଆର୍‌ସିଟିସି ଟେଣ୍ଡର ସ୍କାମ ମାମଲାରେ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ, ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରି ଦେବୀ, ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ସମେତ ୧୪ ଜଣଙ୍କ ବିରୋଧରେ ସିବିଆଇ ଚାର୍ଜଶିଟ ଦାଖଲ କରିଥିଲା । ସେତେବେଳେ ବିଶ୍ୱାସ କରାଯାଉଥିଲା ଯେ ଏଥିଲାଗି ତେଜସ୍ୱୀଙ୍କ ରାଜନୈତିକ କ୍ୟାରିୟରର ପ୍ରାରମ୍ଭିକ ପର୍ଯ୍ୟାୟରେ ଚନ୍ଦ୍ରଗ୍ରହଣ ହୋଇପାରେ । ୨୦୦୪ରେ ତତ୍କାଳୀନ ରେଳମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ଦୁଇଟି ରେଳ ହୋଟେଲକୁ ଆଇଆର୍‌ସିଟିସିକୁ ସ୍ଥାନାନ୍ତର କରିଥିଲେ । ସେଗୁଡ଼ିକର ରକ୍ଷାଣବେକ୍ଷଣ ପାଇଁ ଟେଣ୍ଡର ମଧ୍ୟ ଦିଆଯାଇଥିଲା । ଟେଣ୍ଡର ପ୍ରଦାନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା । ଲାଲୁ ରେଳମନ୍ତ୍ରୀ ଥିବାବେଳେ ରେଳବାଇର ପୁରୀ ଏବଂ ରାଞ୍ଚିରେ ଅବସ୍ଥିତ ଦୁଇଟି ହୋଟେଲକୁ କୋଚର ବନ୍ଧୁମାନଙ୍କ କମ୍ପାନୀ ସୁଜାତା ହୋଟେଲକୁ ଆବଣ୍ଟନ କରିଥିଲେ । ଏହାର ବଣ୍ଟନରେ, ନିୟମଗୁଡିକ ସମ୍ପୂର୍ଣ୍ଣ ରୂପେ ପାଳନ କରାଯାଇ ନଥିଲା । ଏହି ଆବଣ୍ଟନ ବଦଳରେ କୋଟି କୋଟି ମୂଲ୍ୟର ଜମି ପାଟନାରେ ଏକ ସେଲ କମ୍ପାନୀ ଡେଲାଇଟ ମାର୍କେଟିଂ ଦ୍ୱାରା ଲାଲୁ ପ୍ରସାଦ ଯାଦବଙ୍କୁ ହସ୍ତାନ୍ତର କରାଯାଇଥିଲା । ଏହି କମ୍ପାନୀ ବର୍ତ୍ତମାନ ଲାରା ପ୍ରାଇଭେଟ କମ୍ପାନୀ ଭାବରେ ଜଣାଶୁଣା । ସେତେବେଳେ ଏହି ମାମଲାର ଦାୟିତ୍ୱ ସିବିଆଇର ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଆସ୍ଥାନାଙ୍କ ହାତରେ ଆସିଥିଲା । ସିବିଆଇର ସୂଚନା ଅନୁଯାୟୀ, ହୋଟେଲ ଆବଣ୍ଟନରେ ଅନିୟମିତତା ହୋଇଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି । ହୋଟେଲକୁ ଲିଜ ଦେବା ପରିବର୍ତ୍ତେ ଜମି ଦିଆଯାଇଥିଲା । ୩୨କୋଟି ଟଙ୍କାର ମୂଲ୍ୟର ଜମିକୁ ସେତେବେଳେ ୬୫ ଲକ୍ଷ ଟଙ୍କାରେ ଦିଆଯାଇଥିଲା । ଅପରପକ୍ଷରେ ଏ ପ୍ରସଙ୍ଗରେ ତେଜସ୍ୱୀ କିମ୍ବା ଆର୍‌ଜେଡି ପକ୍ଷରୁ କୌଣସି ପ୍ରତିକ୍ରିୟା ଆସିନାହିଁ ।

# ଭୁବନେଶ୍ୱରରେ ଦିଗ୍‌ବିଜୟ, ଜୟରାମ

## ଆଜି କଂଗ୍ରେସର ଭାରତ ଯୋଡୋ ବୈଠକ

ଭୁବନେଶ୍ୱର୧୭।୯(ବ୍ୟୁରୋ)

କଂଗ୍ରେସ ଏମ୍‌ପି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂ ଏବଂ ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୟରାମ ରମେଶ ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି । ରବିବାର ପୂର୍ବାହ୍ନରେ କଂଗ୍ରେସ ଭବନରେ ପ୍ରଦେଶ କଂଗ୍ରେସ କମିଟି(ପିସିସି ) ସଭାପତି ଶରତ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କଂଗ୍ରେସ ନେତୃମଣ୍ଡଳୀମାନଙ୍କ ବୈଠକରେ 'ଭାରତ ଯୋଡ଼ୋ ଯାତ୍ରା– ଓଡ଼ିଶା' ସମ୍ପର୍କରେ ଉଭୟ ନେତା ବିଚାରବିମର୍ଶ କରିବେ । ଏହାପରେ ମଧ୍ୟାହ୍ନ ୧୨ ଘଟିକା ସମୟରେ ଏକ ଖବରଦାତା ସମ୍ମିଳନୀରେ ଉଦ୍‌ବୋଧନ ଦେବେ । ଏହାଛଡ଼ା ଗଣମାଧ୍ୟମ ବିଭାଗର ଏକ ସ୍ୱତନ୍ତ୍ର ବୈଠକରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଏ ସମସ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ଏମ୍‌ପି ଏ. ଚେଲ୍ଲାକୁମାର,ଏଆଇସିସି ସମ୍ପାଦକ ରୁଦ୍ରରାଜୁ ଏବଂ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ପିସିସି ଗଣମାଧ୍ୟମ ବିଭାଗ ଅଧକ୍ଷ ଗଣେଶ୍ୱର ବେହେରା ସୂଚନା ଦେଇଛନ୍ତି ।

## ଓବିସି ବର୍ଗକୁ ସାବତ ପୁଅ ଭାବୁଛନ୍ତି ରାଜ୍ୟ ସରକାର:ଭାଜପା

ଭୁବନେଶ୍ୱର୧୭।୯(ବ୍ୟୁରୋ)

ଶିକ୍ଷା କ୍ଷେତ୍ରରେ ନାମଲେଖା ପାଇଁ ସଂରକ୍ଷଣ ଦେବାରେ ରାଜ୍ୟ ସରକାର ପକ୍ଷପାତିତା କରୁଛନ୍ତି । ରାଜ୍ୟର ସଂଖ୍ୟାଧିକ ଓବିସି ଏବଂ ଏସ୍‌ଇବିସିଙ୍କୁ କ୍ରମାଗତ ଭାବେ ରାଜ୍ୟ ସରକାର ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରାଇଛନ୍ତି । ଏପରି କି ରାଜ୍ୟ ସରକାର ଓବିସି ବର୍ଗକୁ ସାବତପୁଅ ଭାବୁଛନ୍ତି ବୋଲି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି । ଶନିବାର ରାଜ୍ୟ ଓବିସି ମୋର୍ଚ୍ଚା ଛାତ୍ର ସାମ୍ମୁଖ୍ୟ ପକ୍ଷରୁ ଓବିସି କମିଶନଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗଦେଇ ବିଶ୍ୱାଳ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଓବିସି ମାରଣ ନୀତି ବିରୋଧରେ ବିଭିନ୍ନ ଜାତି ବର୍ଗ ଓ ଜାତି ସମାଜ ପକ୍ଷରୁ ଆଗାମୀ ଦିନରେ ମୋର୍ଚ୍ଚା ତରଫରୁ ତୀବ୍ର ଆନ୍ଦୋଳନ କରାଯିବ । କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ସୁକାନ୍ତ ବିଶ୍ୱାଳ, ପ୍ରଶାନ୍ତ କୁମାର ନାୟକ, ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର କୁମାର ସ୍ୱାଇଁ, ଜାତୀୟ କାର୍ଯ୍ୟକାରୀ କମିଟି ସଦସ୍ୟ ଦୁଷ୍କନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ ।

## ଆମ ସିଂହ ଭାରତ ଯୋଡୋ ଯାତ୍ରାରେ, ତେଣୁ ଭାଜପା ଆଣିଛି ବିଦେଶୀ ଚିତା: କଂଗ୍ରେସ

ନୂଆଦିଲ୍ଲୀ, ୧୭।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କୁନୋ ଜାତୀୟ ଉଦ୍ୟାନରେ ନାମିବ୍ୟାରୁ ଆଣାଯାଇଥିବା ଚିତାକୁ ଛାଡ଼ିଛନ୍ତି । ଏହି ଅବସରରେ ମୋଦି କହିଛନ୍ତି, ୧୯୫୨ରେ ଦେଶରୁ ଚିତା ବିଲୁପ୍ତ ନେଇ ଘୋଷଣା ହୋଇଥିଲା, କିନ୍ତୁ ଦଶନ୍ଧି ଧରି ପୁନରୁଦ୍ଧାର ପାଇଁ କୌଣସି ଅର୍ଥପୂର୍ଣ୍ଣ ପ୍ରୟାସ କରାଯାଇ ନ ଥିଲା । ପୁଣି ଦେଶକୁ ଚିତା ଆସିଛନ୍ତି । ମାତ୍ର ଅପରପକ୍ଷେ ଏହି ଘଟଣାକୁ କଂଗ୍ରେସ କଡ଼ା ସମାଲୋଚନା କରିଛି । କଂଗ୍ରେସ ନେତା ପୱନ ଖେରା ଟୁଇଟ କରି କହିଛନ୍ତି, ଆମର ସିଂହ ରାହୁଲ ଗାନ୍ଧୀ ଭାରତ ଯୋଡ ଯାତ୍ରାରେ ବାହାରିଛନ୍ତି । ଯେଉଁମାନେ ଭାରତକୁ ଭାଙ୍ଗିଛନ୍ତି ସେମାନେ ବର୍ତ୍ତମାନ ବିଦେଶରୁ ଚିତା ଆଣିଛନ୍ତି ।

**OFFICE OF THE PANCHAYAT SAMITI, BALLIGUDA, KANDHAMAL**
E-mail: ori-balliguda@nic.in, Phone/Fax: 06846-243251

No. 2296 Dated: 17.09.2022

**NOTICE INVITING TENDER**

No. i-87: The Block Development Officer, Balliguda, Kandhamal invites sealed tenders on behalf of Govt. of Odisha from registered and eligible contractors of the Departments of the State (PWD (R&B)/Water Resources/ Rural Works/MI/CPWD/RWSS/PHED etc.) for the Civil works eventually to be drawn up in the PWD P-1 Form in conformity with the Detailed Tender Call Notice. The bidders may submit bids for the following works.

| Sl. No. | Name of the Work/Project | Amount put to tender (in Rs.) | Cost of Tender Paper (Non-refundable) (including 12% GST) (in Rs.) | Bid Security, EMD (in Rs.) | Period of Completion of the Work/Project | Eligible Class of Contractor |
|---|---|---|---|---|---|---|
| 1 | Construction of Community Centre at Daka in Salaguda G.P. | 15,11,806/- | 6720.00 | 15,118/- | 4 (Four) Calendar Months | 'D' & 'C' |

**Terms and Conditions:**
1. Availability of Bid/Tender document in the website: 19.09.2022 to 28.09.2022 (Upto 5.00 P.M.)
2. Date of Opening of the Bid/Tender : 29.09.2022 at 11.00 A.M.
3. The details are available in the district website : **http://www.kandhamal.nic.in**.

OIPR-19189/11/0001/2223 Sd./- Block Development Officer, Balliguda

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 16923/IND-II-PH-1039 ତାରିଖ 16.9.2022
No. CAD-1872

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଶ୍ରୀ ସନାତନ ସାମଲ ଓଡ଼ିଶାର କେନ୍ଦୁଝର ଜିଲ୍ଲା, ଆନନ୍ଦପୁର ତହସିଲ ଅନ୍ତର୍ଗତ ଅମାରଙ୍ଗ ଗ୍ରାମରେ ୧୨.୯୫ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ ବୈତରଣୀ ନଦୀ ବାଲିଘାଟ ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍‌.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୨୦।୧୦।୨୦୨୨ ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା, ଆନନ୍ଦପୁର ତହସିଲ ଅନ୍ତର୍ଗତ ଡକୋଠା ମୌଜାସ୍ଥିତ ଖାତା ନଂ. ୧୦୩ (ରକ୍ଷିତ), ପ୍ଲଟ୍ ନଂ. ୬୦୬, ୦.୮୪ ଏକର ସମୁଦାୟ ଅଞ୍ଚଳ, ୦.୨୦ ଏକର ପ୍ରସ୍ତାବିତ ଅଞ୍ଚଳ, କିସମ: ଘରବାଡ଼ି**ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **କେନ୍ଦୁଝର** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **କେନ୍ଦୁଝର** ।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **କେନ୍ଦୁଝର** ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **କେନ୍ଦୁଝର** ।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **କେନ୍ଦୁଝର**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ ।

ସ୍ୱା./–ସଦସ୍ୟ ସଚିବ
OIPR-08012/11/0262/2223

**OFFICE OF THE NOTIFIED AREA COUNCIL, ATHMALLIK**
eonacathmallik.hud2012@gmail.com

No.2763 Dt.14.09.22

**1st CORRIGENDUM TO E-PROCUREMENT NOTICE NO. 2733/Dt. 09.09.2022**
**BID IDENTIFICATION NO. Alkn-03/2022-23**

No.C-1237:- Due to unavoidable circumstances, the tender for the development works invited vide bid identification No.Alkn-03/2022-23 and bid reference No. 2022_ORULB_81030_ is hereby cancelled.

Sd./- Executive Officer, N.A.C., Athmallik
OIPR-13161/11/0009/2223

**STATE MEDICINAL PLANTS BOARD, ODISHA**
(Forest, Environment & Climate Change. Deptt. Govt.of Odisha)
Aranya Bhawan, Chandrasekharpur, Bhubaneswar-7510023
E-mail: smpborissa@gmail.com
Tel: +91674-2954911

No.CAD-1849

**NOTICE**

SMPB, Odisha is going to organise the 15th State Level Kalinga Herbal Fair, Bhubaneswar from **09-12-2022 to 15-12-2022.** Interested Event Management Agencies having adequate eligibility are requested to apply latest by **16.00 Hrs of 25.10.2022.**

For details & Tender documents, please visit the following website: www.odisha.gov.in (tenders.gov.in) OR odishaforest.in

CHIEF EXECUTIVE, SMPB Odisha
OIPR-10122/11/0004/2223

**GOVERNMENT OF ODISHA**
**GENERAL ADMINISTRATION & PUBLIC GRIEVANCE DEPARTMENT**
**QUOTATION CALL NOTICE**

No. T-154: Sealed quotations are invited in the prescribed format from Travel agencies/tour operators/ individual vehicle owners having valid uptodate PAN/ GST Registration number for providing **1 (One) Vehicle (Zest/Tigor/Swift Dzire/Xcent/Etios (Petrol) or equivalent class)** for engagement in G.A. & P.G. Department on monthly rent basis. The details of the terms and conditions of the above service along with the tender document can be downloaded from State Government website **http://gaodisha.gov.in/tenders**. Last date for submission of quotation is **23.09.2022 at 02.00 P.M.**

Sd./- Under Secretary to Government
OIPR-09014/11/0031/2223

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DEOGARH**
E-mail Id: eerw_deogarh@yahoo.co.in

No. O-1008 **E-Procurement Notice**

**BID IDENTIFICATION NO. EEDGH-ONLINE-08/2022-23**

1. Name of Work: Road & Building Works - (01 No.)
2. Estimated Cost: Rs.75.36 lakhs
3. Mode of Submission of Tender: Tender shall be submitted Online in **www.tendersodisha.gov.in**.
4. Availability of tender for Online bidding: 23.09.2022, 11.00 A.M. to 07.10.2022 upto 5.00 P.M.
5. Date and time of Opening of Tender: 10.10.2022, 11.00 A.M.
6. Other details can be seen from the website **www.tendersodisha.gov.in**.
7. Corrigendum/Addendum if any shall only be published in the above website.

Sd./- Executive Engineer,
R.W. Division, Deogarh
OIPR-25087/11/0009/2223

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BOUDH**

Letter No. 3099/RWDB Dated, the 15.09.2022
No. O-1010

**Invitation for Bids**
**1st Corrigendum**

**Tender Reference No. Online Tender - 08/SERW Division, Boudh of 2022-23**

Name of the Work:
1. Construction of 2 Nos. "F" type quarter at Tahasildar Harabhanga at Charichhak in the District of Boudh for the year 2022-23
2. Construction of two Roomed Revenue Rest Shed (I.B.) at madhapur in the District of Boudh for the year 2022-23.

The following changes have been made in Bid Identification No. Online Tender/08/SERW Division, Boudh of 2022-23.

1. Bid documents such as DTCN/BOQ etc. can be seen/downloaded from the Govt. website i.e. **www.tendersorissa.gov.in** during the period from Dt.23.09.2022 to 17.00 hours of Dt.30.09.2022 instead of Dt.15.09.2022 to Dt.21.09.2022 for ONLINE BIDDING respectively.
2. Online bids shall be received till 17.00 hours of Dt.30.09.2022 instead of Dt.21.09.2022.
3. The technical bids will be opened at 11.00 A.M. of Dt.01.10.2022 instead of Dt.22.09.2022.

All other terms and conditions remain unchanged.

4. Estimated cost of the work under Sl. No. 1 shall be read as Rs.19.85 lakhs instead of Rs.24.57 lakhs and Rs.41.53 lakhs for the work under Sl. No. 2 instead of Rs.46.67 lakhs.
5. Class of contractor shall be read as "D" and "C" instead of "C" and "B" for work under Sl. No. 1.
6. Period of completion shall be read as 4 months instead of 6 months for work under Sl. No. 1 and 5 months instead of 6 months for work under Sl. No. 2.

Sd./- Superintending Engineer
R.W. Division, Boudh
OIPR-25061/11/0015/2223

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, JAJPUR**
No.O-998:-
rwdivision_jaraka@yahoo.co.in

**'E' PROCUREMENT NOTICE NO. RWD-II/ JJPR-08/22-23 DTD.**

1. Name of work : Periodical maintenance Package No. OR-13-P.M.-10
(A) R&B Road Mugupal to Koruan (OR-13-162)
(B) R&B Road to Krushnapasi (OR-13-ADB-29)
(C) RD Road Madhusudanpur to Tarasa (OR-13-ADB-30)
(D) N.H.-16 to Sapanpur (OR-13-ADB-03-A)
2. Total No. of work : 01 No. of Road work
3. Estimated cost (Approx.) : As indicated against each work in the NIT
4. Period of completion : As indicated against each work in the NIT
5. Class of contractors : As indicated against each work in the NIT

**Other details as follows:**
a) Procurement Officer : Superintending Engineer, Rural Works Division-II, Jajpur at Jarka
b) Availability of tender online & submission of bid : 19.09.2022 at 11.00 A.M. to 26.09.2022 upto 5.00 P.M.
c) Last date & time of seeking of tender clarification : 23.09.2022 upto 5.00 P.M.
d) Opening of tender : 27.09.2022 at 11.00 A.M.

Further details can be seen from the Govt. website **www.tendersodisha.gov.in**

Sd./- Superintending Engineer,
Rural Works Division, Jajpur at Jaraka
OIPR-25080/11/0013/2223

**OFFICE OF THE EXECUTIVE ENGINEER, RWS&S DIVISION, BALASORE**
Tel.: 06782-262249, Fax: 262931, email: eerwss_bls@nic.in, eerwssbls@gmail.com

**NATIONAL COMPETITIVE BIDDING THROUGH e-Tendering**
**Identification No. 27/2022-23 Dt.16.09.2022**

No.O-997:- The Executive Engineer, RWS&S Division, Balasore on behalf of the Governor of Odisha invites bids from bidders of eligible class registered with the Odisha State Government and bidders of equivalent Grade / Class registered with Central Government / MES/ Railways for the works detailed in the table below to be eventually drawn up in P1 contract with design and execution of the following Piped Water Supply Projects.

| | | |
|---|---|---|
| 1 | Nos. of work | : 13 Nos. RPWS Schemes in Balasore district (Clubbed up). |
| 2 | Estimated cost | : Rs.367.66 lakhs to Rs.535.25 lakhs |
| 3 | Period of completion | : 330 days |
| 4 | Availability of bid document in portal | : Dt.21.09.2022 at 16.00 hours to 06.10.2022 upto 17.00 hours through online |
| 5 | Seeking of clarification | : Dt.23.09.2022 at 11.00 hours to Dt.30.09.2022 upto 15.00 hours |
| 6 | Date of opening of bid | : Dt.07.10.2022 at 11.00 hours in the O/o EE, RWSS Division, Balasore |
| 7 | Name and address of the officer inviting tender | : Executive Engineer, RWS&S Division, Balasore |

Bid cost will be receipt through electronic payment by NEFT / RTGS. Further details can be seen from the e-Procurement Portal: **http://tendersodisha.gov.in**

Sd./- EXECUTIVE ENGINEER, RWS&S DIVISION, BALASORE
OIPR-25013/11/0021/2223

**ଓଡ଼ିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ ଲିଃ.**
**ODISHA PISCICULTURE DEVELOPMENT CORPORATION LIMITED**
ISO 9001:2015
(A Government of Odisha undertaking)
'D', Nayapalli, Bhubaneswar - 751012
Website: http://opdc.odisha.gov.in, Email Id: mdopdc@rediffmail.com, Tel.: 0674-2393522

EoI No. 1965.OPDC/PROD/FP-14/2022 Date: 16.09.2022

**"EOI FOR SUPPLY OF FISH FINGERLINGS FOR THE YEAR 2022-23**

No. CAD-1875: Odisha Pisciculture Development Corporation Ltd. invites EOI for Supply of Fish Fingerlings for the year 2022-23 towards stocking of fingerlings in the Reservoirs and Rivers (Ranching Program) in different districts of Odisha under various Govt. Programmes.

**Time Schedule of Various Tender related Events**

| | |
|---|---|
| Bid Calling Date | 17.09.2022 |
| Availability of Bid Document (in website & Head Office of OPDC Ltd., Bhubaneswar) | 18.09.2022 to 29.09.2022 (upto 5.00 P.M.) |
| Last date/time for clarification | 23.09.2022, 4.00 P.M. to 5.00 P.M. |
| Bid Submission Starting date | 19.09.2022 11.00 A.M. onwards |
| Bid closing date/time | 30.09.2022, 11 A.M. |
| Technical Bid opening date/time | 30.09.2022, 12.00 P.M. |
| Bid Opening date/time (Financial) | 30.09.2022, 04.00 P.M. |
| Contact person name and phone number | Mrs. N. Nibedita Palita, AGM, Mob.: 7978176052 |

The authority reserves the right to reject any or all the EoI without assigning any reason thereof. The advertisement and tender document is also available in website **http://opdc.odisha.gov.in & www.fishfedodisha.in**

OIPR-06020/11/0005/2223 Sd./- General Manager

ଧରିତ୍ରୀ
DHARITRI
Bhubaneswar, Sunday, September 18, 2022

**ଓଡ଼ିଶାରେ ବୃଦ୍ଧି ପାଇଛି ମୋବାଇଲ ଗ୍ରାହକ ସଂଖ୍ୟା**

ଭୁବନେଶ୍ୱର: ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ ୨୦୨୨ ଜୁଲାଇରେ ଓଡ଼ିଶାର ମୋବାଇଲ ଗ୍ରାହକ ସଂଖ୍ୟା ୧ ଲକ୍ଷରୁ ଅଧିକ ବୃଦ୍ଧି ପାଇଛି। ଜୁଲାଇରେ ୧,୦୯,୧୧୫ ନୂଆ ଗ୍ରାହକ ସୃଷ୍ଟି ହୋଇ ରାଜ୍ୟରେ ମୋଟ ମୋବାଇଲ ଗ୍ରାହକ ସଂଖ୍ୟା ୩ କୋଟି ୨୯ ଲକ୍ଷ ୧୯ ହଜାର ୧୫୩ରେ ପହଞ୍ଚିଛି। ରାଜ୍ୟର ୩ ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ, ଭାରତୀ ଏୟାରଟେଲ୍ ଓ ବିଏସ୍ଏନ୍ଏଲ୍ ନୂଆ ଗ୍ରାହକ ଯୋଡ଼ିଥିବା ବେଳେ ଭୋଡାଫୋନ୍ ଆଇଡିଆ କେତେଜଣ ଗ୍ରାହକଙ୍କୁ ହରାଇଛନ୍ତି।



## ସଂକ୍ଷେପରେ

### ସାଓମି ଇଣ୍ଡିଆର ନୂତନ ଉତ୍ପାଦ ଉନ୍ମୋଚିତ

**ନୂଆଦିଲ୍ଲୀ,୧୭।୯:** ଦେଶର ପ୍ରମୁଖ ସ୍ମାର୍ଟ ଫୋନ୍ ବ୍ରାଣ୍ଡ୍ ସାଓମି ଇଣ୍ଡିଆ ପକ୍ଷରୁ ନିକଟରେ ୩ଟି ନୂତନ ଉତ୍ପାଦର ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ବିଶେଷ କରି ଏହାର ନୂଆ '୫ଜି ଅଲ୍‌ରାଉଣ୍ଡର ରେଡ୍‌ମି ୧୧ ପ୍ରାଇମ୍ ୫ଜି ଓ ପ୍ରାଇମ୍ ଟାଇମ୍ ଅଲ୍‌ରାଉଣ୍ଡର ରେଡ୍‌ମି ୧୧ପ୍ରାଇମ୍‌ର ଶୁଭାରମ୍ଭ କରାଯାଇଛି। ବିଶେଷକରି ରେଡ୍‌ମି ୧ ପ୍ରାଇମ୍ ୫ଜି ଦ୍ରୁତ କନେକ୍ଟିଭିଟି ଓ ସ୍ପିଡ୍ ପ୍ରଦାନ କରୁଛି। ପାର୍ବଣଋତୁର ଆରମ୍ଭରେ ଏକ ଅତିରିକ୍ତ ସ୍ୱାଦ ସଂଯୋଗ କରି ସାଓମି ଇଣ୍ଡିଆର ରେଡ୍‌ମି ଏ୧ର ଶୁଭାରମ୍ଭ ସହ ଏକ ନୂଆ ସ୍ମାର୍ଟଫୋନ୍ ସିରିଜ୍ ସମ୍ପର୍କରେ ମଧ ଘୋଷଣା କରାଯାଇଛି। ଏ ସମ୍ପର୍କରେ ସାଓମି ଇଣ୍ଡିଆର ଚିଫ୍ ମାର୍କେଟିଂ ଅଫିସର ଅନୁଜ ଶର୍ମା କହିଛନ୍ତି, 'ରେଡ୍‌ମି ୧୧ ପ୍ରାଇମ୍ ୫ଜି ଏକ ନୂତନ ମୂଲ୍ୟରେ ସର୍ବୋତ୍ତମ ହାଇସ୍ପିଡ୍ କନେକ୍ଟିଭିଟି ଆଣୁଛି।

### 'ଶେୟାର ୟୋର୍ ମେମୋରିଜ୍'

**ନୂଆଦିଲ୍ଲୀ,୧୭।୯:** ୱେଷ୍ଟର୍ନ ଡିଜିଟାଲ ପକ୍ଷରୁ ଏକ ସ୍ୱତନ୍ତ୍ର ପାର୍ବଣ ପ୍ରତିଯୋଗିତା 'ଶେୟାର ୟୋର୍ ମେମୋରିଜ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ସାନ୍‌ଡିସ୍କ ପ୍ରଡକ୍ଟର ୧୨୮ଜିବି ଏବଂ ତା'ଠାରୁ ଅଧିକ କ୍ଷମତାର କିମ୍ବା ୨ଜିବି ଓ ଅଧିକ କ୍ଷମତାର ଯେକୌଣସି ଡବ୍ଲ୍ୟୁଡି ଉତ୍ପାଦ ସମେତ ନିର୍ଦ୍ଦିଷ୍ଟ ୱେଷ୍ଟର୍ନ ଡିଜିଟାଲ ଅଫରିଂକୁ କ୍ରୟ କରୁଥିବା ଉପଭୋକ୍ତାମାନେ ଏହି ଉତ୍ସାହଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହେବେ। ଏପରିକି ପ୍ରତି ସପ୍ତାହରେ ୨ଜଣ ବିଜେତାଙ୍କୁ ଚୟନ କରାଯାଇ ୧ଲକ୍ଷ ଟଙ୍କା ମୂଲ୍ୟର ଭାଉଚର ପୁରସ୍କାର ଆକାରରେ ଦିଆଯିବ। ବିଶେଷକରି ଉକ୍ତ ଭାଉଚରକୁ ଏଲ୍‌ଜି ଇଲେକ୍‌ଟ୍ରୋନିକ୍ସ କଞ୍ଜ୍ୟୁମର ଡ୍ୟୁରାବୁଲ୍ ପ୍ରଡକ୍ଟ କିଣିବା ପାଇଁ ରିଡିମ୍ କରାଯାଇପାରିବ ବୋଲି ୱେଷ୍ଟର୍ନ ଡିଜିଟାଲ ମିଡିଲ ଇଷ୍ଟ ଓ ଟିଆଇଏ ଇଣ୍ଡିଆର ମାର୍କେଟିଂ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ଜଗନ୍ନାଥନ୍ ଚେଲିଆ କହିଛନ୍ତି।

# ଟାଟାକୁ ପଛରେ ପକାଇଲା ଆଦାନୀ

■ଆଦାନୀ ଦେଶର ସବୁଠୁ ଭେଲ୍ୟୁଏବଲ ବିଜ୍‌ନେସ୍ ଗ୍ରୁପ୍

■ପ୍ରତି ମାସରେ ୫୬,୭୦୦ କୋଟିର ଆୟ




ନୂଆଦିଲ୍ଲୀ,୧୭।୯

ବିଶ୍ୱର ୩ୟ ଧନୀ ବ୍ୟକ୍ତି ତଥା ଏସିଆର ପ୍ରଥମ ଧନୀ ବ୍ୟକ୍ତି ଭାବେ ଜଣାଶୁଣା ଆଦାନୀ ଗ୍ରୁପ୍‌ର ଅଧ୍ୟକ୍ଷ ଗୌତମ ଆଦାନୀ ଖୁବ୍ କମ୍ ଦିନ ମଧ୍ୟରେ ଅନେକ ସଫଳତା ହାସଲ କରିସାରିଛନ୍ତି। ନିକଟରେ ଦେଶର ସର୍ବପୁରାତନ ବାଣିଜ୍ୟିକ ସଂସ୍ଥା ଟାଟା ଗ୍ରୁପ୍‌କୁ ପଛରେ ପକାଇ ଆଦାନୀ ଗ୍ରୁପ୍ ବର୍ତ୍ତମାନ ଭାରତର ସବୁଠୁ ବଡ଼ ଭେଲ୍ୟୁଏବଲ ବିଜ୍‌ନେସ୍ ଗ୍ରୁପ୍‌ର ମାନ୍ୟତା ଲାଭ କରିଛି। ବିଶେଷକରି ଆଦାନୀ ଗ୍ରୁପ୍‌ର ବଜାର ପୁଞ୍ଜି (ମାର୍କେଟ କ୍ୟାପ୍) ୨୨.୨୭ ଲକ୍ଷ କୋଟି ଟଙ୍କା ବା ୨୭୮ ବିଲିୟନ ଡଲାର ହୋଇଥିବା ବେଳେ ଟାଟା ଗ୍ରୁପ୍‌ର ମାର୍କେଟ କ୍ୟାପ୍ ୨୦.୭୭ ଲକ୍ଷ କୋଟି ଟଙ୍କା ବା ୨୬୦ ବିଲିୟନ ଡଲାରରେ ରହିଛି। ଏପରିକି ଷ୍ଟକ୍ ବଜାରର ସୂଚନା ଅନୁଯାୟୀ ଆଦାନୀ ଗ୍ରୁପ୍‌ର ୯ଟି କମ୍ପାନୀ ସୂଚୀବଦ୍ଧ ଥିଲାବେଳେ ଟାଟା ଗ୍ରୁପ୍ ନିକଟରେ ୨୭ଟି ସୂଚୀବଦ୍ଧ କମ୍ପାନୀ ରହିଛି। ସେହିଭଳି ରିଲାଏନ୍ସ ଗ୍ରୁପ୍ ମଧ ୧୭.୧୬ ଲକ୍ଷ କୋଟି ଟଙ୍କା ଅର୍ଥାତ୍ ୨୨୦ ବିଲିୟନ ଡଲାରର ମାର୍କେଟ କ୍ୟାପ୍ ସହ ତୃତୀୟ ସ୍ଥାନରେ ରହିଛି।

ଅପରପକ୍ଷରେ ୩ବର୍ଷରୁ କମ୍ ସମୟ ମଧ୍ୟରେ ଆଦାନୀ ଗ୍ରୁପ୍‌ର ୭ଟି ସୂଚୀବଦ୍ଧ କମ୍ପାନୀ ନିବେଶକଙ୍କ ସମ୍ପତ୍ତି ୧୮.୭ ଲକ୍ଷ କୋଟି ଟଙ୍କା ବଢାଇଛି। ୨୦୧୯ ଶେଷ ବେଳକୁ ଉକ୍ତ କମ୍ପାନୀଗୁଡିକର ମୋଟ ବଜାର ପୁଞ୍ଜି ୨ଲକ୍ଷ କୋଟି ଟଙ୍କା ଥିଲା। ଏହାପରେ ପ୍ରତି ମାସରେ ପ୍ରାୟ ୫୬,୭୦୦ କୋଟି ଟଙ୍କାର ଆୟ କରିଛି। ନିକଟରେ ଅମ୍ବୁଜା ଏବଂ ଏସିସି ସିମେଣ୍ଟର ମାଲିକାନା ହାସଲ ପୂରା ହେବା ପରେ ଆଦାନୀ ଗ୍ରୁପ୍ ଟାଟା ଗ୍ରୁପ୍‌କୁ ପଛରେ ପକାଇବାରେ ସଫଳ ହୋଇଛି। ଏହି ଦୁଇ କମ୍ପାନୀର ଅଧିଗ୍ରହଣ ପରେ ଆଦାନୀ ଗ୍ରୁପ୍‌ର ମୋଟ ମାର୍କେଟ୍ କ୍ୟାପ୍ ୨୨.୨୭ ଲକ୍ଷ କୋଟି ଟଙ୍କା ହୋଇଯାଇଛି।

## ପାଣ୍ଟାଲୁନ୍ସ ଶହୀଦନଗର ଷ୍ଟୋର ପୁନଃ ଉଦ୍‌ଘାଟିତ




ଭୁବନେଶ୍ୱର,୧୭।୯

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ଆଦିତ୍ୟ ବିର୍ଲା ଗ୍ରୁପ୍‌ର ରିଟେଲ ୟୁନିଟ୍ ପାଣ୍ଟାଲୁନ୍ସର ସ୍ଥାନୀୟ ଶହୀଦନଗର ଏକ୍ସକ୍ଲୁସିଭ ଷ୍ଟୋରର ନବକଳେବର ସହ ଷ୍ଟୋରର ପୁନଃ ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପାଣ୍ଟାଲୁନ୍ସ ପକ୍ଷରୁ ଶନିବାର ଏକ ସ୍ୱତନ୍ତ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମର ଆୟୋଜନ ମଧ କରାଯାଇଥିଲା। ଏହି ଅବସରରେ ଓଲିଉଡ୍ ଅଭିନେତ୍ରୀ ଭୂମିକା ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟୋର ସ୍ୱତ୍ୱାଧିକାରୀ (ମାଲିକ) ବିଶ୍ୱମୋହନ ପଟ୍ଟନାୟକ ଏବଂ ଜୟଶ୍ରୀ ପଟ୍ଟନାୟକଙ୍କ ସମେତ ପାଣ୍ଟାଲୁନ୍ସର ସିଓଓ କରନ୍ ମେହେଟା ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ପାଣ୍ଟାଲୁନ୍ସର ସିଓଓ ମେହେଟା କହିଛନ୍ତି, ଶହୀଦନଗର ଜନପଥ ରୋଡ୍‌ସ୍ଥିତ ସୁରୁଚି ପ୍ଲାଜାଠାରେ ଅବସ୍ଥିତ ପାଣ୍ଟାଲୁନ୍ସ ଷ୍ଟୋରର ପୁନଃ ଶୁଭାରମ୍ଭ ନେଇ ଆମେ ବେଶ୍ ଆନନ୍ଦିତ। ବିଶେଷକରି ଏହାର ଆକର୍ଷଣୀୟ ଡିଜାଇନ ଓ ସୌନ୍ଦର୍ଯ୍ୟ ସାଙ୍ଗକୁ ଗୁଣବତ୍ତା ସାମଗ୍ରୀର ସମ୍ଭାର ଏବଂ ସେବା ସମସ୍ତଙ୍କ ହୃଦୟକୁ ଜିତିପାରିଛି। ଚଳିତ ପାର୍ବଣ ଋତୁର ଆଗମନ ସହ ଉକ୍ତ ଷ୍ଟୋରରେ ଆମେ ଅଧିକ ଗ୍ରାହକଙ୍କ ଆଗମନ ଆଶା କରୁଛୁ। ଫଳରେ ଗ୍ରାହକଙ୍କ ଅଭିଳାଷ ପୂରା କରିବା ଲାଗି ଏଠାରେ ଆମେ ସମସ୍ତ ପ୍ରକାରର ସାମଗ୍ରୀ ଉପଲବ୍ଧ କରାଇଛୁ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଷ୍ଟୋରର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

## ଶସ୍ତା ହୋଇପାରେ ତୈଳ ଦର

ନୂଆଦିଲ୍ଲୀ,୧୭।୯

ଗତ କିଛିଦିନ ହେବ କ୍ରମାଗତ ଭାବେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇଚାଲିଛି। ଫଳରେ ସରକାର ଦେଶ ମଧ୍ୟରେ ଉତ୍ପାଦିତ ଅଶୋଧିତ ତୈଳ ଉପରେ ଉଇଣ୍ଡଫଲ ଲାଭ ଟିକସ ହ୍ରାସ କରିଛନ୍ତି। ଏହାଛଡ଼ା ଡିଜେଲ ଓ ବିମାନ ଇନ୍ଧନ ରପ୍ତାନି ଉପରେ ମଧ ଲାଗୁ ହେଉଥିବା ଶୁଳ୍କ ମଧ ହ୍ରାସ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଦେଶରେ ଏବେ ବି ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଗତ କିଛିମାସ ହେଲା ଭାରତ ବଜାରରେ ତୈଳ ମୂଲ୍ୟରେ କୌଣସି ହ୍ରାସ କିମ୍ବା ବୃଦ୍ଧି ହୋଇନାହିଁ। ତେବେ ସରକାର ଉଇଣ୍ଡଫଲ ଲାଭ ଟିକସ ହ୍ରାସ କରିଥିବାରୁ ମୂଲ୍ୟ ହ୍ରାସର ଆଶା କରାଯାଉଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟର ହ୍ରାସ ଜାରି ରହିଛି। ଫଳରେ ଶୁକ୍ରବାର ସରକାର ୫ଥର ପାଇଁ ଫର୍ଟନାଇଟ୍ ସମୀକ୍ଷାରେ ଘରୋଇ ସ୍ତରରେ ଉତ୍ପାଦିତ ଅଶୋଧିତ ତୈଳ ଉପରେ ଟନ ପିଛା ୧୩,୩୦୦ ଟଙ୍କାର କରକୁ ହ୍ରାସ କରି ୧୦,୫୦୦ ଟଙ୍କା କରି ଦେଇଛନ୍ତି।

## ବିଏସ୍ଏନ୍ଏଲ୍ ପକ୍ଷରୁ ହିନ୍ଦୀ ପକ୍ଷ




ଭୁବନେଶ୍ୱର,୧୭।୯:

ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍ଏନ୍ଏଲ୍)ର ଓଡ଼ିଶା ପରିମଣ୍ଡଳ ଭୁବନେଶ୍ୱର ପକ୍ଷରୁ ହିନ୍ଦୀ ଦିବସ ଏବଂ ହିନ୍ଦୀ ପକ୍ଷ-୨୦୨୨ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ବିଏସ୍ଏନ୍ଏଲ୍ ଓଡ଼ିଶା ପରିମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ରୁଦ୍ରନାରାୟଣ ପଲାଇଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ସହ ରାଜଭାଷା ହିନ୍ଦୀର ଗୁରୁତ୍ୱ ସମ୍ପର୍କରେ ସେ ବିସ୍ତୃତ ମତ ପ୍ରକାଶ କରିଥିଲେ। ସେହିଭଳି ପ୍ରଧାନ ମହାପ୍ରବନ୍ଧକ (ମାନବ ସଂଶୋଧନ) ଦୁଷ୍ମନ୍ତ କୁମାର ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ବାର୍ତ୍ତା ପାଠ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଏସ୍ଏନ୍ଏଲ୍‌ର ବରିଷ୍ଠ ମହାପ୍ରବନ୍ଧକ ଗୁପ୍ତଚନ୍ଦ୍ର ବିଡିକା, ପ୍ରଧାନ ମହାପ୍ରବନ୍ଧକ ମନୋଜ କୁମାର ପଟେଲ, ମହାପ୍ରବନ୍ଧକ ଶଶୀଦେବ ଦୁର୍ଗା, ମହାପ୍ରବନ୍ଧକ ଗୁରୁଦାସ ମେହେର,ମୁଖ୍ୟ ଯନ୍ତ୍ରୀ (ବିଦ୍ୟୁତ୍) ଜି.କେ.ଯାଦବ, ସର୍କଲ ଅର୍ଥ ପରାମର୍ଶଦାତା ହମ୍ବେ ହେମ୍ବ୍ରମଙ୍କ ସମେତ ବହୁ ବରିଷ୍ଠ ଅଧିକାରୀମାନେ ମଧ ବର୍ତ୍ତମାନ ପରିସ୍ଥିତିରେ ହିନ୍ଦୀର ପରିବର୍ତ୍ତିତ ବିକାଶ ଉପରେ ଆଲୋକପାତ କରିଥିଲେ। ବିଶେଷ କରି ବିଭାଗୀୟ ଉପ ମହାପ୍ରବନ୍ଧକ ତପସ୍ୱୀ ପ୍ରସାଦ ବେହେରା, ଶୈଳେଶ ମହାପାତ୍ର, ସହାୟକ ମହାପ୍ରବନ୍ଧକ ସରଜୁପ୍ରସାଦ ପାଢୀ ରାଜଭାଷା ହିନ୍ଦୀ ବିଷୟରେ ଏକ ସଂକ୍ଷିପ୍ତ ଇତିହାସ ପ୍ରଦାନ କରିଥିଲେ। ହିନ୍ଦୀ ଦିବସ ଅବସରରେ ୧୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ହିନ୍ଦୀ ପ୍ରତିଯୋଗିତାର ଆୟୋଜନ ବିଷୟରେ କାର୍ଯ୍ୟାଳୟର ହିନ୍ଦୀ ପ୍ରଭାରୀ ନୃସିଂହ ନାଥ ମହାରଣା ସୂଚନା ପ୍ରଦାନ କରିଥିଲେ। ପରିଶେଷରେ ଶଶୀଦେବ ଦୁର୍ଗା ଓ ଅମିୟ କୁମାର ଖିଲାରଙ୍କ ପରିବେଷିତ ହିନ୍ଦୀ ସଂଗୀତ ସହ ସଭାସାଙ୍ଗ କରାଯାଇଥିଲା। ଦୀପ୍ତିମୟୀ ଭୂୟାଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ ତପସ୍ୱୀ ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଟିପିସିଓଡିଏଲ୍‌ର ମଣ୍ଡଳ କାର୍ଯ୍ୟାଳୟ ଉଦ୍‌ଘାଟିତ

ଭୁବନେଶ୍ୱର,୧୭।୯:

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ନିକଟରେ ଖୋର୍ଦ୍ଧାରେ ଏକ ନୂଆ ଡିଭିଜନ ଅଫିସ (ମଣ୍ଡଳ କାର୍ଯ୍ୟାଳୟ)ର ଶୁଭାରମ୍ଭ କରାଯାଇଛି। ବିଶେଷକରି ଖୋର୍ଦ୍ଧା ବିଦ୍ୟୁତ୍ ଡିଭିଜନର ସମସ୍ୟାଗୁଡ଼ିକର ମୁକାବିଲା ଲାଗି ଏହା ବେଶ୍ ସହାୟକ ହେବ। ଏଥିରେ ଖୋର୍ଦ୍ଧା ଆଖପାଖ ଅଞ୍ଚଳର ଗ୍ରାହକମାନଙ୍କ ପାଇଁ ଏକ ସମର୍ପିତ ଗ୍ରାହକ ସେବା କେନ୍ଦ୍ର ମଧ ରହିଛି। ସେହିଭଳି ଏକ ଭ୍ରାମ୍ୟମାଣ ଗ୍ରାହକ ସେବା କେନ୍ଦ୍ର (ସିସିସି) ସହ ଟିପିସିଓଡିଏଲ୍‌ର ୧୬ତମ ଗ୍ରାହକ ସେବା କେନ୍ଦ୍ରର ମଧ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଟାଟା ପାୱାର୍ କୋ ଲିମିଟେଡ୍‌ର ସିଇଓ ତଥା ଏମ୍‌ଡି ଡ. ପ୍ରବୀର ସିହ୍ନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିପିସିଓଡିଏଲ୍‌ର ସିଇଓ ଏମ୍.ସେନ୍‌ବାଗମ୍‌ଙ୍କ ସମେତ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଓ ଖୋର୍ଦ୍ଧା ବିଦ୍ୟୁତ୍ ଡିଭିଜନ୍‌ର କର୍ମଚାରୀମାନେ ମଧ ଉପସ୍ଥିତି ଥିଲେ। ଏହା ଜରିଆରେ ଖୋର୍ଦ୍ଧା ଡିଭିଜନର ୧,୮୦,୦୦୦ ଗ୍ରାହକ ଉପକୃତ ହେବେ। ଏ ସମ୍ପର୍କରେ ସିହ୍ନା କହିଛନ୍ତି, ଖୋର୍ଦ୍ଧାରେ ନୂଆ ଡିଭିଜନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରି ମୁଁ ଅତ୍ୟନ୍ତ ଖୁସି। ସେହିପରି ଟିପିସିଓଡିଏଲ୍‌ର ସିଇଓ ସେନ୍‌ବାଗମ୍ କହିଛନ୍ତି,ଟିପିସିଓଡିଏଲ୍‌ର ଶୁଭାରମ୍ଭ ପରଠାରୁ ଆମେ ଲୋକମାନଙ୍କ କାର୍ଯ୍ୟ କରିବା ନିମନ୍ତେ ଏକ ଉତ୍ତମ ସ୍ଥଳ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଆସିଛୁ ଏବଂ ଖୋର୍ଦ୍ଧାରେ ଆମ ଟିମ୍‌କୁ ନେଇ ମୁଁ ଅତ୍ୟନ୍ତ ଖୁସି।

## ଫୁର୍‌ସତ୍

# ଅଧିକ କାମ କଲେ ଖସିଯିବ ମାଉସ୍

**କେପ୍ ଟାଉନ୍:** ଅଫିସ୍‌ରେ କାମର ଚାପ ବଢ଼ିବା କାରଣରୁ କର୍ମଜୀବୀ ବ୍ୟକ୍ତି ନିଜ ପରିବାରକୁ ସମୟ ଦେବାରୁ ବଞ୍ଚିତ ହେଉଛନ୍ତି। ଖାଲି ସେତିକି ନୁହେଁ ୱାର୍କଲୋଡ୍ କାରଣରୁ ଶରୀରରେ ମଧ ଏହାର ନକାରାତ୍ମକ ପ୍ରଭାବ ପଡୁଥିବା ଯୋଗୁ ବହୁବିଧ ରୋଗରେ ଲୋକ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳୁଛି। ଏପ୍ରକାର ସମସ୍ୟାକୁ କିଛିମାତ୍ରାରେ ଲାଘବ କରିବା ପାଇଁ ବିଦେଶୀ କମ୍ପାନୀ ସାମ୍‌ସଙ୍ଗ୍ ଏକ ସ୍ୱତନ୍ତ୍ର ଧରଣ ମାଉସ୍ ତିଆରି କରିଛି, ଯାହାର ନାମ ସାମ୍‌ସଙ୍ଗ ବାଲାନ୍ସ ମାଉସ୍ ରଖାଯାଇଛି। ଅଫିସ୍ ଟାଇମ୍‌ଠାରୁ ଅଧିକ ସମୟ କାମ କଲେ ଏହି ମାଉସ୍‌ଟି ସ୍ୱତଃ ଭାବେ କାମ କରିବା ବନ୍ଦ କରିଦେବ। ବିଶେଷ ପ୍ରକାର ଟେକ୍ନୋଲୋଜିରେ ତିଆରି ହୋଇଥିବା ଏହି ମାଉସ୍‌ରେ ସ୍ୱତନ୍ତ୍ର ପ୍ରକାର ଫିଚର୍ ରହିଛି, ଯେଉଁଥିରେ ଅଫିସ୍ ସମୟ ଅତିବାହିତ ହୋଇଗଲା ପରେ ଏହା ହାତରୁ ଖସିଯିବ। ଅର୍ଥାତ୍ ଏହା ନିଜସ୍ୱ ସେଲ ବା ଖୋଳରୁ ବାହାରି ଚାଲିଯିବ ଏବଂ ଆଉ ଧରା ଦେବ ନାହିଁ। ଅଫିସ କାମ ସାଙ୍ଗକୁ ପରିବାର ମଧ୍ୟରେ ସାମଞ୍ଜସ୍ୟ ରକ୍ଷା କରିବା ପାଇଁ ଏହି ମାଉସ୍ ସାହାଯ୍ୟ କରିବ। ତେବେ ସାଉଥ୍ କୋରିଆନ୍ କମ୍ପାନୀ ସାମ୍‌ସଙ୍ଗ ନିଜ ଅଫିସିଆଲ ୟୁଟ୍ୟୁବ୍ ଚ୍ୟାନେଲରେ ବାଲାନ୍ସ ମାଉସ୍ ନେଇ ଏକ ବିଜ୍ଞାପନ ଜାରି କରିଛି। ଜଣେ କର୍ମଚାରୀ ଅଫିସ୍ ସମୟ ପରେ ଏକୁଟିଆ କାମ କରୁଥିବାବେଳେ ହଠାତ୍ ମାଉସ୍‌ଟି ନିଜ ସ୍ଥାନରୁ ଦୂରକୁ ଚାଲିଯାଉଛି। ଏହାପରେ ଉକ୍ତ କର୍ମଚାରୀ ଯେତେଚେଷ୍ଟା କଲେ ବି ମାଉସ୍‌ଟି ଆଉ ଧରା ଦେଉ ନ ଥିବା ଦେଖିବାକୁ ମିଳିଛି। ତେବେ ଏହି ବିଶେଷ ପ୍ରକାର ମାଉସ୍‌ର ନିର୍ମାଣ ପ୍ରଣାଳୀ ଆରମ୍ଭ ହୋଇଥିବାବେଳେ ଏହା କେଉଁ ସମୟରେ ବଜାରରେ ଉପଲବ୍ଧ ହେବ ତାହା କମ୍ପାନୀ ପକ୍ଷରୁ କୁହାଯାଇ ନାହିଁ।



## ଇନ୍ଦିରାଙ୍କ ଚରିତ୍ରରେ ଫାତିମା

**ମୁମ୍ବାଇ:** ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି ଫିଲ୍ମ 'ସାମ୍ ବାହାଦୁର'ର ଶୁଟିଂ। ଚଳଚ୍ଚିତ୍ରରେ ବଲିଉଡ୍ ଅଭିନେତା ବିକି କୌଶାଲଙ୍କ ସହ ଫାତିମା ସନା ଶେଖ୍ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ତେବେ ଏଥିରେ ଫାତିମା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଚରିତ୍ରରେ ଅଭିନୟ କରିବେ। ଏ ନେଇ ନାୟିକା ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରିଛନ୍ତି, ଯେଉଁଥିରେ ସେ ଇନ୍ଦିରାଙ୍କ ଚରିତ୍ରରେ ଅଭିନୟ କରିବା ପାଇଁ ପ୍ରସ୍ତୁତ ହେଉଥିବା କହିଛନ୍ତି। ମେଘନା ଗୁଲଜାରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମରେ ସାନ୍ୟା ମାଲହୋତ୍ରା ମଧ ନଜରକୁ ଆସିବେ। 'ସାମ୍ ବାହାଦୁର' ବ୍ୟତୀତ ଆଗାମୀ ଦିନରେ ଫାତିମା ଫିଲ୍ମ 'ଧକ୍ ଧକ୍'ରେ ମଧ କାମ କରିବାକୁ ଯାଉଛନ୍ତି, ଯାହାର ନିର୍ଦ୍ଦେଶନା ଦାୟିତ୍ୱରେ କରଣ ଦୁଦେଜା ଅଛନ୍ତି। ଫିଲ୍ମ ଅଜିବ ଦାସ୍ତାଁରେ ଫାତିମାଙ୍କୁ ଶେଷଥର ପାଇଁ ବଡ଼ ପରଦାରେ ଦେଖାଯାଇଥିଲା।



## 'ଗୋଟିଏ ଦିନ ଛୁଟି ନେଇ ଜନ୍ମଦିନ ପାଳନ୍ତୁ'

**ମୁମ୍ବାଇ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନ ଅବସରରେ ବହୁ ରାଜନେତା ତଥା ଫିଲ୍ମ କଳାକାର ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବଲିଉଡ୍‌ର କିଙ୍ଗ ଖାନ୍ ଶାହରୁଖ ଟୁଇଟର ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ମଜାଳିଆ ଅନ୍ଦାଜ୍‌ରେ ଜନ୍ମ ଦିନର ଶୁଭକାମନା ଦେଇଛନ୍ତି। ସେ ଲେଖିଛନ୍ତି, ଦେଶ ଉନ୍ନତି ପାଇଁ ଆପଣଙ୍କ କାର୍ଯ୍ୟକୁ ଦେଶବାସୀ ଆଦରରେ ଗ୍ରହଣ କରିଛନ୍ତି। ଆପଣଙ୍କ ସମସ୍ତ ଆଶା ପୂରଣ ହେଉ। ଗୋଟିଏ ଦିନ କାମରୁ ଛୁଟି ନେଇ ନିଜ ଜନ୍ମ ଦିନକୁ ପାଳନ କରନ୍ତୁ ବୋଲି ଶାହରୁଖ ଟୁଇଟର ପୋଷ୍ଟରେ ଲେଖିଛନ୍ତି। ଚଳିତ ବର୍ଷ ମୋଦି ନିଜର ୭୨ତମ ଜନ୍ମ ଦିନ ପାଳନ କରିଛନ୍ତି। ୨୦୨୩ରେ ଶାହରୁଖ ପୁଣିଥରେ ବଡ଼ ପରଦାକୁ କମ୍‌ବ୍ୟାକ୍ କରିବାକୁ ଯାଉଛନ୍ତି। ସାଉଥ୍ ଫିଲ୍ମ ନିର୍ଦ୍ଦେଶକ ଆଥିଲିଙ୍କ ନିର୍ଦ୍ଦେଶନାରେ ତିଆରି ହୋଇଥିବା ଏହି ଫିଲ୍ମଟି ଆଗାମୀ ଜାନୁୟାରୀ ୨୫ ତାରିଖରେ ମୁକ୍ତିଲାଭ କରିବ। ସ୍ତ୍ରୀ ଗୌରୀ ଖାନ୍ ଏହାର ପ୍ରଯୋଜନା ଭାର ସମ୍ଭାଳିଛନ୍ତି।



## ସବୁରି କାର୍ଯ୍ୟରେ ହୁଅଇ ଲୋଡ଼ା

### ବିଶ୍ୱ ବାଉଁଶ ଦିବସ

**ଆ**ମର ପ୍ରତିଟି କାର୍ଯ୍ୟରେ ଲୋଡ଼ା ହେଉଥିବା ଗଛ ହେଉଛି ବାଉଁଶ। ଘର ତିଆରିଠାରୁ ଆରମ୍ଭ କରି ଘରର ଆଭ୍ୟନ୍ତରୀଣ ସାଜସଜ୍ଜା ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ବାଉଁଶର ଗୁରୁତ୍ୱପୂର୍ଣ୍ଣ ଉପଯୋଗିତା ରହିଛି। ପରିବେଶ ସ୍ଥିରତା, ଜୈବବିବିଧତା ସାଙ୍ଗକୁ ଅର୍ଥନୀତି କ୍ଷେତ୍ରରେ ବାଉଁଶର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବାଉଁଶର ଉପଯୋଗିତା ସମ୍ପର୍କରେ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୧୮ରେ ବିଶ୍ୱ ବାଉଁଶ ଦିବସ ପାଳନ କରାଯାଇଥାଏ। ବ୍ୟାଙ୍କକ୍‌ରେ ଅଷ୍ଟମ ବିଶ୍ୱ ବାଉଁଶ କଂଗ୍ରେସରେ ୨୦୦୯ରେ ୧୮ ସେପ୍ଟେମ୍ବରରେ ଏହି ଦିବସ ପାଳନ ପାଇଁ ବିଶ୍ୱ ବାଉଁଶ ସଂଗଠନର ଆନୁଷ୍ଠାନିକ ଭାବରେ ମାନ୍ୟତା ମିଳିଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦୦ଟି ଦେଶର ପ୍ରତିନିଧି ଯୋଗ ଦେଇଥିଲେ।

## ମନ୍ଦିରକୁ ଦେଢ଼ କୋଟି ଦାନକଲେ ଅମ୍ବାନୀ

ତିରୁପତି

ରିଲାଏନ୍ସ ଇଣ୍ଡଷ୍ଟ୍ରିର ମାଲିକ ମୁକେଶ ଅମ୍ବାନୀ ଆନ୍ଧ୍ର ପ୍ରଦେଶର ଭେଙ୍କଟେଶ୍ୱର ମନ୍ଦିର ଦର୍ଶନ କରିଛନ୍ତି। ସାନ ପୁଅ ଅନନ୍ତଙ୍କ ଭାବିବଧୂ ରାଧିକା ମର୍ଚାଣ୍ଟ ଏବଂ ରିଲାଏନ୍ସ ରିଟେଲ୍ ଲିମିଟେଡ୍‌ର ନିର୍ଦ୍ଦେଶକ ଅମ୍ବାନୀଙ୍କ ସହ ମନ୍ଦିର ଦର୍ଶନ କରିଛନ୍ତି। ମନ୍ଦିର ଦର୍ଶନ ପରେ ଅମ୍ବାନୀ ୧.୫ କୋଟି ଟଙ୍କା ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି) ଟ୍ରଷ୍ଟକୁ ଦାନ କରିଛନ୍ତି। ଆନ୍ଧ୍ର ପ୍ରଦେଶର ଭେଙ୍କଟେଶ୍ୱର ମନ୍ଦିର ସମେତ ରାଜ୍ୟରେ ଥିବା ସମସ୍ତ ମନ୍ଦିର ଏହି ଟ୍ରଷ୍ଟ ଅଧୀନରେ ଆସୁଛି। ମନ୍ଦିରରେ ପ୍ରାର୍ଥନା କରିବା ସାଙ୍ଗକୁ ପରିସରରେ ଥିବା ହାତୀଙ୍କୁ ଖାଦ୍ୟ ଖୁଆଇ ଥିଲେ ମୁକେଶ ଓ ରାଧିକା। ମନ୍ଦିର ଦିନକୁ ଦିନ ଉନ୍ନତ ହେବାରେ ଲାଗିଛି, ଯାହାପାଇଁ ଭାରତୀୟ ବେଶ୍ ଗର୍ବିତ। ଭଗବାନ ଭେଙ୍କଟେଶ୍ୱରଙ୍କ ଆଶୀର୍ବାଦ ପାଇଁ ମୁକେଶ ମନ୍ଦିର ଆସିଥିବା କହିଛନ୍ତି।



## ଦୀନ୍ ଦୟାଲ ଗ୍ରାମୀଣ କୌଶଳ ଯୋଜନା

ବାଲିପାଟଣା,(ଡି.ଏନ୍.ଏ.): ପଞ୍ଚାଳ ପଞ୍ଚାୟତସ୍ତରୀୟ ମହିଳା ମହାସଂଘ ପକ୍ଷରୁ ଶନିବାର ପଞ୍ଚାୟତ ଏଲ୍ଏଫ୍ ପରିସରରେ ଆୟୋଜିତ ଦୀନ୍ ଦୟାଲ କୌଶଳ ଯୋଜନା କାର୍ଯ୍ୟକ୍ରମକୁ ବିଜୟଲକ୍ଷ୍ମୀ ବେହେରା ସଂଯୋଜନା କରିଥିଲେ। ଅତିଥିଭାବେ ବ୍ଲକ ପ୍ରକଳ୍ପ ପରିଚାଳିକା ରାଜଲକ୍ଷ୍ମୀ ପଣ୍ଡା, ବ୍ଲକ ସଂଯୋଜିକା ପ୍ରିୟଞ୍ଜଳି ପାଣିଗ୍ରାହୀ, ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା, ସମିତିସଭ୍ୟା ନମିତା ଭୋଇ ପ୍ରମୁଖ ଯୋଗଦେଇ ଯୁବତୀଯୁବକମାନେ ଏହି ଯୋଜନା ମାଧ୍ୟମରେ ଆତ୍ମନିଯୁକ୍ତି କୌଶଳ ଶିକ୍ଷା କରିବା ସହିତ ସହଜରେ ନିଯୁକ୍ତି ସୁଯୋଗ ପାଇପାରିବେ। କମିଟିର ସଭାପତି ବନ୍ଦିତା ରାୟ, ସମ୍ପାଦିକା ଗୁନମନି କାଣ୍ଡି ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦରମା ମାଗିବାରୁ କଲ୍‌ଗର୍ଲ ସଜେଇଦେଲେ ମାଲିକ

ଭୁବନେଶ୍ୱର,୧୭।୯(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏକ ଘରୋଇ ସଂସ୍ଥାରେ କାମ କରୁଥିବା ଜଣେ ଯୁବତୀ ସଂସ୍ଥା ମାଲିକଙ୍କ ନାମରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଦରମା ମାଗିବାରୁ ମାଲିକ ଜଣକ କଲ୍‌ଗର୍ଲ ସଜେଇ ଦେଇଥିବା ସେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଏପରି କି ଯୁବତୀ ଜଣଙ୍କ ଦରମା ମାଗିବାରୁ ମାଲିକ ଯୁବତୀଙ୍କ ଫଟୋ ଏବଂ ଫୋନ୍ ନମ୍ବର ଏସ୍‌କର୍ଟ ସାଇଟ୍‌ରେ ଛାଡ଼ିଥିବା କହିଛନ୍ତି। ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ, ଯୁବତୀ ଜଣକ ଏକ ଘରୋଇ କମ୍ପାନୀରେ ମ୍ୟାନେଜର ଭାବେ କାମ କରୁଥିଲେ। ଦରମା ଟଙ୍କା ପାଇବାକୁ ନେଇ ଉକ୍ତ ସଂସ୍ଥା ସହ ଗଣ୍ଡଗୋଳ ହେବାରୁ ନ୍ୟାୟ ପାଇଁ ଥାନାକୁ ଯାଇଥିଲେ ଯୁବତୀ। ପୋଲିସ ସାମ୍ନାରେ ସଂସ୍ଥାର ମାଲିକ ଅଫର ଲେଟରକୁ ଚିରି ଦେଇଥିବାବେଳେ ତାଙ୍କ ସହ ଦୁର୍ବ୍ୟବହାର କରିଥିଲେ। ଏପରି କି ଅଜଣା ନମ୍ବରରୁ ଯୁବତୀ ଓ ତାଙ୍କ ସମ୍ପର୍କୀୟଙ୍କ ଫୋନକୁ ଅଶ୍ଳୀଳ ମେସେଜ୍ ପଠାଉଥିବା ଅଭିଯୋଗ ହୋଇଛି। ଏହାସହ ଯୁବତୀଙ୍କ ଫଟୋରେ ଏସକର୍ଟ ସର୍ଭିସ୍ ଲେଖି ଭାଇରାଲ କରାଇଛନ୍ତି ବୋଲି ପୋଲିସକୁ କହିଛନ୍ତି ଯୁବତୀ।

### ନିଶାସକ୍ତ ୪ ଯୁବକଙ୍କୁ ବାନ୍ଧି ମାଡ଼

ବାରଙ୍ଗ,୧୭।୯(ଡି.ଏନ୍.ଏ.)- ବାରଙ୍ଗସ୍ଥିତ ତ୍ରିଶୂଳିଆ ଛକ ନିକଟ କୁସିନ୍ଦାଗାଁ ନିକଟରେ ଶନିବାର ୪ଜଣ ମଦ୍ୟପ ଯୁବକ ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ନିଶାସକ୍ତ ଅବସ୍ଥାରେ ଜଣକୁ ପିଟିଥିଲେ। ଏହି କଥା ସ୍ଥାନୀୟ ଗାଁ ଲୋକ ଜାଣିବା ପରେ ଗ୍ରାମବାସୀ ୪ ନିଶାସକ୍ତ ଯୁବକଙ୍କୁ ନିର୍ଘୁମ ପିଟିଥିଲେ। ସୂଚନା ଅନୁଯାୟୀ, ବାରଙ୍ଗ ଥାନା ଅଧୀନ କୁସିନ୍ଦାଗାଁ ନିକଟରେ ଏକ ଦେଶୀ ମଦ ଦୋକାନ ରହିଛି। ଶନିବାର ମଧ୍ୟାହ୍ନରେ ପାଖରେ ଥିବା ଇଟାଭାଟିରେ କାର୍ଯ୍ୟ କରୁଥିବା ଚାରିଜଣ ଯୁବକ ମଦ ପିଇବା ପାଇଁ ଆସିଥିଲେ। ହେଲେ କୌଣସି ଏକ କାରଣକୁ ନେଇ ସେମାନଙ୍କ ସହ ନିକଟରେ ଛିଡ଼ା ହୋଇଥିବା ନରଣପୁର ଗ୍ରାମର ଜଣେ ଯୁବକଙ୍କ ସହ ବଚସା ହୋଇଥିଲା। ଏଥିରେ ୪ଜଣ ଯୁବକ ନିଶାସକ୍ତ ଅବସ୍ଥାରେ ଥିବାରୁ ଉତ୍ତ୍ୟକ୍ତ ହୋଇ ଯୁବକଙ୍କୁ ମାଡ଼ ମାରି ଆଖିପତା ଫଟେଇ ଦେଇଥିଲେ। ଏହି ଖବର ଗାଁଲୋକ ଜାଣିବାପରେ ସେଠାରେ ପହଞ୍ଚି ୪ ଯୁବକଙ୍କୁ ବାଉଁଶ ବୁଦାରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଖବରପାଇ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକମାନଙ୍କୁ ଉଦ୍ଧାର କରିଥିଲା।

# ମାଟିରେ ମିଶିଲା ରଞ୍ଜୁଙ୍କ ଘର

**ନିଶା କାରବାର : ଚନ୍ଦୁ ହତ୍ୟା ମାମଲା**

■ଦ୍ୱିତୀୟ ସ୍ୱାମୀଙ୍କ ସହ ଜେଲରେ ଅଛନ୍ତି ରଞ୍ଜୁ

ଭୁବନେଶ୍ୱର,୧୭।୯ (ବ୍ୟୁରୋ)




କ୍ୟାପିଟାଲ ଥାନା ଅନ୍ତର୍ଗତ ନାରାୟଣ ବସ୍ତିରେ ପି.ସୁବ୍ରତ ରାଓ ଓରଫ ଚନ୍ଦୁ ହତ୍ୟା ମାମଲାରେ ଗିରଫ ହୋଇ ଜେଲରେ ଥିବା ମୁଖ୍ୟ ଅଭିଯୁକ୍ତ ତଥା ମାଷ୍ଟରମାଇଣ୍ଡ୍ ରଞ୍ଜୁ ନାୟକଙ୍କ ଘରକୁ ମାଟିରେ ମିଶାଇ ଦେଇଛି କମିଶନରେଟ ପୋଲିସ। ଶନିବାର କ୍ୟାପିଟାଲ ଥାନା ପୋଲିସ ଓ ବିଏମ୍‌ସିର ମିଳିତ ଉଦ୍ୟମରେ ସରକାରୀ ଜାଗାରେ ଥିବା ଉକ୍ତ ବେଆଇନ ଘରକୁ ବୁଲ୍‌ଡୋଜର ଓ ହାତୁଡିରେ ବାଡେଇ ଭାଙ୍ଗି ଦିଆଯାଇଛି। ଘଟଣାସ୍ଥଳରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ ଉପସ୍ଥିତ ରହି ଏହି କାର୍ଯ୍ୟକୁ ସଫଳ କରାଇଥିଲେ। ତେବେ ଘର ଭଙ୍ଗା ସମୟରେ ନିଶା କାରବାର ପାଇଁ ରଞ୍ଜୁ ସେଠାରେ ୬ଟି ଘର ସହ ଭିତରେ ପିଣ୍ଡି ତିଆରି କରିଥିବା ଦେଖିବାକୁ ମିଳିଥିଲା। ଗତ ୯ ତାରିଖରେ ରାତି ପ୍ରାୟ ୧୦ଟାରେ ରଞ୍ଜୁ ଓ ଦ୍ୱିତୀୟ ସ୍ୱାମୀ କାହ୍ନା ନାୟକ କାଠ ଫାଳିଆ ଏବଂ ଲୁହାରଡରେ ପିଟି ଚନ୍ଦୁଙ୍କ ହତ୍ୟା କରିବା ପରେ ଫେରାର ହୋଇଯାଇଥିଲେ। ପୋଲିସ ବହୁ ଖୋଜାଖୋଜି ପରେ ସେମାନଙ୍କୁ ୬ ଦିନ ପରେ ଗଞ୍ଜାମରୁ ଗିରଫ କରିଥିଲା। ଏହି ଘଟଣା ପରେ ରଞ୍ଜୁଙ୍କ ନିଶା କାରବାର ଓ ଆପରାଧିକ କାର୍ଯ୍ୟକଳାପ ସମ୍ପର୍କରେ ଅଧିକ ତଥ୍ୟ ପଦାକୁ ଆସିଥିଲା। ରଞ୍ଜୁଙ୍କ ନାଁରେ ସ୍ଥାନୀୟ ଥାନାରେ ମୋଟ ୩ଟି ମାମଲା ରହିଛି। ନିଶା କାରବାରକୁ ନେଇ ୨ଟି ମାମଲା ଓ ଆଉ ଗୋଟିଏ ହତ୍ୟା ମାମଲା ରହିଛି। ଏପରିକି ସେ ପୂର୍ବରୁ ମଧ୍ୟ ନିଶା କାରବାର ଘଟଣାରେ ଗିରଫ ହୋଇ ଜେଲ୍ ଯାଇଥିଲେ। ଜେଲ୍‌ରୁ ଫେରିବା ପରେ ପୁଣି ଉକ୍ତ ଘରେ ନିଶା କାରବାର ଜାରି ରଖିଥିଲେ। ଏବେ ହତ୍ୟା ଭଳି ଜଘନ୍ୟ ଅପରାଧ ଘଟାଇଥିବାରୁ ପୋଲିସ ଏଭଳି କଡା ପଦକ୍ଷେପ ନେଇଛି।

ସରକାରୀ ଜାଗାରେ ଘର କରି ଆପରାଧିକ କାର୍ଯ୍ୟାକଳାପରେ ସଂପୃକ୍ତ ବ୍ୟକ୍ତିଙ୍କ ପ୍ରତି କମିଶନରେଟ ପୋଲିସ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆସୁଛି। ଗତ ୧୫ ତାରିଖରେ ବଡଗଡ ଥାନା ଅନ୍ତର୍ଗତ ମହିଷାଖାଲ ବସ୍ତିରେ ରହୁଥିବା ଅନ୍ନପୂର୍ଣ୍ଣା ବେହେରା ଓରଫ୍ ପାନାର ସରକାରୀ ଜାଗାରେ କରିଥିବା ଘରେ ବ୍ରାଉନସୁଗାର କାରବାର କରୁଥିବା ଜଣାପଡିବା ପରେ ଉକ୍ତ ଘରକୁ ପୋଲିସ ବିଏମ୍‌ସି ସହାୟତାରେ ଭାଙ୍ଗି ମାଟିରେ ମିଶାଇ ଦେଇଥିଲା। ଅପରାଧୀମାନେ ସାଧାରଣତଃ ସହରରେ ଥିବା ଭଙ୍ଗାଘର, ବନ୍ଦ ପଡିଥିବା ଦୋକାନ ଘର, ସରକାରୀ ଜାଗାରେ ଥିବା ଘର ବା ଏକାନ୍ତ ସ୍ଥାନରେ ଥିବା ଭଡାଘରଗୁଡ଼ିକୁ ଆପରାଧିକ କାର୍ଯ୍ୟ କିମ୍ବା ଯୋଜନା ପ୍ରସ୍ତୁତିରେ ବ୍ୟବହାର କରିଥାନ୍ତି। ତେଣୁ ଏସବୁ ଉପରେ ନଜର ରଖିବା ସହ ପୋଲିସ ସେମାନଙ୍କ ଆପରାଧିକ କାର୍ଯ୍ୟର ପୂର୍ଣ୍ଣଚ୍ଛେଦ ପକାଇବା ନିମନ୍ତେ ଏଭଳି ବିକଳ୍ପ ପଦକ୍ଷେପ ନେବା ଆରମ୍ଭ କରିଛି। ଆଗକୁ ମଧ୍ୟ ଏହି ଅଭିଯାନ ଜାରି ରହିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ପୋଲିସକୁ ଦୋଷ ଦେଲେ ବସ୍ତିବାସିନ୍ଦା

ରଞ୍ଜୁଙ୍କ ଘର ଭଙ୍ଗା ହେବ ବୋଲି ଜାଣିବା ପରେ ବସ୍ତିର ବହୁ ମହିଳା ଓ ପୁରୁଷ ସେଠାରେ ଭିଡ଼ ଜମାଇଥିଲେ। ଏହାକୁ ସେମାନେ ପ୍ରଶଂସା କରିବା ସହ ବସ୍ତିରେ ନିଶା କାରବାର ଓ ହତ୍ୟାକାଣ୍ଡ ପାଇଁ ପୋଲିସ ଉପରେ ଗର୍ଜିଥିଲେ। ସେମାନେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଥିଲେ ଯେ, ପୋଲିସ ସବୁ ଜାଣି ରଞ୍ଜୁଙ୍କୁ ନିଶା କାରବାର ପାଇଁ ପ୍ରଶ୍ରୟ ଦେଉଥିଲା। ପୂର୍ବରୁ ସେ ଗିରଫ ହୋଇ ଜେଲ୍ ଯାଇଥିଲେ। ଜେଲ୍‌ରୁ ଫେରିବା ପରେ ପୁଣି ନିଶା ବେପାର ଚଳାଇଥିଲେ ମଧ୍ୟ ଏତେଦିନ ଧରି ପୋଲିସ କ'ଣ କରୁଥିଲା। ଏବେ ଜୀବନ ଯିବା ପରେ ପୋଲିସର ନିଦ ଭାଙ୍ଗିଲା। ପୋଲିସ ତାଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଉ। ଜେଲରୁ ଫେରିବା ପରେ ସେ ଯେପରି ଏଠାକୁ ନ ଆସିବ, ସେନେଇ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଉ।

## ନଷ୍ଟହେଲା ୩୨ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ



ଭୁବନେଶ୍ୱର,୧୭।୯ (ବ୍ୟୁରୋ)

ମାମଲାଗୁଡ଼ିକର ବିଚାର ପୂର୍ବରୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଓ ରାଜ୍ୟ ପୋଲିସ ପକ୍ଷରୁ ପୁଣିଥରେ ବିପୁଳ ପରିମାଣର ଜବତ ଗଞ୍ଜେଇକୁ ନଷ୍ଟ କରିଦିଆଯାଇଛି। ଗତ ଦୁଇବର୍ଷ ମଧ୍ୟରେ ଏନ୍‌ଡିପିଏସ୍ ଆକ୍ଟ ଅନୁଯାୟୀ ୧୧ଟି ମାମଲାରେ କନ୍ଧମାଳ, ମାଲକାନଗିରି, ଅନୁଗୋଳ ଓ କୋରାପୁଟ ଅଞ୍ଚଳରୁ ଜବତ ହୋଇଥିବା ମୋଟ ୩୨ କୁଇଣ୍ଟାଲ ୭୦କେଜି ଗଞ୍ଜେଇ ଜବତ ହୋଇଥିଲା। ସଂପୃକ୍ତ ଜିଲାର ଡ୍ରଗ୍ ନିଷ୍କାସନ କମିଟିର ନିଷ୍ପତ୍ତିକ୍ରମେ ସମସ୍ତ ଆଇନଗତ ପ୍ରକ୍ରିୟା ଅନୁସାରେ ନିର୍ଦ୍ଧାରିତ ଜାଳେଣିରେ ଏହି ନିଶାଦ୍ରବ୍ୟଗୁଡ଼ିକୁ ପୋଡ଼ି ଦିଆଯାଇଛି। ତେବେ ଏତେ ପରିମାଣରେ ଗଞ୍ଜେଇ ନଷ୍ଟ ହେବା ରାଜ୍ୟରେ ଦ୍ୱିତୀୟ ଘଟଣା। ଗତ ଅଗଷ୍ଟ ୩୧ରେ ୯ କୁଇଣ୍ଟାଲ ୮୦ କେଜି ଗଞ୍ଜେଇ ନଷ୍ଟ କରାଯାଇଥିଲା। ସେହିପରି ଏହା ପୂର୍ବରୁ ଅର୍ଥାତ୍ ଜୁନ ୧୦ରେ ମଧ୍ୟ ସାଢେ ୮ କେଜିର ବ୍ରାଉନସୁଗାର ନଷ୍ଟ କରାଯାଇଥିଲା।

**ପୁଣିଥରେ ବିଚାର ପୂର୍ବରୁ ପଦକ୍ଷେପ**

ଆସନ୍ତା ୩ରୁ ୬ ମାସ ମଧ୍ୟରେ ରାଜ୍ୟର ବିଭିନ୍ନ କୋର୍ଟ, ପୋଲିସ ମାଲଖାନାରେ ଗଚ୍ଛିତ ଥିବା ନିଶାଦ୍ରବ୍ୟ ନଷ୍ଟ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ଏସ୍‌ଟିଏଫ ପକ୍ଷରୁ ସୂଚନା ଦିଆଯାଇଛି। ୨୦୧୬ରେ ୟୁନିୟନ୍ ଅଫ୍ ଇଣ୍ଡିଆ ବନାମ୍ ମୋହନଲାଲ ମାମଲାରେ ସୁପ୍ରିମକୋର୍ଟ ରାୟ ପ୍ରକାଶ କରି ଟ୍ରାଏଲ ପୂର୍ବରୁ ବ୍ରାଉନ୍‌ସୁଗାର ନଷ୍ଟ କରାଯାଇପାରିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ହେଲେ କିଛି ବ୍ୟବସ୍ଥା ଓ ବୈଷୟିକ ତ୍ରୁଟି ପାଇଁ ଏହା କାର୍ଯ୍ୟକାରୀ ହୋଇପାରୁ ନ ଥିଲା। ତେଣୁ ଏସ୍‌ଟିଏଫ୍ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ୨୦୨୨ ଜାନୁଆରୀ ୩୧ରେ ହାଇକୋର୍ଟ ରାୟ ପ୍ରକାଶ କରି ନିଶାଦ୍ରବ୍ୟ ନଷ୍ଟ କରିବାକୁ ଏକ ଏସ୍‌ଓପି ଜାରି କରିଥିଲେ। ଉକ୍ତ ଏସ୍‌ଓପିକୁ ପାଳନ କରି ଟ୍ରାଏଲ ପୂର୍ବରୁ ନିଶାଦ୍ରବ୍ୟକୁ ନଷ୍ଟ କରିବାକୁ ପୋଲିସକୁ ଅନୁମତି ଦେବା ପାଇଁ ତଳ କୋର୍ଟକୁ ନିର୍ଦ୍ଦେଶ ଦେଇଥିଲେ।

# ଭୁବନେଶ୍ୱରରୁ ପୁଣି ୧୧ ନିଶାବେପାରୀ ଗିରଫ

ଭୁବନେଶ୍ୱର,୧୭।୯ (ବ୍ୟୁରୋ)

**'ଅପରେଶନ ହ୍ୱାଇଟ୍ ସ୍ପାଇଡର' ଜୋର୍‌ଦାର**

■୫୭ ଗ୍ରାମ ବ୍ରାଉନସୁଗାର,ସାଢେ ୪ କେଜି ଗଞ୍ଜେଇ ଜବତ

■୩ ଦିନରେ ଗିରଫ ହେଲେଣି ୫୦ରୁ ଊର୍ଦ୍ଧ୍ୱ

ପାର୍ବଣ ପୂର୍ବରୁ ଅପରାଧ ଓ ନିଶା କାରବାର ଉପରେ ରୋକ ଲଗାଇବାକୁ 'ଅପରେଶନ ହ୍ୱାଇଟ୍ ସ୍ପାଇଡର'କୁ ଜୋରଦାର କରିଛି କମିଶନରେଟ ପୋଲିସ। ଗତ ୩ଦିନ ଧରି ଲଗାତର ସହରର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୪୦ରୁ ଅଧିକ ନିଶାବେପାରୀଙ୍କୁ ଗିରଫ କରାଯିବା ସହ ବିପୁଳ ନିଶାଦ୍ରବ୍ୟ, ଟଙ୍କା ଆଦି ଜବତ କରାଯାଇଥିବାବେଳେ ଶନିବାର ପୁଣି ୬ଟି ଥାନା ଅଞ୍ଚଳରୁ ଆଉ ୧୧ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୫୭ ଗ୍ରାମ ବ୍ରାଉନସୁଗାର, ୪ କେଜି ୭୦୦ ଗ୍ରାମ ଗଞ୍ଜେଇ ଆଦି ଜବତ କରିଛି ପୋଲିସ। ଏହି ଅଭିଯାନ ଜାରି ରହିବ ବୋଲି ସୂଚନା ଦିଆଯାଇଛି। କ୍ୟାପିଟାଲ ଥାନା ପୋଲିସ କେଦାରପଲ୍ଲୀ ବସ୍ତିରେ ଚଢାଉ କରି ଦିଲ୍ଲୁ ନାୟକ ଓ ଅମର ବେହେରା ନାମକ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ସେମାନଙ୍କଠାରୁ ମୋଟ ୧୩.୦୫ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ଇନ୍‌ଫୋଭ୍ୟାଲି ଥାନା ଗଙ୍ଗପଡା ଟୋଲ୍‌ଗେଟ ନିକଟରୁ ଦୀପକ ନାମକ ଜଣେ ନିଶା ବେପାରୀଙ୍କୁ ଗିରଫ କରିବା ସହ ତାଙ୍କ ପାଖରୁ ୧୫ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ସେହିପରି ନୟାପଲ୍ଲୀ ଥାନା ପୋଲିସ ନିଶାବେପାରୀ ଚନ୍ଦୁ ଓରଫ ଚନ୍ଦ୍ରମୋହନ ସିଂ ଓ ଅତୁଲ୍ୟ ରଞ୍ଜନ ନାଏକଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ମୋଟ ୭.୫ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ଭରତପୁର ଥାନା ପୋଲିସ ତପୋବନ ରୋଡ୍‌ରେ ଚଢାଉ କରି ଏ କାଳିଆ ଡୋରା ଓ ତାପସ ଡାଇୟଙ୍କଠାରୁ ୨୧ଗ୍ରାମ ବ୍ରାଉନସୁଗାର ଜବତ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି।

ଅନ୍ୟପଟେ ଗଞ୍ଜେଇ ମାମଲାରେ ଧଉଳି ଥାନା ପୋଲିସ ଧଉଳି ପାହାଡ ପଛପଟେ ଚଢାଉ କରି କାଶୀନାଥ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଚନ୍ଦ୍ରଶେଖରପୁର ଥାନା ପୋଲିସ ବିଳାସିନୀ ମଣ୍ଡପ ନିକଟରେ ଚଢାଉ କରି କାହ୍ନା ନାଏକ, ପଦ୍ମଲୋଚନ ବେହେରା ଓ ଅମିୟ ଦାସଙ୍କୁ ଗିରଫ କରିଥିବାବେଳେ ସେମାନଙ୍କଠାରୁ ୩ କେଜି ୫୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରିଥିଲା।

# ସଫେଇ କଲେ ବିଧାୟକ, ମେୟର, କମିଶନର

**ସ୍ୱଚ୍ଛତା ଲିଗ୍ ପାଳନ କଲା ବିଏମ୍‌ସି**

ଭୁବନେଶ୍ୱର, ୧୭।୯(ବ୍ୟୁରୋ)



ସଫେଇ କରୁଛନ୍ତି ବିଧାୟକ, ମେୟର ଓ କମିଶନର।

ଗାର୍ବେଜ୍ ଫ୍ରି ଇଣ୍ଡିଆ ଅନ୍ତର୍ଗତ ଗାର୍ବେଜ୍ ଫ୍ରି ଓଡ଼ିଶା ଅଭିଯାନ ପରିପ୍ରେକ୍ଷୀରେ ଶନିବାର ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ ଅଞ୍ଚଳରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସିର ୩ଟି ଯାକ ଜୋନ୍‌ରେ ଏହି ଅଭିଯାନ ହୋଇଥିଲା। ପ୍ରତ୍ୟେକ କାର୍ଯ୍ୟକ୍ରମରେ ଯୁବଗୋଷ୍ଠୀ ଏବଂ ଅନ୍ୟାନ୍ୟ ଅଂଶଗ୍ରହଣକାରୀଙ୍କୁ ନେଇ ଆବର୍ଜନାମୁକ୍ତ ଦେଶ ତଥା ରାଜ୍ୟ ହାସଲ ତଥା ଯୁବବର୍ଗଙ୍କୁ ଉତ୍ସାହିତ କରିବା ପାଇଁ ଏକ ରାଲିର ଆୟୋଜନ କରାଯାଇଥିଲା। ଶିଖରଚଣ୍ଡୀ ଅଞ୍ଚଳରୁ ସକାଳ ୭ଟାରୁ ରାଲି ଆରମ୍ଭ ହୋଇ ପରେ ଲିଙ୍ଗରାଜ ମନ୍ଦିର ଏବଂ ଖଣ୍ଡଗିରି ଅଞ୍ଚଳରେ ରାଲି ହୋଇଥିଲା। ସ୍ଥାନୀୟ କର୍ପୋରେଟର, ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ, ଅଙ୍ଗନୱାଡି କର୍ମୀ, ଯୁବଗୋଷ୍ଠୀ, ସ୍ୱଚ୍ଛସାଥୀ ଏବଂ ଅନ୍ୟାନ୍ୟ କର୍ମୀ ଯୋଗଦେଇଥିଲେ। ଦୁଇଟି ଲେଖାଏ ଡଷ୍ଟବିନ୍ ବ୍ୟବହାର, ଘରୋଇ ବର୍ଜ୍ୟବସ୍ତୁକୁ କେବଳ ବିଏମ୍‌ସି ସଫେଇ ଗାଡ଼ିକୁ ହସ୍ତାନ୍ତର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ ପ୍ରମୁଖ ହାତରେ ଝାଡୁ ଧରି ସଫେଇ କରିଥିଲେ। ସହରରେ ସ୍ୱଚ୍ଛତା ବଜାୟ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ବିଏମ୍‌ସି ଦ୍ୱାରା ବେଆଇନ ହୋର୍ଡିଂ, ବିଜ୍ଞାପନ ହଟାଇବା, ୫ ମିଟର ପର୍ଯ୍ୟନ୍ତ ଅଞ୍ଚଳକୁ ସଫା ରଖିବା ଆଦି ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏଥିରେ ନାଗରିକ ତଥା ସମ୍ପ୍ରଦାୟ ଗୋଷ୍ଠୀର ଅଧିକରୁ ଅଧିକ ଅଂଶଗ୍ରହଣକୁ ଆମନ୍ତ୍ରଣ କରିବା ପାଇଁ ଏହି ସଚେତନତା ଡ୍ରାଇଭ୍ ଜାରି ରହିଛି ବୋଲି ମେୟର ଦାସ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ ସାହୁ, ଜୋନାଲ ଡେପୁଟି କମିଶନର ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସେସ୍‌ପୁଲ ଗାଡ଼ି ଜବତ, ୫୦ ହଜାର ଟଙ୍କା ଜରିମାନା

ଭୁବନେଶ୍ୱର, ୧୭।୯(ବ୍ୟୁରୋ)

ବିଏମ୍‌ସି ପକ୍ଷରୁ ସିଆର୍‌ପି ଛକଠାରେ ଏକ ସେସ୍‌ପୁଲ ଗାଡ଼ି ଜବତ କରାଯାଇଛି। ଉକ୍ତ ଗାଡ଼ିରୁ ନିକଟରେ ଥିବା ଡ୍ରେନ୍‌କୁ କାଦୁଅ ଛଡ଼ାଯାଉଥିଲା। ନିୟମ ଖିଲାପ କରିଥିବାରୁ ବିଏମ୍‌ସି ପକ୍ଷରୁ ଉକ୍ତ ଗାଡ଼ିକୁ ଜବତ କରାଯିବା ସହିତ ଏହାର ମାଲିକଙ୍କୁ ୫୦ ହଜାର ଟଙ୍କା ଜରିମାନା କରାଯାଇଛି। ଆବଶ୍ୟକ ପଡ଼ିଲେ ଆଗାମୀ ଦିନରେ ସମ୍ପୃକ୍ତ ଗାଡ଼ି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ସହରରେ ପରିମଳ ବ୍ୟବସ୍ଥାକୁ ଗୁରୁତର ସହ ନେଉଛି ବିଏମ୍‌ସି। ରାସ୍ତାଘାଟ ସହିତ ଡ୍ରେନ୍, ପରିବେଶକୁ କିପରି ସ୍ୱଚ୍ଛ ରଖାଯିବ ସେନେଇ ଲୋକଙ୍କୁ ସଚେତନ କରାଯାଉଛି। ଏହାସତ୍ତ୍ୱେ କିଛି ଅମାନିଆ ନିୟମ ଖିଲାପ କରି ଯେ କୌଣସି ସ୍ଥାନରେ ଅଳିଆ ଆବର୍ଜନା ପକାଉଛନ୍ତି। ଯାହାଫଳରେ ବିଏମ୍‌ସି ପକ୍ଷରୁ ଏଭଳି କଡ଼ା ପଦକ୍ଷେପ ନିଆଯାଇଛି।

# ନନ୍ଦନକାନନ ପାଳିଲା ଚିତାବାଘ ଦିବସ

ବାରଙ୍ଗ,୧୭।୯(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଶନିବାର ଚିତାବାଘ ଦିବସ ପାଳନ ହୋଇଛି। ଏହି ଅବସରରେ ନନ୍ଦନକାନନ ପକ୍ଷରୁ ଅଫ୍‌ଲାଇନ ଓ ଅନ୍‌ଲାଇନ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତବର୍ଷରେ ଥିବା ଚିତାବାଘ ବିଷୟରେ ସଚେତନ କରିବା ସହ ସେମାନଙ୍କ ବିଷୟରେ ଜାଣିବା ପାଇଁ ନନ୍ଦନକାନନକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ନେଇ ଦସ୍ତଖତ ଅଭିଯାନ, କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହାସହ ଚିତାବାଘ ଚିତ୍ରକୁ ନେଇ ସେଲଫି ପଏଣ୍ଟ ଭାବେ ପର୍ଯ୍ୟଟକମାନେ ବ୍ୟବହାର କରିବା ସହ ଚିତାବାଘ ସମ୍ପର୍କରେ ପ୍ରାମାଣିକ ଚିତ୍ର ପର୍ଯ୍ୟଟକମାନଙ୍କୁ ଦେଖାଯାଇଥିଲା। ଏଥିସହିତ ଅନ୍‌ଲାଇନରେ କୁଇଜ୍, ପେଟିଂ ଓ ସୋସିଆଲ ମିଡିଆ ଫେସବୁକ ଓ ଟୁଇଟରରେ ଚିତାବାଘର ବିଭିନ୍ନ ବିଷୟରେ ତଥ୍ୟ ନନ୍ଦନକାନନ ପକ୍ଷରୁ ରଖାଯାଇଥିଲା। ତେବେ ଚିତାବାଘକୁ ନେଇ ଭାରତ ବର୍ଷରେ ୧୭ରୁ ୨୩ ତାରିଖ ଏକସପ୍ତାହବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ଆର୍‌ଟିଆଇ କର୍ମୀଙ୍କ ପାଇଁ ଆଇନସେବା ପ୍ରାଧିକରଣ ଆଗେଇ ଆସୁ

ଭୁବନେଶ୍ୱର, ୧୭।୯ (ବ୍ୟୁରୋ)




ରାଜ୍ୟରେ ସୂଚନା ଅଧିକାର କର୍ମୀ(ଆର୍‌ଟିଆଇ)ମାନଙ୍କ ଉପରେ ଲଗାତର ଆକ୍ରମଣ ଓ ସେମାନଙ୍କୁ ମିଥ୍ୟା ମାମଲାରେ ଜେଲ୍ ପଠାଇବା ଘଟଣାକୁ ନେଇ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ମଦନ ବି ଲୋକୁର ଚିନ୍ତାବ୍ୟକ୍ତ କରିଛନ୍ତି। ମିଥ୍ୟା ମାମଲାରେ ଜେଲ୍ ଭୋଗୁଥିବା ଏହି କର୍ମୀମାନଙ୍କୁ ଆଇନଗତ ସହାୟତା ଦେବା ଲାଗି ରାଜ୍ୟ ଆଇନସେବା ପ୍ରାଧିକରଣ ଆଗେଇ ଆସିବା ପାଇଁ ଜଷ୍ଟିସ ଲୋକୁର ମତବ୍ୟକ୍ତ କରିଛନ୍ତି।

ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଶନିବାର ଓଡ଼ିଶା ବ୍ଲାଇଣ୍ଡ ଆସୋସିଏଶନ ଠାରେ ରାଜ୍ୟସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଷ୍ଟିସ ଲୋକୁର ଏହି ପ୍ରସଙ୍ଗ ଉଠାଇଥିଲେ। ଜନଶୁଣାଣିରେ ସୂଚନା ଅଧିକାର କର୍ମୀଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ, ହତ୍ୟା ଓ ସେମାନଙ୍କ ସୁରକ୍ଷା ଉପରେ ୮ଜଣିଆ ବିଚାରକ ମଣ୍ଡଳୀ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ସୂଚନା ଅଧିକାର କର୍ମୀ ଶ୍ରୀକାନ୍ତ ପାକଳ, ଜିତେନ୍ଦ୍ର ସାହୁ, ଯାଜପୁରର ସର୍ବେଶ୍ୱର ବେଉରା, ପୁରୀର ସନ୍ତୋଷ ମହାନ୍ତି, ମୟୂରଭଞ୍ଜର ମହେଶ୍ୱର ମହାନ୍ତି, କେନ୍ଦ୍ରାପଡ଼ାର ମନୋରଞ୍ଜନ ଜେନା ପ୍ରମୁଖ ସେମାନଙ୍କ ଉପରେ ହୋଇଥିବା ଆକ୍ରମଣ ଓ ମିଥ୍ୟା ମାମଲା ସମ୍ପର୍କରେ ଜୁରି କମିଟି ସମ୍ମୁଖରେ ସବିଶେଷ ତଥ୍ୟ ରଖିଥିଲେ। ସେହିପରି କେନ୍ଦ୍ରାପଡ଼ା ଜିଲାର ଅଧିକାର କର୍ମୀଙ୍କୁ ହତ୍ୟା କରାଯିବା ଘଟଣା ସମ୍ପର୍କରେ ଅବଗତ କରାଯାଇଥିଲା। ଅଭିଯୋଗଗୁଡ଼ିକ ଶୁଣିବା ପରେ ଜୁରି କମିଟି ସଦସ୍ୟମାନେ ସେମାନଙ୍କ ମତାମତ ରଖିଥିଲେ। ସାରା ଦେଶରେ ସୂଚନା ଅଧିକାର କର୍ମୀଙ୍କ ଉପରେ ଆକ୍ରମଣ ଓ ନିର୍ଯାତନା ପ୍ରସଙ୍ଗ ସାମ୍ନାକୁ ଆସିଥିବାରୁ ଜନ ଆନ୍ଦୋଳନର ଆବଶ୍ୟକତା ଅଛି ବୋଲି ସାମାଜିକ କର୍ମୀ ଅରୁଣା ରାୟ ପ୍ରସ୍ତାବ ରଖିଥିଲେ। ଜନସୂଚନା ପୋର୍ଟାଲକୁ କାର୍ଯ୍ୟକାରୀ କରିବା, ଯେଉଁ ଘଟଣା ପାଇଁ ଆକ୍ରମଣ ହୋଇଛି ସେହି ଘଟଣାର ତଦନ୍ତ କରିବା, ଦଳିତ ଓ ମହିଳା ସଂଗଠନକୁ ସାମିଲ କରିବା, ହୁଇସିଲ୍ ବ୍ଲୋୟର ପ୍ରୋଟେକ୍ସନ ଆଇନ ଲାଗୁ କରିବା ଆଦି ପ୍ରସ୍ତାବ ଉପରେ ସହମତି ପ୍ରକାଶ ପାଇଥିଲା। ଜନ ଶୁଣାଣିରେ ଜୁରି କମିଟି ସଦସ୍ୟ ଭାବେ ଏନ୍‌ସିପିଆରଆଇର ଆବାହକ ଅଞ୍ଜଳି ଭରଦ୍ୱାଜ, ସହ ଆବାହକ ନିଖିଲ ଦେ, ସାମ୍ବାଦିକ ରବି ଦାସ, ପୂର୍ବତନ ପ୍ରଶାସନିକ ଅଧିକାରୀ ଅରବିନ୍ଦ ବେହେରା, ସାମାଜିକ କର୍ମୀ ଅଶୋକ ମଲ୍ଲିକ ଓ ମାନବାଧିକାର କର୍ମୀ ନରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲାରୁ ୨୫୦ରୁ ଅଧିକ ସୂଚନା ଅଧିକାର କର୍ମୀ, ସାମାଜିକ କର୍ମୀ, ମାନବାଧିକାର କର୍ମୀ, ଆଇନଜୀବୀ, ମହିଳା କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଏନ୍‌ସିପିଆରଆଇର ଅମ୍ରିତା ଦୋହରୀ ଧନ୍ୟବାଦ ଦେଇଥିଲେ।

# ଚିକେନ୍ ମାଉସୀଙ୍କ ଅନ୍ତିମ ସଂସ୍କାର କଲା ଓଡ଼ିଶା ମୋ ପରିବାର

ଭୁବନେଶ୍ୱର, ୧୭।୯(ବ୍ୟୁରୋ)

ଚିକେନ୍ ମାଉସୀ ନାଁରେ ପରିଚିତା ୱାର୍ଡ ନଂ.୫ ଅନ୍ତର୍ଗତ ସତ୍ୟବିହାର ଅଞ୍ଚଳରେ ରହୁଥିବା ୪୫ ବର୍ଷୀୟା ଝରଣା ସିଂହଙ୍କର ଶୁକ୍ରବାର ପରଲୋକ ହୋଇଥିଲା। ଓଡ଼ିଶା ମୋ ପରିବାର ସହଯୋଗରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଫୁଲବାଣୀ ଅଞ୍ଚଳର ଏହି ମହିଳାଙ୍କ ସ୍ୱାମୀ ଅଧା ବୟସରେ ତାଙ୍କୁ ଛାଡ଼ି ଆରପାରିକୁ ଚାଲିଯାଇଥିଲେ। ପରିବାର କହିଲେ ତାଙ୍କର ଛୋଟ ଦୁଇ ଝିଅ ଓ ଗୋଟେ ପୁଅ। ସେମାନଙ୍କ ମୁହଁରେ ମୁଠେ ଖାଇବାକୁ ଦେବା ପାଇଁ ରୋଜଗାର ଆଶାରେ ଭୁବନେଶ୍ୱର ଆସିଥିଲେ। ଏଠାରେ ସେ ଚିକେନ୍ ବିକ୍ରି କରି ପରିବାର ଚଳାଉଥିଲେ। ଅଞ୍ଚଳର ଲୋକମାନଙ୍କୁ ସ୍ନେହରେ ବାନ୍ଧି ରଖିଥିଲେ ଓ ଲୋକମାନେ ତାଙ୍କୁ ଶ୍ରଦ୍ଧାରେ ଚିକେନ୍ ମାଉସୀ ବୋଲି ଡାକୁଥିଲେ। ତେବେ କିଛିଦିନ ଧରି ସେ ପାକସ୍ଥଳୀ କର୍କଟ ରୋଗରେ ପୀଡ଼ିତ ହୋଇ କଟକରେ ଚିକିତ୍ସିତ ହେଉଥିଲା ବେଳେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ସ୍ୱେଚ୍ଛାସେବୀ କୃଷ୍ଣପ୍ରିୟା ମିଶ୍ର ଭୁବନେଶ୍ୱର ଉତ୍ତର ବିଧାୟକ ତଥା ଓଡ଼ିଶା ମୋ ପରିବାର ସଦସ୍ୟ ସୁଶାନ୍ତ ରାଉତ ଏବଂ ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ ଜଣାଇଥିଲେ। ଅନୁଷ୍ଠାନ ପକ୍ଷରୁ ତୁରନ୍ତ ପଦକ୍ଷେପ ସ୍ୱରୂପ ତାଙ୍କ ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ଶ୍ମଶାନ ନିଆଯାଇ ଶନିବାର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଶେଷକୃତ୍ୟ ସମୟରେ ଯୁଗ୍ମ ସମ୍ପାଦକ, ସ୍ଥାନୀୟ କର୍ପୋରେଟର ମିନୁଶ୍ରୀ ଖୁଣ୍ଟିଆ ଏବଂ ସ୍ୱେଚ୍ଛାସେବୀ କୃଷ୍ଣପ୍ରିୟା ପ୍ରମୁଖ ଉପସ୍ଥିତ ଥିଲେ।

**ସିନିୟର ହକି ଚାମ୍ପିୟନଶିପ୍**

# ଇଷ୍ଟକୋଷ୍ଟ ରେଲୱେ ଚାମ୍ପିୟନ

ଭୁବନେଶ୍ୱର,୧୭।୯(ସ୍ପୋର୍ଟ୍ସ ବ୍ୟୁରୋ)




ହକି ଆସୋସିଏଶନ ଅଫ୍ ଓଡ଼ିଶା (ଏଚ୍ଏଓ) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ ଓ କିଟ୍ ହକି ଷ୍ଟାଡିୟମରେ ଚାଲିଥିବା ପ୍ରଥମ ସିନିୟର ପୁରୁଷ ହକି ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛି ଇଷ୍ଟକୋଷ୍ଟ ରେଲୱେ। ଶନିବାର ଖେଳାଯାଇଥିବା କଡା ସଂଘର୍ଷପୂର୍ଣ୍ଣ ଫାଇନାଲରେ ରେଲୱେ ଦଳ ଖୋର୍ଦ୍ଧାକୁ ୧-୦ରେ ପରାସ୍ତ କରିଛି। ସେହିପରି ତୃତୀୟ ସ୍ଥାନ ପାଇଁ ଖେଳା ଯାଇଥିବା ମ୍ୟାଚରେ ବିଜୟୀ ହୋଇଛି ସେଲ୍ ଏକାଡେମୀ। ୩-୨ରେ ସୁନ୍ଦରଗଡକୁ ପରାସ୍ତ କରିଥିଲା । ଓଡ଼ିଶାର ବିଭିନ୍ନ ଜିଲା ଓ ଅନୁଷ୍ଠାନରୁ ପ୍ରାୟ ୫୦୦ରୁ ଅଧିକ ଖେଳାଳି ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯିବା ସହିତ କିଛି ବ୍ୟକ୍ତିଗତ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧାର ଦିଲ୍ଲୀପ କୁମାର ସଙ୍କୁ ଶ୍ରେଷ୍ଠ ଗୋଲକିପର, ସେଲ୍ ଏକାଡେମୀର କେରୋବିନ ଲାକ୍ରାଙ୍କୁ ଶ୍ରେଷ୍ଠ ଡିଫେଣ୍ଡର, ସୁନ୍ଦରଗଡର ବିଜୁ ଏକ୍କାଙ୍କୁ ଶ୍ରେଷ୍ଠ ମିଡ୍‌ଫିଲ୍ଡର, ଇଷ୍ଟକୋଷ୍ଟ ରେଲୱେର ସୁନୀଲ ଟପ୍ପୋଙ୍କୁ ଶ୍ରେଷ୍ଠ ଫରୱାର୍ଡ ଓ ରୋଶନ କୁଜୁରଙ୍କୁ ପ୍ଲେୟର ଅଫ ଦ ଟୁର୍ନାମେଣ୍ଟ ଘୋଷଣା କରାଯାଇଥିଲା।

ଓଡ଼ିଶା ହକି ସଂଘ ସଭାପତି ତଥା ହକି ପ୍ରମୋଶନ କ୍ଲବର ଚେୟାରମ୍ୟାନ ଦିଲୀପ ତିର୍କୀ ଚାମ୍ପିୟନ ଇଷ୍ଟକୋଷ୍ଟ ରେଲୱେ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ବିଜୟ ଅନେକ ଖେଳାଳିଙ୍କୁ ହକି ଖେଳିବାକୁ ପ୍ରେରଣା ଯୋଗାଇବା ନେଇ ମୁଁ ଆଶା କରୁଛି ବୋଲି ତିର୍କୀ କହିଛନ୍ତି। ଏହା ସହିତ ଦକ୍ଷତା ବିକାଶ ପାଇଁ ଏଭଳି ଟୁର୍ନାମେଣ୍ଟ ବେଶ୍ ସହାୟକ ହେବ ବୋଲି ମତ ଦେଇଛନ୍ତି ଏହି ପୂର୍ବତନ ଅଲିମ୍ପିଆନ। ଏହି ଟୁର୍ନାମେଣ୍ଟର ସଫଳ ଆୟୋଜନ ପାଇଁ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରଣାଳୟକୁ ଧନ୍ୟବାଦ ଜଣାଇଛନ୍ତି କିଟ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ। ରାଜ୍ୟ ସରକାରଙ୍କ ସହାୟତା ବିନା ଏହି ଟୁର୍ନାମେଣ୍ଟ ସମ୍ଭବପର ହୋଇ ନ ଥାନ୍ତା ବୋଲି ସେ କହିଛନ୍ତି। ଖେଳାଳିଙ୍କ ରହିବାଠାରୁ ଆରମ୍ଭ କରି ସମସ୍ତ ପ୍ରକାର ଶ୍ରେଷ୍ଠ ସୁବିଧା ପ୍ରଦାନ କରାଯାଇଥିବା ବେଳେ ସେ ହକି ଓଡ଼ିଶାକୁ ଧନ୍ୟବାଦ ଜଣାଇଛନ୍ତି। ଏହି ଟୁର୍ନାମେଣ୍ଟର ପ୍ରଦର୍ଶନ ଆଧାରରେ ଏକ ରାଜ୍ୟସ୍ତରୀୟ ହକି କ୍ୟାମ୍ପ ଅନୁଷ୍ଠିତ ହେବ। ଏହି କ୍ୟାମ୍ପରୁ ଜାତୀୟ ଚାମ୍ପିୟନଶିପ୍ ୨୦୨୩ ପାଇଁ ଓଡ଼ିଶା ଦଳ ଘୋଷଣା କରାଯିବ।

# ମାରିଜନେଙ୍କୁ କୋର୍ଟରେ ହାଜର କରାଇବ ଭାରତୀୟ ହକି ଦଳ

ବେଙ୍ଗାଲୁରୁ, ୧୭।୯ (ପି.ଟି.)


ଜୋର୍ଡ ମାରିଜନେ

ପୂର୍ବତନ କୋଚ୍ ଜୋର୍ଡ ମାରିଜନେ ଏବଂ ଏକ ପବ୍ଲିସିଂ ହାଉସ୍ ହାର୍ପର କଲିନ୍ସ ଇଣ୍ଡିଆକୁ କୋର୍ଟରେ ହାଜର କରାଇବ ଭାରତର ଉଭୟ ପୁରୁଷ ଓ ମହିଳା ହକି ଦଳ। ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାବେଳେ ଜଣେ ଯୁବ ଖେଳାଳିଙ୍କୁ ଖରାପ ଖେଳିବା ଲାଗି ମନପ୍ରୀତ ସିଂ ପ୍ରବର୍ତ୍ତାଇଥିଲେ। ଏହା ଦ୍ୱାରା ତାଙ୍କର ଜଣେ ସାଙ୍ଗ ଦଳରେ ସୁଯୋଗ ପାଇପାରିବ। ମାରିଜନେ ଏ ବିଷୟ ତାଙ୍କ ପୁସ୍ତକ ‘ୱିଲ୍ ପାୱାର-ଦି ଇନ୍‌ସାଇଡ ଷ୍ଟୋରୀ ଅଫ୍ ଇନ୍‌କ୍ରେଡିବଲ ଟର୍ନ ଆରାଉଣ୍ଡ ଇନ୍ ଇଣ୍ଡିଆନ୍ ଓମେନ୍ସ ହକି’ରେ ଉଲ୍ଲେଖ କରିଛନ୍ତି। ଏହାକୁ ନେଇ ଉଭୟ ମହିଳା ଓ ପୁରୁଷ ହକି ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଆଇନଗତ ପଦକ୍ଷେପ ନେବାକୁ ସ୍ଥିର କରିଛନ୍ତି। ଏକ ମିଳିତ ବିବୃତ୍ତିରେ ମାରିଜନେ ତାଙ୍କ ପୁସ୍ତକର ପ୍ରଚାର ପାଇଁ ଏହି ମାଧ୍ୟମ ଆପଣେଇଥିବା କହିଛନ୍ତି। ଜଣେ କୋଚ ହିସାବରେ ଖେଳାଳିମାନଙ୍କ ପ୍ରତି ଯତ୍ନଶୀଳ ହେବା ପରିବର୍ତ୍ତେ ସେ ଆମର ବ୍ୟକ୍ତିଗତ ତଥ୍ୟର ଅପବ୍ୟବହାର କରିବା ସହ ମିଥ୍ୟା ଅଭିଯୋଗମାନ ଆଣିଛନ୍ତି। ସେ ତାଙ୍କ ପୁସ୍ତକର ବିକ୍ରି ବୃଦ୍ଧି କରିବା ଅଭିପ୍ରାୟରେ ଏପରି କରିଛନ୍ତି। ଉଭୟ ଦଳ ଆହୁରି କହିଛନ୍ତି ଯେ ଯଦି ଏଭଳି ଘଟଣା ଘଟିଥିଲା, ମାରଜନେ ହକି ଇଣ୍ଡିଆ କିମ୍ବା ତାଙ୍କ ନିଯୁକ୍ତିଦାତା ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ଦୃଷ୍ଟି ଆକର୍ଷଣ କରିପାରିଥାନ୍ତେ। ସୂଚନାଯୋଗ୍ୟ ମାରିଜନେ ୯ ମାସ ପାଇଁ ପୁରୁଷ ହକି ଦଳର କୋଚ୍ ଦାୟିତ୍ୱରେ ଥିଲେ। ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପରେ ସେ ତାଙ୍କ ପଦବୀରୁ ବହିଷ୍କୃତ ହୋଇଥିଲେ। ପରେ ତାଙ୍କୁ ମହିଳା ହକି ଦଳର ଦାୟିତ୍ୱ ମିଳିଥିଲା। ତାଙ୍କ ତତ୍ତ୍ୱାବଧାନରେ ମହିଳା ଦଳ ଗତ ବର୍ଷ ଐତିହାସିକ ୪ର୍ଥ ସ୍ଥାନ ଅଧିକାର କରିଥିଲା।

# ଭାରତକୁ ହରାଇଲା ନରୱେ

ଲିଲ୍ଲେହାମର,୧୭।୯(ପି.ଟି)

ଡେଭିସ୍ କପ୍ ମ୍ୟାଚରେ ୩-୦ରେ ଭାରତକୁ ପରାସ୍ତ କରିଛି ନରୱେ। ୟୁଏସ୍ ଓପନ୍ ରନର୍ସ ଅପ୍ ତଥା ବିଶ୍ୱ ମାନ୍ୟତାରେ ଦ୍ୱିତୀୟ ସ୍ଥାନରେ ରହିଥିବା କାସ୍ପର ରୁଡ୍‌ଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ବଳରେ ଭାରତକୁ ହରାଇଛି ନରୱେ। ପ୍ରଥମ ଦିନରେ ଭାରତ ଦୁଇ ସିଙ୍ଗଲ୍ସ ମ୍ୟାଚ ହାରିଥିବା ବେଳେ ଦ୍ୱିତୀୟ ଦିନରେ ଖେଳାଯାଇଥିବା ଡବଲ୍ସ ମ୍ୟାଚ ମଧ୍ୟ ହାରିଯାଇଥିଲା। ପ୍ରଥମ ଦିନରେ ଭାରତର ପ୍ରଜ୍ଞେଶ ଗୁଣେଶ୍ୱରନ ୬-୧ ଓ ୬-୪ରେ ଭିକ୍ଟର ଡୁରାସୋଭିକଙ୍କ ନିକଟରୁ ପରାଜିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ କାସ୍ପର ରୁଡ୍ ସମାନ ୬-୧ ଓ ୬-୪ ସେଟ୍‌ରେ ଭାରତର ଏକ ନମ୍ବର ସିଙ୍ଗଲ୍ସ ଖେଳାଳି ରାମକୁମାର ରାମନାଥନଙ୍କୁ ପରାସ୍ତ କରିଥିଲେ। ପ୍ରଥମ ଦିନରେ ଭାରତ ୨-୦ରେ ପଛୁଆ ରହିଥିବା ବେଳେ ଡବଲ୍ସ ଯୋଡି ୟୁକି ଭାମ୍ବ୍ରି ଓ ସାକେତ୍ ମାଇନିଙ୍କ ଉପରେ ସମସ୍ତଙ୍କ ନଜର ରହିଥିଲା। କାସ୍ପର ରୁଡ୍ ଓ ଭିକ୍ଟର ଡୁରାସୋଭିକଙ୍କ ଯୋଡି ୩-୬, ୬-୩ ଓ ୬-୩ରେ ୟୁକି-ସାକେତଙ୍କୁ ପରାସ୍ତ କରିଥିଲେ। ଭାରତୀୟ ଯୋଡି କଡା ସଂଘର୍ଷ କରି ଦ୍ୱିତୀୟ ସେଟ୍‌ଟିକୁ ଜିତିଥିଲେ ହେଁ ତାହା ପର୍ଯ୍ୟାପ୍ତ ନଥିଲା।

# ସିଙ୍ଗଲ୍ସ, ଡବଲ୍ସ ଫାଇନାଲରେ ଦିଲେଶ୍ୱର

ଭୁବନେଶ୍ୱର,୧୭।୯(ସ୍ପୋର୍ଟ୍ସ ବ୍ୟୁରୋ)

**ଉଗାଣ୍ଡା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ**



ଉଗାଣ୍ଡାର କାମ୍ପାଲାଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ସିଙ୍ଗଲ୍ସ ଓ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଜି. ଦିଲେଶ୍ୱର ରାଓ। ସେ ସିଙ୍ଗଲ୍ସ ଫାଇନାଲରେ ଭାରତୀୟ ଖେଳାଳି ଶରଣପ୍ପାଙ୍କୁ ଭେଟିବାର ଥିବା ବେଳେ ଡବଲ୍ସ ମ୍ୟାଚରେ ଅନ୍ୟତମ ଓଡ଼ିଆ ଖେଳାଳି ଅମରେନ୍ଦ୍ର ବେହେରାଙ୍କୁ ଭେଟିବେ। ସିଙ୍ଗଲ୍ସ ସେମି ଫାଇନାଲ ମ୍ୟାଚରେ ଅନୁଭବ ସାଗର ଟେୱାଟିଆଙ୍କୁ ୨୧-୧୪ ଓ ୨୧-୧୫ରେ ପରାସ୍ତ କରିଥିଲେ ଦିଲେଶ୍ୱର। ସେହିପରି ନବୀନ ଶିବକୁମାରଙ୍କୁ ସାଥୀ କରି ଖେଳୁଥିବା ଦିଲେଶ୍ୱର ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଡବଲ୍ସ ସେମି ଫାଇନାଲରେ ଅନ୍ୟତମ ଭାରତୀୟ ଯୋଡି ପ୍ରେମ କୁମାର ଏଝିଲ ଓ ଦୀନେଶ ରାଜାୟାଙ୍କୁ ୨୧-୧୫, ୨୧-୧୭ରେ ପରାସ୍ତ କରିଥିଲେ। ରବିବାର ହେବାକୁ ଥିବ ଫାଇନାଲରେ ଉଭୟ ଖେଳାଳି ଅମରେନ୍ଦ୍ର ବେହେରା ଓ ଅଭିଜିତ ଶଖୁଜାଙ୍କୁ ଭେଟିବେ।

ଡବଲ୍ସର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ଅମରେନ୍ଦ୍ର ବେହେରା ଓ ଅଭିଜିତ ଶଖୁଜାଙ୍କ ଯୋଡି ୨୧-୧୮ ଓ ୨୧-୧୬ରେ ଶ୍ରୀରାମ ମୁଥୁରମଣ ଓ ଶରଣପ୍ପାଙ୍କୁ ପରାସ୍ତ କରିଥିଲେ। ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ସେମିରେ ପ୍ରବେଶ କରିଥିବା ଅନ୍ୟତମ ଓଡ଼ିଆ ଖେଳାଳି ନୁରୁଲ ହୋସେନ୍ ଖାଁ ଉଭୟ ମୁକାବିଲାରେ ପରାଜିତ ହୋଇଛନ୍ତି।

# ଫ୍ରୁଭିର୍ଟୋଭା ସିଙ୍ଗଲ୍ସ ଫାଇନାଲରେ

ଚେନ୍ନାଇ, ୧୭।୯ (ପି.ଟି.)


ଲିଣ୍ଡା ଫ୍ରୁଭିର୍ଟୋଭା

ଚେକ ରିପବ୍ଲିକର ଲିଣ୍ଡା ଫ୍ରୁଭିର୍ଟୋଭା ଚେନ୍ନାଇ ଓପନ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ସେମିଫାଇନାଲରେ ଆର୍ଜେଣ୍ଟିନାର ନାଦିଆ ପେଦୋରୋସ୍କାଙ୍କୁ ୫-୭, ୬-୨, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ବିଶ୍ୱର ୧୩୦ ନମ୍ବର ମାନ୍ୟତାପ୍ରାପ୍ତ ଏହି ୧୭ ବର୍ଷୀୟା ଖେଳାଳି ପ୍ରଥମ ଥର ଏକ ଡବ୍ଲ୍ୟୁଟିଏ ଟୁର୍ ଇଭେଣ୍ଟ ପାଇନାଲ ଖେଳିବାକୁ ଯାଉଛନ୍ତି। ମ୍ୟାଚ ଜିତିବାକୁ ସେ ୨ ଘଣ୍ଟା ୫୩ ମିନିଟ ସମୟ ନେଇଥିଲେ। ପୂର୍ବରୁ ଅନୁଷ୍ଠିତ ମହିଳା ଡବଲ୍ସ ସେମିଫାଇନାଲରେ ଟପ୍ ସିଡ କାନାଡିଆନ ଯୋଡ଼ି ଗାବ୍ରିଏଲା ଡାବ୍ରୋସ୍କି ଓ ଲୁଇସା ଷ୍ଟିଫାନି ୬-୩, ୬-୩ ସେଟ୍‌ରେ ପିଙ୍ଗଟାର୍ନ ପ୍ଲିପୁଏଚ୍ ଓ ମୋୟୁକା ଉଛିଜିମାଙ୍କୁ ହରାଇ ଦେଇଛନ୍ତି। ରବିବାର ଫାଇନାଲରେ ସେମାନେ ଆନ୍ନା ବ୍ଲିଙ୍କୋଭା ଓ ନାଟେଲା ଡିଜାଲାମିଜ୍‌ଙ୍କୁ ଭେଟିବେ।

## ରାଜ୍ୟ ଖବର

**ଚଢ଼ିଗଲା ମଦ ବୋଝେଇ କାର୍**

# ଭାଇ ମୃତ, ଭଉଣୀ ସଙ୍କଟାପନ୍ନ

■ ପୋଲିସ-ମଦବେପାରୀ ଛକାପଞ୍ଝା ବେଳେ ଅଘଟଣ

କାମାକ୍ଷାନଗର, ୧୭।୯(ଡି.ଏନ୍.ଏ.)



ମଦ ବ୍ୟବସାୟୀ ଏବଂ ପୋଲିସ ମଧ୍ୟରେ ଛକାପଞ୍ଝା ବେଳେ ଘଟିଛି ଅଘଟଣ। ପୋଲିସକୁ ଚକ୍‌ମା ଦେଇ ଦ୍ରୁତଗତିରେ ଫେରାର ହୋଇଯିବାକୁ ଉଦ୍ୟମ କରୁଥିବା ଏକ ଚୋରା ମଦ ବୋଝେଇ କାର୍ ଧକ୍କାରେ ଭାଇଙ୍କ ମୃତ୍ୟୁ ଘଟିଛି। ସଙ୍କଟାପନ୍ନ ଅବସ୍ଥାରେ ସମ୍ପର୍କୀୟ ଭଉଣୀ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଜିରାଳ ଗ୍ରାମ ନିକଟରେ ଶନିବାର ସନ୍ଧ୍ୟାରେ ଘଟିଥିବା ଏହି ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଦୁର୍ଘଟଣା ଘଟାଇ ଅଭିଯୁକ୍ତ ଫେରାର ହୋଇଯାଇଥିବାବେଳେ ପୋଲିସ କାର୍ ଜବତ କରି ତଦନ୍ତ ଚଳାଇଛି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, କାମାକ୍ଷାନଗର ପାର୍ଶ୍ୱରୁ ଏକ କାର୍ (ନଂ. ଓଆର୍ ୦୨ ଏଏକ୍ସ ୬୨୬୮)ରେ ଚୋରା ମଦ ଚାଲାଣ ହେଉଥିବା ସୂଚନା ପାଇ କାମାକ୍ଷାନଗର ପୋଲିସ ପିଛା କରୁଥିଲା। ପୋଲିସ ହାତରେ ଧରାପଡ଼ିବା ଭୟରେ ଡ୍ରାଇଭର ଦ୍ରୁତ ଗତିରେ ଗାଡ଼ି ଚଳାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଏକ ବାଇକ୍‌ରେ ମାର୍କେଟିଂ ସାରି ଘରକୁ ଫେରୁଥିବା ବାଲିପଡ଼ା ଡିମିରିଆ ଗ୍ରାମର ବିଦ୍ୟାଧର ରାଉତ (୪୦) ଏବଂ ତାଙ୍କର ସମ୍ପର୍କୀୟ ଭଉଣୀ ଊର୍ମିଳା ପ୍ରଧାନ ଓରଫ ରୁମିଳା (୩୨)ଙ୍କ ସହ କାର୍ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବିଦ୍ୟାଧରଙ୍କ ଡାହାଣ ଗୋଡ ଛିଣ୍ଡି ଦୁଇ ଖଣ୍ଡ ହୋଇଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଊର୍ମିଳାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରଥମେ ଜିରାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଉଦ୍‌ବେଗଜନକ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା କାର୍ ଡ୍ରାଇଭର ଓ ସହଯୋଗୀ ଗାଡ଼ି ଛାଡ଼ି ଚମ୍ପଟ ମାରିଛନ୍ତି। ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଅନ୍ୟପଟେ ପୋଲିସ ମଦ ବୋଝେଇ ଗାଡ଼ିକୁ ଗୋଡ଼ାଇବା କଥାକୁ ଥାନାଧିକାରୀ ଶରତ କୁମାର ମହାଲିକ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି, ଆମ ଥାନା ଗାଡ଼ି କୌଣସି ମଦ ବୋଝେଇ କାର୍‌ର ପିଛା କରୁ ନ ଥିଲା। ଦୁର୍ଘଟଣା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଗାଡ଼ିରେ କେତେଜଣ ଥିଲେ ତାହା ଜଣାପଡ଼ିନାହିଁ। ତଦନ୍ତ ପରେ ଚୋରା ମଦ ପରିମାଣର ସ୍ପଷ୍ଟ ହେବ। ତେବେ ଥାନାଧିକାରୀଙ୍କ ଏଭଳି ମତକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। କାରଣ କାମାକ୍ଷାନଗରରୁ ଜିରାଳର ଦୂରତା ପ୍ରାୟ ୩୦ କିଲୋମିଟର। ତେବେ ଦୁର୍ଘଟଣା ଘଟିବାର ମାତ୍ର ୫ ମିନିଟ୍ ମଧ୍ୟରେ ପୋଲିସ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିବା ପ୍ରତ୍ୟକ୍ଷଦର୍ଶୀ କହୁଛନ୍ତି। ଏଥିରୁ ପୋଲିସ ଗାଡ଼ି ମଦ ଚାଲାଣକାରୀଙ୍କ ପିଛା କରୁଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। ତେବେ କେଉଁ କାରଣରୁ ପୋଲିସ ଏହାକୁ ଅସ୍ୱୀକାର କରୁଛି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଓଭରଲୋଡିଂ ବିରୋଧରେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

**୧୯ରୁ ସ୍ୱତନ୍ତ୍ର ଡ୍ରାଇଭ**

ଓଭରଲୋଡିଂ ଯାନ ବିରୋଧୀ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବାକୁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୧୯ରୁ ୬ ଦିନିଆ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହେବ। ମୋଟର ଯାନ ସଂଶୋଧନ ଅଧିନିୟମ-୨୦୧୯ ଅନୁଯାୟୀ, ଉଲ୍ଲଂଘନକାରୀଙ୍କୁ ଧାରା ୧୯୪ (।) ଅନୁଯାୟୀ ଦଣ୍ଡିତ କରାଯିବ। ଯାନବାହନରେ ଓଭରଲୋଡିଂ ପାଇଁ ୨୦,୦୦୦ ଟଙ୍କା ଏବଂ ଅତିରିକ୍ତ ଟନ୍ ପିଛା ୨,୦୦୦ ଟଙ୍କା ଜରିମାନା କରାଯିବ। ଡ୍ରାଇଭିଂ ଲାଇସେନ୍ସ (ଡିଏଲ) ମଧ୍ୟ ୩ ମାସ ପାଇଁ ରଦ୍ଦ କରାଯିବ। ଏହି ଡ୍ରାଇଭରେ ଶିଳ୍ପ ଏବଂ ଖଣି ଅଞ୍ଚଳରେ ବିଶେଷ ଭାବେ ଫୋକସ୍ କରାଯିବ ବୋଲି ସଡ଼କସୁରକ୍ଷା ଯୁଗ୍ମକମିଶନର(ପରିବହନ) ସଞ୍ଜୟ ବିଶ୍ୱାଳ ସୂଚନା ଦେଇଛନ୍ତି।

# ୨୦୨୪ ଜାନୁୟାରୀ ୧୫ରୁ ମାଲକାନଗିରି ବିମାନବନ୍ଦର କାର୍ଯ୍ୟକ୍ଷମ ହେବ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

୨୦୨୪ ଜାନୁୟାରୀ ୧୫ ସୁଦ୍ଧା ମାଲକାନଗିରି ବିମାନବନ୍ଦର କାର୍ଯ୍ୟକ୍ଷମ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏ ନେଇ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଏହି ପ୍ରକଳ୍ପର ସମୀକ୍ଷା କରି ମିଶନ ମୋଡ୍‌ରେ ଏହି ବିମାନବନ୍ଦର କାର୍ଯ୍ୟ ଶେଷ କରିବାକୁ ଅଧିକାରୀମାନଙ୍କୁ କହିଛନ୍ତି। ମାଲକାନଗିରି ବିମାନବନ୍ଦର ମାଓବାଦୀପ୍ରବଣ ଅଞ୍ଚଳରେ ରହିଛି। ଏହାର ନିର୍ମାଣ କାର୍ଯ୍ୟ ଶେଷ ହେଲେ ମାଓ କରିଡରକୁ ବିମାନ ସେବା ଆରମ୍ଭ ହେବ। ଏହାର ଭିତ୍ତିଭୂମି ନିର୍ମାଣ, ଲାଇସେନ୍‌ସିଂ ଏବଂ ବିମାନ ସେବା ଆରମ୍ଭ ଆଦି କାର୍ଯ୍ୟ ପାଇଁ ସମୟ ନିର୍ଦ୍ଧାରଣ କରାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏଥିପାଇଁ ୩୩ କୋଟି ଟଙ୍କାର ଟେଣ୍ଡର ଡକାଯାଇଛି। ଏହି ବିମାନ ବନ୍ଦର ୨୩୪ ଏକର ଜମିରେ ହେବ। ଏଥିପାଇଁ ୫୫ କୋଟିର ବ୍ୟୟବରାଦ କରାଯାଇଛି। ଏହି ବିମାନବନ୍ଦର ନିର୍ମାଣ ଶେଷ ହେଲେ ଭୁବନେଶ୍ୱର ସମେତ ଅନ୍ୟ ରାଜ୍ୟକୁ ସେବା ଆରମ୍ଭ ହେବ। ଏହି ପ୍ରକଳ୍ପକୁ ଶେଷ କରିବା ପାଇଁ ମାଲକାନଗିରି ଜିଲା ପ୍ରଶାସନ ମଧ୍ୟ ଜୋରଦାର ଉଦ୍ୟମ ଚଳାଇଛି। ନିକଟରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମାଲକାନଗିରି ଗସ୍ତ କରି ପ୍ରକଳ୍ପର ସମୀକ୍ଷା କରିଥିଲେ। ବାଣିଜ୍ୟ ଓ ପରିବହନ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଜଙ୍ଗଲ ବିଭାଗ, ପୂର୍ତ୍ତ ଏବଂ ଅନ୍ୟାନ୍ୟ ବିଭାଗ ସହ ସମନ୍ୱୟ ରକ୍ଷା କରି ପ୍ରକଳ୍ପ କାର୍ଯ୍ୟକୁ ତଦାରଖ କରୁଛନ୍ତି।

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାଓ଼ାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।



Rupees 60 ଲକ୍ଷ advance
45,000/- rent, 1 ଜଣଙ୍କୁ
ଚାକିରି ସହିତ 20,000/- ଦରମା
Bansal Market Complex, B wing, Bangalore, Karnataka-400021
8901110759

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବାତ୍ୟା, ବନ୍ୟାଞ୍ଚଳରେ ବିଦ୍ୟୁତ୍ ସମସ୍ୟାର ସମାଧାନ ହେବ

ଯାଜପୁର ଅଫିସ,୧୭।୯

ଓଡ଼ିଶାର ବାତ୍ୟା ଓ ବନ୍ୟାପ୍ରବଣ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ଏକ ବଡ଼ ସମସ୍ୟା ହୋଇ ରହିଛି। ପଶ୍ଚିମବଙ୍ଗ ଦେଇ ବାଂଲାଦେଶକୁ ଗୋରୁ ଓ କୋଇଲା ଚୋରା ଚାଲାଣ ଅଣାୟତ୍ତ ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଗତ ଏପ୍ରିଲ ୨୨ରେ କୋଲାକାତାରେ ଅନୁଷ୍ଠିତ ଇଷ୍ଟର୍ନ ଜୋନ୍ କାଉନସିଲ ଷ୍ଟାଣ୍ଡିଂ କମିଟି ବୈଠକରେ ଏଭଳି ଅନେକ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବୈଠକର ନିଷ୍ପତ୍ତିକୁ ନେଇ ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୁଗ୍ମ ସଚିବ ରବୀନ୍ଦ୍ର ସିଂହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ଅନୁରୋଧ କରିଛନ୍ତି।

ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରତିବର୍ଷ ବାତ୍ୟା ଓ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିବାରୁ ବିଦ୍ୟୁତ ସରବରାହ ଦୀର୍ଘଦିନ ଧରି ବିଚ୍ଛିନ୍ନ ହୋଇଥାଏ। ଏହି ସ୍ଥିତିରେ ଓଡ଼ିଶା ମୁଖ୍ୟ ଶାସନ ସଚିବ ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି(ଏନଡିଏମ୍ଏଫ୍) ବିନିଯୋଗ କରି ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହାର ସମାଧାନ ପାଇଁ ୫୦୦ କୋଟି ଟଙ୍କା ମଞ୍ଜୁର କରିବାକୁ ପ୍ରସ୍ତାବ ଦିଆଯାଇଛି। ଏନେଇ ରାଜ୍ୟ ଜଳସମ୍ପଦ ବିଭାଗର ଉପସଚିବ ରବୀନ୍ଦ୍ରନାଥ ଚିନାରା କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି।

### ଗୋ ଚାଲାଣ ନିଷିଦ୍ଧ ପାଇଁ ପଶ୍ଚିମବଙ୍ଗର ପ୍ରସ୍ତାବ

ବିଭିନ୍ନ ରାଜ୍ୟରୁ ପଶ୍ଚିମବଙ୍ଗ ଦେଇ ବାଂଲାଦେଶକୁ ଗୋ ଚାଲାଣ ହେଉଥିବାରୁ ପଶ୍ଚିମବଙ୍ଗ ବଦନାମ ହେଉଛି। ତେଣୁ ଗୋ ଚାଲାଣକୁ ନିଷିଦ୍ଧ କରିବା ପାଇଁ ବ୍ୟବସ୍ଥା କରାଯାଉ ବୋଲି ପଶ୍ଚିମବଙ୍ଗ ସରକାର ବୈଠକରେ ପ୍ରସ୍ତାବ ଦେଇଥିଲେ। ଏହାଦ୍ୱାରା ଗୋରୁ ଚୋରାଚାଲାଣ ମଧ୍ୟ ରୋକାଯାଇପାରିବ ବୋଲି କୁହାଯାଇଥିଲା। ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ଗୋ ଚାଲାଣ ତାଙ୍କ ରାଜ୍ୟ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ବୋଲି ଅଭିହିତ କରିଛନ୍ତି। ବିହାର ମୁଖ୍ୟ ଶାସନ ସଚିବ କହିଛନ୍ତି, ବହୁ ଦୂରରୁ ବିଭିନ୍ନ ଗାଡି ଯୋଗେ ଗୋରୁ ପରିବହନ ହେଉଥିବାବେଳେ କୌଣସି ନୀତିନିୟମକୁ ମାନୁ ନାହାନ୍ତି। ମହାରାଷ୍ଟ୍ର ସରକାର ମଧ୍ୟ ଗୋରୁଚାଲାଣକୁ ନେଇ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେବଳ ପଶ୍ଚିମବଙ୍ଗ ନୁହେଁ, ତ୍ରିପୁରା, ମେଘାଳୟ, କେରଳ, ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଉତ୍ତରପ୍ରଦେଶ ସରକାର ମଧ୍ୟ ଏଭଳି ସମସ୍ୟାରେ ଜଡ଼ିତ। ତେଣୁ ଏହି ସମସ୍ୟାକୁ ଗମ୍ଭୀର ଭାବେ ଗ୍ରହଣ କରି ସମ୍ପୃକ୍ତ ରାଜ୍ୟ ସରକାରଙ୍କୁ ବିହିତ ପଦକ୍ଷେପ ନେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହାବାଦ୍ ଓଡ଼ିଶାରେ ବ୍ୟାଙ୍କିଙ୍ଗ୍ ସୁବିଧା ସେତେଟା ଉପଲବ୍ଧ ହୋଇ ପାରିନାହିଁ। ତେଣୁ ପ୍ରତ୍ୟେକ ୫ କି.ମି. ମଧ୍ୟରେ ବ୍ୟାଙ୍କିଙ୍ଗ୍ ସୁବିଧା ଦେବାକୁ ନିଷ୍ପତ୍ତି ହୋଇଛି। ତାଳଚେର କୋଇଲା ଖଣି ଅଞ୍ଚଳରେ ମାଟି ଧସିବା, ନାରୀ ଏବଂ ଶିଶୁ ବଳାତ୍କାର ଘଟଣା ଇତ୍ୟାଦି ଉପରେ ମଧ୍ୟ ସବିଶେଷ ଆଲୋଚନା କରାଯାଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ହୋଇଛି। ସେହିପରି ପଶ୍ଚିମବଙ୍ଗ ଏବଂ ଅନ୍ୟାନ୍ୟ ରାଜ୍ୟର କୋଇଲା ଚୋରାଚାଲାଣ ଯୋଗୁ ସମ୍ପୃକ୍ତ ରାଜ୍ୟଗୁଡିକ ଉପରେ ଅଙ୍ଗୁଳି ନିର୍ଦ୍ଦେଶ ହେଉଛି। ଏହିସବୁ ଚୋରା ଚାଲାଣକୁ ନିୟନ୍ତ୍ରଣ କରିବାକୁ ପଶ୍ଚିମବଙ୍ଗ ସରକାର ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ଚିଠି ଲେଖିବାକୁ ଓଡ଼ିଶାର ମୁଖ୍ୟ ଶାସନ ସଚିବ ପ୍ରସ୍ତାବ ଦେଇଛନ୍ତି।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**୰ବୃନ୍ଦାବନ ସାହୁ**
ସ୍ଥାନ: ବଇଣ୍ଡା, ଅନୁଗୋଳ
ଆବିର୍ଭାବ: ୨୫।୧୦।୧୯୩୮
ତିରୋଧାନ: ୦୮।୦୯।୨୦୨୨
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ ପରିବାରବର୍ଗ:-
ବିଜୟ, ଲକ୍ଷ୍ମୀ, ଗିରିଜା, ବାପୁନ, ଝୁନୁ, ରୁନୁ, ବେବି, ମିଲି, ଜନୀ, ରିମ୍ପଲ, ଡିମ୍ପଲ, ଜନ୍, ସିମନ, ଶ୍ରୀୟାଂଶ ଓ ସାହୁ ପରିବାରବର୍ଗ
ଧ-୧୫୪୪

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ରବିନ୍ଦ୍ର ଶ୍ରୀଚନ୍ଦନ**
ଗ୍ରାମ: ରସୁଲଗଡ଼, ଖୋର୍ଦ୍ଧା
ଆବିର୍ଭାବ: ୨୫।୦୮।୧୯୭୪
ତିରୋଧାନ: ୩୦।୦୯।୨୦୨୧
ଚାହୁଁ ଚାହୁଁ ବର୍ଷେ ବିତିଗଲା... ତୁମ ବିନା ବାବା ସବୁ ଅଧୁରା
କେଉଁ ଅଜଣା ରାଇଜର ଅଫେରନ୍ତା... ପଥିକ ତୁମେ ବାବା
ମନର କୋହକୁ ଦୁଃଖ ମନରେ ରଖି... ତୁମର ଆଶୀର୍ବାଦ ଭିକ୍ଷା କରୁଛୁ।
ଶୋକସନ୍ତପ୍ତ: ଧର୍ମପତ୍ନୀ, ପୁତ୍ର ଓ ଆତ୍ମୀୟସ୍ୱଜନ।
ଧ-୧୫୫୧

**ଦଶମ ଶ୍ରାଦ୍ଧବାର୍ଷିକୀ**



**ସମରେନ୍ଦ୍ର କୁମାର ଦାସ**
ଆବିର୍ଭାବ : ତା. ୩.୧୨.୧୯୬୧
ତିରୋଧାନ : ତା.୮.୧୦.୨୦୧୨
ଆପଣଙ୍କ ଆଦର୍ଶ, ସ୍ୱାଭିମାନ, ତ୍ୟାଗ, ସ୍ନେହ, କର୍ତ୍ତବ୍ୟନିଷ୍ଠା ଓ ଉତ୍ସର୍ଗୀକୃତ ଜୀବନ ଆମମାନଙ୍କୁ ଦିଗ୍‌ଦର୍ଶନ ଦେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ-
ପତ୍ନୀ-ସ୍ନେହଲତା, ଝିଅ-ପୂଜା, ଭାଇ-ଭଉଣୀ, ଭାଇ-ଭାଉଜ, ଭାଇବୋହୂ, ଶାଳୀ, ଶଳା-ଶଳାଭାଉଜ, ଶଢୁ, ଦେଢ଼ଶାଶୁ, ପୁତୁରା, ଝିଆରୀ, ଭଉଣୀ-ଭିଣୋଇ, ଭଣଜା, ଭାଣିଜୀ।
ଧ-୧୫୪୨

# ମୁନ୍‌ଲାଇଟିଂ



କେବେ ଆର୍ଥିକ ଅନଟନ ଦୂର କରିବା ଲାଗି ତ କେବେ ବଳକା ସମୟର ଉପଯୋଗ ପାଇଁ, ଆଉ ପୁଣି କେବେ ଅଧିକ ଟଙ୍କା ରୋଜଗାର ଲୋଭରେ ଅନେକ କର୍ମଚାରୀଙ୍କୁ ନିଜ କାର୍ଯ୍ୟାଳୟ ବ୍ୟତୀତ ଅନ୍ୟତ୍ର ମଧ୍ୟ କାର୍ଯ୍ୟ କରୁଥିବା ଦେଖିବାକୁ ମିଳେ। ଆମେରିକାରେ ଏହାକୁ କୁହାଯାଏ ମୁନ୍‌ଲାଇଟିଂ ; ଯାହାକି ବର୍ତ୍ତମାନ ଅନ୍ୟାନ୍ୟ ଦେଶ ଏମିତିକି ଆମ ଦେଶରେ ମଧ୍ୟ ବଢ଼ିବାରେ ଲାଗିଛି। ତେବେ ଏହା ଯଦି ନିଜ କାର୍ଯ୍ୟ କିମ୍ବା କାର୍ଯ୍ୟାଳୟ ପ୍ରତି ଅବହେଳାର କାରଣ ସାଜେ, ତେବେ ଜବ୍ ହରାଇବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ...

ଅଧିକ ରୋଜଗାର ପାଇଁ କେହି କେହି ଏକାଧିକ ଅଫିସ୍‌ରେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥାଏ। ହେଲେ ଯେତେବେଳେ କୌଣସି କର୍ମଚାରୀ ନିଜ କମ୍ପାନୀକୁ ନ ଜଣାଇ ଅନ୍ୟ କୌଣସି ଅନୁଷ୍ଠାନରେ କାମ କରିଥାଏ, ଏହାକୁ ମୁନ୍‌ଲାଇଟିଂ କୁହାଯାଏ। ଏହି ଶବ୍ଦଟି ପ୍ରଥମେ ଆମେରିକାରୁ ଆରମ୍ଭ ହୋଇଥିଲା। ଆମେରିକାରେ କାମ କରୁଥିବା ଶ୍ରମିକମାନେ ନିଜର ନିୟମିତ କାମ ସାରିବା ପରେ ଅଧିକ ଅର୍ଥ ଉପାର୍ଜନ ପାଇଁ ଅନ୍ୟ କମ୍ପାନୀରେ ପାର୍ଟ ଟାଇମ୍ ଜବ୍ କରିବା ଆରମ୍ଭ କରିଥିଲେ। ବର୍ତ୍ତମାନ ଆଇଟି ସେକ୍ଟରରେ ଅଧିକ ମୁନ୍‌ଲାଇଟିଂ ହେଉଥିବାର ଦେଖିବାକୁ ମିଳୁଛି। ଭାରତରେ ଏହି ଘଟଣା ପାଇଁ ବିଭିନ୍ନ ବିବାଦ ଘଟଣା ନଜରକୁ ଆସୁଛି। ତେବେ ଏହାଦ୍ୱାରା ଯଦି କୌଣସି କମ୍ପାନୀକୁ ହାନି ପହଞ୍ଚେ, ତେବେ କର୍ମଚାରୀଙ୍କୁ ନିଲମ୍ବନ କରାଯାଇପାରେ।

କିଛିଦିନ ପୂର୍ବରୁ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ ନେସକମ୍ ନୋଏଡା ରିଜିଓନାଲ କମ୍ପାନୀର ଜଣେ କର୍ମଚାରୀ ଏକ ସଙ୍ଗେ ୭ଟି କମ୍ପାନୀରେ କାର୍ଯ୍ୟ କରୁଥିବାର ଧରାପଡ଼ିଥିଲେ। ସେହିପରି ମୁମ୍ବାଇର ଏକ କମ୍ପାନୀରେ ଆଇଟି ହେଡ୍ ପଦବୀରେ କାର୍ଯ୍ୟରତ ଜଣେ କର୍ମଚାରୀ ଅଫିସ୍ ନ ଆସି ୱାର୍କ ଫ୍ରମ ହୋମ୍ କରୁଥିଲେ। ପରେ ତାଙ୍କ ମେଲ୍‌ରୁ ଏକାଧିକ କମ୍ପାନୀର ପ୍ରୋଜେକ୍ଟ କପି ଦେଖିବାକୁ ମିଳିଥିଲା।

ନାନା ଉପାୟରେ ଅଧିକ ଟଙ୍କା ରୋଜଗାର କରିବା ଏବେ ନିଶା ପାଲଟିଗଲାଣି। କରୋନା ସମୟରେ କର୍ମଚାରୀଙ୍କୁ କାର୍ଯ୍ୟସ୍ଥଳୀକୁ ଆସିବାକୁ ବାରଣ କରାଯିବା ସହ ଘରେ ବସି କାମ କରିବାର ସୁବିଧା କରାଯାଇଥିଲା। ସେଥିପାଇଁ କମ୍ପାନୀ ତରଫରୁ କର୍ମଚାରୀଙ୍କୁ ଲାପଟପ୍, ୱାଇଫାଇ ଇତ୍ୟାଦି ଯୋଗାଇ ଦିଆଗଲା। ଏବେ ବି ଏକାଧିକ ଆଇଟି କମ୍ପାନୀ କର୍ମଚାରୀଙ୍କୁ ଅଫିସ୍ ନ ଡାକି ୱାର୍କ ଫ୍ରମ୍ ହୋମ୍ କରିବାର ନିୟମ ଲାଗୁ ରଖିଛନ୍ତି। ଘରେ ରହି କାମ କରିବା ଯୋଗୁ ସେମାନେ ଅଫିସ୍ ଅଗୋଚରରେ ଏକାଧିକ କମ୍ପାନୀର କାର୍ଯ୍ୟ କରିଥା'ନ୍ତି। କର୍ମଚାରୀ ଅଫିସ୍‌ର କାର୍ଯ୍ୟକାଳ ସରିବା ପରେ ୱିକେଣ୍ଡ, ନାଇଟ୍ ସିଫ୍ଟ ଅଥବା ହଲିଡେରେ ଗୋଟିଏ ସ୍ଥାନରେ ରହି ଘରେ ବସି ଅନ୍ୟ କମ୍ପାନୀର କାମ କରିଥା'ନ୍ତି। ତେବେ ମୁନ୍‌ଲାଇଟିଂ ଏବଂ ଫ୍ରିଲାନ୍ସ ମଧ୍ୟରେ ତଫାତ୍ ଦେଖାଯାଏ। ଫ୍ରିଲାନ୍ସ ଦ୍ୱାରା ଆପଣ କୌଣସି ଅନୁଷ୍ଠାନର ନିୟମିତ କର୍ମଚାରୀ ହୋଇ ନ ଥା'ନ୍ତି। ଏଥିରେ କାମ ଅନୁସାରେ ଦରମା ଦିଆଯାଇଥାଏ। କିନ୍ତୁ ମୁନଲାଇଟିଂରେ ଆପଣଙ୍କ ନିୟମିତ ବେତନ ସହ ଅନ୍ୟ କମ୍ପାନୀର ଫୁଲ୍ ଟାଇମ୍ ବେତନ ମଧ୍ୟ ମିଳିଥାଏ, ଯାହାକି ଆଇନସମ୍ମତ ନୁହେଁ।

ଭାରତରେ ମୁନ୍‌ଲାଇଟିଂକୁ ୱିପ୍ରୋ ଭଳି କମ୍ପାନୀ ବିରୋଧ କରୁଥିବା ବେଳେ ସ୍ୱିଗି ଏହାକୁ ନିଜ କର୍ମଚାରୀଙ୍କ କ୍ଲଜ୍‌ରେ ଅନ୍ତର୍ଭୁକ୍ତ କରିଛି। ସ୍ୱିଗି ସେମାନଙ୍କ କର୍ମଚାରୀଙ୍କୁ କମ୍ପାନୀରେ କାମ ବାଦ୍ ପାର୍ଟ ଟାଇମ୍ ଭାବରେ ଅନ୍ୟ କମ୍ପାନୀରେ କାମ କରିବାକୁ ଅନୁମତି ଦେଇଛି। ତେବେ ଏହାକୁ ଭାରତର ପ୍ରଥମ ମୁନ୍‌ଲାଇଟିଂ ପଲିସି କୁହାଯାଉଛି।

ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁସାରେ, କୋଟାକ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇକ୍ୟୁଟିଜ୍ ଦ୍ୱାରା ୪୦୦ ଲୋକଙ୍କୁ ନେଇ ଏକ ସର୍ଭେ କରାଯାଇଥିଲା। ଗବେଷଣାରୁ ଜଣାପଡ଼ିଥିଲା କି, ସେଥିମଧ୍ୟରୁ ୬୫% ଲୋକ ଆଇଟି ସେକ୍ଟରରେ ମୁନ୍‌ଲାଇଟିଂ କରିଥା'ନ୍ତି। ତେବେ ଏଥିପାଇଁ ଭାରତୀୟ କୋର୍ଟ ମୁନ୍‌ଲାଇଟିଂ କରୁଥିବା କର୍ମଚାରୀ ଧରାପଡ଼ିଲେ କମ୍ପାନୀ ଦ୍ୱାରା ବହିଷ୍କାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।









**କାହିଁକି ହେଉଛି ମୁନ୍‌ଲାଇଟିଂ:**

– ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମ୍ ବଢ଼ିବା ଯୋଗୁ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବା ଲୋକେ ଅଧିକ ଅର୍ଥ ଉପାର୍ଜନ ଆଶାରେ ଅନ୍ୟ କମ୍ପାନୀଗୁଡ଼ିକରେ କାମ କରିବାକୁ ଚାହୁଁଛନ୍ତି।

– ନିଜ ଦରମାରେ ସନ୍ତୁଷ୍ଟ ନ ଥିବା କର୍ମଚାରୀମାନେ ପାର୍ଟ ଟାଇମ୍‌ରେ ଅନ୍ୟ କମ୍ପାନୀରେ ଭଲ ପ୍ୟାକେଜ୍ ପାଇଲେ ସୁଯୋଗ ହାତଛଡ଼ା କରିବାକୁ ଚାହୁଁନାହାନ୍ତି।

– ଗୋଟିଏ ଅନୁଷ୍ଠାନରେ କାର୍ଯ୍ୟରତ ଥିବା ବେଳେ ଯଦି ଚାକିରି ଚାଲିଯିବାର ଭୟ ମନରେ ରହିଥାଏ, ସେ କ୍ଷେତ୍ରରେ ଜବ୍ ସିକ୍ୟୁରିଟି ପାଇଁ ମଧ୍ୟ କେହି କେହି ଅନ୍ୟତ୍ର ଜବ୍ କରିଥାନ୍ତି।

– ନିଜକୁ ଗୋଟିଏ ସ୍ଥାନରେ ସୀମିତ ନ ରଖି ନିଜର ସ୍କିଲ୍ ଏବଂ ପ୍ରଫେସନ୍‌ର ଡେଭଲପ୍‌ମେଣ୍ଟ ପାଇଁ ଅନେକେ ଅଲଗା ଅଫିସ୍‌ରେ ମଧ୍ୟ କାମ କରିଥାଆନ୍ତି।

## ଏ ସପ୍ତାହର ପ୍ରଶ୍ନ

୧– ପ୍ରତିବର୍ଷ ................ ମାସକୁ ରାଷ୍ଟ୍ରୀୟ ପୋଷଣ ମାସ ଭାବେ ପାଳନ କରାଯାଉଛି।
୨– ଆମ ଦେଶର ..........ଠାରେ ପ୍ରଥମ ଭର୍ଚୁଆଲ୍ ସ୍କୁଲ୍ ଆରମ୍ଭ କରାଯାଇଛି ?
୩– ଆମ ଦେଶରେ ............. ତାରିଖକୁ ନ୍ୟାଶନାଲ ସିନେମା ଡେ' ଭାବେ ପାଳନ କରାଯାଉଛି ?
୪– ସର୍ବାଧିକ ମାଛ ଖାଉଥିବା ଦେଶ ............ ?
୫– ବରମୁଡା ଟ୍ରାଙ୍ଗଲ୍‌ରେ ଦେଖାଦେଉଥିବା ଇଲେକ୍ଟ୍ରୋନିକ ଫଗ୍‌ର ନାମ ...... ?

## ଗତ ଥରର ଉତ୍ତର

୧ ଥୋମାସ୍ ଏଡିଶନ୍
୨ ପ୍ରୀତି ସିନଏ
୩ ନାଗ ସାପ
୪ ଫର୍ମିକ ଏସିଡ୍
୫ ଆଇସ୍ ହକି

## ଉତ୍ତରଦାତା



ଛବିଲାଲ୍ ଭାଟି
କଳାହାଣ୍ଡି



ନରେଶ କର
ହାଇଦ୍ରାବାଦ



ନରେନ୍ଦ୍ର କୁମାର ବାରିକ
ଭଦ୍ରକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ବଡ଼ ଖାଇବା ଅଣ୍ଡା



୧........ କୁକୁଡ଼ା ଅଣ୍ଡା
୨........ କ୍ୱେଲ୍ ଅଣ୍ଡା
୩........ ଡକ୍ ଅଣ୍ଡା
୪ ........ କାଭିଆର୍ ଅଣ୍ଡା
୫ ........ ଗୁଜ୍ ଅଣ୍ଡା
୬ ........ ଟର୍କି ଅଣ୍ଡା
୭ ........ ଏମୁ ଅଣ୍ଡା
୮ ........ ହିଲ୍‌ସା ଅଣ୍ଡା
୯ ........ ଅଷ୍ଟ୍ରିଚ୍ ଅଣ୍ଡା
୧୦ ........ ବାଷ୍ଟାମ୍ ଅଣ୍ଡା

ଜାଣନ୍ତୁ ଦୁନିଆ

# କାଠରେ ନିର୍ମିତ ଚର୍ଚ୍ଚ

ପୃଥିବୀର ବିଭିନ୍ନ ସ୍ଥାନରେ ରହିଛି ଭଳିକିଭଳି କାରୁକାର୍ଯ୍ୟପୂର୍ଣ୍ଣ ଅନେକ ଛୋଟ ବଡ଼ ଚର୍ଚ୍ଚ। ତେବେ ରୁଷିଆର କିଝି ଆଇସ୍‌ଲାଣ୍ଡରେ ଥିବା କିଝି ପୋଗୋଷ୍ଟ ଚର୍ଚ୍ଚ ଏସବୁ ମଧ୍ୟରେ ସ୍ୱତନ୍ତ୍ର। କାରଣ ଏହା ସମ୍ପୂର୍ଣ୍ଣ ଭାବେ ନିର୍ମିତ ହୋଇଛି କାଠରେ। ଜାଣିବା ଏହି ଆଶ୍ଚର୍ଯ୍ୟ ଚର୍ଚ୍ଚ ସମ୍ପର୍କରେ କିଛି ରୋଚକ ତଥ୍ୟ ...

❖ଆଜିକୁ ପ୍ରାୟ ୩୦୦ ବର୍ଷରୁ ଉର୍ଦ୍ଧ୍ୱ ପୂର୍ବେ ନିର୍ମାଣ କରାଯାଇଥିଲା ଏହି ଚର୍ଚ୍ଚ। ପୃଥିବୀରେ ଥିବା ବିଭିନ୍ନ ନିଆରା କଳାକୃତି ମଧ୍ୟରେ ଏହା ଅନ୍ୟତମ। କାରଣ ଏହା ସମ୍ପୂର୍ଣ୍ଣ କାଠରେ ତିଆରି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି, ସାଧାରଣତଃ କାଠରେ କୌଣସି ସାମଗ୍ରୀ ପ୍ରସ୍ତୁତ କରିବା ଲାଗି କଣ୍ଟା ବ୍ୟବହାର ହେଉଥିବା ବେଳେ ଏଥିରେ କିନ୍ତୁ ଆଦୌ କଣ୍ଟା ବ୍ୟବହାର କରାଯାଇ ନାହିଁ। ଏହାକୁ ନିର୍ମାଣ କରିବା ଲାଗି ପାଇନ୍, ସ୍ପ୍ରସ୍ ଏବଂ ଆସ୍ପେନ୍ ଆଦି ଗଛର କାଠ ବ୍ୟବହାର କରାଯାଇଛି।



❖ଏହି ବିଶାଳ ଏବଂ ନିଆରା କଳାକୃତି କେଉଁ କାରିଗରଙ୍କ ଦ୍ୱାରା ନିର୍ମିତ ହୋଇଛି, ତା' ସମ୍ପର୍କରେ କୌଣସି ସବିଶେଷ ତଥ୍ୟ ନାହିଁ। ହେଲେ କିମ୍ବଦନ୍ତୀ ଅନୁଯାୟୀ ଏହି ଚର୍ଚ୍ଚ ନିର୍ମାଣ କରିବା ଲାଗି ମୁଖ୍ୟ କାରିଗର ମାତ୍ର ଗୋଟିଏ କୁରାଢ଼ି ବ୍ୟବହାର କରିଥିଲେ ଏବଂ କାମ ଶେଷ ହେବା ପରେ ନିକଟରେ ଥିବା ଏକ ହ୍ରଦ ମଧ୍ୟକୁ ଫିଙ୍ଗି ଦେଇଥିଲେ।

❖ଏଠାରେ ରହିଛି ଦୁଇଟି ଚର୍ଚ୍ଚ, ଯାହାକି ଚର୍ଚ୍ଚ ଅଫ୍ ଦି ଟ୍ରାନ୍ସଫିଗୁରେସନ୍ ଏବଂ ଚର୍ଚ୍ଚ ଅଫ୍ ଦି ଇଣ୍ଟରସେସନ୍ ନାମରେ ପରିଚିତ। ଏହି ଚର୍ଚ୍ଚ ଦ୍ୱୟ ଉପରେ ରହିଛି ଡୋମ୍ ବା ଗମ୍ବୁଜ ; ଯାହାକୁ ନିର୍ମାଣ କରିବା ଲାଗି ଶହ ଶହ ସଂଖ୍ୟାରେ ଡାଇମଣ୍ଡ ଆକୃତିର କାଠ ଟାଇଲ ବ୍ୟବହାର କରାଯାଇଛି। ଏହା ବ୍ୟତୀତ ଏଠାରେ ଏକ ବେଲ୍ ଟାୱାର ମଧ୍ୟ ରହିଛି।



❖ଏହି କଳାକୃତିକୁ ସୁରକ୍ଷିତ ରଖିବା ଲାଗି ୧୯୦୦ ଶତାବ୍ଦୀରେ ଏହାର ମରାମତି କରାଯାଇଛି। ଏଥିରେ ଥିବା ଡୋମ୍ ଯେପରି ପାଣିପାଗ ପ୍ରଭାବରେ ନଷ୍ଟ ହୋଇ ନ ଯାଏ, ସେଥିପାଇଁ ଏହା ଉପରେ ଏକ ଧାତବ ଆବରଣ ଦିଆଯାଇଛି ଏବଂ ଚର୍ଚ୍ଚକୁ ମଧ୍ୟ ରଙ୍ଗ କରାଯାଇଛି।

❖ ୧୯୯୦ ମସିହାରେ ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ର ୟୁନେସ୍କୋ ଲିଷ୍ଟରେ ଏହା ସ୍ଥାନ ପାଇଛି।

ୟୁଥ୍ ଆଲର୍ଟ

# ଉଷୁମ ପାଣି ପିଉଥିଲେ

ମେଦବହୁଳତା ହ୍ରାସ କରିବା ଲାଗି ବର୍ତ୍ତମାନ ସକାଳୁ ଉଠି ଅନେକେ ଉଷୁମ ପାଣି ପିଉଥିବାର ଦେଖିବାକୁ ମିଳୁଛି। କେହି କେହି ଦିନ ମଧ୍ୟରେ ଏକାଧିକ ଥର ମଧ୍ୟ ଉଷୁମ ପାଣି ପିଉଛନ୍ତି, ଏମିତିକି ଶୀଘ୍ର ପତଳା ହୋଇଯିବା ନିଶାରେ ଗରମ ପାଣି ପିଇବାକୁ ବି ପଛାଉ ନାହାନ୍ତି। ହେଲେ ଆପଣ ଜାଣନ୍ତିକି, ଆବଶ୍ୟକତାଠାରୁ ଅଧିକ ଉଷୁମ ପାଣି ପିଇବା ଦ୍ୱାରା ମଧ୍ୟ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଜାଣନ୍ତୁ ଏହା ସମ୍ପର୍କରେ...



– ରାତିରେ ଶୋଇବା ପୂର୍ବରୁ ଗରମ ପାଣି ପିଇବା ଦ୍ୱାରା ରକ୍ତବାହୀ କୋଷିକା ଉପରେ ଚାପ ପଡ଼ିଥାଏ, ଏମିତିକି କାହା କାହାଠାରେ ରକ୍ତଚାପ ମଧ୍ୟ ବଢ଼ିଥାଏ। ଏଣୁ ନିଦ୍ରାଜନିତ ସମସ୍ୟା ଦେଖାଦେଇଥାଏ।

– କିଡ୍‌ନୀ ଶରୀରକୁ ଆସୁଥିବା ଅତିରିକ୍ତ ପାଣି ଏବଂ ବିଷାକ୍ତ ପଦାର୍ଥକୁ ବାହାର କରିଥାଏ। ହେଲେ ଗରମ ପାଣି ପିଇବା ଦ୍ୱାରା ଏହାର ପାଣିକୁ ବିଶୁଦ୍ଧ କରିବା ପ୍ରକ୍ରିୟା ପ୍ରଭାବିତ ହୋଇଥାଏ।

– ଦେଖାଯାଏ, ଅନେକେ ଶୋଷ ନ ଲାଗୁଥିଲେ ବି ଏକ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଉଷୁମ ପାଣି ପିଇଥା'ନ୍ତି। ଏହାଦ୍ୱାରା ସ୍ନାୟୁ ଫୁଲିବା ସହ ମୁଣ୍ଡବିନ୍ଧା ଭଳି ବିଭିନ୍ନ ଲକ୍ଷଣ ଦେଖାଦେଇଥାଏ।

– ଗରମ ପାଣି ପିଇଲେ ଓଠ ଜଳିଯିବା ସହ ପାଟି ଭିତର ଭାଗ ମଧ୍ୟ ପ୍ରଭାବିତ ହୋଇଥାଏ। କେବେକେବେ ଗରମ ପାଣି ବାଜି ସ୍ୱାଦ ଗ୍ରନ୍ଥି ମଧ୍ୟ ଦୁର୍ବଳ ହୋଇଯାଏ। ଫଳସ୍ୱରୂପ ପରବର୍ତ୍ତୀ ସମୟରେ ଖାଇବା ବେଳେ କଷ୍ଟ ଅନୁଭବ କରିବା କିମ୍ବା ସ୍ୱାଦ ବାରି ନ ପାରିବା ଭଳି ସମସ୍ୟା ଉପୁଜିପାରେ।

# ଜାଏଣ୍ଟ୍ସଙ୍କୁ ଜିତାଇଲେ କେଭିନ୍ ଓ'ବ୍ରାଏନ୍

■ ପ୍ରଥମ ମ୍ୟାଚରେ ଦୁଇ ଶତକ
■ ଆସ୍‌ଲେ ନର୍ସଙ୍କ ଶତକ ନିଷ୍ଫଳ

କୋଲକାତା,୧୭।୯

କୋଲକାତାର ଇଡେନ୍ ଗାର୍ଡେନ୍ସରେ ଆରମ୍ଭ ହୋଇଛି ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ। ପ୍ରଥମ ମ୍ୟାଚରେ ୩ ଉଇକେଟରେ ଇଣ୍ଡିଆ କ୍ୟାପିଟାଲ୍ସକୁ ହରାଇଛି ବୀରେନ୍ଦ୍ର ସେହ୍ୱାଗଙ୍କ ଗୁଜରାଟ ଜାଏଣ୍ଟ୍ସ। କ୍ୟାପିଟାଲ୍ସ ପକ୍ଷରୁ ଆସଲେ ନର୍ସ ଅପରାଜିତ ୧୦୩ ରନ୍ କରିଥିବା ବେଳେ ଦଳ ନିର୍ଦ୍ଧାରିତ ଓଭରରେ ୭ ଉଇକେଟରେ ୧୭୯ ରନ୍ କରିଥିଲା। ଜବାବରେ କେଭିନ ଓ'ବ୍ରାଏନ୍‌ଙ୍କ ୧୦୬ ରନ ବଳରେ ୮ବଲ ବାକିଥାଇ ୭ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ଏହି ମ୍ୟାଚରେ କ୍ୟାପିଟାଲ୍ସର ଅଧିନାୟକ ଗୌତମ ଗମ୍ଭୀର ଖେଳିନଥିବା ବେଳେ ଜ୍ୟାକ୍ କାଲିସ ଦଳର ନେତୃତ୍ୱ ନେଇଥିଲେ।

ଟସ୍ ଜିତି ଜାଏଣ୍ଟ୍ସ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। କେପି ଅପନ୍ନା, ରାୟାଦ ଏମ୍ରିଟ୍ ଓ ଗ୍ରେମ୍ ସ୍ୱାନଙ୍କ ଘାତକ ବୋଲିଂ ବଳରେ କ୍ୟାପିଟାଲ୍ସ ୭୪ ରନରେ ୬ ଉଇକେଟ ହରାଇଥିଲା। ତେବେ ପରବର୍ତ୍ତୀ ଓଭର ଗୁଡିକରେ ଆସଲେ ନର୍ସ ଧୂଆଁଧାର ବ୍ୟାଟିଂ କରିବା ସହିତ ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ମାତ୍ର ୪୩ ବଲ ଖେଳି ସେ ୮ ଚୌକା ଓ ୯ ଛକା ମାରିଥିଲେ। ଲିଆମ ପ୍ଲଙ୍କେଟ(୧୫)ଙ୍କ ସହିତ ଷଷ୍ଠ ଉଇକେଟରେ ୬୪ ରନ ଯୋଡିଥିଲେ ନର୍ସ। ସେହିପରି ୭ମ ଉଇକେଟରେ ୪୧ ରନର ଭାଗୀଦାରି କରିଥିଲେ ନର୍ସ ଓ ମିଚେଲ୍ ଜନସନ୍। ଏହି ଭାଗୀଦାରିରେ ଜନସନ୍ ମାତ୍ର ୫ ରନ ଯୋଗ ଦେଇଥିଲେ। ଜାଏଣ୍ଟ୍ସ ପକ୍ଷରୁ କେପି ଅପନ୍ନା, ରାୟାଦ ଏମ୍ରିଟ୍ ଓ ଗ୍ରେମ୍ ସ୍ୱାନ ପ୍ରତ୍ୟେକ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

୧୮୦ ରନର ଲକ୍ଷ୍ୟ ନେଇ ଜାଏଣ୍ଟ୍ସର ଆରମ୍ଭ ଜବରଦସ୍ତ ରହିଥିଲା। ବୀରେନ୍ଦ୍ର ସେହ୍ୱାଗ(୬) ଓ କେଭିନ୍ ଓ ବ୍ରାଏନ୍ (୧୦୬) ପ୍ରଥମ ୪ ଓଭରରେ ଯୋଡିଥିଲେ ୪୦ ରନ୍। କେଭିନ୍ ପରବର୍ତ୍ତୀ ଉଇକେଟରେ ପାର୍ଥିବ ପଟେଲ(୨୪)ଙ୍କ ସହିତ ୭୦ ରନ ଯୋଡିଥିଲେ। ଓ'ବ୍ରାଏନ୍ ୬୧ ବଲରୁ ୧୫ ଚୌକା ଓ ୩ ଛକା ସହିତ ୧୦୬ ରନର ଇନିଂସ ଖେଳି ୧୭.୩ ଓଭରରେ ଆଉଟ ହୋଇଥିଲେ। ସେ ଆଉଟ ହେବା ବେଳକୁ ୧୫ ବଲରେ ୪ ରନ୍ ଆବଶ୍ୟକ ଥିଲା। ମାତ୍ର ୧୮ତମ ଓଭରରେ ଦୁଇଟି ଉଇକେଟ ନେଇ ମ୍ୟାଚରେ ରୋମାଞ୍ଚ ଭରି ଦେଇଥିଲେ ପ୍ରବୀଣ ତାମ୍ବେ। ହ୍ୟାଟ୍ରିକ ସୁଯୋଗ ମିଳିଥିଲେ ହେଁ ପ୍ରବୀଣ ୱାଇଡ ପକାଇବା କାରଣରୁ ଜାଏଣ୍ଟ୍ସ ୩ ଉଇକେଟରେ ମ୍ୟାଚ ଜିତି ନେଇଥିଲା। ତାମ୍ବେ ୩ ଉଇକେଟ ନେଇଥିବା ବେଳେ ଲିଆମ ପ୍ଲଙ୍କେଟ ୨ ଉଇକେଟ ନେଇଥିଲେ। ୧୦୩ ରନ୍ ଓ ଗୋଟିଏ ଉଇକେଟ ନେଇଥିବା ଆସଲେ ନର୍ସଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।


ଶତକ ହାସଲ ପରେ ପ୍ଲେୟର ଅଫ୍ ଦ ମ୍ୟାଚ ଆସଲେ ନର୍ସ

# ୧୦୦ ମିଟର ହର୍ଡଲ୍ସରେ ସବିତାଙ୍କୁ ସ୍ୱର୍ଣ୍ଣ

ନ୍ୟାଶନାଲ ୟୁଥ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ

ଭୁବନେଶ୍ୱର,୧୭।୯ (ସ୍ପୋର୍ଟ୍ସ ବ୍ୟୁରୋ)

ଭୋପାଳସ୍ଥିତ ତାନ୍ତିଆ ଟୋପେ ଷ୍ଟାଡିୟମରେ ୧୭ତମ ନ୍ୟାଶନାଲ ୟୁଥ୍ ଚାମ୍ପିୟନଶିପ୍ (୧୮ ବର୍ଷରୁ କମ୍) ଶନିବାରଠାରୁ ଆରମ୍ଭ ହୋଇଛି। ଏହି ୩ ଦିନିଆ ଚାମ୍ପିୟନଶିପ୍‌ରେ ଓଡ଼ିଶାରୁ ୧୦ ଆଥଲେଟ (୩ ବାଳିକା ଓ ୭ ବାଳକ) ଭାଗ ନେଇଛନ୍ତି। ପ୍ରଥମ ଦିବସରେ ଓଡ଼ିଶାର ସବିତା ଟପ୍ପୋ ୧୪.୧୫ ସେକେଣ୍ଡ ଟାଇମିଂରେ ୧୦୦ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିସହିତ ସେ ୪ର୍ଥ ଏସିଆନ ୟୁଥ୍ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଧାର୍ଯ୍ୟ ଯୋଗ୍ୟତା ଅଙ୍କ (୧୪.୪୪ ସେକେଣ୍ଡ) ହାସଲ କରିପାରିଛନ୍ତି। ଏହି ଇଭେଣ୍ଟରେ ତାମିଲନାଡୁର ସାଇନି ଗ୍ଲାଡସିଆ ଓ ତେଲେଙ୍ଗାନାର ଏରୋଲା ପ୍ରଣତି ଯଥାକ୍ରମେ ୧୪.୬୭ ଓ ୧୪.୭୨ ସେକେଣ୍ଡ ଟାଇମିଂରେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ୧୧୦ ମିଟର ହର୍ଡଲ୍ସରେ ରାଜେନ୍ଦ୍ର ସିଦ୍ଧୁ ୫ମ ସ୍ଥାନ ଅଧିକାର କରିଛନ୍ତି। ଏହି ଇଭେଣ୍ଟରେ ମହାରାଷ୍ଟ୍ରର ସନ୍ଦୀପ ବିନୋଦ ଗୋଣ୍ଡ ଓ ନୟନ ପ୍ରଦୀପ ସା ସାର୍ଦ୍ଦେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିବା ବେଳେ ହରିୟାଣାର ଅନୁଜ କୁମାର ବ୍ରୋଞ୍ଜ ପାଇଛନ୍ତି। ବାଳକ ଟ୍ରିପଲ ଜମ୍ପରେ ଓଡ଼ିଶାର ସ୍ୱାଗତ ବେହେରା ୭ମ ସ୍ଥାନ ଅଧିକାର କରିଛନ୍ତି। ସବିତା ଟପ୍ପୋ ଓ ଜାନୁନା ଟୁଡୁ ଲଙ୍ଗଜମ୍ପ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେହିପରି ବାଳିକା ୧୦୦ ମିଟରରେ ଡି.ଏମ୍. ଜୟରାମ ପ୍ରଥମ ସେମିଫାଇନାଲରେ ପ୍ରଥମ ସ୍ଥାନ ସହ ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛନ୍ତି। ରବିବାର ଲକ୍ଷ୍ମୀପ୍ରିୟା କିଷାନ, ବାପି ହାଁସଦା ଓ ପଙ୍କଜ ମଣ୍ଡଳ ୮୦୦ ମିଟର ଦୌଡ଼ରେ ଭାଗ ନେବେ। ସୂଚନାଯୋଗ୍ୟ, ଆସନ୍ତା ଅକ୍ଟୋବର ୧୩ରୁ ୧୬ ପର୍ଯ୍ୟନ୍ତ କାଠମାଣ୍ଡୁଠାରେ ହେବାକୁଥିବା ୪ର୍ଥ ଏସିଆନ ୟୁଥ୍ ଆଥଲେଟିକ୍ସ ପାଇଁ ଏହି ଚାମ୍ପିୟନଶିପ୍‌କୁ ଏକ ସିଲେକ୍ସନ ଟ୍ରାଏଲ୍ ଭାବେ ବିବେଚନା କରାଯାଉଛି।


ସବିତା ଟପ୍ପୋ

# ଓସିଏର ଲିଜେଣ୍ଡ୍ସ ଟି୨୦ କ୍ରିକେଟ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୧୭।୯ (ସ୍ପୋର୍ଟ୍ସ ବ୍ୟୁରୋ)

କଟକ ବାରବାଟୀ ଷ୍ଟାଡିୟମରେ ସେପ୍ଟେମ୍ବର ୨୬, ୨୭ ଓ ୨୯ରେ ଖେଳାଯିବାକୁ ଥିବା ଲିଜେଣ୍ଡ୍ସ ଟି୨୦ କ୍ରିକେଟ ଲିଗ୍ ମ୍ୟାଚ ଲାଗି ଏକ ପ୍ରସ୍ତୁତି ବୈଠକ ଶନିବାର ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ପୋଲିସ କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କଟକ ମେୟର ସୁବାସ ସିଂ, କଟକ ଡିସିପି ପିନାକ ମିଶ୍ର, ସିଏମ୍‌ସି କମିଶନର ନିଖିଳ ପଓ୍ୱନ କୁମାର, କଟକ ଜିଲାପାଳ ଭବାନୀ ଶଙ୍କର ଚଇନି, ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଅଭିଷେକ ମଜୁମଦାର (ଭିପି, ଏଲସିସି) ଓ ଓସିଏ ସିଇଓ ସୁବ୍ରତ କୁମାର ବେହେରାଙ୍କ ସମେତ ବିଭିନ୍ନ ଏଜେନ୍ସିର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଆଗାମୀ ଇଭେଣ୍ଟର ସଫଳ ଆୟୋଜନ ଲାଗି ଓଡ଼ିଶା ସରକାର ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିବା ଖୁସିର ବିଷୟ ବୋଲି ଓସିଏ ସମ୍ପାଦକ ସଞ୍ଜୟ ବେହେରା ପ୍ରକାଶ କରିଛନ୍ତି। ପ୍ରଥମ ମ୍ୟାଚ ମଣିପାଲ ଟାଇଗର୍ସ ବନାମ ଭିଲଓ୍ୱାରା କିଙ୍ଗ୍ସ, ଦ୍ୱିତୀୟ ମ୍ୟାଚ ଗୁଜରାଟ ଜାଏଣ୍ଟ୍ସ ବନାମ ଭିଲଓ୍ୱାରା କିଙ୍ଗ୍ସ ଏବଂ ତୃତୀୟଟି ଇଣ୍ଡିଆ କ୍ୟାପିଟାଲ ବନାମ ମଣିପାଲ ଟାଇଗର୍ସ ମଧ୍ୟରେ ହେବ। ଖେଳାଳିମାନେ ଭୁବନେଶ୍ୱରରେ ଦୁଇଟି ତାରକା ହୋଟେଲରେ ଅବସ୍ଥାନ କରିବେ। ମଣିପାଲ ଟାଇଗର୍ସ ଦଳର ଅଧିନାୟକ ରହିଛନ୍ତି ହରଭଜନ ସିଂ। ସେହିପରି ଭିଲଓ୍ୱାରା କିଙ୍ଗ୍ସର ଇରଫାନ ପଠାନ, ଗୁଜରାଟ ଜାଏଣ୍ଟ୍ସର ବୀରେନ୍ଦ୍ର ସେହ୍ୱାଗ ଏବଂ ଇଣ୍ଡିଆ କ୍ୟାପିଟାଲର ଗୌତମ ଗମ୍ଭୀର ନେତୃତ୍ୱ ନେବେ। ମ୍ୟାଚ ପାଇଁ ଅନ୍‌ଲାଇନ ଓ ଅଫ୍ ଲାଇନ୍‌ରେ ଟିକେଟ ବିକ୍ରି ବ୍ୟବସ୍ଥା କରାଯାଇଛି।



ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ଲିଜେଣ୍ଡ୍ସ ଟି୨୦ କ୍ରିକେଟ ପ୍ରସ୍ତୁତି ବୈଠକ।

# ଆଜିଠୁ ଝୁଲଣଙ୍କ ବିଦାୟୀ ଦିନିକିଆ ସିରିଜ

ହୋଭ୍,୧୭।୯(ପି.ଟି.)

ରବିବାର ଭାରତ ଓ ଇଂଲଣ୍ଡ ମହିଳା ଦଳ ମଧ୍ୟରେ ପ୍ରଥମ ଦିନିକିଆ ମ୍ୟାଚ ଖେଳାଯିବ। ଭାରତ ତଥା ବିଶ୍ୱର ସର୍ବାଧିକ ଉଇକେଟ ହାସଲକାରୀ ଝୁଲଣ ଗୋସ୍ୱାମୀଙ୍କ ଏହା ଅନ୍ତିମ ସିରିଜ ହୋଇଥିବା ବେଳେ ଭାରତୀୟ ଦଳ ସିରିଜ୍ ଜିତିବାକୁ ଆପ୍ରାଣ ଉଦ୍ୟମ କରିବ। ଟି୨୦ ସିରିଜରେ ଉଭୟ ବ୍ୟାଟିଂ ଓ ଫିଲ୍ଡିଂରେ ଭାରତର ପ୍ରଦର୍ଶନ ଅତ୍ୟନ୍ତ ଦୟନୀୟ ରହିଥିଲା। ଭାରତ ଏହି ସବୁ ଦୁର୍ବଳତା ଦୂରେଇବାକୁ ପ୍ରୟାସ କରିବ। ଅନ୍ୟପକ୍ଷରେ ଇଂଲଣ୍ଡ ଅଧିନାୟିକା ହିଥର ନାଇଟଙ୍କ ସମେତ ୩ ବରିଷ୍ଠ ଖେଳାଳିଙ୍କ ଅନୁପସ୍ଥିତିରୁ ଫାଇଦା ଉଠାଇବାକୁ ପ୍ରୟାସ କରିବ ହରମନପ୍ରୀତ କୌରଙ୍କ ଭାରତୀୟ ଦଳ। ତେବେ ଭାରତୀୟ ଦଳ ପାଇଁ ସବୁଠାରୁ ବଡ଼ ସମସ୍ୟା ଭାବରେ ଉଭା ହୋଇଛି ଏହାର ମିଡିଲ ଅର୍ଡର ବ୍ୟାଟିଂ। ଟି୨୦ ସିରିଜରେ ସୁଯୋଗ ପାଇଥିବା ଦୟଲାନ ହେମଲତା ନିଜ ବ୍ୟାଟ ଜରିଆରେ ପ୍ରଭାବୀ ପ୍ରଦର୍ଶନ ଦେବାରେ ବିଫଳ ହୋଇଥିଲେ। ଦ ହଣ୍ଡ୍ରେଡ୍ ଖେଳୁଥିବା ସମୟରେ ଆହତ ହୋଇଥିବା ଜେମିମା ରୋଡ୍ରିଗ୍ୱେଜ ଖେଳିବେ କି ନାହିଁ ସ୍ପଷ୍ଟ ହୋଇନଥିବା ବେଳେ ଭାରତୀୟ ବ୍ୟାଟିଂ ମୁଖ୍ୟତଃ ସ୍ମୃତି ମନ୍ଧାନା ଓ ହରମନ୍‌ପ୍ରୀତ କୌରଙ୍କ ଉପରେ ନିର୍ଭର କରିବ। ସେହିପରି ୟସ୍ତିକା ଭାଟିଆ ଓ ଶେଫାଳି ବର୍ମାଙ୍କଠାରୁ ମଧ୍ୟ ଦଳ ଭଲ ପ୍ରଦର୍ଶନ ଆଶା କରିବ। ୩ ବର୍ଷ ଧରି ଅନ୍ତର୍ଜାତୀୟ କ୍ରିକେଟ ଖେଳୁଥିବା ଶେଫାଳି ବର୍ମାଙ୍କ ନିକଟରୁ ସ୍ଥିର ପ୍ରଦର୍ଶନ ଆଶା ରଖିବ ଭାରତୀୟ ମ୍ୟାନେଜମେଣ୍ଟ।




# ଭାରତ 'ଏ'କୁ ଆବଶ୍ୟକ ୯ ଉଇକେଟ

ପଟିଦାରଙ୍କ ଶତକ

ବେଙ୍ଗାଲୁରୁ,୧୭।୯ (ପି.ଟି.)

ବେଙ୍ଗାଲୁରୁରେ ଭାରତ ଏ' ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଉଥିବା ୪ ଦିନିଆ ମ୍ୟାଚରେ ଶତକ ହାସଲ କରିଛନ୍ତି ରଜତ ପଟିଦାର। ପଟିଦାରଙ୍କ ୧୦୯ ରନ ସହିତ ଭାରତ ଏ' ୭/୩୫୯ ରନରେ ଇନିଂସ ଘୋଷଣା କରିଥିଲା। ପ୍ରଥମ ଇନିଂସରେ ଭାରତ ଏ' ୫୬ ରନରେ ଆଗୁଆ ରହିଥିବା ବେଳେ ନ୍ୟୁଜିଲାଣ୍ଡ ଆଗରେ ୪୧୬ ରନର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଜବାବରେ ତୃତୀୟ ଦିନର ଖେଳ ଶେଷ ହେବାବେଳକୁ ଭ୍ରମଣକାରୀ ଦଳ ୧ ଉଇକେଟ ହରାଇ ୨୦ ରନ ସଂଗ୍ରହ କରିଛି। ଅନ୍ତିମ ଦିନରେ ନ୍ୟୁଜିଲାଣ୍ଡକୁ ୩୯୬ ରନ ଆବଶ୍ୟକ ରହିଥିବାବେଳେ ଭାରତକୁ ୯ ଉଇକେଟ ଆବଶ୍ୟକ। ଭାରତ ଏ' ୮ ରନରେ ଅଭିମନ୍ୟୁ ଈଶ୍ୱରନଙ୍କ ଉଇକେଟ ହରାଇଥିଲା। ତେବେ ଲଗାତର ୩ଟି ଶତକୀୟ ଭାଗୀଦାରି ସହିତ ଭାରତ ଦୃଢ଼ ସ୍ଥିତିରେ ପହଞ୍ଚି ଯାଇଥିଲା। ତୃତୀୟ ଉଇକେଟରେ ପ୍ରିୟଙ୍କ ପାଞ୍ଚଲ(୬୨) ଓ ଋତୁରାଜ ଗାଏକ୍ୱାଡ(୯୪) ଯୋଡ଼ିଥିଲେ ୧୨୨ ରନ୍। ପାଞ୍ଚଲ ଆଉଟ ହେବା ପରେ ରଜତ ପଟିଦାର-ଗାଏକ୍ୱାଡଙ୍କ ମଧ୍ୟରେ ୧୦୨ ଓ ସର୍ଫରାଜ ଖାନ(୬୩)ଙ୍କ ସହ ୧୦୮ ରନ ଯୋଡ଼ିଥିଲେ। ପଟିଦାର ୧୩୫ ବଲ ଖେଳି ୧୩ ଚୌକା ଓ ୨ ଛକା ମାରିଥିଲେ। ନ୍ୟୁଜିଲାଣ୍ଡ ଏ' ପକ୍ଷରୁ ରାଚିନ୍ ରବୀନ୍ଦ୍ର ୩ ଉଇକେଟ ନେଇଥିବା ବେଳେ ଜୋ ୱାକର ଦୁଇଟି ଉଇକେଟ ନେଇଥିଲେ। ୪୧୬ ରନର ଲକ୍ଷ୍ୟ ନେଇ ବ୍ୟାଟିଂ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ଷ୍ଟମ୍ପ ଅପସାରଣ ସୁଦ୍ଧା ୧ ଉଇକେଟ ହରାଇ ୨୦ ରନ ସଂଗ୍ରହ କରିଛି। ସୌରଭ କୁମାର ଭାରତ ଏ' ପକ୍ଷରୁ ଏକମାତ୍ର ଉଇକେଟ ହାସଲ କରିଛନ୍ତି।


ରଜତ ପଟିଦାର

# ଦୃଢ଼ ସ୍ଥିତିରେ ଦକ୍ଷିଣାଞ୍ଚଳ, ପଶ୍ଚିମାଞ୍ଚଳ

ସାଇ କିଶୋରଙ୍କୁ ୭ ଉଇକେଟ



ଚେନ୍ନାଇ,୧୭।୯(ପି.ଟି.)

ଦୁଲୀପ ଟ୍ରଫି ସେମିଫାଇନାଲରେ ଦୃଢ ସ୍ଥିତିରେ ରହିଛନ୍ତି ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳ। ଅଜିଙ୍କ୍ୟ ରାହାନେଙ୍କ ପଶ୍ଚିମାଞ୍ଚଳ ପୃଥ୍ୱୀ ଶ'ଙ୍କ ଶତକ ସହାୟତାରେ ଦୃଢ ସ୍ଥିତିରେ ରହିଛି। ଅନ୍ତିମ ଦିନରେ କେନ୍ଦ୍ରାଞ୍ଚଳକୁ ବିଜୟ ପାଇଁ ୪୬୮ ରନ୍ ଆବଶ୍ୟକ ରହିଥିବା ବେଳେ ହାତରେ ୮ ଉଇକେଟ ରହିଛି। ସେହିପରି ଦ୍ୱିତୀୟ ସେମିରେ ସ୍ପିନର ଆର. ସାଇ କିଶୋରଙ୍କ ୭ ଉଇକେଟ ସଫଳତା ବଳରେ ଦକ୍ଷିଣାଞ୍ଚଳ ମଧ୍ୟ ସୁବିଧାଜନକ ସ୍ଥିତିରେ ରହିଛି।

**ପଶ୍ଚିମାଞ୍ଚଳ ବନାମ କେନ୍ଦ୍ରାଞ୍ଚଳ:** କୋଏମ୍ବାଟୁରର ଏସ୍‌ଏନ୍‌ଆର କଲେଜ ଗ୍ରାଉଣ୍ଡରେ ଖେଳା ଯାଇଥିବା ପ୍ରଥମ ସେମିଫାଇନାଲରେ ପଶ୍ଚିମାଞ୍ଚଳ ମଜଭୁତ ସ୍ଥିତିରେ ରହିଛି। ଦ୍ୱିତୀୟ ଇନିଂସରେ ପଶ୍ଚିମାଞ୍ଚଳ ୩୭୧ ରନରେ ଅଲଆଉଟ ହୋଇଥିବାବେଳେ କେନ୍ଦ୍ରାଞ୍ଚଳ ସମ୍ମୁଖରେ ୫୦୧ ରନର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଷ୍ଟମ୍ପ ଅପସାରଣ ସୁଦ୍ଧା କେନ୍ଦ୍ରାଞ୍ଚଳ ୩୩ ରନରେ ୨ ଉଇକେଟ ହରାଇଛି। ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୧୩୦୩ରୁ ଖେଳ ଆରମ୍ଭ କରିଥିବା ପଶ୍ଚିମାଞ୍ଚଳ ପୃଥ୍ୱୀ ଶ(୧୪୨)ଙ୍କ ଉଇକେଟ ହରାଇବା ପୂର୍ବରୁ ଯୋଡିଥିଲା ୭୦ ରନ୍। ଅର୍ମାନ ଜାଫର୍(୪୯) ଏକ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିଲେ। ନିମ୍ନ ମଧ୍ୟକ୍ରମରେ ସାମ୍ସ ମୁଲାନୀ(୨୯) ଓ ହେତ ପଟେଲ(୬୭), ଅତୀତ ସେଠ(୨୦) ଓ ତନୁଷ କୋଟିୟାନ(୨୮) ଉପଯୋଗୀ ଅବଦାନ ଦେବାରୁ ଦଳ ୩୭୧ ରନରେ ସମସ୍ତ ଉଇକେଟ ହରାଇଥିଲା। ଏହା ସହିତ କେନ୍ଦ୍ରାଞ୍ଚଳ ସମ୍ମୁଖରେ ଧାର୍ଯ୍ୟ କରିଥିଲା ୫୦୧ ରନର ଅସମ୍ଭବ ବିଜୟ ଲକ୍ଷ୍ୟ। ଜବାବରେ ତୃତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା କେନ୍ଦ୍ରାଞ୍ଚଳ ଦୁଇ ଓପନରଙ୍କ ଉଇକେଟ ହରାଇ ୩୩ ରନ ସଂଗ୍ରହ କରିଛି। ହିମାଂଶୁ ମନ୍ତ୍ରୀ(୧୮) ଓ ୟଶ ଦୁବେ(୧୪) ରନ କରି ପ୍ୟାଭିଲିୟନ୍ ଫେରିଥିବା ବେଳେ ନାଇଟ ୱାଚମ୍ୟାନ କୁମାର କାର୍ତ୍ତିକେୟ(୧) ଓ ଶୁଭମ ଶର୍ମା(୦) ବ୍ୟାଟିଂ କରୁଛନ୍ତି। ଚିନ୍ତନ ଗାଜା ଓ ସାମ୍ସ ମୁଲାନି ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ଉତ୍ତରାଞ୍ଚଳ ବନାମ ଦକ୍ଷିଣାଞ୍ଚଳ:** ସାଲେମର ଏସ୍‌ସିଏଫ୍ ଗ୍ରାଉଣ୍ଡରେ ଖେଳା ଯାଇଥିବା ମ୍ୟାଚରେ ଉତ୍ତରାଞ୍ଚଳ ଉପରେ ଭାରି ପଡିଛି ହନୁମା ବିହାରୀଙ୍କ ଦକ୍ଷିଣାଞ୍ଚଳ। ତୃତୀୟ ଦିନର ଖେଳ ଶେଷ ହେବା ସୁଦ୍ଧା ଦକ୍ଷିଣାଞ୍ଚଳ ୫୮୦ ରନର ଅଗ୍ରଣୀ ହାସଲ କରିଛି। ପ୍ରଥମ ଇନିଂସରେ ୮/୬୩୦ରେ ଇନିଂସ ଘୋଷଣା କରିବା ପରେ ଦକ୍ଷିଣାଞ୍ଚଳ ସ୍ପିନର ଦଳକୁ ବୃହତ୍ ଅଗ୍ରଣୀ ପ୍ରଦାନ କରିଥିଲେ। ତାମିଲନାଡୁ ସ୍ପିନର ଆର. ସାଇ କିଶୋର କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ ସହିତ ୭ ଉଇକେଟ ନେବାରୁ ଉତ୍ତରାଞ୍ଚଳ ମାତ୍ର ୨୦୭ ରନରେ ଅଲଆଉଟ ହୋଇଥିଲା। ନିଶାନ୍ତ ସିନ୍ଧୁ ସର୍ବାଧିକ ୪୦ ରନ୍ କରିଥିବା ବେଳେ ୟଶ ଧୁଲ ୩୯ ରନ କରିଥିଲେ। ୪୨୩ ରନରେ ଅଗ୍ରଣୀ ଥିବା ଦକ୍ଷିଣାଞ୍ଚଳ ବ୍ୟାଟିଂ ଆରମ୍ଭ କରି ଦ୍ୱିତୀୟ ଇନିଂସରେ ୧ ଉଇକେଟ ବିନିମୟରେ ୧୫୭ ରନ କରିଛି। ପ୍ରଥମ ଇନିଂସର ଶତକ ହାସଲକାରୀ ରୋହନ କୁନ୍ନୁମଲ ୭୭ ରନର ଇନିଂସ ଖେଳି ପ୍ୟାଭିଲିୟନ୍ ଫେରିଛନ୍ତି। ୭୨ ବଲର ଏହି ଇନିଂସରେ ୯ ଚୌକା ଓ ୨ ଛକା ସାମିଲ ଥିଲା। ଷ୍ଟମ୍ପ ଅପସାରଣ ବେଳକୁ ମୟଙ୍କ ଅଗ୍ରୱାଲ ୫୩ ଓ ଟି. ରବି ତେଜା ୧୯ ରନ କରି ବ୍ୟାଟିଂ କରୁଛନ୍ତି। ନିଶାନ୍ତ ସିନ୍ଧୁ ଉତ୍ତରାଞ୍ଚଳ ପକ୍ଷରୁ ଏକମାତ୍ର ଉଇକେଟ ହାସଲ କରିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ମନ୍ଦିର ସମ୍ମୁଖରୁ ବାଇକ୍ ଚୋରି**

ଯାଁଲା,(ଡି.ଏନ୍.ଏ.): ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ଓଗାଳପଡାସ୍ଥିତ ମା'ବାଟଭୁଆସୁଣୀ ମନ୍ଦିର ସମ୍ମୁଖରୁ ଶନିବାର ଏକ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ତଳଖେତା ଛକ ଜଟଣୀ ଗେଟ ନିକଟରେ ଜଳଖିଆ ଦୋକାନ ଦେଇଥିବା ସଂଗ୍ରାମ ସାହୁ ବାଇକ(ଓଡି ୩୩ଇ ୬୧୦୫)ରେ ଆସି ବାଟଭୁଆସୁଣୀ ମନ୍ଦିର ଆଗରେ ଗାଡ଼ି ଭିତରକୁ ଯାଇଥିଲେ। ଗାଡ଼ି ପୂଜା କରିବା ପାଇଁ ବ୍ରାହ୍ମଣଙ୍କୁ ଡାକି ବାହାରକୁ ଆସି ଦେଖିଲା ବେଳକୁ ସେ ରଖିଥିବା ସ୍ଥାନରେ ବାଇକ୍ ନାହିଁ। ସଂଗ୍ରାମ ବହୁ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ରେଳଧାରଣାରୁ ଅଚିହ୍ନା ଯୁବକଙ୍କ ମୃତଦେହ ଜବତ

ବାଲୁଗାଁ/ନିରାକାରପୁର,୧୭।୯(ଡି.ଏନ୍.ଏ): ବାଲୁଗାଁ ଓ ସୋଲରୀ ରେଳଷ୍ଟେଶନ ମଧ୍ୟସ୍ଥ ଧଆଁଳ ଗ୍ରାମ ନିକଟ ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଶନିବାର ରେଲୱେ ପୋଲିସ ଜବତ କରିଛି। ତାଙ୍କ ପରିଚୟ ମିଳିପାରିନାହିଁ। ତେବେ ସେ ନୀଳ ରଙ୍ଗର ହ୍ୟାପ୍ ପ୍ୟାଣ୍ଟ ପିନ୍ଧିଥିବା ବେଳେ ବୟସ ଆନୁମାନିକ ୩୦ ବର୍ଷ ହେବ। ଶୁକ୍ରବାର ରାତ୍ରିରେ କୌଣସି ଟ୍ରେନ୍‌ରୁ ଖସିପଡ଼ି ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ଏ ସଂକ୍ରାନ୍ତରେ କେସ୍ ନଂ.୪୩/୨୨ରେ ମାମଲା ରୁଜୁକରି ଜିଆର୍‌ପି ତଦନ୍ତ ଚଳାଇଛି।

### ବଜ୍ରପାତରେ ୨ ଆହତ

ନିରାକାରପୁର,୧୭।୯(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନୂଆଗଡ଼ ପଞ୍ଚାୟତରେ ବଜ୍ରପାତ ଘଟି ଦୁଇଜଣ ଆହତ ହୋଇଛନ୍ତି। ସେମାନେ ହେଲେ ନିରାକାରପୁର ଥାନା ହରିପୁର ଗ୍ରାମର ଅଭିମନ୍ୟୁ ପ୍ରଧାନ ଓରଫ୍ ବାଦଲ(୫୬) ଏବଂ ଓକିଲ ସୁବୁଦ୍ଧି(୪୨)। ତେବେ ଗତ ୮ ତାରିଖରେ ଉକ୍ତ ଗ୍ରାମର ସରୋଜ ମାଝି(୫୨) ଘରେ ବସି ଚା' ପିଉଥିବା ବେଳେ ବଜ୍ରପାତରେ ତାଙ୍କର ମୃତ୍ୟୁ ହୋଇଥିଲା। ଶନିବାର ତାଙ୍କ ଦଶାହକୁ ବାଦଲ ଓ ସୁବୁଦ୍ଧି ପୋଖରୀ ନିକଟକୁ ଯାଉଥିବା ବେଳେ ହଠାତ୍ ବଜ୍ରପାତ ଘଟିଥିଲା। ଫଳରେ ଉଭୟ ଆହତ ହୋଇଥିଲେ। ଚିକିତ୍ସା ଲାଗି ଉଭୟଙ୍କୁ ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

### ନିଶା ନିବାରଣ କେନ୍ଦ୍ରରେ ଅନ୍ତେବାସୀଙ୍କୁ ମାଡ଼ ଘଟଣା, ୨ ଅଟକ

ଯାଁଳା,୧୭।୯(ଡି.ଏନ୍.ଏ.): ଯାଁଳାସ୍ଥିତ ଏକ ନିଶା ନିବାରଣ କେନ୍ଦ୍ରରେ ଅନ୍ତେବାସୀଙ୍କୁ ମାଡ଼ ଘଟଣାରେ ଶନିବାର ଇନ୍‌ଫୋଭ୍ୟାଲି ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏହି ନିଶା ନିବାରଣ କେନ୍ଦ୍ର ୬ ମାସ ପୂର୍ବେ ଖୋଲାଯାଇଥିବା ବେଳେ ଏଠାରେ ପ୍ରାୟ ୨୫ ଜଣ ଅନ୍ତେବାସୀ ରୁହନ୍ତି। କୌଣସି କାରଣକୁ ନେଇ ଉକ୍ତ କେନ୍ଦ୍ରର ଦୁଇ କର୍ମଚାରୀ ଜଣେ ଅନ୍ତେବାସୀଙ୍କୁ ଅମାନୁଷିକ ଭାବେ ମାଡ଼ ମାରୁଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏନେଇ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଉକ୍ତ କେନ୍ଦ୍ରର ଦୁଇ କର୍ମଚାରୀଙ୍କୁ ଅଟକ ରଖିଛି। ତେବେ କ'ଣ ପାଇଁ ମାଡ଼ ମାରିଲେ ତାହାର ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

### ଭାଜପା ପକ୍ଷରୁ ଫଳ ବଣ୍ଟନ




ଖୋର୍ଦ୍ଧା ଅଫିସ,୧୭।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୨ତମ ଜନ୍ମଦିନ ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଖୋର୍ଦ୍ଧା ଜିଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ପୂର୍ବତନ ଜିଲା ସଭାପତି ନିକୁଞ୍ଜ ପଟ୍ଟନାୟକ, ରାଜୀବ ଲୋଚନ ଷଡ଼ଙ୍ଗୀ, ପ୍ରଦୀପ୍ତ ପାଣି, ପୂର୍ଣ୍ଣଚନ୍ଦ୍ର କଳସ, ଏମ୍‌ପିଙ୍କ ପ୍ରତିନିଧି ଲୀନା ସ୍ୱାଇଁ, ସୁମିତ୍ରା ପ୍ରଧାନ, ବିଷ୍ଣୁପ୍ରିୟା ବଳିୟାରସିଂ, ଜ୍ୟୋତ୍ସ୍ନା ନାୟକ, ସ୍ୱର୍ଣ୍ଣଲତା ବାରିକ, ରଶ୍ମିତା ଦୋରା ଉପସ୍ଥିତ ଥିଲେ।

# ସିସିଟିଭି ଜଗିବ ପୂଜାମଣ୍ଡପ

**ଖୋର୍ଦ୍ଧା ଅଫିସ,୧୭।୯**

**ଜିଲା ପ୍ରଶାସନ ଓ ପୂଜା କମିଟି ପ୍ରସ୍ତୁତି ବୈଠକ**
- ରାସ୍ତା, ଡ୍ରେନ୍, ସ୍ୱଚ୍ଛତା, ଶୃଙ୍ଖଳାକୁ ଗୁରୁତ୍ୱ
- ଖାଦ୍ୟ ମାନ ଯାଞ୍ଚ କରିବେ ଫୁଡ୍ ଇନ୍‌ସ୍ପେକ୍ଟର
- ସିଙ୍ଗଲ ୱିଣ୍ଡୋରେ ଅନୁମତି ନେବେ ପୂଜା କମିଟି

ଆଉ ଦିନ କଇଟା ପରେ ଧରାପୃଷ୍ଠରେ ପୂଜା ପାଇବେ ଜଗତ୍‌ଜନନୀ ମା'ଦୁର୍ଗା ଓ ଧନଲକ୍ଷ୍ମୀ। ଦୁଇବର୍ଷ ପରେ ବିନା କଟକଣାରେ ମା'ଙ୍କ ପୂଜାର୍ଚ୍ଚନା ସହ ସମୂହ ଭସାଣି ଅନୁଷ୍ଠିତ ହେବ। ଫଳରେ ଖୋର୍ଦ୍ଧାରେ ପ୍ରବଳ ଜନସମାଗମ ହେବା ସମ୍ଭାବନା ରହିଛି। ଜିଲା ପ୍ରଶାସନ ଏବଂ ପୂଜା କମିଟି ସଦସ୍ୟ, ବ୍ୟବସାୟୀ ମହାସଂଘକୁ ନେଇ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶାନ୍ତିଶୃଙ୍ଖଳାରେ ଶାରଦୀୟ ପୂଜା ଆୟୋଜନ ସହ ମୂର୍ତ୍ତି ବିସର୍ଜନ ଏବଂ ରାବଣ ପୋଡ଼ି କାର୍ଯ୍ୟକ୍ରମ, ରାସ୍ତା, ଡ୍ରେନ୍, ପରିମଳ, ସର୍ବସାଧାରଣ ଶୌଚାଳୟ ଭିତ୍ତିଭୂମି ସ୍ଥିତି ସହ ଖାଦ୍ୟ ନିରାପତ୍ତା ଏବଂ ଭିଡ଼ ନିୟନ୍ତ୍ରଣ ଉପରେ ଆଲୋଚନା କରାଯାଇଥିଲା। ସହରର ରାସ୍ତା ମରାମତି, ଡ୍ରେନ୍‌ରେ ସ୍ଲାବ୍ ପକାଇବା, ଷ୍ଟ୍ରିଟ୍ ଲାଇଟ ମରାମତି, ଅନାବଶ୍ୟକ ଗଛ କାଟିବା ପାଇଁ ଜିଲାପାଳ ପୌର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୂର୍ତ୍ତି ବିସର୍ଜନ ଲାଗି ପୌର ପ୍ରଶାସନ ପକ୍ଷରୁ ସ୍ଥିରୀକୃତ ଅସ୍ଥାୟୀ ପୋଖରୀରେ ସମସ୍ତ ମୂର୍ତ୍ତି ବିସର୍ଜନ କରାଯିବା ଲାଗି ଜିଲାପାଳ କମିଟିଗୁଡ଼ିକୁ ପରାମର୍ଶ ଦେଇଥିଲେ। କୌଣସି ପୂଜାମଣ୍ଡପରେ ଯେପରି କିଛି ଅଘଟଣ କିମ୍ବା ସର୍ଟସର୍କିଟଜନିତ ସମସ୍ୟା ନ ଉପୁଜିବ ତାହା ଉପରେ ଗୁରୁତ୍ୱ ଦିଆଯିବ। ପୂଜା ସମୟରେ ବାସିଖାଦ୍ୟ ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ, ଜଳଖିଆ ଦୋକାନରେ ବିକ୍ରି ହୋଇଥାଏ। ତେଣୁ ଖାଦ୍ୟର ନିରାପତ୍ତା ଯାଞ୍ଚ ଲାଗି ଫୁଡ୍ ଇନ୍ସପେକ୍ଟରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ଖାଦ୍ୟଷ୍ଟଲ୍, ଦୋକାନ ବୁଲି ଖାଦ୍ୟର ମାନ ଯାଞ୍ଚ କରିବେ। ସେହିଭଳି ପୂଜା ମଣ୍ଡପରେ ଯେଭଳି କୌଣସି ଦୁର୍ଘଟଣା ନ ଘଟିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ସୁରକ୍ଷା ଦୃଷ୍ଟିରୁ ସମସ୍ତ ପୂଜା ମଣ୍ଡପରେ ସିସିଟିଭି ଲଗାଇବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପୂଜା ଆୟୋଜନ ଲାଗି କମିଟିମାନେ ସିଙ୍ଗଲ ୱିଣ୍ଡୋରେ ପୂଜା, ଲାଇଟ ଆଣ୍ଡ ସାଉଣ୍ଡ, ଭସାଣି, ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ଉପଜିଲାପାଳଙ୍କ ନିକଟରେ ଆବେଦନ କରିବେ। ରାବଣପୋଡ଼ି ଏବଂ ଭସାଣି ସ୍ଥାନରେ ଆର୍ ଆଣ୍ଡ ବି ପକ୍ଷରୁ ବ୍ୟାରିକେଡ୍ ବ୍ୟବସ୍ଥା କରାଯିବ। ଅଗ୍ନିଶମ ସେବାକେନ୍ଦ୍ର ଉଭୟ ସ୍ଥାନ ତଦାରଖ କରିବ। ଏଥିସହିତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅସ୍ଥାୟୀ ମେଡିକାଲ କ୍ୟାମ୍ପ ଏବଂ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବ। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟଜଳ ବ୍ୟବସ୍ଥା କରାଯିବ। ବିଦ୍ୟୁତ୍ ବିଭାଗ ରାସ୍ତାରେ ଓହଳି ରହିଥିବା ତାର ସଜାଡ଼ିବା ସହ ଆବଶ୍ୟକ ମରାମତି କରିବ। ନିର୍ଦ୍ଧାରିତ ସମୟରେ ଭସାଣି ସ୍ଥଳରେ ପହଞ୍ଚିବା, ଶୃଙ୍ଖଳିତ ପୂଜାମଣ୍ଡପ, ସାଜସଜ୍ଜା, ଆକର୍ଷଣୀୟ ପ୍ରତିମୂର୍ତ୍ତି ଆଦିକୁ ଦୃଷ୍ଟିରେ ରଖି ପୂଜା କମିଟିକୁ ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯିବ। ଚଳିତ ବର୍ଷ ୫ ହରପାର୍ବତୀ, ୪ ଦୁର୍ଗାପୂଜା ଏବଂ ୩୧ ମଣ୍ଡପରେ ପୂଜା ପାଇବେ ଗଜଲକ୍ଷ୍ମୀ। ଅକ୍ଟୋବର ୧ରୁ ୪ ଦୁର୍ଗା ଓ ହରପାର୍ବତୀ ପୂଜା, ୫ରେ ରାବଣପୋଡ଼ି, ୯ରୁ ୧୫ ଗଜଲକ୍ଷ୍ମୀ ପୂଜା ଏବଂ ୧୬ ତାରିଖରେ ସାମୂହିକ ଭସାଣି ଉତ୍ସବ ଏବଂ ୧୭ ତାରିଖରେ ଟାଉନ ହଲ୍‌ଠାରେ ପୂଜା କମିଟି ସଦସ୍ୟଙ୍କୁ ସମ୍ବର୍ଦ୍ଧନା ଦିଆଯିବା ଲାଗି ସ୍ଥିର ହୋଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବେଗୁନିଆ ବିଧାୟକ ତଥା ବ୍ୟବସାୟୀ ମହାସଂଘ ସଭାପତି ରାଜେନ୍ଦ୍ର ସାହୁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ଉପଜିଲାପାଳ ଦେବବ୍ରତ ସାହୁ, ପୌର କାର୍ଯ୍ୟନିର୍ବାହୀ ତଥା ତହସିଲଦାର ଈପ୍‌ସିତ ସାହୁ, ସଦର ଡିଏସ୍‌ପି ଦିଲୀପ କୁମାର ଦାସ, ଇଲେକ୍ଟ୍ରି ଏସ୍‌ଡିଓ ମାନସ ରଞ୍ଜନ ନାୟକ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନା, ବ୍ୟବସାୟୀ ମହାସଂଘ ସମ୍ପାଦକ ଜୟନ୍ତ ରାୟଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ପୂଜା କମିଟି ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ବିଧାୟକ ଏବଂ ପୂଜା କମିଟିର କର୍ମକର୍ତ୍ତା।

### ପୂଜା ପାଇଲେ ଦେବଶିଳ୍ପୀ

**ଖୋର୍ଦ୍ଧା ଅଫିସ/କୃଷ୍ଣପ୍ରସାଦ, ୧୭।୯ (ଡି.ଏନ୍.ଏ.)**

ଦୁଇବର୍ଷ ପରେ ବିନା କଟକଣାରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ସମେତ ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା ଆଡ଼ମ୍ବରରେ ହୋଇଯାଇଛି। ଏନେଇ ସବୁଠି ରହିଛି ଉତ୍ସାହର ମାହୋଲ। ଆକର୍ଷଣୀୟ ସାଜସଜ୍ଜା ସହ ଲାଇଟ୍ ଗେଟ୍, ରଙ୍ଗିନ ଆଲୋକମାଳାରେ ଝଲସୁଛି ପୂଜା ମଣ୍ଡପ। ନୂଆ ବସ୍‌ଷ୍ଟାଣ୍ଡ ପରିସରରେ ବିଶ୍ୱକର୍ମା ପୂଜା କମିଟି ପକ୍ଷରୁ ପୂଜା ଆୟୋଜନ କରାଯାଇଛି। ସେହିଭଳି ବରୁଣେଇ ଓ ସାରୁଅ ଶିଳ୍ପାଞ୍ଚଳ ରଙ୍ଗିନ ଆଲୋକମାଳାରେ ଝଲସୁଥିବା ବେଳେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଅନୁଷ୍ଠାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା ହୋଇଯାଇଛି। ମାଲୁଦ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ବରିଷ୍ଠ କର୍ମଚାରୀ ପ୍ରଶାନ୍ତ କୁମାର ଦାସ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। କନିଷ୍ଠ ଯନ୍ତ୍ରୀ ସୌମେଶ କୁମାର ବୈଶାଖଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ସାତପଡ଼ା, ଜହ୍ନିକୁଦା, ନୂଆପଡ଼ା, ସିପିଆ, ଚାରିଛକ, ମୋରଡ଼ା, ବିଜୁ ପଟ୍ଟନାୟକ ଶିଳ୍ପ ତାଲିମ ପ୍ରତିଷ୍ଠାନ, ଜଳଯୋଗାଣ କାର୍ଯ୍ୟାଳୟ, ବଜ୍ରକୋଟ, ରାମଲେଙ୍କା ଆଦି ସ୍ଥାନରେ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା ସହ ସୁସଜ୍ଜିତ ତୋରଣ, ଆଲୋକସଜ୍ଜା ଦେଖିବାକୁ ମିଳିଥିଲା।




ବାଲୁଗାଁ: ବଡ଼କୁଳ ପାନ୍ଥନିବାସ ଚିଲିକା କୂଳ ଜେଟିଠାରେ ଶନିବାର ପର୍ଯ୍ୟଟନ ବିଭାଗ ଓ ବଡ଼କୁଳସ୍ଥିତ ଓଡ଼ିଆର୍ଟ ସେଣ୍ଟର କର୍ମକର୍ତ୍ତାଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ।

## ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

**ବାଲୁଗାଁ,୧୭।୯(ଡି.ଏନ୍.ଏ.)**

ଭାରତୀୟ ପର୍ଯ୍ୟଟନ ବିଭାଗ ଓ ସ୍ଥାନୀୟ ବଡ଼କୁଳସ୍ଥିତ ଓଡ଼ିଆର୍ଟ ସେଣ୍ଟର କର୍ମକର୍ତ୍ତାଙ୍କ ମିଳିତ ଆନୁକୂଲ୍ୟରେ ବଡ଼କୁଳ ପାନ୍ଥନିବାସ ଏବଂ ମଙ୍ଗଳାଯୋଡ଼ିରେ ଶନିବାର ସ୍ୱଚ୍ଛତା ଅଭିଯାନ କରାଯାଇଛି। ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ଚଳିତ ମାସ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ସ୍ୱଚ୍ଛତା ଅଭିଯାନର ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଭାରତୀୟ ପର୍ଯ୍ୟଟନ ବିଭାଗ ଓଡ଼ିଶାର ସହ ନିର୍ଦ୍ଦେଶିକା ରଶ୍ମି ସୋନିଆ ତିର୍କୀ ଓ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ପ୍ରଥମେ ଟାଙ୍ଗୀ ମଙ୍ଗଳାଯୋଡ଼ିଠାରେର ପହଞ୍ଚିଥିଲେ। ସେଠାରେ ପକ୍ଷୀ ସୁରକ୍ଷା ବାହିନୀ ଓ ପର୍ଯ୍ୟଟନ କର୍ମଚାରୀ ମିଳିତଭାବେ ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅପରାହ୍ନରେ ବଡ଼କୁଳ ପାନ୍ଥନିବାସଠାରେ ପହଞ୍ଚିବା ପରେ ସ୍ଥାନୀୟ ଘରୋଇ ମୋଟର ବୋଟ୍ ଆସୋସିଏଶନର କର୍ମକର୍ତ୍ତା ଏବଂ ଓଡ଼ିଆର୍ଟ ସେଣ୍ଟରର ସୁଶାନ୍ତ କୁମାର ଦାସ, ମାନସ ପଟ୍ଟନାୟକ ଏବଂ ରଶ୍ମିରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ସାମିଲ ହୋଇ ସଫେଇ କାର୍ଯ୍ୟକ୍ରମକୁ ସୂଚାରୁଭାବେ ପରିଚାଳନା କରିଥିଲେ। ଚିଲିକା ତଟାଞ୍ଚଳରେ ଏଣେତେଣେ ପଡ଼ିଥିବା ପଲିଥିନ୍ ବ୍ୟାଗ୍, ପ୍ଲାଷ୍ଟିକ୍ ବୋତଲ ଏବଂ ଅଳିଆ ଆବର୍ଜନା ସଫେଇ କରାଯାଇଥିଲା।

## ଭୁବନେଶ୍ୱରରୁ ପୁଣି ୧୧ ନିଶାବେପାରୀ ଗିରଫ

**ଭୁବନେଶ୍ୱର,୧୭।୯ (ବ୍ୟୁରୋ)**

**'ଅପରେଶନ ହ୍ୱାଇଟ୍ ସ୍ପାଇଡର' ଜୋର୍‌ଦାର**

ଅପରାଧ ଓ ନିଶା କାରବାର ଉପରେ ରୋକ ଲଗାଇବାକୁ 'ଅପରେଶନ ହ୍ୱାଇଟ୍ ସ୍ପାଇଡର'କୁ ଜୋରଦାର କରିଛି କମିଶନରେଟ ପୋଲିସ। ଗତ ୩ଦିନରେ ସହରର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୪୦ରୁ ଅଧିକ ନିଶାବେପାରୀଙ୍କୁ ଗିରଫ କରାଯିବା ସହ ବିପୁଳ ନିଶାଦ୍ରବ୍ୟ, ଟଙ୍କା ଆଦି ଜବତ କରାଯାଇଥିବାବେଳେ ଶନିବାର ପୁଣି ୬ଟି ଥାନା ଅଞ୍ଚଳରୁ ଆଉ ୧୧ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୫୭ ଗ୍ରାମ ବ୍ରାଉନସୁଗାର, ୪ କେଜି ୭୦୦ ଗ୍ରାମ ଗଞ୍ଜେଇ ଆଦି ଜବତ କରିଛି ପୋଲିସ। କ୍ୟାପିଟାଲ ଥାନା ପୋଲିସ କେଦାରପଲ୍ଲୀ ବସ୍ତିରେ ଚଢାଉ କରି ଦିଲ୍ଲୁ ନାୟକ ଓ ଅମର ବେହେରା ନାମକ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ସେମାନଙ୍କଠାରୁ ୧୩.୦୫ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ଇନ୍‌ଫୋଭ୍ୟାଲି ଥାନା ଗଙ୍ଗପଡା ଟୋଲ୍‌ଗେଟ ନିକଟରୁ ଦୀପକ ନାମକ ଜଣେ ନିଶା ବେପାରୀଙ୍କୁ ଗିରଫ କରିବା ସହ ତାଙ୍କ ପାଖରୁ ୧୫ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ସେହିପରି ନୟାପଲ୍ଲୀ ଥାନା ପୋଲିସ ନିଶାବେପାରୀ ଚନ୍ଦୁ ଓରଫ ଚନ୍ଦ୍ରମୋହନ ସିଂ ଓ ଅତୁଲ୍ୟ ରଞ୍ଜନ ନାଏକଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ମୋଟ ୭.୫ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ଭରତପୁର ଥାନା ପୋଲିସ ତପବନ ରୋଡ୍‌ରେ ଚଢାଉ କରି ଏ କାଳିଆ ଡୋରା ଓ ତାପସ ଢାଇୟଙ୍କଠାରୁ ୨୧ଗ୍ରାମ ବ୍ରାଉନସୁଗାର ଜବତ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି। ଅନ୍ୟପଟେ ଗଞ୍ଜେଇ ମାମଲାରେ ଧଉଳି ଥାନା ପୋଲିସ ଧଉଳି ପାହାଡ ପଛପଟେ ଚଢାଉ କରି କାଶୀନାଥଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଚନ୍ଦ୍ରଶେଖରପୁର ପୋଲିସ ବିଳାସିନୀ ମଣ୍ଡପ ନିକଟରେ ଚଢାଉ କରି କାହ୍ନା ନାଏକ, ପଦ୍ମଲୋଚନ ବେହେରା ଓ ଅମିୟ ଦାସଙ୍କୁ ଗିରଫ କରିବା ସହ ୩ କେଜି ୫୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରିଥିଲା।

### ସକଳ ଶିଳ୍ପକଳାର ଜନକ ବିଶ୍ୱକର୍ମା

**ଖୋର୍ଦ୍ଧା ଅଫିସ,୧୭।୯**

ଦେବଶିଳ୍ପୀ ବିଶ୍ୱକର୍ମା ହେଉଛନ୍ତି ସମସ୍ତ ଶିଳ୍ପ ଓ ଶିଳ୍ପୀଙ୍କ କୁଳଦେବତା। କୁହାଯାଏ, ପ୍ରଜାପିତା ବ୍ରହ୍ମାଙ୍କ ନାଭି କମଳରୁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଜନ୍ମ। ଚତୁର୍ଭୁଜ ହେଉଛନ୍ତି ବିଶ୍ୱକର୍ମା। ବାମ ଉପର ହାତରେ ବଟାଳି, ତଳ ହାତରେ ମାର୍ତ୍ତୁଲ, ଦକ୍ଷିଣ ଉପର ହାତରେ ଚକ୍ର ଓ ତଳ ହାତରେ ଆଶୀର୍ବାଦ କରୁଥିବା ମୁଦ୍ରାରେ ପୂଜା ପାଇଥାନ୍ତି। ବିଶ୍ୱକର୍ମା ସକଳ ଶିଳ୍ପକଳାର ଜନକ। ବ୍ରହ୍ମାଙ୍କ ନିର୍ଦ୍ଦେଶରେ ବିଶ୍ୱକର୍ମା ଦେବତାମାନଙ୍କ ସମସ୍ତ ଶସ୍ତ୍ର, ବିମାନ ଆଦି ନିର୍ମାଣ କରିଥିଲେ। ବ୍ରହ୍ମା ସୃଷ୍ଟିକର୍ତ୍ତା, ବିଷ୍ଣୁ ପାଳନ ଏବଂ ଭଗବାନ ଶିବ ସଂହାରକ। ସେହିଭଳି ଯେତେବେଳେ ଶିଳ୍ପୀ ଭାବେ ଗଢ଼ିଥାନ୍ତି ସେ ବିଶ୍ୱକର୍ମା ଭାବେ ପୂଜିତ ହୁଅନ୍ତି। ଅନନ୍ତ ନାରାୟଣଙ୍କ ନାଭିକମଳରୁ ଉତ୍ପନ୍ନ ହୋଇଥିବା ବ୍ରହ୍ମା ହେଉଛନ୍ତି ସୃଷ୍ଟିକର୍ତ୍ତା। ଏଣୁ ବିଶ୍ୱକର୍ମାଙ୍କୁ ବ୍ରହ୍ମା ରୂପେ କଳ୍ପନା କରି ପୂଜା କରାଯାଇଥାଏ ବୋଲି ସାମାଜିକ ଅନୁଷ୍ଠାନ ବିବେକାନନ୍ଦ ୟୁଥ୍ କ୍ଲବ ପକ୍ଷରୁ ଆୟୋଜିତ ସକଳ ଶିଳ୍ପର ଜନକ ବିଶ୍ୱକର୍ମା ଶୀର୍ଷକ ଏକ ଆଲୋଚନାଚକ୍ରରେ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ ଏହା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜିତ କେଏନ୍ ସାମନ୍ତରାୟ, ସତ୍ୟନାରାୟଣ ବିଶୋଇ, ଗୋପାଳକୃଷ୍ଣ ଦାସ, ମୀନକେତନ ସୁବୁଦ୍ଧି, ପ୍ରଶାନ୍ତ ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ସ୍ୱତନ୍ତ୍ର ଗ୍ରାମସଭା ବୈଠକ




ବୈଠକରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**କୃଷ୍ଣପ୍ରସାଦ,୧୭।୯(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବୁଦ୍ଧିବର ପଞ୍ଚାୟତରେ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ସ୍ୱତନ୍ତ୍ର ଗ୍ରାମସଭା ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସଂଯୁକ୍ତା ବିଶ୍ୱାଳଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାରେ କଠିନ ଏବଂ ତରଳ ବର୍ଜ୍ୟବସ୍ତୁର ସୁପରିଚାଳନା ଦିଗରେ ବ୍ଲକର ମାଷ୍ଟର ଟ୍ରେନର ଚିତ୍ତରଞ୍ଜନ ଦାସ ଆଲୋଚନା କରିଥିଲେ। ଏହି ଅବସରରେ ମହିଳା ସଂଘର କର୍ମକର୍ତ୍ତାଙ୍କ ଦ୍ୱାରା ବୁଦ୍ଧିବର ଗ୍ରାମରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାଏବ ସରପଞ୍ଚ କାଜଲ ସାହୁ, ଏମ୍‌ବିକେ ବୁଲିମଣି ବିଶ୍ୱାଳ, ସସ୍ମିତା ତରେଇଙ୍କ ସମେତ ସଂଘର ସଦସ୍ୟାମାନେ ସାମିଲ ଥିଲେ।

### ନନ୍ଦନକାନନ ପାଳିଲା ଚିତାବାଘ ଦିବସ

ବାରଙ୍ଗ,୧୭।୯(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଶନିବାର ଚିତାବାଘ ଦିବସ ପାଳନ ହୋଇଛି। ନନ୍ଦନକାନନ ପକ୍ଷରୁ ଅଫ୍‌ଲାଇନ ଓ ଅନ୍‌ଲାଇନ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତବର୍ଷରେ ଥିବା ଚିତାବାଘ ବିଷୟରେ ସଚେତନ କରିବା ସହ ସେମାନଙ୍କ ବିଷୟରେ ଜାଣିବା ପାଇଁ ନନ୍ଦନକାନନକୁ ଆସୁଥିବା ପର୍ଯ୍ୟଟକଙ୍କୁ ନେଇ ଦସ୍ତଖତ ଅଭିଯାନ, କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଚିତାବାଘ ଚିତ୍ରକୁ ସେଲଫି ପଏଣ୍ଟ ଭାବେ ପର୍ଯ୍ୟଟକମାନେ ବ୍ୟବହାର କରିବା ସହ ଚିତାବାଘ ସମ୍ପର୍କରେ ପ୍ରାମାଣିକ ଚିତ୍ର ପର୍ଯ୍ୟଟକମାନଙ୍କୁ ଦେଖାଯାଇଥିଲା। ଅନ୍‌ଲାଇନରେ କୁଇଜ୍, ପେଟିଂ ଓ ସୋସିଆଲ ମିଡିଆରେ ଚିତାବାଘର ବିଭିନ୍ନ ବିଷୟରେ ତଥ୍ୟ ନନ୍ଦନକାନନ ପକ୍ଷରୁ ରଖାଯାଇଥିଲା। ଚିତାବାଘକୁ ନେଇ ଭାରତ ବର୍ଷରେ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ପାୱାର କ୍ଲବ-ବଜରଙ୍ଗବାଲି ଫାଇନାଲ

**ମଦନପୁର ଫୁଟ୍‌ବଲ ଲିଗ୍ ଟୁର୍ଣ୍ଣାମେଣ୍ଟ**

ଯାଁଳା,୧୭।୯(ଡି.ଏନ୍.ଏ.): ମଦନପୁର ନବଜ୍ୟୋତି କ୍ଲବ ପକ୍ଷରୁ ଆୟୋଜିତ ଫୁଟ୍‌ବଲ ଲିଗ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମ୍ୟାଚ୍ ପର୍ଯ୍ୟାୟ ଶନିବାର ଶେଷ ହୋଇଛି। କରଡ଼ାପଲ୍ଲୀ ପାୱାର କ୍ଲବ ଓ ଘାଟିକିଆର ବଜରଙ୍ଗବାଲି ଟିମ୍ ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ତେବେ ଶନିବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବଜରଙ୍ଗବାଲି ଏବଂ କୁଜିମହୁଲର ଗାଦିଶ୍ୱର ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ର ୨୦ତମ ମିନିଟ୍‌ରେ ବଜରଙ୍ଗବାଲି ଟିମ୍‌ର ଦୀନବନ୍ଧୁ ଦାସ ଗୋଟିଏ ଗୋଲ ଦେଇଥିଲେ। ୫୧ତମ ମିନିଟରେ ପୁଣି ଦୀନବନ୍ଧୁ ଆଉ ଗୋଟିଏ ଗୋଲ ଦେଇଥିଲେ। ଗାଦିଶ୍ୱର ଟିମ୍ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଏହି ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳିଭାବେ ଦୀନବନ୍ଧୁ ବିବେଚିତ ହୋଇଥିଲେ। ଏମ୍.ଏସ୍. ବେଗ, ଆନନ୍ଦ ନାୟକ ଏବଂ ଲଳିତ ବଳିୟାରସିଂ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଗତ ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱରର ଶିବଶକ୍ତିକୁ ହରାଇ କରଡ଼ାପଲ୍ଲୀର ପାୱାର କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଥିଲା।



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

## ବିଦ୍ୟାଳୟରେ ଶିକ୍ଷକ ଅଭାବ ନେଇ ଅସନ୍ତୋଷ

**ନିରାକାରପୁର,୧୭।୯(ଡି.ଏନ୍.ଏ.)**




ସରକାର ଶିକ୍ଷା ସହ ବିଦ୍ୟାଳୟର ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ ସ୍କୁଲଗୁଡିକୁ ୫-ଟି ମାଧ୍ୟମରେ ପୁନରୁଦ୍ଧାର କରାଯାଇଛି। ହେଲେ ଏବେ ବି ଅନେକ ସ୍କୁଲରେ ଶିକ୍ଷକ ପଦବୀ ଖାଲି ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବାହତ ହେଉଛି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତର କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ସୂଚନା ମୁତାବକ, ଉକ୍ତ ବିଦ୍ୟାଳୟ ୧୯୪୮ ମସିହାରେ ସ୍ଥାପନ ହୋଇଥିବାବେଳେ ଏଠାରେ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିଲା। ୨୦୧୮ରେ ଶିକ୍ଷା ବିଭାଗ ଯେଉଁ ସ୍କୁଲରେ ୨୦ରୁ କମ୍ ପିଲା ଥିଲେ ତାହାକୁ ପାଖ ସ୍କୁଲ ସହ ମିଶାଇ ଦିଆଯିବାର ନୂଆନୀତି ପ୍ରଚଳନ କରିଥିଲେ। ସେହି ଅନୁସାରେ ନିକଟରେ ଥିବା ପାଣ୍ଡବପାଟଣା ସ୍କୁଲକୁ ଉକ୍ତ ସ୍କୁଲ ସହିତ ମିଶାଇ ଦିଆଯାଇଥିଲା। ଫଳରେ ସେଠାରେ ଏବେ ୧ମରୁ ୧୦ମ ପର୍ଯ୍ୟନ୍ତ ମୋଟ ୬୪୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। କିନ୍ତୁ ୨୦୧୩ରୁ ଉକ୍ତ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷକଙ୍କ ପଦବୀ ଖାଲି ପଡିଥିବାବେଳେ ୨୦୧୬ରୁ ପ୍ରଧାନ ଶିକ୍ଷକଙ୍କ ପଦବୀ ଖାଲିପଡିଛି। ଏଥିସହ ଅନ୍ୟାନ୍ୟ ୫ଟି ପଦବୀ ଦୀର୍ଘ ବର୍ଷ ହେଲା ଖାଲି ଥିବାରୁ ଛାତ୍ରୀଛାତ୍ର ପାଠ ପଢିବାରେ ବହୁ ଅସୁବିଧା ଭୋଗୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ଜଣେ ପ୍ରଧାନ ଶିକ୍ଷକଙ୍କୁ ନିଯୁକ୍ତ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଦାୟିତ୍ୱରେ ଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ ଦାସ କୁହନ୍ତି, ସମସ୍ୟା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୧୮ ସେପ୍ଟେମ୍ବର, ୨୦୨୨

## ଭାଙ୍ଗ ବିକ୍ରି ୨ ଗିରଫ

ପୁରୀ ଅଫିସ : ବେଆଇନ ଭାବେ ଭାଙ୍ଗ ବିକିବା ଅଭିଯୋଗରେ ବାସେଲିସାହି ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାସେଲି ସାହି ଅଞ୍ଚଳର ସୁଶାନ୍ତ ବେହେରା ଏବଂ ବଳିଆପଣ୍ଡା ଥାନା ଅନ୍ତର୍ଗତ ଆର୍ମି ଗେଷ୍ଟ ହାଉସ ଅଞ୍ଚଳର ଅକ୍ଷୟ ସାହୁ ଏମାନଙ୍କ ଠାରୁ ୧୦କେଜି ୩୫୦ ଗ୍ରାମ ଭାଙ୍ଗ, ଗୋଟିଏ ଗ୍ରାଇଣ୍ଡର ଏବଂ ନଗଦ ୧୦୮୫ ଟଙ୍କା ଜବତ ହୋଇଛି। ପୋଲିସ ଏ ନେଇ ଏକ କେସ୍ (ନଂ. ୨୧୬/୨୨) ରୁଜୁ କରିଛି।



### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୯।୨୦୨୨

| | |
|---|---|
| ୩,୮୬,୦୨୬ ଟଙ୍କା | |
| ସୁନା | ୨.୬୫୦ ଗ୍ରାମ |
| ରୁପା | ୧୧୯.୯୦୦ ଗ୍ରାମ |

# ଦିଶାହୀନ ଦିଶା ବୈଠକ

■ପରିକ୍ରମା, ଶ୍ରୀସେତୁ, ଅବଢ଼ା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା ହେଲାନି

■ପାନୀୟଜଳ ମେଗା ପ୍ରକଳ୍ପରେ ଅନିୟମିତତା ଅଭିଯୋଗ

ପୁରୀ ଅଫିସ,୧୭।୯:

ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି। ପୁରୀ ଜିଲା ଉନ୍ନୟନ ସମନ୍ୱୟ ପରିଚାଳନା କମିଟି ତଥା ଦିଶା ବୈଠକ ଶନିବାର ଏମ୍ପି ପିନାକୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଚାଲିଥିବା ଅନେକ ପ୍ରମୁଖ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷାକୁ ଏହି ବୈଠକରେ ଅଣଦେଖା କରାଯାଇଛି। ପରିକ୍ରମା, ଅବଢ଼ା, ଶ୍ରୀସେତୁ ଏବଂ ଶ୍ରୀଜଗନ୍ନାଥ ଷ୍ଟାଡିୟମ୍ ଭଳି ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରାଯାଇନାହିଁ। ପୁରୀ ଜିଲାରେ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ଚାଲିଥିବା ପ୍ରମୁଖ ପ୍ରକଳ୍ପ କାର୍ଯ୍ୟ ଧିମେଇ ଯାଇଛି। ଶ୍ରୀସେତୁ ପ୍ରକଳ୍ପ, ତାଳବଣିଆ ଅତ୍ୟାଧୁନିକ ସ୍ୱଚ୍ଛ ମାଛ ବଜାର, ଶ୍ରୀଜଗନ୍ନାଥ ଷ୍ଟାଡିୟମ୍ କାର୍ଯ୍ୟର ଅବଧି ପୂରି ଆସୁଥିଲେ ମଧ୍ୟ କାର୍ଯ୍ୟ ଆଗେଇ ପାରୁନାହିଁ। ତେବେ ଶନିବାର ଦିଶା ବୈଠକରେ ଏହି ସବୁ ପ୍ରକଳ୍ପର ସମୀକ୍ଷା କରାଯିବ ଓ ତତ୍ପରତା ପ୍ରତି ଧ୍ୟାନ ଦିଆଯିବ ବୋଲି ଆଶା କରାଯାଉଥିଲା, ମାତ୍ର ସେଭଳି କିଛି ହୋଇନାହିଁ। ବୈଠକରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଉପସ୍ଥିତ ଥିଲେ ମଧ୍ୟ ସଂପୃକ୍ତ ପ୍ରସଙ୍ଗଗୁଡ଼ିକ ଆଲୋଚନା ହୋଇପାରିନାହିଁ। ତେବେ ସ୍ୱାସ୍ଥ୍ୟ, ବିଦ୍ୟୁତ୍ ଓ ପାନୀୟଜଳ ସେବାକୁ ନେଇ ଆଲୋଚନା ହୋଇଥିଲା। ସତ୍ୟବାଦୀ ବିଭୂତିଦେଣ୍ଡାଠାରେ ନିର୍ମାଣାଧୀନ ମେଗା ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା ହୋଇଥିବା ଜଣାପଡ଼ିଥିଲା। ସରକାରୀ କାଗଜପତ୍ରରେ କାର୍ଯ୍ୟ ଯେତିକି ବାଟ ଆଗେଇଛି ବୋଲି ଦେଖାଯାଉଛି, ବାସ୍ତବତା ତାହା ନୁହେଁ ବୋଲି ଲୋକ ପ୍ରତିନିଧିମାନେ ଦିଶା କମିଟି ଅଧ୍ୟକ୍ଷଙ୍କୁ ଜଣାଇଥିଲେ। ଏହାପରେ ଏନେଇ ସମ୍ପୃକ୍ତ ଘରୋଇ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏଥିପାଇଁ ବ୍ଲକ୍ ଅଧ୍ୟକ୍ଷ ସବିଶେଷ ରିପୋର୍ଟ ଆସନ୍ତା ବୈଠକରେ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଟିପିସିଓଡିଏଲ୍ର କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ସମଗ୍ର ଶିକ୍ଷା ଅଭିଯାନ, ଦୀନଦୟାଲ ଗ୍ରାମ୍ୟ ଜ୍ୟୋତି ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ସ୍ୱଚ୍ଛ ଭାରତ ମିଶନ ଏବଂ ଏମ୍ଜିଏନ୍ଜିଆର୍ଏସ୍ କାର୍ଯ୍ୟର ସମୀକ୍ଷା ହୋଇଥିଲା। ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ଉଭୟ ଲୋକ ପ୍ରତିନିଧି ଏବଂ ପ୍ରଶାସନ ସ୍ୱଚ୍ଛ ଓ ନିରପେକ୍ଷ ମନୋଭାବ ନେଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଏମ୍ପି କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଜିଲାପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଅନ୍ୟ ବିଧାୟକ ଓ ମନ୍ତ୍ରୀଙ୍କ ପ୍ରତିନିଧି, ଅଧିକାରୀମାନେ ଉପସ୍ଥିତ ଥିଲେ।




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୨ତମ ଜନ୍ମଦିବସରେ ଶନିବାର ପୁରୀର ଚା'ଦୋକାନୀ ଅକ୍ଷୟ ଜୟସିଂ ଲୋକଙ୍କୁ ରସଗୋଲା ଓ ଚା' ବାଣ୍ଟୁଛନ୍ତି ।

## ଷୋଳପୂଜା ପାଇଁ ଶ୍ରୀନଅରରେ ବ୍ରାହ୍ମଣ ବରଣ



ଗୁଆ, ନଡ଼ିଆ ଦିଆଯାଇ ବ୍ରାହ୍ମଣମାନଙ୍କୁ ବରଣ କରାଯାଉଛି ।

ପୁରୀ ଅଫିସ, ୧୭।୯:

ମୂଳାଷ୍ଟମୀ ତଥା ଦ୍ୱିତୀୟା ଓଷା ଅବସରରେ ଶନିବାରଠାରୁ ଶ୍ରୀମନ୍ଦିର ସମେତ ଶ୍ରୀକ୍ଷେତ୍ରରେ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ପରିସରସ୍ଥ ମା' ବିମଳାଙ୍କ ପୀଠ, ମା' ଭୁବନେଶ୍ୱରୀ, ମା' ବାଟମଙ୍ଗଳା, ମା' ଉତ୍ତରାୟଣୀ ଏବଂ ଶ୍ରୀକ୍ଷେତ୍ରର ଦକ୍ଷିଣକାଳୀ, ଆଲାମଚଣ୍ଡୀ ଏବଂ କପିଳେଶ୍ୱରପୁର ଶାସନର ପଞ୍ଚମୁଖୀ ଠାକୁରାଣୀଙ୍କ ପୀଠରେ ଷୋଡ଼ଶ ପୂଜା ଓ ଚଣ୍ଡୀପାଠ ଆରମ୍ଭ ହୋଇଛି। ପୂର୍ବାହ୍ନରେ ଶ୍ରୀନଅରରେ ୨୧ ଶୋତ୍ରୀୟ ବ୍ରାହ୍ମଣଙ୍କୁ ବରଣ କରାଯାଇଛି। ଏହାପରେ ସେମାନେ ପୂଜାର୍ଚ୍ଚନା ଆରମ୍ଭ କରିଛନ୍ତି। ଏ ନେଇ ଶ୍ରୀନଅର ପରିସର ଚଳଚଞ୍ଚଳ ହୋଇ ଉଠିଥିଲା। ମହାରାଜା ଦିବ୍ୟସିଂହ ଦେବଙ୍କ ପଇତା ଲାଗି, ଦେବାର୍ଚ୍ଚନା, ମଙ୍ଗଳାର୍ପଣ ନୀତି ସମ୍ପନ୍ନ ହୋଇଥିଲା। ପରେ ରାଜଗୁରୁ ଦେବୀ ପ୍ରସାଦ ରାଜଗୁରୁଙ୍କୁ ଗଜପତି ଶ୍ରୀହସ୍ତ ଛୁଆଁ ଗୁଆ, ନଡ଼ିଆ ପ୍ରଦାନ କରିଥିଲେ। ଗଜପତିଙ୍କ ପ୍ରତିନିଧି ଭାବେ ରାଜଗୁରୁ ଏହି ଗୁଆ, ନଡ଼ିଆ ବ୍ରାହ୍ମଣମାନଙ୍କୁ ଦେଇ ବରଣ କରିଥିଲେ।

## ଭାଜପା ପକ୍ଷରୁ ସେବା ସପ୍ତାହ

ନିମାପଡ଼ା,୧୭।୯(ଡି.ଏନ୍.ଏ.):

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୨ତମ ଜନ୍ମଦିବସ ଅବସରରେ ଶନିବାର ଭାଜପା ପକ୍ଷରୁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଫେଇ, ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ବାର୍ତ୍ତା ବାଣ୍ଟିଥିଲେ। ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡା, ଦଳର ବରିଷ୍ଠ ନେତା ଦିଲୀପ ନାୟକ, ପୂର୍ବତନ ଜିଲାପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ଚାରିଛକ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ, ନିମାପଡ଼ା ମଣ୍ଡଳ ସଭାପତି ମାନସ ପ୍ରଧାନ, ଧନୁଆଁ ମଣ୍ଡଳ ସଭାପତି ଯତୀନ୍ଦ୍ର ସ୍ୱାଇଁ, ସରପଞ୍ଚ ଅଜୟ ପରିଡା, ସାମାଜିକ କର୍ମୀ ପ୍ରଦୀପ୍ତ ନାୟକ, କାଉନସିଲର ନିରଞ୍ଜନ ନାୟକ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ସେହିପରି ପୁରୀ କରେରି ଛକସ୍ଥିତ ଚା' ଦୋକାନୀ ଅକ୍ଷୟ ଜୟସିଂହ ଲୋକଙ୍କୁ ୧ ହଜାର ରସଗୋଲା ସମେତ ୮୦ ଲିଟର ଖିରରେ ତିଆରି ଚା' ବାଣ୍ଟିଛନ୍ତି।

## ମା' ମଙ୍ଗଳାଙ୍କ ପୀଠରେ ପାର୍ବଣ ପୂଜା ଆରମ୍ଭ

କାକଟପୁର/ଅସ୍ତରଙ୍ଗ, ୧୭।୯(ଡି.ଏନ୍.ଏ.)

କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳା ମନ୍ଦିରରେ ଟ୍ରଷ୍ଟ ବୋର୍ଡ ତରଫରୁ ପାର୍ବଣର ନୀତିନିର୍ଘଣ୍ଟ ଆରମ୍ଭ ହୋଇଯାଇଛି। ଷୋଡ଼ଶ ଉପଚାର ପୂଜା ପଣ୍ଡା ଭାବେ ପ୍ରକାଶ କୁମାର ପଣ୍ଡାଙ୍କୁ ମନ୍ଦିର ପୁରୋଧା ସୁରେଶ ଚନ୍ଦ୍ର ତ୍ରିପାଠୀ ସଂକଳ୍ପ କରାଇବା ପରେ ନୀତିକାନ୍ତି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ୧୦୮ ସୁବାସିତ ଜଳରେ ହଳଦୀ, ଚୁଆ, ଅଗୁର, ଶ୍ରୀକର୍ପୂର, ମଥାଘସା, ଚନ୍ଦନ ପ୍ରଭୃତି ପକାଯାଇ ମନ୍ତ୍ରପାଠ ଦ୍ୱାରା ଶୋଧନ କରି ସହସ୍ର କୁମ୍ଭାଭିଷେକ ଜଳରେ ମା'ଙ୍କୁ ସ୍ନାନ ମାର୍ଜଣା କରାଯାଇଥାଏ। ଏଥିପାଇଁ ମାହେନ୍ଦ୍ର ବେଳା ନିର୍ଘଣ୍ଟ ହୋଇଥିଲା। ଅପରାହ୍ନ ୧ ଘଣ୍ଟା ୪୨ ମିନିଟଠାରୁ ଦିବା ୩.୧୪ ମଧ୍ୟରେ ମାହେନ୍ଦ୍ର ମୁହୂର୍ତ୍ତ ଥିବାରୁ ଷୋଡଶ ଦିନାତ୍ମକ ପୂଜା ସମୟ ଭିତରେ ସାରିବା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ଆସନ୍ତା ୨୬ରେ ନବ ପତ୍ରିକା ପୂଜା ଏବଂ ନୂତନ ବେଶ ଆରମ୍ଭ (ସକାଳେ ନାଲିକଲି ଓ ରାତ୍ରରେ କଳା କଲି), ୨୭ ନାଲି କଲି ବେଶ (ପାଦ ଓ ଭୁଜ ଲାଗି), ୨୮ରେ କଳାକଲି ବେଶ(ପାଦପଦ୍ମ ଓ ଭୁଜ ଲାଗି), ୨୯ରେ ପଞ୍ଚମୀ ପୂଜା ବା ରଘୁନାଥ ବେଶ (ନାଲି ତୀରଣ ଲାଗି, ଧନୁତୀର ଲାଗି), ୩୦ରେ ଶାଶ୍ୱତୀ ପୂଜା ବା ଷଷ୍ଠୀ ପୂଜା, ସେପ୍ଟେମ୍ବର ୧ରେ ସପ୍ତମୀ ପୂଜା ଓ ସିଂହ ବାହିନୀ ବେଶ ଧନୁ ତୀର ଲାଗି ନାଲି ତୀରଣ ବେଶ, ୨ରେ ଅଷ୍ଟମୀ ପୂଜା ଓ ମହିଷମର୍ଦ୍ଦନୀ ବେଶ କଳା ତୀରଣ ବେଶ ହୋମ କୁଷ୍ମାଣ୍ଡ ବଳୀ ରାତ୍ର ୨ ଘଟିକ ୧୮ ମିନିଟ ପରେ ୫,୪୦ ଭିତରେ, ୩ରେ ନବମୀ ପାଇଁ ମହାସ୍ନାନ ଏକ ଦିନାତ୍ମକ ଷୋଡଶ ଉପଚାର ପୂଜା ଓ ରାତ୍ରିରେ ଶାନ୍ତିହୋମ ହେବ ବୋଲି ସମୟ ନିର୍ଘଣ୍ଟ ହୋଇଛି। ସିଂହବାହିନୀ ବେଶ ଦେଖିବାକୁ ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ତରଫରୁ ଭକ୍ତମାନଙ୍କ ପାଇଁ ସୁବ୍ୟବସ୍ଥା କରାଯାଇଛି ବୋଲି ଟ୍ରଷ୍ଟ ବୋର୍ଡ ଅଧିକାରୀ କହିଛନ୍ତି।

### ସଂକ୍ଷେପରେ

## ପର୍ଯ୍ୟଟକଙ୍କୁ ବୁଲାଇ ଆଣି ଡ୍ରାଇଭରଙ୍କ ମୃତ୍ୟୁ

ଗୋପ,୧୭।୯(ଡି.ଏନ୍.ଏ.): ପର୍ଯ୍ୟଟକଙ୍କୁ ପୁରୀରୁ କୋଣାର୍କ ବୁଲାଇ ଆଣିଥିବା ଜଣେ ଅଟୋ ଡ୍ରାଇଭରଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଅଞ୍ଚଳର ବିଶ୍ୱନାଥ ବେହେରା(୩୪)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୮/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ବିଶ୍ୱନାଥ ମଧ୍ୟାହ୍ନ ସମୟରେ ପର୍ଯ୍ୟଟକଙ୍କୁ ପୁରୀରୁ କୋଣାର୍କ ବୁଲାଇ ଆଣିଥିଲେ। ପର୍ଯ୍ୟଟକଙ୍କୁ ସୂର୍ଯ୍ୟ ମନ୍ଦିରରେ ଛାଡିଥିଲେ। ପରେ ସେ ମନ୍ଦିର ନିକଟବର୍ତ୍ତୀ ଏକ ସ୍ଥାନକୁ ଝାଡା ଯାଇଥିଲେ। ମାତ୍ର କୌଣସି ଘଟଣାକୁ ନେଇ ବିଶ୍ୱନାଥ ଅଚେତ ହୋଇପଡିଥିଲେ। ନିକଟସ୍ଥ ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ଚିକିତ୍ସା କରାଇବା ପରେ ମୃତ ଘୋଷଣା କରିଥିଲେ। କୋଣାର୍କ ଥାନା ଅଧିକାରୀ ରଞ୍ଜନ ମଲ୍ଲିକ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ଜଣାପଡିଛି।

## ସ୍ତ୍ରୀଙ୍କୁ ସ୍ୱାମୀ, ଭାଉଜଙ୍କ ନିର୍ଯାତନା ଅଭିଯୋଗ

ନିମାପଡ଼ା,୧୭।୯(ଡି.ଏନ୍.ଏ.): ନିମାପଡ଼ା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ଭାଉଜ ନିର୍ଯାତନା ଦେଉଥିବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଦୁହିଁଙ୍କ ବିରୋଧରେ ଦଫା ୪୯୮(କ), ୨୯୪, ୩୦୭, ୫୦୬, ୩୪ରେ ଏକ ମାମଲା (ନଂ. ୩୧୭/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ୧୮ ବର୍ଷ ତଳେ ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅଞ୍ଚଳର ଉକ୍ତ ମହିଳା ଜଣଙ୍କ ନିମାପଡ଼ା ଥାନା ଅଞ୍ଚଳରେ ବିବାହ କରିଥିଲେ। ବିବାହର କିଛି ମାସ ପରେ ସ୍ୱାମୀ ତାଙ୍କ ଭାଉଜଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା ସେ ଜାଣିପାରି ବାପଘର ଲୋକଙ୍କୁ ଜଣାଇଥିଲେ। ଏ ବିଷୟରେ ଜାଣିବା ପରେ ମହିଳାଙ୍କୁ ସ୍ୱାମୀ ଓ ଭାଉଜ ମିଶି ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଗତ ୧୦ ତାରିଖରେ ଉଭୟେ ମିଶି ଉକ୍ତ ମହିଳାଙ୍କୁ ନିଷ୍ଠୁକ ମାଡ ମାରିବା ଫଳରେ ତାଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ପରିବାର ଲୋକେ ମହିଳାଙ୍କୁ ଚାରିଛକ ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ମହିଳାଙ୍କ ଭାଇ ଅଭିଯୋଗପର୍ଦ୍ଦରେ ଦର୍ଶାଇଛନ୍ତି।

## ଭାର ଦେଇ ଫେରିବାବେଳେ ଦୁର୍ଘଟଣାରେ ଭାଇଙ୍କ ମୃତ୍ୟୁ

ପିପିଲି,୧୭।୯(ସ୍ୱ.ପ୍ର.)

ଭଉଣୀ ଘରେ ଭାରଦେଇ ଶନିବାର ଘରକୁ ଫେରୁଥିଲେ। ହେଲେ ପିପିଲି ଥାନା ଅନ୍ତର୍ଗତ ଟୋଲ ଗେଟ୍ ନିକଟରେ ଗୋଟିଏ ଦୁର୍ଘଟଣାରେ ଭାଇଙ୍କ ଜୀବନ ଚାଲିଛି। ସେ ହେଲେ ରାମଚଣ୍ଡୀ ଥାନା ଅଧୀନ ବାଁବଡା ଗ୍ରାମର ସୁଦାମ ବେହେରା(୬୫)। ସୂଚନା ଅନୁଯାୟୀ, କିଛିଦିନ ହେବ ସୁଦାମ ସାଥୀମାନଙ୍କ ସହିତ ପିପିଲି ବାଇପାସ୍ରେ ରହି ପଥର ମୂର୍ତ୍ତି କାରିଗର ଭାବେ କାର୍ଯ୍ୟ କରୁଥିଲେ। ସେ ଶନିବାର ତାଙ୍କର ଜଣେ ସାଥୀଙ୍କ ସହିତ ବାଇକ୍ରେ ଉତ୍ତରାରେ ଥିବା ଭଉଣୀ ଘରେ ଦ୍ୱିତୀୟା ଓଷା ଭାର ଦେବାକୁ ଯାଇଥିଲେ। ଅପରାହ୍ନରେ ଫେରିବା ବାଟରେ ପିପିଲି ଟୋଲ୍ଗେଟଠାରେ ଘଟିଥିଲା ଦୁର୍ଘଟଣା। ଭୁବନେଶ୍ୱର ପଟୁ ଦ୍ରୁତ ଗତିରେ ଆସୁଥିବା ଏକ କାର୍ (ଓଡି ୩୩ ଜେ ୨୩୩୦) ଆସି ବାଇକ୍ ପଛପଟରୁ ଧକ୍କା ଦେଇଥିଲା। ଫଳରେ ଗାଡି ପଛରେ ବସିଥିବା ସୁଦାମ ଛିଟିକି ତଳେ ପଡି ଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପାଟ୍ରୋଲିଂ ପୋଲିସ ପହଞ୍ଚି ଆମ୍ବୁଲାନ୍ସ ଦ୍ୱାରା ଗୁରୁତର ୨ଜଣଙ୍କୁ ପିପିଲି ମେଡିକାଲକୁ ନିଆଯାଇଥିଲା, ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ପିପିଲି ପୋଲିସ ପହଞ୍ଚି ଉଭୟ ଗାଡିକୁ ଜବତ କରିବା ସହିତ କାର୍ ଚାଳକ ଓ ଗାଡ଼ିରେ ଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖିଛି। ଏନେଇ ପୋଲିସ ଏକ ମାମଲା(ନଂ.୪୮୯/୨୨) ରୁଜୁ କରି ତଦନ୍ତ ଚଳାଇଛି।

## ବଜ୍ରପାତରୁ ନଡ଼ିଆ ଗଛରେ ନିଆଁ

କଣାସ,୧୭।୯(ସ୍ୱ.ପ୍ର.):

କଣାସ ବ୍ଲକ ଅନ୍ତର୍ଗତ ବକୁପଞ୍ଚାୟତ ବଣକୁଦ ଗ୍ରାମରେ ଶୁକ୍ରବାର ମଧ୍ୟାହ୍ନ ସମୟରେ ବଜ୍ରପାତ ଘଟିଥିଲା। ଫଳରେ ଗ୍ରାମର ରାମ ମଲ୍ଲିକଙ୍କ ବାଡ଼ିରେ ଥିବା ନଡ଼ିଆ ଗଛରେ ନିଆଁ ଲାଗି ଗଛ ଜଳୁଥିବା ଦେଖିବାକୁ ମିଳିଥିଲା। କିଛି ସମୟ ପରେ ବର୍ଷାହେବାରୁ ଗଛରେ ଲାଗିଥିବା ନିଆଁ ଲିଭିଯାଇଥିଲା।

## ମନରେ ରୋମାଞ୍ଚ ଭରିଲା ବାୟୁବୀରଙ୍କ କୌଶଳ ପ୍ରଦର୍ଶନ

ପୁରୀ ଅଫିସ, ୧୭।୯:

ଭାରତୀୟ ବାୟୁସେନା ପକ୍ଷରୁ ଶନିବାର ପୁରୀର ବ୍ଲୁ ଫ୍ଲାଗ୍ ବିଚ୍ରେ ଫୁଲଡ୍ରେସ ଏୟାର ଶୋ' 'ସୂର୍ଯ୍ୟକିରଣ' ଅନୁଷ୍ଠିତ ହୋଇଛି। ବାୟୁସେନାର ୯ଟି ହକ୍ ବିମାନ ଦ୍ୱାରା ଦୁଃସାହସିକ ଓ ରୋମାଞ୍ଚକର କଳା କୌଶଳ ପ୍ରଦର୍ଶନ କରାଯାଇଥିଲା। ଏହାକୁ ଦେଖିବା ଲାଗି ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। କିଛି ସମୟ ପାଇଁ ଟ୍ରାଫିକ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା। ଏନେଇ କେତେଜଣ ଦର୍ଶକ ପ୍ରତିକ୍ରିୟା ଦେଇ କହିଛନ୍ତି, ଏଭଳି ନିଆରା ଶୋ' ଆମ ମନରେ ରୋମାଞ୍ଚ ଭରିବା ସହ ଅଧିକ ଦେଶପ୍ରେମ ଜାଗତ କରାଇଛି। ଶିଳ୍ପପତି ରାଜୁପାତ୍ର କହିଛନ୍ତି, ପ୍ରଥମ ଥର ପାଇଁ ପୁରୀରେ ସୂର୍ଯ୍ୟକିରଣ ଶୋ ଦେଖିଲୁ, ଯାହାର ଅନୁଭୂତି ନିଆରା। ଖରାକୁ ଖାତିର ନ କରି ଲୋକେ ଏହାକୁ ଉପଭୋଗ କରିଥିଲେ। ସେହିପରି ପୁରୀ ବାସିନ୍ଦା ସ୍ମୃତି ସୁଜ୍ଞାନୀ କହିଛନ୍ତି, ଏହି ଶୋ' ବହୁତ ଭଲ ଲାଗିଲା। ଭାରତୀୟ ବାୟୁସେନାର ଏପରି ଦୁଃସାହସିକ ରଣକୌଶଳ ଦେଖି ଗର୍ବ ଅନୁଭବ କରୁଛି। ଛାତ୍ର ମନୋଜ କୁମାର ଆଚାର୍ଯ୍ୟ କହିଛନ୍ତି, ପ୍ରଥମ ଥର ପାଇଁ ସୂର୍ଯ୍ୟକିରଣ ଶୋ' ଦେଖି ଖୁସି ଲାଗୁଛି। ଆଗାମୀ ଦିନରେ ବାୟୁସେନାରେ ଯୋଗଦେବାକୁ ଲକ୍ଷ୍ୟ ରଖିଛି। ଏ ନେଇ ବାୟୁସେନା ଅଧିକାରୀ ସଞ୍ଜୀବ ଶତପଥି କହିଛନ୍ତି, ଶୋ' ପୂର୍ବରୁ ଆମ ପ୍ରାକ୍ଟିସ୍ କରିଥିଲୁ। ପୁରୀ ବେଳାଭୂମିରେ ଏପରି ଶୋ' ଆମକୁ ଅଧିକ ଉତ୍ସାହିତ କରିଛି। ତେଜସ୍ ଫରମିଶନ, ୟଙ୍କି ଫରମିଶନ୍, ୱାଇ ଫରମେଶନ, କ୍ରସ୍ ଫରମିଶନ ଏଭଳି ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ କହିଛନ୍ତି, ଏହି ଶୋ' ଲାଗି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ଯଦି ପାଗ ଭଲ ରହେ ତେବେ ରବିବାର ପୂର୍ବାହ୍ନ ୧୦ଟାରେ ପୁନର୍ବାର ଏହା ପ୍ରଦର୍ଶନ କରାଯିବ।



ସୂର୍ଯ୍ୟକିରଣ ଏୟାର ଶୋ' ଦେଖିବାକୁ ପୁରୀ ବେଳାଭୂମିରେ ଲୋକଙ୍କ ଭିଡ଼ ।

## ମୋବାଇଲ ଚୋରି: ୪ ଗିରଫ

ପୁରୀ ଅଫିସ, ୧୭।୯:

ମୋବାଇଲ ଫୋନ ଚୋରି କରିବା ଅଭିଯୋଗରେ ୪ଜଣଙ୍କୁ ଗିରଫ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜଣେ ବ୍ୟକ୍ତିଙ୍କ ନିକଟରୁ ମୋବାଇଲ ଚୋରି କରିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଦଣ୍ଡତୋଟା ଅଞ୍ଚଳର ଲକ୍ଷ୍ମୀଧର ଦାସଙ୍କୁ ଗିରଫ କରିଛି। ସେହିପରି ଟାଉନ ଥାନା ପୋଲିସ ମୋବାଇଲ ଚୋରି ଅଭିଯୋଗରେ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ଖଣ୍ଡିଆବନ୍ଧ ଦେବୀଘାଟ ଅଞ୍ଚଳର ଅଲୋକ କୁମାର ପ୍ରଧାନ, ଖଣ୍ଡିଆବନ୍ଧ ବାରବାଟୀ ଅଞ୍ଚଳର ଆକାଶ ଭୋଇ ଓ ଟାଉନ ଥାନା ଅନ୍ତର୍ଗତ ଭିଆଇପି ରୋଡ ଅଞ୍ଚଳର ହରେକୃଷ୍ଣ ରେଣ୍ଟୀ। ଏମାନଙ୍କ ଠାରୁ ୪ଟି ମୋବାଇଲ ଫୋନ୍ ସହ ଗୋଟିଏ ସ୍କୁଟି ଜବତ କରାଯାଇଛି।

## 'ସଂଘ ଦେଖାଇଥାଏ ଏକତାର ରାସ୍ତା'

ଗୋପ,୧୭।୯(ଡି.ଏନ୍.ଏ.)

ସଂଘ ନିଷ୍ପତ୍ତି ଅନୁସାରେ ସବୁ କିଛି ସମ୍ଭବ ହୋଇଥାଏ। ଆବଶ୍ୟକତା ସ୍ଥଳେ ସରକାର ମଧ୍ୟ ସଂଘର ନିଷ୍ପତ୍ତିକୁ ଗ୍ରହଣ କରିଥାନ୍ତି। କାରଣ ସଂଘର ଏକତା ହିଁ କାର୍ଯ୍ୟକୁ ସଫଳ କରିଥାଏ ବୋଲି ଶନିବାର ଗୋପ ବ୍ଲକସ୍ଥିତ କୁଷ୍ଟପୁର ଶୁଭମ ମଣ୍ଡପ ପରିସରରେ ଆୟୋଜିତ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ବୈଠକରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଗୋପ ବ୍ଲକ ଶିକ୍ଷା ଅଧିକାରୀ ସୁଶୀଲ କୁମାର ବ୍ରହ୍ମା କହିଥିଲେ। ସଂଘ ସଭାପତି ଡ. ପ୍ରଦୀପ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ସଭାପତି ଶିବଦତ୍ତ ନାୟକ, ପେନସନ ସଂଘ ସମ୍ପାଦକ ଏସ୍.କେ. ମକସୁଦ, ଶିକ୍ଷାବିତ ସୁଶାନ୍ତ କୁମାର ନାଏକ, ଅଚ୍ୟୁତାନନ୍ଦ ପ୍ରଧାନ, ରବୀନ୍ଦ୍ରନାଥ ବାହାନୀପତି, ଶିବ ସେନାପତି ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ପ୍ରାଥମିକ ଶିକ୍ଷା ଶିକ୍ଷକ ଓ ଶିକ୍ଷାୟତନର ଉଦ୍ଦେଶ୍ୟ ସହିତ ବିଭିନ୍ନ ଦାବି ସମ୍ପର୍କରେ ମତ ରଖିଥିଲେ। ଏପରି କି ୨୦୦୧ରୁ ଅଦ୍ୟାବଧି ଥିବା ସଂଘର ଦାବି ପ୍ରତି ସରକାର ଗୁରୁତ୍ୱ ଦେଇ ନାହାନ୍ତି। ଫଳରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏ ନେଇ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଅଧିକାଂଶ ଶିକ୍ଷୟିତ୍ରୀ ଶିକ୍ଷକ ସେମାନଙ୍କ ଭାଷଣରେ କହିଥିଲେ। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଆଉ କେତେକ ଦାବିକୁ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଥିଲା। ସଂଘ ପକ୍ଷରୁ ଅବସର ଗ୍ରହଣ କରିଥିବା ସଂଘର ଗଙ୍ଗାଧର ସ୍ୱାଇଁ, ଶ୍ରୀଧର ପରିଡାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସରୋଜ କୁମାର ମିଶ୍ର, ସୁରଜିତ ସାହୁ, ଭାସ୍କର କାଣ୍ଡି, ତ୍ରିଲୋଚନ ବେଜ, ସନ୍ତୋଷ କୁମାର ବିଶ୍ୱାଳ, ଅଜୟ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ଶୁଭମ୍ଙ୍କ ପରିବାରକୁ ଭେଟିଲେ କଂଗ୍ରେସ ମୁଖପାତ୍ର

ପିପିଲି,୧୭।୯(ସ୍ୱ.ପ୍ର.):

ମୃତ୍ୟୁ ପରେ ଦୁଇ ଚକ୍ଷୁ ଦାନ କରି ପିପିଲିର ସପ୍ତମ ଶ୍ରେଣୀ ଛାତ୍ର ସ୍ୱର୍ଗତ ଶୁଭମ୍ ମଲ୍ଲିକ (୧୨) ସାରା ରାଜ୍ୟରେ ଚର୍ଚ୍ଚାକୁ ଆସିଛନ୍ତି। ଶନିବାର ରାଜ୍ୟ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଶୁଭମଙ୍କ ପରିବାରକୁ ଭେଟିଛନ୍ତି। ମିଶ୍ର ଶୁଭମଙ୍କ ଜନ୍ମମାଟି ଦାଣ୍ଡମକୁନ୍ଦପୁର ବିଲମଲ୍ଲିକ ସାହିକୁ ଯାଇ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଏଥିସହ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି। ଶୁଭମଙ୍କ ବିୟୋଗ ଖବର ଶୁଣି ମିଶ୍ର ଘଟଣାସ୍ଥଳରୁ ହିଁ ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କୁ ଫୋନରେ ଯୋଗାଯୋଗ କରିଥିଲେ। ଶୁଭମଙ୍କ ମୃତ୍ୟୁର ୪ଦିନ ପରେ ବି ସରକାରୀ ଆର୍ଥିକ ସହାୟତା ମିଳି ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି । ତୁରନ୍ତ ଉକ୍ତ ପରିବାରକୁ ସହଯୋଗ କରିବାକୁ ସେ ସ୍ଥାନୀୟ ପ୍ରଶାସନକୁ ନିବେଦନ କରିଛନ୍ତି। ସୂଚନା ମୁତାବକ, ଗତ ୧୩ତାରିଖ ରାତିରେ ଶୁଭମ୍ ତାଙ୍କ ମା'ଙ୍କ ପାଖରେ ଶୋଇଥିବାବେଳେ ତାଙ୍କୁ ସର୍ପ ଦଂଶନ କରିଥିଲା। ତୁରନ୍ତ ପରିବାର ଲୋକେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଡାକ୍ତର ସେଠାରେ ଶୁଭମଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ପରେ ତାଙ୍କ କଥା ରଖି ବାପା ମା'ଶୁଭମ୍ଙ୍କ ଦୁଇ ଚକ୍ଷୁକୁ ଉକ୍ତ ମେଡିକାଲରେ ଦାନ କରିଥିଲେ।



ରାଜ୍ୟ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଶୁଭମଙ୍କ ପରିବାରକୁ ଭେଟୁଛନ୍ତି।

## ବେଳାଭୂମି ସଫେଇ, ସ୍ୱଚ୍ଛ ରଖିବାକୁ ଶପଥ ପାଠ

ପୁରୀ ଅଫିସ/ଅସ୍ତରଙ୍ଗ/କୋଣାର୍କ, ୧୭।୯(ଡି.ଏନ୍.ଏ.):

ଅନ୍ତର୍ଜାତୀୟ ବେଳାଭୂମି ଦିବସରେ ଶନିବାର ପୁରୀ ବେଳାଭୂମି ସଫେଇ କରାଯାଇଛି। ଜିଲା ପ୍ରଶାସନ, ଷଷ୍ଠ ବାଟାଲିୟନ, ପୁରୀ ପୌରପାଳିକା, ଏନ୍ସିସି କ୍ୟାଡେଟ, ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ହୋଟେଲ ସଂଘର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଓ ଜନସାଧାରଣଙ୍କ ମିଳିତ ସହଯୋଗରେ ଏହି ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ସକାଳ ୬ଟାରୁ ପେଣ୍ଟକଟାଠାରୁ ଲାଇଟ ହାଉସ୍ ପର୍ଯ୍ୟନ୍ତ ବେଳାଭୂମିକୁ ସଫେଇ କରାଯାଇଥିଲା। ବେଳାଭୂମି ପରିଚ୍ଛନ୍ନ ରଖିବା ନେଇ ସଚେତନତା ଓ ଶପଥ ପାଠ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ସମର୍ଥ ବର୍ମା ଯୋଗଦେଇ ଜୀବନରେ ପ୍ରତ୍ୟେକ ବ୍ୟକ୍ତି ସ୍ୱଚ୍ଛତା ପ୍ରତି ଉତ୍ତରଦାୟୀ ହୋଇ କାର୍ଯ୍ୟ କରିବାକୁ ଶପଥ ପାଠ କରାଇଥିଲେ। ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ଡିଏଫ୍ଓ ପି.ରାମସ୍ୱାମୀ, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ ଦିଲୀପ ମହାପାତ୍ର ପ୍ରମୁଖ ସାମିଲ ଥିଲେ। ପୌରପାଳିକା ନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ଷଷ୍ଠ ବାଟାଲିଅନର କମାଣ୍ଡର ପ୍ରସନ୍ନ ପଣ୍ଡା, ମେଜର ରୋହତାସ, ସୁବେଦାର ନରେଶ କୁମାର, ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ଉପସ୍ଥିତ ଥିଲେ।




ଅସ୍ତରଙ୍ଗ ପୀରଜାହାନିଆ ବେଳାଭୂମିରେ ସଚେତନତା କାର୍ଯ୍ୟକ୍ରମ ।




ପୁରୀ ବେଳାଭୂମିରେ ଉପସ୍ଥିତ ଅଧିକାରୀ ଓ ଜନସାଧାରଣଙ୍କୁ ଜିଲାପାଳ ସମର୍ଥ ବର୍ମା ଶପଥପାଠ କରାଉଛନ୍ତି ।

### ସାମୁଦ୍ରିକ ପ୍ରଦୂଷଣ ରୋକିବାକୁ ସଚେତନ

ଅସ୍ତରଙ୍ଗ ପୀରଜାହାନିଆ ବେଳାଭୂମିରେ ସାମୁଦ୍ରିକ ପ୍ରଦୂଷଣ ରୋକିବା ପାଇଁ ଉପକୂଳ ଅଞ୍ଚଳର ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି ସଫେଇ କରାଯାଇଥିଲା। ଏଥିରେ ଜିଲା ପରିଷଦର ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ଏସିଏଫ ଉତ୍ତମ ଗଡ଼ନାୟକ, ଅସ୍ତରଙ୍ଗ ରେଞ୍ଜର ବିଚିତ୍ରାନନ୍ଦ ବେହେରା, ଫରେଷ୍ଟର ସ୍ୱପେଶ୍ୱର ଜାଲ, ବିରଜା ମହାପାତ୍ର, ସରପଞ୍ଚ କ୍ଷୀରୋଦ କାଣ୍ଡି, ବିଧାଧର ବିଶ୍ୱାଳ ପ୍ରମୁଖ ଯୋଗଦେଇ ୩ କିମି ପର୍ଯ୍ୟନ୍ତ ସଫେଇ କରିଥିଲେ। ପରେ ପରିବେଶବିତ ଶୋଭାକର ବେହେରାଙ୍କ ଆବାହକତ୍ୱରେ ଏକ ଆଲୋଚନାଚକ୍ର କରି ସମୁଦ୍ରକୁ ବର୍ଜ୍ୟବସ୍ତୁ ନ ପକାଇବକୁ ସଚେତନ କରିଥିଲେ। ଅସ୍ତରଙ୍ଗ ବ୍ଲକ ବିଜୁ ଯୁବ ଜନତା ଦଳ ତରଫରୁ ଜାହାନିଆ ପୀଠ, ନିକଟସ୍ଥ ବଣଭୋଜି ସ୍ଥଳ ସଫେଇ କରାଯିବା ସହ ୨୫ଟି ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସରସ୍ୱତୀ ସ୍ୱାଇଁ, କବିତା ବେହେରା, ଶିକ୍ଷାବିତ ପଞ୍ଚାନନ ସ୍ୱାଇଁ, ସମିତି ସଭ୍ୟ ଆରତି କାଣ୍ଡି, ମନ୍ଦାକିନୀ ଛାଟୋଇ ପ୍ରମୁଖ ସାମିଲ ଥିଲେ।

କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀଙ୍କ ଦ୍ୱାରା ଚନ୍ଦ୍ରଭାଗାରେ ବେଳାଭୂମି ସଫେଇ ଆରମ୍ଭ ହୋଇଥିଲା। ଅତିଥି ଭାବେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀ, ଏନ୍ଏସି ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, କାଉନସିଲର ବିଶ୍ୱମ୍ଭର ବିଶ୍ୱାଳ, ରାମକୃଷ୍ଣ ମହାନ୍ତି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କାର୍ତ୍ତିକେଶ୍ୱର ବେହେରା, ରଜତ ସେଠୀ, ସଞ୍ଜୀବ କୁଅଁର, ବିଭାଗୀୟ ଅଧିକାରୀ ପ୍ରଶାନ୍ତ ନାୟକ ଓ ରାଜେଶ ମହନ୍ତ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ନେଇ ବେଳାଭୂମି ସଫେଇ କରାଯାଇଥିଲା। ପୃଥ୍ୱୀ ବିଜ୍ଞାନ ମନ୍ତ୍ରଣାଳୟର ଅଧିକାରୀ ଆର.କେ. ସାହୁଙ୍କ ଅଧ୍ୟକ୍ଷତାରେ ସ୍ୱଚ୍ଛ ସାଗର, ସୁରକ୍ଷା ସାଗର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଏନ୍ସିସି ଛାତ୍ରୀଛାତ୍ର ଯୋଗଦେଇ ସଫେଇ ଓ ସଚେତନତା କରିଥିଲେ।

## ବେଆଇନ ରେଳ ଟିକେଟ ବୁକିଂ, ଯୁବକ ଗିରଫ

କଟକ ଅଫିସ: ବେଆଇନ୍ ଭାବେ ଅନ୍‌ଲାଇନ୍‌ରେ ମିଥ୍ୟା ଆକାଉଣ୍ଟ ଖୋଲି ରେଳ ଟିକେଟ ବୁକିଂ କରିବା ଅଭିଯୋଗରେ କଟକ ରେଳ ସୁରକ୍ଷା ବଳ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଅଞ୍ଚଳର ଜୟ ମାତା ଦି ଟ୍ରାଭେଲ ଏଜେନ୍ସିର ମାଲିକ ଜ୍ଞାନରଞ୍ଜନ ପୃଷ୍ଟି (୩୪)। ଚଢ଼ାଉବେଳେ ତାଙ୍କଠାରୁ ୧,୨୬,୩୭୮ ଟଙ୍କାର ୩୩ଟି ଆରକ୍ଷଣ ଟିକେଟ, ହାର୍ଡଡିସ୍କ, ଦୁଇଟି ମୋବାଇଲ ଫୋନ ଜବତ କରାଯାଇଛି। ଏ ନେଇ ଭାରତୀୟ ରେଳ ଆଇନର ଧାରା ୧୪୩ ଅନୁଯାୟୀ ଏକ ମାମଲା(ନଂ.୧୬୭୬/୨୨ ରୁଜୁ ହୋଇଛି।

## ସଂକ୍ଷେପରେ

### ମା' ଚର୍ଚ୍ଚିକାଙ୍କ ଷୋଳ ପୂଜା ଆରମ୍ଭ



**ବାଙ୍କୀ,୧୭।୯ (ସ୍ୱ.ପ୍ର): ** ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା' ଚର୍ଚ୍ଚିକାଙ୍କ ପୀଠରେ ଶନିବାରଠାରୁ ଷୋଳ ପୂଜା ଆରମ୍ଭ ହୋଇଛି। ଆଶ୍ୱିନ ମାସ କୃଷ୍ଣପକ୍ଷ ମୂଳାଷ୍ଟମୀ ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ୧୪ଦିନ ବ୍ୟାପୀ ମା'ଙ୍କର ଏହି ପୂଜା ଅନୁଷ୍ଠିତ ହୋଇଥାଏ। ପ୍ରଥମ ଦିନରେ ସେବାୟତଙ୍କ ଦ୍ୱାରା ମହାନଦୀର ରେଣୁକା ତୁଠରୁ ପବିତ୍ର ଜଳ ଅଣାଯାଇ ସହସ୍ର କୁମ୍ଭାଭିଷେକ ମନ୍ଦିର ରାଜଗୁରୁ ଭବାନୀ ଶଙ୍କର ମହାପାତ୍ରଙ୍କ ଦ୍ୱାରା ସମ୍ପାଦନ କରାଯିବା ପରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ରାଜଗୁରୁଙ୍କ ଦ୍ୱାରା ମା'ଙ୍କ ସମ୍ମୁଖରେ ସଂକଳ୍ପ କଳସ ସ୍ଥାପନ କରାଯିବା ପରେ ଷୋଳପୂଜା ଆରମ୍ଭ ହୋଇଛି। ୧୪ଦିନ ବ୍ୟାପୀ ଏଠାରେ ଆମିଷ ଭୋଗ କରାଯାଇଥାଏ।

### ମା' ଭଗାରିକାଙ୍କ ସୁନାବେଶ



**ବଡ଼ମ୍ବା,୧୭।୯(ଡି.ଏନ.ଏ): ** ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ମା' ଭଗାରିକାଙ୍କ ଷୋଡ଼ଶ ଉପଚାର ପୂଜା ଶନିବାର ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଗନ୍ତାଘରୁ ଏକ ଶୋଭାଯାତ୍ରାରେ ବାହାରି ମନ୍ଦିର ବିଜେ କରିଥିଲେ। ଷୋଡଶ ଉପଚାର ପୂଜା ସମୟରେ ମା'ଙ୍କୁ ନୂତନ ବସ୍ତ୍ର ପରିଧାନ କରାଯିବା ସହିତ ଅଳଙ୍କାରରେ ବିମଣ୍ଡିତ କରାଯାଇଥାଏ। ପୂଜାର ପ୍ରଥମ ଦିବସରେ ମା' ସୁନା ବେଶ ହୋଇଥିଲେ। ମା' ତିନି ଧୂପରେ ପୂଜା ହୋଇଥାନ୍ତି। ପୂଜାର ଶେଷ ତିନି ଦିନକୁ ଭଗାରିକା ମହୋତ୍ସବ ଭାବେ ପାଳନ କରାଯିବ। ସ୍ଥାନୀୟ ମାଳି ସେବାୟତ ମା'ଙ୍କ ପୂଜା ଅର୍ଚ୍ଚନା କରିଥିବା ବେଳେ ବଡ଼ମ୍ବା ଦେବୋତ୍ତର ବିଭାଗ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଟ୍ରକ୍ ଧକ୍କାରେ ୨ ଗୋରୁ ମୃତ

**ଚୌଦ୍ୱାର,୧୭।୯(ଡି.ଏନ୍.ଏ.): ** ୫୫ନଂ. ଜାତୀୟ ରାଜପଥ ଓଟିଏମ୍ ଛକଠାରେ ଶନିବାର ରାତିରେ ଟ୍ରକ୍ ଧକ୍କାରେ ୨ ଗୋରୁଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇ ଟ୍ରକଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ରାତି ପ୍ରାୟ ସାଢ଼େ ୮ଟାରେ ଟ୍ରକ୍‌ଟି ମଙ୍ଗୁଳିରୁ ଢେଙ୍କାନାଳ ଅଭିମୁଖେ ଯାଉଥିଲା। ରାସ୍ତାରେ ହୋଇଥିବା ଖାଲ୍‌ଖମାକୁ ଏଡାଇବା ପାଇଁ ରାସ୍ତାପାର୍ଶ୍ୱରେ ଶୋଇଥିବା ଦୁଇଟି ଗୋରୁ ଉପରକୁ ମାଡିଯାଇଥିଲା। ଘଟଣାସ୍ଥଳରେ ୨ ଗୋରୁଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଓ ସ୍ୱେଚ୍ଛାସେବୀ ଯୁବକମାନେ ଗୋରୁଦ୍ୱୟଙ୍କ ସତ୍କାର ବ୍ୟବସ୍ଥା କରିଥିଲେ।

### ଶିବିରରୁ ୧୨୩ ୟୁନିଟ୍ ରକ୍ତ ସଂଗ୍ରହ

**ମଙ୍ଗୁଳି, ୧୭।୯(ଡି.ଏନ୍.ଏ.): ** ଟାଙ୍ଗୀସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନର ପ୍ରତିଷ୍ଠାତା ତ୍ରିଦେବ ବେହେରାଙ୍କ ଝିଅ ତ୍ରିଶା ପ୍ରିୟଦର୍ଶିନୀ ବେହେରାଙ୍କ ଜନ୍ମଦିନ ଅବସରରେ ଅନୁଷ୍ଠାନ ତରଫରୁ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୧୨୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଟାଙ୍ଗୀ ଥାନା ଅଧିକାରୀ ସୁଚିତ୍ରବୀର୍ଯ୍ୟ ଦାସଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ, ଇନଷ୍ଟିଚ୍ୟୁଶନର ଅଧାପିକାଅଧାପକ, ଛାତ୍ରୀଛାତ୍ର ଓ ବିଭିନ୍ନ କର୍ମଚାରୀ ରକ୍ତଦାନ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ପ୍ରାଧାପକ ଡ. ବୈକୁଣ୍ଠ ନାରାୟଣ ଦାସ, କଟକ ଜିଲା ରେଡକ୍ରସ ସଂସ୍ଥା ସଂଯୋଜିକା ଡ. ସସ୍ମିତା ପଟ୍ଟନାୟକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ରାଉତ, ପ୍ରିନ୍ସିପାଲ ସୁବ୍ରତ କୁମାର ଶତପଥି, ସୁବାସ ନାୟକ, ଶୁଭକାନ୍ତ ମହାପାତ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ। କେ.ସି. ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଚାମ୍ବର ସ୍ଥିତି ସମ୍ପର୍କରେ ୭ ଦିନରେ ରିପୋର୍ଟ ଦିଅ

**କଟକ ଅଫିସ, ୧୭।୯**

■ରାସ୍ତା ଦବିବା ନେଇ ଜାଇକା କର୍ତ୍ତୃପକ୍ଷଙ୍କୁ ତାଗିଦ୍
■ଡିସେମ୍ବର ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କର

କଟକ ସହରର ବିଭିନ୍ନ ସାହି ବସ୍ତିରେ ରାସ୍ତା ଦବିଯାଉଛି। ଏଥିସହ କେତେକ ସ୍ଥାନରେ ବିରାଟ ଗର୍ତ୍ତ ସୃଷ୍ଟି ହେଉଛି। ଜାଇକା ପକ୍ଷରୁ ରାସ୍ତା ତଳେ ନିର୍ମାଣ କରାଯାଇଥିବା ଚାମ୍ବର ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହେଉଛି। ଏହାକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଉଛି। ଏ ଦିଗରେ ସିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯାଇଛି। ନିର୍ମାଣ କରାଯାଇଥିବା ଚାମ୍ବରଗୁଡିକର ସ୍ଥିତି କ'ଣ ରହିଛି ସେ ସମ୍ପର୍କରେ ଆସନ୍ତା ୭ ଦିନ ମଧ୍ୟରେ ଜାଇକା କର୍ତ୍ତୃପକ୍ଷ ରିପୋର୍ଟ ପ୍ରଦାନ କରିବାକୁ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସିଏମ୍‌ସି ବିଜୁଭବନ ପରିସରରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମେୟର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସିଏମ୍‌ସି କମିଶନର ନିଖିଲ ପଓ୍ବନ କଲ୍ୟାଣ, ଡେପୁଟି ମେୟର ଦମୟନ୍ତୀ ମାଝିଙ୍କ ସମେତ ନିର୍ବାଚିତ କର୍ପୋରେଟର ଓ ଜାଇକାର ସମସ୍ତ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ବୈଠକରେ କର୍ପୋରେଟରମାନେ ନିଜ ୱାର୍ଡର ସମସ୍ୟା ସମ୍ପର୍କରେ କହିଥିଲେ। ଏହାର ଉତ୍ତର ଜାଇକା ପକ୍ଷରୁ ଦିଆଯାଇଥିଲା।

ପ୍ରାୟ ୮ବର୍ଷ ହେବ ଜାଇକା ଯନ୍ତ୍ରଣାରେ ସହରବାସୀ ଅତିଷ୍ଠ ହୋଇପଡିଲେଣି। ଜାଇକା ପକ୍ଷରୁ ରାସ୍ତା ମରାମତି କରାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ କେତେକ ସ୍ଥାନ ଦବିଥିବା ଦେଖିବାକୁ ମିଳିଛି। ସେଥିପାଇଁ ଆଗାମୀ ଦିନରେ ଯେଉଁସ୍ଥାନରେ କୂପ ନିର୍ମାଣ କରାଯିବ ସେଠାରେ ଇଞ୍ଜିନିୟର ଉପସ୍ଥିତ ରହିବେ। ବିନା ଇଞ୍ଜିନିୟରରେ କୌଣସି ଠିକାଦାର କାର୍ଯ୍ୟ କରିପାରିବେ ନାହିଁ। ଏଥିପାଇଁ ଜାଇକାକୁ ତାଗିଦ୍ କରାଯାଇଛି। ଏଥିରେ ଖିଲାପ ହେଲେ କଠୋର ପଦକ୍ଷେପ ନିଆଯିବ ବୋଲି ମେୟର କହିଛନ୍ତି। ଏଥିସହ ଭସାଣି ଶୋଭାଯାତ୍ରା ଯିବା ରାସ୍ତାକୁ ଜାଇକା ମରାମତି କରିବ। ପୂଜା ଓ ଭସାଣି ଶେଷ ପରେ ବାକି କାମ ଡିସେମ୍ବର ସୁଦ୍ଧା ଜାଇକା ଶେଷ କରିବାକୁ ବୈଠକରେ କୁହାଯାଇଛି।




ସାହିତ୍ୟିକା ମନୋରମା ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସହ ଅନ୍ୟ ଅତିଥିମାନେ।

# 'ମନୋରମା ଥିଲେ ସାହିତ୍ୟ, ସେବାର ସଙ୍ଗମସ୍ଥଳ'

**ଆଠଗଡ଼, ୧୭।୯(ସ୍ୱ.ପ୍ର.)**

**ପ୍ରଥମ ବାର୍ଷିକୀ, ପ୍ରତିମୂର୍ତ୍ତି ଅନାବରଣ ସମାରୋହ**

ସ୍ୱର୍ଗତା ଡକ୍ଟର ମନୋରମା ମହାପାତ୍ର ଅଧାପନା, ସାହିତ୍ୟ, ସାମ୍ବାଦିକତା ଓ ସମାଜସେବା ସ୍ରୋତର ସଙ୍ଗମସ୍ଥଳ ଥିଲେ। ତାଙ୍କର ଏହି ସ୍ରୋତକୁ ଉତ୍ତରପିଢ଼ି ଆଡ଼କୁ ପ୍ଲାବିତ କରାଇପାରିଲେ ଏହା ତାଙ୍କ ପାଇଁ ଉଚିତ ଶ୍ରଦ୍ଧାଞ୍ଜଳି ହେବ ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ବିଶିଷ୍ଟ କବୟିତ୍ରୀ, ସୁସାହିତ୍ୟିକା, ସାମ୍ବାଦିକା, ବାଗ୍ମୀ ସ୍ୱର୍ଗତା ମହାପାତ୍ରଙ୍କ ପ୍ରଥମ ବାର୍ଷିକୀ ଏବଂ ପ୍ରତିମୂର୍ତ୍ତି ଅନାବରଣ ସମାରୋହରେ ଉଦ୍‌ଘାଟକ ରୂପେ ଯୋଗଦେଇ ମନ୍ତ୍ରୀ ସ୍ୱାଇଁ ଏହା କହିଛନ୍ତି। ତାଙ୍କ ଜନ୍ମସ୍ଥାନ ଆଠଗଡ଼ ସହରସ୍ଥିତ ଗୋପବନ୍ଧୁ କନିଷ୍ଠ ମହାବିଦ୍ୟାଳୟ ପରିସରରେ ଏକ ପୂର୍ଣ୍ଣ ଅବୟବ ଉନ୍ମୋଚିତ ହୋଇଯାଇଛି।

ରାଧାନାଥ ରଥ ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ କଟକ ସାଂସଦ ଭର୍ତ୍ତୃହରି ମହତାବ, ମୁଖ୍ୟ ବକ୍ତା ରୂପେ ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ, ସମ୍ମାନିତ ବକ୍ତା ଭାବେ ଏକ ଦୈନିକ ଖବରକାଗଜର ମୁଦ୍ରାକାର ନିରଞ୍ଜନ ରଥ, ବିଶ୍ୱବିଖ୍ୟାତ ପ୍ରଯୁକ୍ତି ବିଦ୍ୟା ବୈଜ୍ଞାନିକ ତଥା ସ୍ୱର୍ଗତା ମହାପାତ୍ରଙ୍କ ଜାମାତା ଜ୍ଞାନରଞ୍ଜନ ଦାଶ, ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସଂସଦର ସଭାପତି ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ବିଶିଷ୍ଟ ଗୀତିକାର ରାଧାନାଥ ଦାସଙ୍କ ରଚିତ ତଥା ଗୁରୁଦତ୍ତ ନାୟକଙ୍କ ନିର୍ଦ୍ଦେଶନାରେ 'ମନସ୍ୱିନୀ ମନୋରମା' ସଙ୍ଗୀତ ସ୍ଥାନୀୟ କଳାକାରମାନେ ପରିବେଷଣ କରିଥିଲେ।

ସ୍ୱର୍ଗତା ମହାପାତ୍ରଙ୍କ ଜ୍ୟେଷ୍ଠକନ୍ୟା ଶ୍ୱେତପଦ୍ମା ଦାଶ ମା'ଙ୍କ ଲିଖିତ କବିତା ଆବୃତ୍ତି କରିଥିଲେ। ବରିଷ୍ଠ ସାମ୍ବାଦିକ ପାର୍ଥସାରଥି ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବତନ ସାମ୍ବାଦିକ ରବିନାରାୟଣ ମହାପାତ୍ର ଓ ଗୀତିକାର ରାଧାନାଥ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ତଥା ସଂସଦର ସମ୍ପାଦକ ସୁଧିରଞ୍ଜନ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶ୍ୱେତକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




କଟକ ଶତାବ୍ଦୀ ଭବନରେ ମୋ କଟକ ମୋ ଚିନ୍ତା ପକ୍ଷରୁ ଶନିବାର ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

## ବାର୍‌ହା ପାଟ ଜଳ ନିଷ୍କାସନ ସମସ୍ୟାକୁ ନେଇ ହାଇକୋର୍ଟରେ ମାମଲା

**କଟକ ସଦର,୧୭।୯(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ବାରହା ପାଟରୁ ବର୍ଷାଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହେଉଥିବା ସମ୍ପର୍କରେ ହାଇକୋର୍ଟରେ ଶନିବାର ଏକ ମାମଲା ଦାଏର ହୋଇଛି। ଉତ୍କଳ ବିକାଶ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ ପିଟିଶନ ଦାଏର କରି ବର୍ଷାଦିନେ ଜଳ ନିଷ୍କାସନକୁ ସୁନିଶ୍ଚିତ କରିବା ପାଇଁ କୋର୍ଟ ହସ୍ତକ୍ଷେପ କରନ୍ତୁ ବୋଲି ନିବେଦନ କରିଛନ୍ତି। ଏହି ମାମଲାରେ କଟକ ଜିଲାପାଳ ଓ କଟକ ଡ୍ରେନେଜ୍ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପକ୍ଷଭୁକ୍ତ କରାଯାଇଛି। ପ୍ରତିବର୍ଷ ଲଗାଣ ବର୍ଷା ହେଲେ ୪ଟି ପଞ୍ଚାୟତର ୨୦୦ ହେକ୍ଟର ଚାଷ ଜମି ଦୀର୍ଘ ସମୟ ଧରି ପାଣିରେ ବୁଡି ରହିଥାଏ। ଫଳରେ ଧାନ ଫସଲର ବ୍ୟାପକ କ୍ଷତି ହୋଇଥାଏ। କାରଣ ଜଳ ସୁରୁଖୁରୁରେ ଶୁକ ପାଇକା ନଦୀକୁ ନିଷ୍କାସନ ହୋଇପାରେନାହିଁ। ଏ ନେଇ ପରିଷଦ ପକ୍ଷରୁ ଦୀର୍ଘଦିନ ହେବ ସରକାରଙ୍କର ଦୃଷ୍ଟିଆକର୍ଷଣ କରାଯାଇଥିଲେ ମଧ୍ୟ ସୁଫଳ ନ ମିଳିବାରୁ ବାଧ ହୋଇ ହାଇକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି ବୋଲି ସେଠୀ କହିଛନ୍ତି।

## ଆଇଟିଆଇରେ ରାଜ୍ୟସ୍ତରୀୟ ସମାବର୍ତ୍ତନ ଉତ୍ସବ

**କଟକ ଅଫିସ, ୧୭।୯**

କଟକ ଖପୁରିଆସ୍ଥିତ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ)ରେ ରାଜ୍ୟସ୍ତରୀୟ ୨୦୨୦-୨୨ ଶିକ୍ଷାବର୍ଷର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଟ୍ରେଡ୍‌ରେ ଟପ୍ପର ହୋଇଥିବା ୫୦ଜଣଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଆଇଟିଆଇର ସମସ୍ତ ଟ୍ରେଡ୍‌ର ପ୍ରଥମ ୩ ଜଣଙ୍କୁ ସମ୍ମାନିତ କରାଯାଇଛି । ଏହି ଉତ୍ସବରେ ଆର୍‌ଡିଏସ୍‌ଡିଇର ଆଞ୍ଚଳିକ ନିର୍ଦ୍ଦେଶକ ବି.କେ. ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିଥିଲେ। କଟକ ଆଇଟିଆଇ ଅଧକ୍ଷ ଇଂ. ସ୍ୱପ୍ନ କୁମାର ମିଶ୍ର ଯୋଗଦେଇ ଛାତ୍ର ଜୀବନରେ ସିଦ୍ଧହସ୍ତ ଲାଭ କରି ନିଜର ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ପଲିଟେକ୍ନିକର ଅଧକ୍ଷ ଅଜୟ ପଣ୍ଡା ଉପସ୍ଥିତ ଥିଲେ।

# ଦାବି ପୂରଣ ପାଇଁ ସରକାରଙ୍କ ସହିତ ଆଲୋଚନା କରାଯିବ

**କଟକ ଅଫିସ,୧୭।୯**

**ସିଏମସି କର୍ମଚାରୀଙ୍କୁ ନେଇ ବୈଠକ**

କଟକ ମହାନଗର ନିଗମ(ସିଏମ୍‌ସି) ମେୟରଙ୍କ ସଭାଗୃହରେ ସିଏମ୍‌ସି କର୍ମଚାରୀମାନଙ୍କୁ ନେଇ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କର୍ମଚାରୀମାନଙ୍କ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ୧୯୯୩ ଏପ୍ରିଲ ୧୨ ତାରିଖ ପରେ କାର୍ଯ୍ୟରତ ଏନ୍‌ଏମ୍‌ଆର କର୍ମଚାରୀମାନଙ୍କୁ ନିଗମର ନିୟମ ଅନୁଯାୟୀ ନିୟମିତ ପାଇଁ ପଦକ୍ଷେପ ଗ୍ରହଣ କରାଯିବା, ସମସ୍ତ ଏନ୍‌ଏମ୍‌ଆର୍ କର୍ମଚାରୀଙ୍କୁ ଇଏସ୍‌ଆଇରେ ଅନ୍ତର୍ଭୁକ୍ତ କରିବା, ୧୯୯୬-୯୭ ଓ ୧୯୯୮-୯୯ ମସିହାରେ ନିଯୁକ୍ତି ପାଇଥିବା ୨୭୪ ଜଣ ଝାଡୁଦାର, କୁଲି ଓ ଅନ୍ୟ କର୍ମଚାରୀଙ୍କୁ ୭ମ ବେତନ କମିଶନ ହାରରେ ଦରମା ପ୍ରଦାନ ପାଇଁ ସରକାରଙ୍କ ସହିତ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବା, ଛୁଟିଦିନଗୁଡିକରେ କାର୍ଯ୍ୟ କରୁଥିବା କ୍ଷେତ୍ର କର୍ମଚାରୀମାନଙ୍କୁ ସର୍ବନିମ୍ନ ମଜୁରୀ ହାରରେ ଆଲାଉନ୍ସ ପ୍ରଦାନ ପାଇଁ ବୈଠକରେ ସ୍ଥିର କରାଯାଇଛି । ଏହି ବୈଠକରେ ସିଏମ୍‌ସି କମିଶନର ନିଖିଲ ପଓ୍ବନ କଲ୍ୟାଣ, ଯୁଗ୍ମ କମିଶନର ସୁମିତା ସରକାର, ବିତ୍ତ ଅଧିକାରୀ ସତୀଶ କୁମାର ମିଶ୍ର, ଦିଗମ୍ବର ସ୍ୱାଇଁ, ମହାନଗର ନିଗମ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ପ୍ରମୋଦ ନାୟକ, ଉପସଭାପତି ଚିତ୍ତରଞ୍ଜନ ପରିଡା, କାର୍ଯ୍ୟକାରୀ ସଭାପତି ବନମାଳୀ ତ୍ରିପାଠୀ, ସମ୍ପାଦକ ଶଶିଭୂଷଣ ମିଶ୍ର, ଦ୍ୱାରିକାନାଥ ନାୟକ, ଯୁଗ୍ମ ସମ୍ପାଦକ ସୁଧାକର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମରେ ବାଘୁଆ, ଦ୍ୱିତୀୟରେ ଗୋଠପୁର ବିଜୟୀ



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ବାଙ୍କୀ,୧୭।୯(ସ୍ୱ.ପ୍ର.)**

**ବାଙ୍କୀ ମହୋତ୍ସବ କମିଟି ପକ୍ଷରୁ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ**

ବାଙ୍କୀ ମହୋତ୍ସବ କମିଟି ପକ୍ଷରୁ ଶନିବାର କଚେରି ପଡିଆରେ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି। ଏନେଇ ଆୟୋଜିତ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ପାଣିକୋଇଲି ଆଦିମାତା କ୍ଲବ ଓ ଜୟଦୁର୍ଗା କ୍ଲବ ବାଘୁଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଘୁଆ ଦଳ ଟାଇବ୍ରେକର ଜରିଆରେ ୩-୦ ଗୋଲରେ ବିଜୟୀ ହୋଇ ଦ୍ୱିତୀୟାର୍ଦ୍ଧରେ ମା' ମଙ୍ଗଳା କ୍ଲବ ଗୋଠପୁର ସହ ଖେଳିଥିଲା। ଏଥିରେ ଗୋଠପୁର ୪-୦ଗୋଲରେ ବିଜୟୀ ହୋଇଛି। ଦ୍ୱିତୀୟାର୍ଦ୍ଧରେ ହୋଇଥିବା ମ୍ୟାଚକୁ ଡମପଡା ଜୋନ ଜିଲା ପରିଷଦ ସଭ୍ୟ ଆଶିଷ ସାହୁ ଉଦ୍‌ଘାଟନ କରିଥିଲେ। ବାଙ୍କୀ କ୍ରୀଡା ସଂସଦ ସମ୍ପାଦକ ତଥା ମହୋତ୍ସବ ଉପସଭାପତି ସନ୍ତୋଷ ରଣା ଖେଳ ପରିଚାଳନା କରିଥିବାବେଳେ କୃପାସିନ୍ଧୁ ପ୍ରଧାନ ଓ ବାଦଲ ନାୟକ ରେଫରି ଭାବେ କାର୍ଯ୍ୟ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମହୋତ୍ସବର ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ, କୋଷାଧ୍ୟକ୍ଷ ସମରେନ୍ଦ୍ର ମହାପାତ୍ର, ପ୍ରେସ୍‌କ୍ଲବ ସମ୍ପାଦକ ସୁବାସଚନ୍ଦ୍ର ପାଢ଼ୀ, କାଉନସିଲର ସନାତନ ବେହେରା, ପଠାଣି ବେହେରା, ସୌମେନ୍ଦ୍ର ମିଶ୍ର, ପୂର୍ବତନ ଉପନଗରପାଳ ଭାଗୀରଥି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## 'ଜୀବିକା ପାଇଁ ଭିତ୍ତିଭୂମିର ବିକାଶ ଆବଶ୍ୟକ'

**କଟକ ଅଫିସ, ୧୭।୯**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସରରେ ସୋସିଓଲୋଜି ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଆୟକର ଅଧିକାରୀ ସସ୍ମିତ ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରି କହିଥିଲେ ଜୀବିକା ପାଇଁ ଅନୁକୂଳ ପରିସ୍ଥିତି ଓ ଭିତିଭୂମିର ବିକାଶ ଆବଶ୍ୟକ। ସେହିପରି କାର୍ଲିଫର୍ନିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଅନ୍ନପୂର୍ଣ୍ଣା ଦେବୀ ପାଣ୍ଡେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଳ୍ପଭିତ୍ତିକ ବିକାଶର ନକାରାତ୍ମକ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ସଞ୍ଜୟ କୁମାର ନାୟକ ଯୋଗଦେଇଥିଲେ। ପଞ୍ଚାୟତିରାଜ ଓ ଜଳ ସମ୍ପଦ ବିଭାଗର ସ୍ୱତନ୍ତ୍ର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଓ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ପ୍ରଫେସର ଦୀପ୍ତି ରଞ୍ଜନ ସାହୁ ଯୋଗଦେଇ ମତବ୍ୟକ୍ତ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ବିକ୍ରମ କେଶରୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଡ. ଈଶ୍ୱର ଚନ୍ଦ୍ର ନାୟକ, ମନୋସ୍ମିତା ମହାପାତ୍ର, ଜ୍ଞାନ ରଞ୍ଜନ ପୃଷ୍ଟି, ରୋଶିନା ୟୁସୁଫି, ଅଧ୍ୟାପିକା ଲୁସି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଡ. ମନୋରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

## ଗେଷ୍ଟ ହାଉସରେ ଝୁଲନ୍ତା ମୃତଦେହ

**ସାଲେପୁର,୧୭।୯( ଡି. ଏନ.ଏ)**

ସାଲେପୁର ଥାନା ଅନ୍ତର୍ଗତ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ନିକଟ କଳାରୁଦ୍ର ଗେଷ୍ଟ ହାଉସରେ ଶନିବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ମିଳିଥିବା ସୂଚନା ମିଳିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଧରାପୁର ଅଞ୍ଚଳର ରାଜକିଶୋର ମଲ୍ଲିକ( ୫୨)। ସାଲେପୁର ଥାନା ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକଙ୍କ ସୂଚନା ମୁତାବକ, ରାଜକିଶୋର ସେପ୍ଟେମ୍ବର ୧୫ରେ ଏହି ଗେଷ୍ଟ ହାଉସରେ ରହିଥିଲେ। ଶନିବାର ଦୀର୍ଘ ସମୟ ପର୍ଯ୍ୟନ୍ତ କୋଠରୀ ନ ଖୋଲିବାରୁ ଗେଷ୍ଟ ହାଉସ କର୍ମଚାରୀମାନେ ସ୍କାଇଲାଇଟ ପଟୁ ଦେଖିଥିଲେ। ଏହି ସମୟରେ ସେ ଫ୍ୟାନ୍‌ରେ ଝୁଲୁଥିବା ଜଣାପଡ଼ିଥିଲା। ଏନେଇ କର୍ମଚାରୀମାନେ ଥାନାରେ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଛି। ରବିବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉକ୍ତ କୋଠରି ଖୋଲାଯାଇ ମୃତଦେହ ଜବତ କରାଯିବା ପରେ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଯିବ। ରିପୋର୍ଟ ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପଟ୍ଟନାୟକ କହିଛନ୍ତି।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ

**କଟକ ଅଫିସ,୧୭।୯**

ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୫ତମ ଜନ୍ମୋତ୍ସବ ବକ୍ସିବଜାରସ୍ଥିତ କଟକ ସତ୍‌ସଙ୍ଗ ବିହାରଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ଅମରନାଥ ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତିରତ୍ୱିକ ଡା. ବିନାୟକ ମହାପାତ୍ର ଓ ସହ ପ୍ରତିରତ୍ୱିକ ପ୍ରମୋଦ କୁମାର ଦାସ ଯୋଗଦେଇ ଅନୁକୂଳଚନ୍ଦ୍ରଙ୍କ ଭାବାଦର୍ଶକୁ ଜୀବନରେ ପରିପାଳନ କରିଚାଲିଲେ ସୁସ୍ଥ ସମାଜ ଗଠନ ସମ୍ଭବ ବୋଲି କହିଥିଲେ। ସତ୍‌ସଙ୍ଗ ବିହାରର ସାଧାରଣ ସମ୍ପାଦକ ଉମ୍ବରୁଧର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରତ୍ୟୁଷରୁ ବେଦମାଙ୍ଗଳିକି, ନହବତ, ଉଷା କୀର୍ତ୍ତନ, ବିନତୀ ପ୍ରାର୍ଥନା, ସଦଗ୍ରନ୍ଥ ପାଠ କରାଯାଇଥିଲା। ବୀର କିଶୋର ସାହୁ, ମୀନକେତନ ମହାନ୍ତି, ଗୌତମ ତ୍ରିପାଠୀ, ରାମଚନ୍ଦ୍ର ସାହୁ, ଗୋବିନ୍ଦ ବିଶ୍ୱାଳ ଓ ରବୀନ୍ଦ୍ର ନାଥ ଦୀକ୍ଷିତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଗରିବଙ୍କ ସୁରକ୍ଷା ଦାୟିତ୍ୱ ଆଇନଜୀବୀ ନେବା ଉଚିତ'

**କଟକ ଅଫିସ,୧୭।୯**



ସମାରୋହରେ ଅତିଥିଙ୍କ ଗହଣରେ ସମ୍ମାନିତ ହୋଇଥିବା ଆଇନଜ୍ଞ ଜଗନ୍ନାଥ ପଟ୍ଟନାୟକ ଓ ସାମାଜିକ କର୍ମୀ ତ୍ରିଲୋଚନ କାନୁନ୍‌ଗୋ।

**ଆଇନଜ୍ଞ ମାଧବାନନ୍ଦ ଦାସଙ୍କ ଜନ୍ମ ଶତବାର୍ଷିକୀ ସମାରୋହ**

ଆଇନ ସେବା କ୍ଷେତ୍ରରେ ମାଧବାନନ୍ଦ ଦାସ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଦଳିତ, ନିଷ୍ପେସିତ ଓ ଗରିବ ଲୋକଙ୍କୁ ଉପଯୁକ୍ତ ଅଧିକାର ଦେଇ ସେମାନଙ୍କର ସୁରକ୍ଷାର ଦାୟିତ୍ୱ ଆଇନଜୀବୀମାନେ ନେବା ଉଚିତ୍। ମାଧବାନନ୍ଦଙ୍କ ବ୍ୟକ୍ତିତ୍ୱ ସ୍ୱଚ୍ଛ ଓ ସରଳ ଥିଲା ବୋଲି ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। କଟକ ସାରଳା ଭବନଠାରେ ଶନିବାର ସନ୍ଧ୍ୟାରେ ମାଧବାନନ୍ଦ ଦାସଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ମାଧବାନନ୍ଦ ଦାସ ଜନ୍ମ ଶତବାର୍ଷିକୀ କମିଟି ପକ୍ଷରୁ ସ୍ମୃତି କମିଟି ଅଧ୍ୟକ୍ଷ ତଥା ବିଚାରପତି ବିମଳ ପ୍ରସାଦ ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଗୋପାଳ ବଲ୍ଲଭ ପଟ୍ଟନାୟକ ଯୋଗଦେଇ ମାଧବାନନ୍ଦଙ୍କୁ ଜଣେ ଦକ୍ଷ ଆଇନଜ୍ଞ ଭାବେ ବର୍ଣ୍ଣନା କରିଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ଯୋଗଦେଇ ସମାଜସେବାକୁ ମାଧବାନନ୍ଦ ବାବୁ ନିଜ ଜୀବନର ବ୍ରତ ଭାବରେ ଗ୍ରହଣ କରିଥିଲେ ବୋଲି କହିଥିଲେ। ଏହି ଅବସରରେ ଆଇନଜ୍ଞ ଜଗନ୍ନାଥ ପଟ୍ଟନାୟକ ଏବଂ ସାମାଜିକ କର୍ମୀ ତ୍ରିଲୋଚନ କାନୁନ୍‌ଗୋଙ୍କୁ ମାଧବାନନ୍ଦ ଦାସ ଜନ୍ମ ଶତବାର୍ଷିକୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ଆଡ୍‌ଭୋକେଟ ଦେବସ୍ମାନ ଦାସଙ୍କ ରଚିତ ଏବଂ ବିଦ୍ୟାପୁରୀ ପ୍ରକାଶିତ ମାଧବାନନ୍ଦ ଦାସଙ୍କ ଜୀବନୀ ଗ୍ରନ୍ଥ 'ଦୃଢ଼ମନା ଆଇନଜ୍ଞ ମାଧବାନନ୍ଦ'କୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ବିଚାରପତି ଦାସ ତାଙ୍କ ବକ୍ତବ୍ୟରେ ମାଧବାନନ୍ଦ ବାବୁଙ୍କୁ ଜଣେ ଅସାଧାରଣ ଅଧିବକ୍ତା ଭାବେ ଅଭିହିତ କରିବା ସହ ତାଙ୍କ ସାଙ୍ଗଠନିକ ଦକ୍ଷତା ଉପରେ ଆଲୋକପାତ କରିଥିଲେ। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ତଥା ସ୍ମୃତି କମିଟିର ଆବାହକ ଇଂ. ପ୍ରଭାକର ସ୍ୱାଇଁ ସ୍ୱାଗତ ଭାଷଣ ଦେଇ ମାଧବାନନ୍ଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ, ଡ. ବିରଞ୍ଚି କୁମାର ସାହୁ ମାନପତ୍ର ପାଠ କରିଥିଲେ। ଏଥିରେ ବହୁ ବିଶିଷ୍ଟ ଆଇନଜୀବୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସ୍ମୃତି କମିଟିର ଯୁଗ୍ମ ଆବାହକ ପ୍ରଫେସର ନିରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।